# ଧରିତ୍ରୀ
DHARITRI

ବାଲେଶ୍ୱର, ମଙ୍ଗଳବାର, ଜାନୁୟାରୀ ୧୫/୨୦୧୯ (୨୦ ପୃଷ୍ଠା) | Balasore, Tuesday, January 15/ 2019 | ★★★★

୪୫ଶ ଭାଗ ୫୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-


DSPL-346

ଓଡ଼ିଶା ସରକାର

ଆମ ଗାଁ ଆମ ବିକାଶ

ODISHA ONE
ଓଡ଼ିଶା ଆମ ଗୌରବ

# PEETHA

( PEOPLES EMPOWERMENT ENABLING TRANSPARENCY AND ENHANCING ACCOUNTABILITY ON ODISHA INITIATIVES )

# ପିଠା


ସଶକ୍ତିକରଣ ଏବଂ ସଚେତନତା

## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ୩ଟି (3T) ମନ୍ତ୍ରକୁ ଆଧାର କରି ଜାନୁଆରୀ ମାସର ୧୫ ରୁ ୨୦ ତାରିଖ ମଧ୍ୟରେ ପ୍ରତି ଗ୍ରାମପଞ୍ଚାୟତ ଓ ସହରାଞ୍ଚଳ ରେ ଅନୁଷ୍ଠିତ ହେବ ପିଠା ଶିବିର

- ୩ଲକ୍ଷ ନୂଆ ଗଢା ଯାଇଥିବା ସ୍ୱୟଂସହାୟକ ଗୋଷ୍ଠୀକୁ ଯୋଗାଇ ଦିଆଯିବ ୧୫,୦୦୦ ଟଙ୍କା ଲେଖାଏଁ ମୂଳଧନ ସେଥିପାଇଁ ମଞ୍ଜୁର ହୋଇଛି ୩୭୩ କୋଟି ଟଙ୍କା
- ନୂଆ ଗଢ଼ା ହୋଇଥିବା ପ୍ରତି ସ୍ୱୟଂସହାୟକ ଗୋଷ୍ଠୀ ପାଇଁ ଅଙ୍ଗନୱାଡ଼ି କର୍ମୀ ଙ୍କୁ ୫୦୦/- ଟଙ୍କା ଏବଂ ପ୍ରତି ଅଙ୍ଗନୱାଡ଼ି ସହାୟିକାଙ୍କୁ ୨୦୦ ଟଙ୍କା ଲେଖାଏଁ ଯୋଗାଇ ଦିଆଯିବ
- ଶୁଭାରମ୍ଭ ହେବ ଆମ ଏଲ୍. ଇ. ଡି (LED) ଯୋଜନା, ଯେଉଁଥିରେ ଟଙ୍କିକିଆ ଚାଉଳ ପାଉଥିବା ପରିବାର ମାନଙ୍କୁ ମାଗଣାରେ ଯୋଗାଇ ଦିଆଯିବ ୪ଟି ଏଲ୍. ଇ. ଡି ବଲ୍ବ
- ସୁନେତ୍ର ଯୋଜନାରେ ଚକ୍ଷୁର ମାଗଣା ଚିକିତ୍ସା ଓ ମାଗଣା ଚଷମା ପାଇପାରିବେ
- ଚାଷୀ ଭାଇମାନେ କାଳିଆ ଯୋଜନା ବିଷୟରେ ଜାଣିପାରିବେ
- ସହରାଞ୍ଚଳ ର ପିଠା ଶିବିର ରେ ମଧ୍ୟ ବିଭିନ୍ନ ଯୋଜନା ର ସୁବିଧା ପାଇପାରିବେ



19001/13/0027/1819



ବିଗତ ୪ ବର୍ଷ ମଧ୍ୟରେ ମାଓବାଦୀ ହିଂସା ୫୦ ପ୍ରତିଶତ ହ୍ରାସ ପାଇଛି । ତେବେ କଶ୍ମୀରରେ ଅସ୍ଥିରତା ସୃଷ୍ଟି କରିବାକୁ ପଡ଼ୋଶୀ ପାକିସ୍ତାନ ଚଳାଇଥିବା ଷଡ଼ଯନ୍ତ୍ର ଦେଶ ପାଇଁ ଏକ ଚ୍ୟାଲେଞ୍ଜ୍ ହୋଇଛି ।

- ରାଜନାଥ ସିଂ, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ

## ସଂକ୍ଷେପରେ

### ମାଲବାହୀ ବିମାନ ଦୁର୍ଘଟଣା, ୧୫ ମୃତ



ତେହେରାନ,୧୪।୧-ଇରାନ ରାଜଧାନୀ ତେହେରାନଠାରେ ସୋମବାର ଏକ ସାମରିକ ମାଲବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। କିର୍ଗିଜ୍ସ୍ତାନର ବିଶେକ୍‌ରୁ ମାଂସ ନେଇ ଆସୁଥିବା 'କାର୍ଗୋ ୭୦୭' ବିମାନ ରନ୍‌ୱେରେ ଅବତରଣ କରିବା ପରେ ଭାରସାମ୍ୟ ହରାଇ ଏକ କାନ୍ଥକୁ ଧକ୍କା ଦେଇଥିଲା। ପରେ ଏହା ଜଳି ଉଠିଥିଲା। ଏଥିରେ ଥିବା ୧୫ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଜଣେ ଇଞ୍ଜିନିୟର ଏହି ଭୟାବହ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଦୁର୍ଘଟଣାସ୍ଥଳରେ ବିମାନଟି ଖଣ୍ଡବିଖଣ୍ଡିତ ଅବସ୍ଥାରେ ପଡ଼ି ରହିଛି।

### ପ୍ରଧାନମନ୍ତ୍ରୀଙ୍କୁ ଫିଲିପ୍ କୋଟଲର ପୁରସ୍କାର



ନୂଆଦିଲ୍ଲୀ,୧୪।୧(ପି.ଟି.)-ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ 'ଫିଲିପ୍ କୋଟଲର ପ୍ରେସିଡେନ୍‌ସିଆଲ୍' ପୁରସ୍କାର ପ୍ରଦାନ କରାଯାଇଛି। 'ପିପୁଲ୍ସ, ପ୍ରଫିଟ୍ ଏବଂ ପ୍ଲାନେଟ୍' ୩ ମାନଦଣ୍ଡ ଉପରେ ଏହା ଆଧାରିତ। ପ୍ରତିବର୍ଷ କୌଣସି ଏକ ଦେଶର ଉତ୍କୃଷ୍ଟ ନେତୃତ୍ୱବହନକାରୀ ନେତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବାକୁ ଘୋଷଣା ହୋଇଛି। ଏପରିସ୍ଥଳେ ପ୍ରଥମଥର ମୋଦି ନିଃସ୍ୱାର୍ଥ ସେବା ପ୍ରଦାନକାରୀ ନେତା ଭାବେ ଏହି ପୁରସ୍କାର ଗ୍ରହଣ କରିଥିବା ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ସୂଚିତ କରାଯାଇଛି। ଦେଶର ଆର୍ଥିକ, ସାମାଜିକ ଓ ବୈଷୟିକ ବିକାଶ କ୍ଷେତ୍ରରେ ମୋଦିଙ୍କ ବଳିଷ୍ଠ ନେତୃତ୍ୱକୁ ବିଚାରକୁ ନିଆଯାଇ ତାଙ୍କୁ ଏଥିପାଇଁ ଉପଯୁକ୍ତ ବିବେଚିତ କରାଯାଇଥିବା ପୁରସ୍କାର ପ୍ରଶସ୍ତିପତ୍ରରେ ଉଲ୍ଲେଖ ରହିଛି। ଏଥିରେ ଦର୍ଶାଯାଇଛି ଯେ, ସାମାଜିକ ଓ ଆର୍ଥିକ ସୁବିଧା ଯୋଗାଇଦେବା ନେଇ ପ୍ରଧାନମନ୍ତ୍ରୀ ମୋଦିଙ୍କ ଡିଜିଟାଲ୍ ଇଣ୍ଡିଆ, ମେକ୍ ଇନ୍ ଇଣ୍ଡିଆ, ଷ୍ଟାର୍ଟଅପ୍ ଇଣ୍ଡିଆ, ସ୍ୱଚ୍ଛ ଭାରତ ବିଶ୍ୱବାସୀଙ୍କୁ ପ୍ରଭାବିତ କରିଛି। ଫିଲିପ୍ କୋଟଲର ନର୍ଥୱେଷ୍ଟର୍ନ ୟୁନିଭର୍ସିଟି, କେଲୋଗ୍ ସ୍କୁଲ୍ ଅଫ୍ ମାନେଜମେଣ୍ଟ ମାର୍କେଟିଂର ଜଣେ ବିଶ୍ୱପ୍ରସିଦ୍ଧ ପ୍ରଫେସର ଅଟନ୍ତି। ତାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଇମୋରି ୟୁନିଭର୍ସିଟି, ଜର୍ଜିଆର ଜଗଦୀଶ ସେଠ୍ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରିଛନ୍ତି।

### ଶିବପାଲ୍‌ଙ୍କ ଦଳକୁ ଚାବି ଚିହ୍ନ

ନୂଆଦିଲ୍ଲୀ,୧୪।୧-ଲୋକ ସଭା ନିର୍ବାଚନ ପୂର୍ବରୁ ଶିବପାଲ୍ ଯାଦବଙ୍କ ଦଳ ପ୍ରଗତିଶୀଳ ସମାଜବାଦୀ ପାର୍ଟି (ଲୋହିଆ)କୁ ନିର୍ବାଚନ କମିଶନ 'ଚାବି' ଚିହ୍ନ ପ୍ରଦାନ କରିଛନ୍ତି। ଉତ୍ତରପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପତ୍ର ଲେଖି ଇସି ଏହା ଜଣାଇଛନ୍ତି। ଶିବପାଲ୍‌ଙ୍କ ପିଏସ୍‌ପି(ଏଲ୍)କୁ ଅଣସ୍ୱୀକୃତ ଦଳ ଭାବେ ପଞ୍ଜୀକୃତ କରାଯାଇଛି। ଆଗାମୀ ନିର୍ବାଚନରେ ପିଏସ୍‌ପି (ଏଲ୍) ପ୍ରାର୍ଥୀ ଚାବି ଚିହ୍ନରେ ଲଢ଼ିପାରିବେ।

### ଇତିହାସର ଆଇନାରେ

### ଜାନୁୟାରୀ ୧୫ର ପ୍ରମୁଖ ଘଟଣା

୧୯୬୯ ଜାନୁୟାରୀ ୧୫ରେ ସୋଭିଏଟ୍ ୟୁନିୟନ୍ ଦ୍ୱାରା ସୋୟୁଜ୍ ୫ ଲଞ୍ଚ୍ କରାଯାଇଥିଲା। ମାନବଯୁକ୍ତ ଏହି ମହାକାଶଯାନରୁ ଦୁଇ ମହାକାଶଚାରୀଙ୍କୁ ପୃଥିବୀର କକ୍ଷପଥରେ ଥିବା ସୋୟୁଜ ୪କୁ ସ୍ଥାନାନ୍ତର କରାଯାଇଥିଲା।

୧୯୭୦ ଜାନୁୟାରୀ ୧୫ରେ ମୁଆମାର ଗଦାଫି ଲିବ୍ୟାର ପ୍ରଧାନମନ୍ତ୍ରୀ ଘୋଷିତ ହୋଇଥିଲେ। ୧୯୪୨ରେ ଜନ୍ମିତ କର୍ଣ୍ଣେଲ ଗଦାଫି ଲିବ୍ୟାର ଜଣେ ବିପ୍ଳବୀ, ରାଜନେତା ଏବଂ ରାଜନୈତିକ ତତ୍ତ୍ୱବାଦୀ ବ୍ୟକ୍ତି। ୧୯୬୯ରୁ ୧୯୭୭ ମଧ୍ୟରେ ସେ ଲିବ୍ୟାର ଶାସନ ପରିଚାଳନା କରୁଥିଲେ।

■ କମ୍ପ୍ୟୁଟର ଯାଞ୍ଚ ବିରୋଧରେ ଜନସ୍ୱାର୍ଥ ମାମଲା

# କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନୋଟିସ



■ ୧୦ କେନ୍ଦ୍ରୀୟ ସଂସ୍ଥାକୁ ଯାଞ୍ଚ ଦାୟିତ୍ୱ

■ ଡିସେମ୍ବର ୨୦ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା

■ ଆଇନଜୀବୀ ମନୋହରଲାଲ ଶର୍ମା ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ

ନୂଆଦିଲ୍ଲୀ,୧୪।୧(ପି.ଟି.)

ସରକାର ୧୦ଟି କେନ୍ଦ୍ରୀୟ ଏଜେନ୍ସିକୁ ଯେକୌଣସି ସଂସ୍ଥା ଓ ବ୍ୟକ୍ତିଙ୍କ କମ୍ପ୍ୟୁଟର ଯାଞ୍ଚ କରିବା ଲାଗି ଦାୟିତ୍ୱ ଦେଇଥିବାବେଳେ ଏହାକୁ ଚାଲେଞ୍ଜ କରି ଦାଏର ହୋଇଥିବା ଜନସ୍ୱାର୍ଥ ମାମଲା ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ୬ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ କେନ୍ଦ୍ରକୁ କୁହାଯାଇଛି।

ସୂଚନା ପ୍ରଯୁକ୍ତି ଆଇନ ଅନୁଯାୟୀ କମ୍ପ୍ୟୁଟର ଯାଞ୍ଚ ପାଇଁ ୧୦ଟି କେନ୍ଦ୍ରୀୟ ତଦନ୍ତକାରୀ ଏବଂ ଗୋଇନ୍ଦା ସଂସ୍ଥାକୁ ସରକାର ଦାୟିତ୍ୱ ଦେଇଥିଲେ। ଏନେଇ ଡିସେମ୍ବର ୨୦ରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିକୁ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଖଣ୍ଡପୀଠରେ ଚାଲେଞ୍ଜ କରାଯାଇଥିଲା। ବିଜ୍ଞପ୍ତି ଅନୁଯାୟୀ ଇଣ୍ଟେଲିଜେନ୍ସ ବ୍ୟୁରୋ, ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ, ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ, କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ, ଜାତୀୟ ତଦନ୍ତକାରୀ ସଂସ୍ଥା, ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍, ଜମ୍ମୁ-କଶ୍ମୀର, ଉତ୍ତରପୂର୍ବାଞ୍ଚଳ, ଆସାମରେ ସିଗ୍‌ନାଲ ଗୋଇନ୍ଦା ନିର୍ଦ୍ଦେଶାଳୟ ଏବଂ ଦିଲ୍ଲୀ ପୋଲିସ କମିଶନରଙ୍କୁ ଯାଞ୍ଚ ଅନୁମତି ଦିଆଯାଇଥିଲା। ଆଇନଜୀବୀ ମନୋହର ଲାଲ ଶର୍ମାଙ୍କ ପକ୍ଷରୁ ଦାଏର ଜନସ୍ୱାର୍ଥ ମାମଲାରେ ସରକାରଙ୍କ ଏଭଳି ବିଜ୍ଞପ୍ତିକୁ ବେଆଇନ, ଅସାମ୍ବିଧାନିକ ଏବଂ ଆଇନ ପରିସର ବାହାରେ ବୋଲି କୁହାଯାଇଥିଲା। ସୂଚନା ପ୍ରଯୁକ୍ତି ଆଇନର ବ୍ୟବସ୍ଥା ଅନୁଯାୟୀ ଯେକୌଣସି ବ୍ୟକ୍ତିଙ୍କ କମ୍ପ୍ୟୁଟର ଯାଞ୍ଚରୁ ଉପରୋକ୍ତ ସଂସ୍ଥାଗୁଡ଼ିକୁ ବାଦ୍ ଦେବାକୁ ଆବେଦନକାରୀ କୋର୍ଟଙ୍କୁ ନିବେଦନ କରିଥିଲେ। ଏଭଳି ବିଜ୍ଞପ୍ତି ସରକାରଙ୍କୁ ଯେକୌଣସି ବ୍ୟକ୍ତିଙ୍କ ସମସ୍ତ ଯୋଗାଯୋଗ ଏବଂ ମୋବାଇଲ ତଥ୍ୟ ଜାଣିବା ଲାଗି ଅଧିକାର ପ୍ରଦାନ କରିବ। ଫଳରେ ଏହାକୁ ରାଜନୈତିକ ସ୍ୱାର୍ଥ ଲାଗି ବ୍ୟବହାର କରାଯିବା ସମ୍ଭାବନା ରହିଛି ବୋଲି ଆବେଦନକାରୀ ଦର୍ଶାଇଥିଲେ।

ସରକାରଙ୍କ ଏଭଳି ଉଦ୍ୟମକୁ ବିରୋଧୀ ଦଳଗୁଡ଼ିକ ମଧ୍ୟ ବିରୋଧ କରିଥିଲେ। କେନ୍ଦ୍ର ସରକାର ଭାରତକୁ ଏକ ସର୍ବେକ୍ଷଣ ରାଷ୍ଟ୍ରରେ ପରିଣତ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ବିରୋଧୀ ଦଳ ଅଭିଯୋଗ କରିଥିଲେ। ତେବେ ୨୦୦୯ରେ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ବେଳେ କମ୍ପ୍ୟୁଟର ତଥ୍ୟ ଯାଞ୍ଚ ନିୟମ ପ୍ରଣୟନ ହୋଇଥିଲା ବୋଲି କେନ୍ଦ୍ର କହିଥିଲା। ଏପରିକି ଏନ୍‌ଡିଏ ସହଯୋଗୀ ଶିବସେନା ମଧ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିର ବିରୋଧ କରିଥିଲା। ଏହା ପ୍ରକୃତ ଗଣତନ୍ତ୍ରର ଲକ୍ଷଣ ନୁହେଁ ବରଂ କ୍ଷମତାରେ ରହିବା ଲାଗି ବ୍ୟଗ୍ରତା ବୋଲି ଶିବସେନା କହିଥିଲା। ସାମାଜିକ କର୍ମୀଙ୍କ ସମେତ ବିଭିନ୍ନ ମହଲ ସରକାରଙ୍କ ଏଭଳି ବିଜ୍ଞପ୍ତିକୁ ବିରୋଧ କରିଥିଲେ। ବ୍ୟକ୍ତିଗତ ତଥ୍ୟ ଯାଞ୍ଚ ଲାଗି ତଦନ୍ତକାରୀ ସଂସ୍ଥାକୁ ଅନୁମତି ଦେବା ଅତ୍ୟନ୍ତ ଚିନ୍ତାଜନକ ଏବଂ ଏହାର ଅପବ୍ୟବହାର ହେବ ବୋଲି କଂଗ୍ରେସ ନେତା ଅହମଦ ପଟେଲ କହିଥିଲେ। ଏହା ଦ୍ୱାରା ବ୍ୟକ୍ତିର ଗୋପନୀୟତା ଅଧିକାର କ୍ଷୁଣ୍ଣ ହେବ ବୋଲି ଅଭିଯୋଗ ହୋଇଥିଲା।

■ ଜେଏନ୍‌ୟୁ ଦେଶଦ୍ରୋହ ମାମଲା

## କହ୍ନେୟାଙ୍କ ବିରୋଧରେ ଚାର୍ଜଶିଟ୍



କହ୍ନେୟା କୁମାର

ନୂଆଦିଲ୍ଲୀ,୧୪।୧(ପି.ଟି.)

୨୦୧୬ର ଏକ ଦେଶଦ୍ରୋହ ମାମଲାରେ ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ର ପୂର୍ବତନ ଛାତ୍ର ସଂସଦ ସଭାପତି କହ୍ନେୟା କୁମାରଙ୍କ ସମେତ ୧୦ ଜଣଙ୍କ ବିରୋଧରେ ଦିଲ୍ଲୀ ପୋଲିସ ସୋମବାର ଚାର୍ଜଶିଟ୍ ଦାଖଲ କରିଛି। ପଟିଆଲା ହାଉସ୍ କୋର୍ଟରେ ଦାଖଲ ଚାର୍ଜଶିଟ୍‌ରେ ଅନ୍ୟ ଯେଉଁମାନଙ୍କୁ ଅଭିଯୁକ୍ତ କରାଯାଇଛି ସେମାନେ ହେଲେ ଜେଏନ୍‌ୟୁର ପୂର୍ବତନ ଛାତ୍ର ଉମର ଖଲିଦ, ଅନିର୍ବାଣ ଭଟ୍ଟାଚାର୍ଯ୍ୟ, କଶ୍ମୀର ଛାତ୍ର ଅକ୍ବିବ ହୁସେନ୍, ଉମର ଗୁଲ, ରାୟିଆ ରାସୋଲ, ବସିର ଭଟ ଏବଂ ବଶରତ। ପାର୍ଲାମେଣ୍ଟ ଭବନ ଆକ୍ରମଣର ମାଷ୍ଟରମାଇଣ୍ଡ ଅଫଜଲ ଗୁରୁଙ୍କୁ ଫାଶୀର ବର୍ଷପୂର୍ତ୍ତିରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଅବସରରେ ୨୦୧୬ ଫେବୃୟାରୀ ୯ରେ ଏମାନେ ବିଶ୍ୱବିଦ୍ୟାଳୟ ପରିସରରେ ଭାରତ ବିରୋଧୀ ସ୍ଲୋଗାନ ଦେଇଥିଲେ। ଚାର୍ଜଶିଟ୍‌ରେ ସିପିଆଇ ନେତା ଡି. ରାଜାଙ୍କ କନ୍ୟା ଅପରାଜିତା, ତତ୍କାଳୀନ ଜେଏନ୍‌ୟୁ ଛାତ୍ର ସଂଗଠନର ଉପସଭାପତି ଶେହଲା ରଶିଦ୍, ରାମ ନାଗା, ଆଶୁତୋଷ କୁମାର ଏବଂ ବନଜ୍ୟୋତ୍ସ୍ନା ଲାହିରିଙ୍କ ସମେତ ୩୬ ଜଣଙ୍କର ନାଁ ରହିଛି। ତେବେ ସେମାନଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ନ ଥିବାରୁ ସେମାନଙ୍କ ନାମକୁ ଚାର୍ଜଶିଟ୍‌ର ୧୨ ନମ୍ବର ସ୍ତମ୍ଭରେ ରଖାଯାଇଥିବା ପୋଲିସ କହିଛି। ଅଭିଯୁକ୍ତମାନଙ୍କ ବିରୋଧରେ ଆଇପିସିର ଧାରା ୧୨୪ଏ (ଦେଶଦ୍ରୋହ) ସମେତ ଧାରା ୩୨୩, ୪୬୫, ୪୭୧, ୧୪୩, ୧୪୯, ୧୪୭ ଏବଂ ୧୨୦ ବି ଲଗାଯାଇଛି। ଏଥିସହିତ ସିସିଟିଭି ଫୁଟେଜ, ମୋବାଇଲ ଫୁଟେଜ ଏବଂ ଅନ୍ୟ ଦସ୍ତାବିଜ୍‌କୁ ପ୍ରମାଣ ଭାବେ ଦିଆଯାଇଛି। କହ୍ନେୟା ଅନ୍ୟମାନଙ୍କୁ ଭାରତ ବିରୋଧୀ ସ୍ଲୋଗାନ ଦେବାକୁ ଉସୁକାଇଥିଲେ ବୋଲି ଚାର୍ଜଶିଟ୍‌ରେ ଉଲ୍ଲେଖ କରାଯାଇଛି।

ଭାଜପା ଏମ୍‌ପି ମହେଶ ଗିରି ଏବଂ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ଅଭିଯୋଗ କ୍ରମେ ୨୦୧୬ ଫେବୃୟାରୀ ୧୧ରେ ଦିଲ୍ଲୀର ବସନ୍ତକୁଞ୍ଜ (ଉତ୍ତର) ଥାନାରେ ମାମଲା ରୁଜୁ ହୋଇଥିଲା। ତାଙ୍କ ବିରୋଧରେ ଦେଶଦ୍ରୋହ ମାମଲାରେ ଚାର୍ଜଶିଟ୍ ଦାଖଲ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହ୍ନେୟାକୁମାର କହିଛନ୍ତି।

କର୍ଣ୍ଣାଟକ ରାଜନୀତିରେ ଦଳ ବଦଳ ଚର୍ଚ୍ଚା

## ବିପଦରେ କୁମାରସ୍ୱାମୀ ସରକାର

ବେଙ୍ଗାଲୁରୁ,୧୪।୧(ପି.ଟି.)

ଲୋକ ସଭା ନିର୍ବାଚନ ପୂର୍ବରୁ କର୍ଣ୍ଣାଟକରେ ସୋମବାର ନୂଆ ନାଟକ ଦେଖିବାକୁ ମିଳିଛି। ଭାଜପାର ୧୦୦ରୁ ଊର୍ଦ୍ଧ୍ୱ ବିଧାୟକ ଦିଲ୍ଲୀ ପଳାଇଯାଇ ଗୁରଗାଁଓରେ ରହିଥିବାବେଳେ କଂଗ୍ରେସର ୫ ବିଧାୟକ ନିଖୋଜ ଥିବା କୁହାଯାଉଛି। ମୁଖ୍ୟମନ୍ତ୍ରୀ ଏଚ.ଡି. କୁମାରସ୍ୱାମୀ ଦଳ ଭିତରେ ଫାଟ ସୃଷ୍ଟି ଲାଗି ଉଦ୍ୟମ କରୁଥିବା ଭାଜପା ଅଭିଯୋଗ କରିଛି। ଶାସକ କଂଗ୍ରେସ-ଜେଡିଏସ୍ ଏବଂ ବିରୋଧୀ ଦଳ ଭାଜପା ପରସ୍ପରର ବିଧାୟକଙ୍କୁ କିଣିବା ଲାଗି ଯୋଜନା କରୁଥିବା ଚର୍ଚ୍ଚା ଜୋର ଧରିଛି। ଫଳରେ ଏଚ.ଡି. କୁମାରସ୍ୱାମୀଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାର ପ୍ରତି ବିପଦ ଆଶଙ୍କା ଦେଖାଦେଇଛି। ସରକାର ଚଳାଇବାକୁ ତାଙ୍କ ପାଖରେ ଯଥେଷ୍ଟ ସଂଖ୍ୟା ରହିଥିବା କୁମାରସ୍ୱାମୀ କହିଛନ୍ତି। ଭାଜପା ତାଙ୍କ ବିଧାୟକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ନିଜ ଆଡକୁ ନେବା ପାଇଁ ଉଦ୍ୟମ କରୁଥିବା କଂଗ୍ରେସ-ଜେଡିଏସ୍ ମେଣ୍ଟ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଭାଜପା ରାଜ୍ୟ ସଭାପତି ବି.ଏସ୍. ୟେଦୁରାପ୍ପା ଅଭିଯୋଗକୁ ଖଣ୍ଡନ କରିଛନ୍ତି। କଂଗ୍ରେସର ନିଖୋଜ ବିଧାୟକ ମୁମ୍ବାଇର ଏକ ହୋଟେଲରେ ଭାଜପା ନେତାଙ୍କୁ ଭେଟିଥିବା କୁହାଯାଉଛି।



■ ବୁଲନ୍ଦସହର ଗୋହତ୍ୟା ମାମଲା

## ୭ ଅଭିଯୁକ୍ତଙ୍କ ବିରୋଧରେ ଏନ୍‌ଏସ୍‌ଏ

ବୁଲନ୍ଦସହର,୧୪।୧(ପି.ଟି.)

ଉତ୍ତରପ୍ରଦେଶର ବୁଲନ୍ଦସହରରେ ଗତ ମାସରେ ଘଟିଥିବା ଗୋହତ୍ୟା ମାମଲାରେ ଗିରଫ ୭ ଅଭିଯୁକ୍ତଙ୍କ ବିରୋଧରେ ଜାତୀୟ ନିରାପତ୍ତା ଆଇନ (ଏନ୍‌ଏସ୍‌ଏ) ଲାଗୁ ହୋଇଛି। ଗତ ଡିସେମ୍ବର ୩ରେ ଗୋରୁ କଙ୍କାଳ ମିଳିବା ଘଟଣାକୁ ନେଇ ଉତ୍ତେଜନା ହିଂସାର ରୂପ ନେଇଥିଲା। ଏହି ହିଂସାରେ ଜଣେ ପୋଲିସ ଅଫିସର ଏବଂ ଜଣେ ସ୍ଥାନୀୟ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ ଏନ୍‌ଏସ୍‌ଏ ଲାଗୁ ହୋଇଥିବା ଜିଲା ମାଜିଷ୍ଟ୍ରେଟ ଅନୁଜ ଝା କହିଛନ୍ତି।

ମାହାଓ୍ୱ ଏବଂ ନୟାଗାଁଓ ଗ୍ରାମର କେତେଜଣ ଲୋକ ଡିସେମ୍ବର ୧ ଓ ୨ରେ ଜଙ୍ଗଲରେ ୪ଟି ଗୋରୁ ମାରିଥିବା ସ୍ୱୀକାର କରିଥିଲେ। ୪ ତାରିଖରେ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ୫ରେ ଆସିଫ କୁରଶି, ରକିବ, ଅମନ ଖାନ ଏବଂ ୱାସିମ ପଠାନଙ୍କୁ ଗିରଫ କରାଯାଇଥିଲା। ହିଂସା ସୃଷ୍ଟି କରିବା ଅଭିଯୋଗରେ ଯୋଗେଶ ରାଜଙ୍କୁ ଗିରଫ କରାଯାଇଥିଲା।

## ଫୁର୍‌ସତ

### ବୁଦ୍ଧଦେବ ଦାସଗୁପ୍ତାଙ୍କୁ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ

କୋଲକାତା:

ବିଶିଷ୍ଟ ନିର୍ଦ୍ଦେଶକ ବୁଦ୍ଧଦେବ ଦାସଗୁପ୍ତାଙ୍କୁ 'ସତ୍ୟଜିତ ରାୟ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ' ଆୱାର୍ଡ ପ୍ରଦାନ କରାଯାଇଛି। ଭାରତୀୟ ସିନେମାକୁ ତାଙ୍କର ବହୁମୂଲ୍ୟ ଅବଦାନ ପାଇଁ ୱେଷ୍ଟ ବେଙ୍ଗଲ ଫିଲ୍ମ ଜର୍ନାଲିଷ୍ଟ ଆସୋସିଏସନ୍ (ଡବ୍ଲ୍ୟୁବିଏଫ୍‌ଜେଏ) ଦ୍ୱାରା ତାଙ୍କୁ ସମ୍ମାନିତ କରାଯାଇଛି।

ରବିବାର ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଉଦ୍‌ବୋଧନ ଦେଇ ୭୪ ବର୍ଷ ବୟସ୍କ ବୁଦ୍ଧଦେବ କହିଲେ, ବଙ୍ଗଳାର ସମସାମୟିକ ନିର୍ଦ୍ଦେଶକମାନଙ୍କ କାର୍ଯ୍ୟ ବିଶ୍ୱର ଦର୍ଶକଙ୍କ ନିକଟରେ ପହଞ୍ଚିବା ଉଚିତ। ଆମର ସୃଷ୍ଟି ବିଶ୍ୱର ବିଭିନ୍ନ ଭାଗରେ ହେଉଥିବା ପ୍ରସିଦ୍ଧ ଚଳଚ୍ଚିତ୍ର ଉତ୍ସବରେ ସ୍ଥାନ ପାଇଲେ ଏହା ସମ୍ଭବ ହୋଇପାରିବ। ସେ ପୂର୍ବରୁ ବାଗ ବାହାଦୁର, ତାହାଦର କଥା, ଉତ୍ତରା, କାଳପୁରୁଷ ସମେତ କେତେକ ଫିଲ୍ମ ପାଇଁ ଅନ୍ତର୍ଜାତୀୟ ସମ୍ମାନ ଲାଭ କରିଛନ୍ତି।

### ଡ୍ରାଗନ୍ ସ୍ପେସ୍‌କ୍ରାଫ୍ଟର ପୃଥିବୀ ଅବତରଣ






ୱାଶିଂଟନ୍: ପୃଥିବୀର କକ୍ଷପଥରେ ଅବସ୍ଥାନ କରିବାର ମାସେ ପରେ ଡ୍ରାଗନ ସ୍ପେସ୍‌କ୍ରାଫ୍ଟ ସୋମବାର ରାତିରେ ପୃଥିବୀରେ ଅବତରଣ କରିବ। ଏହା ରବିବାର ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ୍‌ରୁ ଛାଡିଥିଲା।

ନାସା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସ୍ପେସେକ୍ସ ଡ୍ରାଗନ କାର୍ଗୋ ସୋମବାର ମଧ୍ୟରାତ୍ରି ୧୨ଟା ୧୫ରେ ପ୍ରଶାନ୍ତ ମହାସାଗରରେ ପାରାଚ୍ୟୁଟ୍ ଯୋଗେ ଅବତରଣ କରିବ। ଏହାପରେ ସେଠାରୁ ସ୍ପେସେକ୍ସ କର୍ମକର୍ତ୍ତାଙ୍କ ଦ୍ୱାରା ସଦର୍ନ କାଲିଫର୍ନିଆର ଏକ ବନ୍ଦରକୁ ନିଆଯିବ। ପ୍ରଥମ ଥର ପାଇଁ ରାତ୍ରି ସମୟରେ ଡ୍ରାଗନ ସ୍ପେସ୍‌କ୍ରାଫ୍ଟ ପୃଥିବୀରେ ଅବତରଣ କରିବ। ପୃଥିବୀରେ ଅବତରଣ ସମୟରେ ପୂର୍ଣ୍ଣ ଚନ୍ଦ୍ରାଲୋକ ଦ୍ୱାରା ଏହାର ଗତିପଥକୁ ନିରୀକ୍ଷଣ କରାଯାଇପାରିବ ବୋଲି ନାସା ପକ୍ଷରୁ କୁହାଯାଇଛି।

ଏହି କମର୍ସିଆଲ କାର୍ଗୋ ଭେସେଲ ପୃଥିବୀକୁ ବିଭିନ୍ନ ଜଟିଳ ଗବେଷଣାମୂଳକ ତଥ୍ୟ ଆଣି ଅବତରଣ କରିବ। ୨୦୧୮ ଡିସେମ୍ବର ୮ରେ ୫,୬୦୦ ପାଉଣ୍ଡ ଓଜନର ବିଭିନ୍ନ ବୈଜ୍ଞାନିକ ଯନ୍ତ୍ରାଂଶ ବହନ କରି ଏହା ଆଇଏସ୍‌ଏସ୍‌କୁ ଲଞ୍ଚ୍ କରିଥିଲା।





ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବା ସମ୍ଭାବନା ଅଛି।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୧୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୦ | ୧୨.୨ |
| ଚାନ୍ଦବାଲି | ୨୮.୨ | ୧୪.୦ |
| କଟକ | ୨୯.୨ | ୧୨.୮ |
| ପାରାଦ୍ୱୀପ | ୨୭.୫ | ୧୪.୭ |
| ଭୁବନେଶ୍ୱର | ୩୦.୭ | ୧୩.୪ |
| ଗୋପାଳପୁର | ୨୮.୮ | ୧୫.୪ |
| ପୁରୀ | ୨୭.୬ | ୧୬.୦ |
| ଅନୁଗୋଳ | ୨୮.୧ | ୧୦.୬ |
| ବାରିପଦା | ୨୫.୮ | ୧୩.୫ |
| ଝାରସୁଗୁଡ଼ା | ୨୭.୫ | ୧୩.୮ |
| କେନ୍ଦୁଝର | ୨୭.୧ | ୧୨.୪ |
| ସମ୍ବଲପୁର | ୨୭.୮ | ୧୩.୨ |
| ସୁନ୍ଦରଗଡ଼ | --- | ୧୦.୫ |
| ହୀରାକୁଦ | ୨୬.୯ | ୧୪.୧ |
| ତାଳଚେର | ୩୦.୫ | ୧୨.୮ |
| ଭବାନୀପାଟଣା | --- | ୧୨.୫ |
| ବଲାଙ୍ଗୀର | --- | ୧୧.୦ |
| କୋରାପୁଟ | ୨୭.୦ | ୧୧.୦ |
| ଫୁଲବାଣୀ | ୨୬.୫ | ୯.୮ |
| ଟିଟିଲାଗଡ଼ | --- | ୧୧.୫ |
| ମାଲକାନଗିରି | ୩୧.୦ | ୧୫.୪ |
| ସୋନପୁର | ୨୮.୮ | ୧୧.୪ |
| ଦାରିଙ୍ଗିବାଡ଼ି | ୨୫.୫ | ୧୦.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ସୌମିକ ସେନ୍‌ଙ୍କ ବିରୋଧରେ #ମିଟୂ ଅଭିଯୋଗ

ମୁମ୍ବାଇ: ଇମ୍ରାନ୍ ହାଶ୍‌ମିଙ୍କ ଡେବ୍ୟୁ ପ୍ରଡକ୍ସନ୍ 'ହ୍ୱାଇ ଚିଟ୍ ଇଣ୍ଡିଆ'ର ନିର୍ଦ୍ଦେଶକ ସୌମିକ ସେନ୍‌ଙ୍କ ବିରୋଧରେ ଏକାଧିକ ମହିଳା '#ମିଟୂ' ଭଳି ଯୌନ ଅସଦାଚରଣ ଅଭିଯୋଗ ଆଣିଛନ୍ତି। କିନ୍ତୁ ଉକ୍ତ ଅଭିଯୋଗଗୁଡିକର ବୈଧତା ଯାଞ୍ଚ ପାଇଁ ଯଥାର୍ଥ ପ୍ରକ୍ରିୟା ଅନୁସରଣ କରାଯିବା ଉଚିତ ବୋଲି ଇମ୍ରାନ୍ ମତ ଦେଇଛନ୍ତି। ବଲିଉଡ୍ ଇଣ୍ଡଷ୍ଟ୍ରିରେ କେତେଜଣ ବ୍ୟକ୍ତିତ୍ୱ ଏଥିପାଇଁ ବଦନାମର ଶିକାର ହୋଇଥିବା ବେଳେ ସେନ୍‌ଙ୍କ ବିରୋଧରେ ୩ ଜଣ ମହିଳା ଅସଦାଚରଣ ଅଭିଯୋଗ ଆଣିଛନ୍ତି।

ଫିଲ୍ମନିର୍ମାତା ସାଜିଦ ଖାନ୍ ଏବଂ ବିକାଶ ବହଲଙ୍କ ବିରୋଧରେ ଯୌନ ଅସଦାଚରଣ ଅଭିଯୋଗ ଉଠିବା ପରେ ସେମାନଙ୍କୁ ଫିଲ୍ମ କରିବାରୁ ନିବୃତ୍ତ ରଖାଯାଇଥିଲା। କିନ୍ତୁ ଏମରାନ୍ କହନ୍ତି, ଅଭିଯୋଗର ବିଶ୍ୱସନୀୟତା ସମ୍ପର୍କରେ ନିଶ୍ଚିତ ନ ହେବାଯାଏ ସେ ନିର୍ଦ୍ଦେଶକ ଦାୟିତ୍ୱରୁ ସେନ୍‌ଙ୍କୁ ବହିଷ୍କାର କରିପାରିବେ ନାହିଁ। ତାଙ୍କ କହିବାନୁଯାୟୀ, ସେ ବ୍ୟକ୍ତିଗତ ଭାବରେ ଏହି ମହିଳାଙ୍କ ସହ କଥା ହୋଇନାହାନ୍ତି। ସେମାନେ କୌଣସି ନ୍ୟାୟିକ ବ୍ୟବସ୍ଥାର ଆଶ୍ରୟ ନେଇନାହାନ୍ତି। କାହା ନାମକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ହେଲେ ଏହା ହିଂସାତ୍ମକ ଆଚରଣ ହୋଇପାରେ। ଏହାର ଅର୍ଥ ନୁହେଁ ଯେ, ସୌମିକ ସେନ୍‌ଙ୍କ ପାଇଁ ସେ ପ୍ରତିରକ୍ଷା ଭଳି କାର୍ଯ୍ୟ କରୁଛନ୍ତି। ତାଙ୍କୁ ଦୋଷୀ ପ୍ରମାଣିତ କରିବା ପାଇଁ ଯଥାର୍ଥ ପ୍ରକ୍ରିୟା ଓ ପ୍ରମାଣର ଆବଶ୍ୟକତା ରହିଛି ବୋଲି ସେ ପ୍ରକାଶ କରିଥିଲେ।



ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

# ଧରିତ୍ରୀ
DHARITRI

ବାଲେଶ୍ୱର, ମଙ୍ଗଳବାର, ଜାନୁୟାରୀ ୧୫/୨୦୧୯ | Balasore, Tuesday, January 15/ 2019 | ପୃଷ୍ଠା-୧




**ପପୁ ରାୟଙ୍କୁ ସୁଯୋଗ**

ଇଂଲଣ୍ଡ ଲାୟନ୍ସ ବିପକ୍ଷ ୨ଟି ୱାର୍ମଅପ ମ୍ୟାଚ୍ ପାଇଁ ବୋର୍ଡ ସଭାପତି ଏକାଦଶ ଦଳରେ ସ୍ଥାନ ପାଇଛନ୍ତି ଓଡ଼ିଶାର ପପୁ ରାୟ। **୧୭**

**୧୩**

**ଆଇନଜୀବୀ ଭୂମିକାରେ ଖୁସି ରିଚା**

ପ୍ରଥମ ଥର ପାଇଁ ଆଇନଜୀବୀ ଭୂମିକାରେ ଅଭିନୟ କରି ବଲିଉଡ୍ ଅଭିନେତ୍ରୀ ରିଚା ଚଡ୍ଢା ଉତ୍ସାହିତ ଅଛନ୍ତି।





**ବିପଦକୁ ଆମନ୍ତ୍ରଣ:** କଟକ ଖାନ୍‌ନଗର ନିକଟ ରେଳଧାରଣା ଉପରେ ଜଣେ ଯୁବକ ସୋମବାର ଗୁଡି ଉଡ଼ାଉଛନ୍ତି। (ଫଟୋ: ରାଜକିଶୋର)

# ଅଭାବୀ ବିକ୍ରିକୁ ଅଣଦେଖା

**ଜଗନ୍ନାଥ ଧଳ**
**କେନ୍ଦ୍ରାପଡ଼ା ଅଫିସ,୧୪।୧**

କୃଷି ବହୁଳ କେନ୍ଦ୍ରାପଡ଼ା ଜିଲାରେ ଚାଷୀ ଆଜି ଅବହେଳିତ। ଚାଷୀକୁ ତା'ର ନ୍ୟାର୍ଯ୍ୟ ଅଧିକାର ଠିକ୍‌ଭାବେ ମିଳୁନାହିଁ। କୃଷି ଓ କୃଷକଙ୍କ ନିମନ୍ତେ କରାଯାଉଥିବା ବିଭିନ୍ନ ଯୋଜନା ମଧ୍ୟ ବାଟବଣା ହେଉଛି। ଜିଲାରେ କ୍ରମାଗତ ଭାବେ ଋଣ ପ୍ରଦାନ ଓ ଚାଷୀଙ୍କ ଧାନ ବିକ୍ରି ଟାର୍ଗେଟ୍‌କୁ ବ୍ୟାଙ୍କ ଓ ପ୍ରଶାସନ ଅଣଦେଖା କରିଛି। ଅପରପକ୍ଷେ ପ୍ରାକୃତିକ ବିପର୍ଯ୍ୟୟ, ପ୍ରଶାସନିକ ଅବ୍ୟବସ୍ଥା ଆଦି କାରଣରୁ ମାନସିକ ଭାରସାମ୍ୟ ହରାଇ ଅନେକ ଚାଷୀ ଆତ୍ମହତ୍ୟା କରୁଛନ୍ତି। ମାତ୍ର ଏହାକୁ ସ୍ୱୀକାର କରିବାକୁ ଜିଲା ପ୍ରଶାସନ ପଛଘୁଞ୍ଚା ଦେଉଛି। ଏଭଳି ଅସମାହିତ ସମସ୍ୟାର ସମାଧାନ କରିବାକୁ କାହାରି ଆନ୍ତରିକତା ଥିବା ଭଳି ମନେ ହେଉନାହିଁ। ଜିଲା କୃଷି ଉପନିର୍ଦ୍ଦେଶକ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ, ଜିଲାରେ ୩ ଲକ୍ଷ ୧୧ହଜାରରୁ ଊର୍ଦ୍ଧ୍ୱ ଚାଷୀ ଅଛନ୍ତି। ୧ଲକ୍ଷ ୫୨ ହଜାର ହେକ୍ଟର ଜମିରେ ଧାନ ଚାଷ କରାଯାଇଥାଏ। ତେବେ ଆବଶ୍ୟକ ଜଳସେଚନ ଅଭାବରୁ ୨୮ହଜାର ହେକ୍ଟର ଜମିରେ ଚାଷ ଠିକ୍‌ଭାବେ ହୋଇପାରୁ ନାହିଁ। ଜିଲାର ଆଳି, ରାଜନଗର, ରାଜକନିକା ବ୍ଲକ ଅଞ୍ଚଳରେ ଆଦୌ କେନାଲ ନାହିଁ। ମହାକାଳପଡ଼ା ବ୍ଲକ ଅଞ୍ଚଳରେ କେନାଲ ମାଧ୍ୟମରେ ମାତ୍ର ୨୮ ପ୍ରତିଶତ ଜଳ ସେଚନ ସୁବିଧା ରହିଛି।

ଶିଳ୍ପ ବିହୀନ ଏହି ଜିଲାରେ କୃଷି କ୍ଷେତ୍ରକୁ ଯୁବବର୍ଗ ଆକୃଷ୍ଟ ହୋଇପାରୁ ନାହାନ୍ତି। ବ୍ୟାଙ୍କ ଋଣ ଏକ ମୁଖ୍ୟ କାରଣ ହୋଇଥିଲେ ମଧ୍ୟ କୃଷିକୁ ଆକର୍ଷଣ କରିବାକୁ ଆନୁଷଙ୍ଗିକ ଭିତ୍ତିଭୂମି ସୃଷ୍ଟି କରିବାରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ଜମି ଚକବନ୍ଦୀଠାରୁ ଆରମ୍ଭ କରି ଜଳସେଚନ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ନିମନ୍ତେ ସରକାରଙ୍କ ବିଫଳତା ଏହି ଜିଲାକୁ

**କେନ୍ଦ୍ରାପଡ଼ା ଜିଲା**

ଗରିବରୁ ଅତି ଗରିବ କରି ସାରିଲାଣି। ଏଆର୍‌ସିଏସ୍ କାର୍ଯ୍ୟାଳୟରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ, ଗତ ୫ବର୍ଷ ମଧ୍ୟରେ ସମବାୟ କ୍ଷେତ୍ରରେ ସାମିଲ କୃଷକଙ୍କ ଋଣ ଧାର୍ଯ୍ୟ ଲକ୍ଷ୍ୟଠାରୁ ବହୁତ କମ୍ ରହିଛି। ୨୦୧୮ରେ ଜିଲାର ୧,୫୩,୨୭୬ ଚାଷୀଙ୍କ ପାଇଁ ୬୪,୪୯୫ ଲକ୍ଷ ଟଙ୍କା ଋଣ ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର ଅଦ୍ୟାବଧି ୧,୪୨,୨୫୩ ଚାଷୀଙ୍କୁ ୪୫,୪୪୫ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି। ଅର୍ଥାତ୍ ମୁଣ୍ଡପିଛା ଚାଷୀକୁ ମିଳିଛି ୩୧,୯୪୬ଟଙ୍କା। ସେହିପରି ୨୦୧୭ରେ ୫୪,୫୯୭ ଲକ୍ଷ ଟଙ୍କା ଧାର୍ଯ୍ୟ ଲକ୍ଷ୍ୟ ବଦଳରେ ୩୨,୬୩୧ ଲକ୍ଷ ଟଙ୍କା, ୨୦୧୬ରେ ୫୨,୫୧୮ଲକ୍ଷ ଟଙ୍କାରୁ ୩୧,୭୫୨ଲକ୍ଷ ଟଙ୍କା, ୨୦୧୫ରେ ଧାର୍ଯ୍ୟ ୫୧,୦୮୪ ଲକ୍ଷ ଟଙ୍କାରୁ ୨୭,୫୧୯ଲକ୍ଷ ଟଙ୍କା, ୨୦୧୪ରେ ୪୦,୦୬୬ ଲକ୍ଷ ଟଙ୍କା ଋଣ ପ୍ରଦାନ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ରଖାଯାଇଥିବା ବେଳେ ମାତ୍ର ୨୨,୭୨୬ ଲକ୍ଷ ଟଙ୍କା ଚାଷୀଙ୍କୁ କୃଷି କାର୍ଯ୍ୟ ପାଇଁ ବିଭିନ୍ନ ବ୍ୟାଙ୍କ ମାଧ୍ୟମରେ ଋଣ ପ୍ରଦାନ କରାଯାଇଛି। ଜିଲାର ଚାଷୀ ଧାନ ଫସଲ ମାଧ୍ୟମରେ ଆର୍ଥିକ ଉପାର୍ଜନ କରିଥାନ୍ତି। ତେବେ ଏହି ଧାନ କିଣାରେ ମଧ୍ୟ ଅବହେଳା ପ୍ରଦର୍ଶନ କରାଯାଉଛି। ମଣ୍ଡିରେ ଥିବା ବିଭିନ୍ନ କଟକଣା ପାଇଁ ଚାଷୀ ଓ ଭାଗଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଏପରି କି ୨୦୧୫-୧୬ ଆର୍ଥିକ ବର୍ଷରେ ମାର୍କଫେଡ ପକ୍ଷରୁ ଧାନ କିଣା ସମୟରେ ପ୍ରାୟ କୋଟିଏ ଟଙ୍କାରୁ ଅଧିକ ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ସିଏସ୍‌ଓ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ, ଧାନ ବିକ୍ରି ପାଇଁ ଗତ ୪ ବର୍ଷ ମଧ୍ୟରେ ଜିଲାର ସର୍ବାଧିକ ୨୯,୭୬୩ ଜଣ ଚାଷୀ ନିଜର ନାମ ପଞ୍ଜୀକରଣ କରିଛନ୍ତି।

ପୃଷ୍ଠା-୧୨

# ଅସମ୍ଭାଳ ବିଦ୍ୟୁତ୍ ବ୍ୟବସ୍ଥା

**ଭୁବନେଶ୍ୱର,୧୪।୧(ବ୍ୟୁରୋ)**

- ସୌଭାଗ୍ୟ ଯୋଜନାରେ ବଢ଼ିଛନ୍ତି ୩୦ ଲକ୍ଷ ଗ୍ରାହକ
- ପିକ୍ ଆୱାରରେ ଦୈନିକ ଆବଶ୍ୟକ ହେଉଛି ୪୦୦୦ ମେଗାୱାଟ
- ଆଗକୁ ଅସମ୍ଭାଳ ହେବ ପରିସ୍ଥିତି

ଟଳମଳ ହେଲାଣି ରାଜ୍ୟର ବିଦ୍ୟୁତ୍ ବ୍ୟବସ୍ଥା। ପ୍ରଶାସନିକ ଅବ୍ୟବସ୍ଥା ସାଙ୍ଗକୁ ବିଦ୍ୟୁତ୍ ଶକ୍ତି ଉପରେ ଅତ୍ୟଧିକ ଚାପ ପରିସ୍ଥିତିକୁ ଅଣାୟତ୍ତ କଲାଣି। ଅଚଳାବସ୍ଥାକୁ ଏଡାଇବା ପାଇଁ ଗ୍ରାହକଙ୍କ ଉପରେ ବିଦ୍ୟୁତ୍ ବିଲ୍ ବୋଝ ଲଦିବାକୁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ନିକଟରେ ବଣ୍ଟନ କମ୍ପାନୀଗୁଡିକ ଫେରାଦ ହେଲେଣି। ମିଳିଥିବା ସୂଚନା ଅନୁଯାୟୀ ବଣ୍ଟନ କମ୍ପାନୀଗୁଡିକ ୟୁନିଟ୍ ପିଛା ୯୭ ପଇସା ବଢାଇବାକୁ ପ୍ରସ୍ତାବ ଦେଇଛନ୍ତି। ଏଥିସହିତ ନିୟମିତ ବିଦ୍ୟୁତ୍‌କାଟ କରିବାକୁ ମଧ୍ୟ ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡିକୁ ଶକ୍ତି ବିଭାଗ ପକ୍ଷରୁ ଭିତିରିଆ ନିର୍ଦ୍ଦେଶ ଦିଆଯାଇଛି।

ଉତ୍ପାଦନ ବଢୁ ନ ଥିବାରୁ ରାଜ୍ୟରେ ଭୟଙ୍କର ବିଦ୍ୟୁତ୍ ସଙ୍କଟ ଦେଖା ଦେଲାଣି। ଶୀତଦିନରେ ମଧ୍ୟ ପରିସ୍ଥିତି ସଙ୍ଗିନ ହୋଇଛି । କେବଳ ରାଜ୍ୟର କେତୋଟି ହାତଗଣତି ବଡ ସହରକୁ ବାଦ୍ ଦେଲେ ଗାଁ ଠାରୁ ଆରମ୍ଭ କରି ସମସ୍ତ ଛୋଟ ସହରରେ ଜୋରଦାର ବିଦ୍ୟୁତ୍‌କାଟ ଜାରି ରହିଛି। ୱେସ୍‌କୋ, ସାଉଥ୍‌କୋ, ନେସ୍‌କୋ ଏବଂ ସେସୁ ନିଜ ନିଜ ଅଧୀନରେ ଆସୁଥିବା ଜିଲାଗୁଡ଼ିକରେ ଦୈନିକ ୨ରୁ ୪ ଘଣ୍ଟା ବିଦ୍ୟୁତ୍ କାଟ କରୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ସକାଳ ୫ଟାରୁ ୧୧ଟା ଏବଂ ପୁଣି ସନ୍ଧ୍ୟା ୫ଟାରୁ ରାତି ୧୦ଟା ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ବିଦ୍ୟୁତ୍ କାଟ କରାଯାଉଛି। ଶୀତଦିନେ ପରିସ୍ଥିତି ସଙ୍ଗିନ ହୋଇଥିବା ବେଳେ ଖରାଦିନେ ଆହୁରି ଦୟନୀୟ ହେବା ଆଶଙ୍କା ସୃଷ୍ଟି ହୋଇଛି।

ବିଦ୍ୟୁତ୍ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଏବେ ରାଜ୍ୟରେ ଦୈନିକ ପିକ୍ ଆୱାର(ସନ୍ଧ୍ୟା ୬ରୁ ରାତି ୧୦ଟା ଯାଏ) ୪୦୦୦ ମେଗାୱାଟ୍ ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ରହିଛି। ତେବେ ରାଜ୍ୟରେ ଜଳ ବିଦ୍ୟୁତ୍, ତାପଜ ଏବଂ ଇଣ୍ଡିପେଣ୍ଡେଣ୍ଟ ପାୱାର ପ୍ଲାଣ୍ଟ (ଆଇପିପି)ରୁ ପ୍ରାୟ ୨୬୦୦ ମେଗାୱାଟ୍ ଶକ୍ତି ଉତ୍ପାଦନ ହେଉଛି। ଅଭାବ ମେଣ୍ଟାଇବାକୁ ସେଣ୍ଟ୍ରାଲ ପୁଲ୍‌ରୁ ୧୧୫୦ ମେଗାୱାଟ୍

ପୃଷ୍ଠା-୨

# ଅର୍ଦ୍ଧ କୁମ୍ଭମେଳା ପୂର୍ବରୁ ଅଗ୍ନିକାଣ୍ଡ

**ପ୍ରୟାଗରାଜ(ୟୁପି),୧୪।୧(ପି.ଟି.)**

ମଙ୍ଗଳବାରଠାରୁ ଉତ୍ତରପ୍ରଦେଶର ପ୍ରୟାଗରାଜ (ପୂର୍ବରୁ ଆଲ୍ଲାହାବାଦ)ଠାରେ ବିଶ୍ୱପ୍ରସିଦ୍ଧ ଅର୍ଦ୍ଧ କୁମ୍ଭମେଳା ଆରମ୍ଭ ହେଉଛି। ଏହା ମାର୍ଚ୍ଚ ୪ ତାରିଖ ମହାଶିବରାତ୍ରି ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ମେଳାରେ ଦେଶ ବିଦେଶରୁ ୧୨ କୋଟିରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଯୋଗଦେବା ଆଶା କରାଯାଉଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଅପରପକ୍ଷରେ ମେଳା

ପୃଷ୍ଠା-୨

# ଆଜି ବଲାଙ୍ଗୀର ଆସୁଛନ୍ତି ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର,୧୪।୧(ବ୍ୟୁରୋ)**

- ପ୍ରକଳ୍ପ ଲୋକାର୍ପଣ ସହ ଦଳୀୟ ସମାବେଶ
- ରଣନୀତି ଉପରେ ସଭିଙ୍କ ନଜର
- ଭୁବନେଶ୍ୱରରେ ରାଜ୍ୟ ପକ୍ଷରୁ କୃଷି ମେଳା କାର୍ଯ୍ୟକ୍ରମ



ସାଧାରଣ ନିର୍ବାଚନର ବିଗୁଲ୍ ବାଜିନାହିଁ, ହେଲେ ରାଜ୍ୟର ପାଣିପାଗ ନିର୍ବାଚନୀମୁହାଁ ହେଲାଣି। ଶିଳାନ୍ୟାସ, ଲୋକାର୍ପଣ ଓ ରାଜନୈତିକ ସମାବେଶ ନିତିଦିନିଆ ହୋଇଗଲାଣି। ନିର୍ବାଚନ ତାରିଖ ଘୋଷଣା ହେବା ପୂର୍ବରୁ ସରକାରୀ ଦଳ ଶିଳାନ୍ୟାସ ଓ ଲୋକର୍ପଣକୁ ଗୁରୁତ୍ୱ ଦେଉଛି। ଅନୁରୂପଭାବେ ବିରୋଧୀ ସମାବେଶ, କର୍ମୀ ସମ୍ମିଳନୀ ଏବଂ ଶାସକ ଦଳର ଦୋଷ ଖୋଜୁଛି। ସବୁ ଦଳର ଶୀର୍ଷ ନେତୃତ୍ୱଙ୍କ କାର୍ଯ୍ୟକ୍ରମ ନିୟମିତ ବ୍ୟବଧାନରେ ଜାରି ରହିଛି। ଏହି କ୍ରମରେ ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦ୍ୱିତୀୟ ଥର ପାଇଁ ମଙ୍ଗଳବାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ବଲାଙ୍ଗୀର ଜିଲା ଗସ୍ତରେ ଆସି ଏକାଧିକ ପ୍ରକଳ୍ପର ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ଏହା ପରେ ମୋଦି

ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ସିକ୍ରି ବିକ୍ରି**

**ଆଜିର ମନ୍ତବ୍ୟ**

"ନରେନ୍ଦ୍ର ମୋଦି ଏବଂ ଅମିତ ଶାହ ଦେଶ ପାଇଁ ବଡ ବିପଦ। ଭାଜପା ପୁଣି କ୍ଷମତାକୁ ଆସିଲେ ନିର୍ବାଚନ ବନ୍ଦ କରିବାକୁ ସମ୍ବିଧାନ ବଦଳାଇଦେବ।

**- ଅରବିନ୍ଦ କେଜ୍‌ରିୱାଲ**
**ଦିଲ୍ଲୀ ମୁଖ୍ୟମନ୍ତ୍ରୀ**

**କିଛି ତଥ୍ୟ**

୨୦୧୮-୧୯ ଆର୍ଥିକ ବର୍ଷର ଏପ୍ରିଲ-ନଭେମ୍ବର ସମୟରେ ଦେଶର କୃଷି ରପ୍ତାନି ୧୧.୫୮% ବୃଦ୍ଧି ଘଟି ୨୭୧.୫୨ ବିଲିୟନ ଡଲାର ଛୁଇଁଛି।

**-ବାଣିଜ୍ୟ ମନ୍ତ୍ରଣାଳୟ**


NECC NATIONAL EGG CO-ORDINATION COMMITTEE 14.01.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 70 | 119 | 129 |
| CTC | 71 | 120 | 130 |
| DKL | 72 | 122 | 132 |
| BDK | 74 | 124 | 134 |
| BLS | 76 | 127 | 137 |
| ANG | 71 | 120 | 130 |

*Conditions Apply

Eggs Retail Price- 56/-Dozen
Issued in the Interest of Consumers


### ହାଇକୋର୍ଟ ବେଞ୍ଚ ସ୍ଥାପନକୁ ନେଇ ରାଜନୀତି

# ଦାୟିତ୍ୱ ଠେଲିଲା କେନ୍ଦ୍ର

**ଭୁବନେଶ୍ୱର,୧୪।୧(ବ୍ୟୁରୋ)**

- ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ ପରାମର୍ଶ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ରବି ଶଙ୍କର

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନକୁ ନେଇ ରାଜନୀତି ଜୋର ଧରିଛି। କେନ୍ଦ୍ର ଓ ରାଜ୍ୟ ସରକାର ପରସ୍ପର ଉପରକୁ ଦାୟିତ୍ୱ ଠେଲିବାରେ ଲାଗିଛନ୍ତି। ରାଜ୍ୟ ସରକାର ହାଇକୋର୍ଟ ବେଞ୍ଚ ସ୍ଥାପନ କରିବା ପାଇଁ କେନ୍ଦ୍ର ପଦକ୍ଷେପ ନେଉ ବୋଲି ଦାବି କରୁଥିବା ବେଳେ କେନ୍ଦ୍ର ସରକାର ମଧ୍ୟ ପାଲଟା ରାଜ୍ୟ ଉପରେ ଏହି ଗୁରୁଦାୟିତ୍ୱ ନ୍ୟସ୍ତ କରି ଦେଉଛି। କେନ୍ଦ୍ର ଆଇନ ମନ୍ତ୍ରୀ ରବି ଶଙ୍କର ପ୍ରସାଦ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ବେଞ୍ଚ ସ୍ଥାପନ ପାଇଁ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ ଆଲୋଚନା କରିବାକୁ ସ୍ପଷ୍ଟକରିଛନ୍ତି।


ପଶ୍ଚିମ କିମ୍ବା ଦକ୍ଷିଣ ଓଡ଼ିଶାର ଯେକୌଣସି ସ୍ଥାନରେ ହାଇକୋର୍ଟ ବେଞ୍ଚ ସ୍ଥାପନ କରିବା ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ନବୀନ ଗତ ୧୧ ତାରିଖରେ କେନ୍ଦ୍ରକୁ ଚିଠି ଲେଖିଥିଲେ। ଏହାର ଜବାବରେ ରବି ଶଙ୍କର ଚିଠିରେ ଉଲ୍ଲେଖ କରିଛନ୍ତି ଯେ କେନ୍ଦ୍ର ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ ୨୦୧୮ ସେପ୍ଟେମ୍ବର ୧୦ ତାରିଖରେ ରାଜ୍ୟ ସରକାରଙ୍କୁ ଜଣାଇଥିଲେ। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ଯଶୱନ୍ତ ସିଂ କମିଶନ ସୁପାରିସ ସହ ସୁପ୍ରିମକୋର୍ଟର ବିଚାର ବ୍ୟବସ୍ଥାର ଡବ୍ଲ୍ୟୁ.ପି. ନଂ ୩୭୯ /୨୦୦୦ ଅନୁଯାୟୀ ବିଚାର କରାଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏହି ବେଞ୍ଚର ମୁଖ୍ୟ। ରାଜ୍ୟରେ ଅଦାଲତ ସମ୍ପର୍କିତ ପ୍ରଶାସନିକ ବ୍ୟବସ୍ଥା ଚଳାଇବା ଏବଂ କୌଣସି ବେଞ୍ଚ ସ୍ଥାପନ କରିବା ହାଇକୋର୍ଟଙ୍କ ଦାୟିତ୍ୱ। କୌଣସି ନୂତନ ବେଞ୍ଚ ସ୍ଥାପନ କରିବା ପୂର୍ବରୁ ମୁଖ୍ୟ ବିଚାରପତିଙ୍କ ସହିତ ପରାମର୍ଶ କରିବା ଦରକାର, ଯାହାକି ଯେ କୌଣସି ହାଇକୋର୍ଟ ସ୍ଥାପନ କ୍ଷେତ୍ରରେ ତାହା ହିଁ ହୋଇଛି। ହାଇକୋର୍ଟଙ୍କ ସହମତି ହେଲା ପରେ ରାଜ୍ୟ ସରକାର ନୂତନ ବେଞ୍ଚ ସ୍ଥାପନ ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ରବି ଶଙ୍କର ମୁଖ୍ୟମନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି।

### ସେବାଶ୍ରମରେ ନାବାଳିକା ମା' ହେବା ଘଟଣା

# ଆଖି ବୁଜିଲେ ନବଜାତ ଶିଶୁ କନ୍ୟା

**ଦାରିଙ୍ଗବାଡ଼ି, (ଡି.ଏନ.ଏ)/**
**ବ୍ରହ୍ମପୁର ଅଫିସ,୧୪।୧**


- ଅଭିଯୁକ୍ତ କୋର୍ଟ ଚାଲାଣ
- ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ
- ପୀଡ଼ିତାଙ୍କୁ ଭେଟିଲା ମହିଳା କଂଗ୍ରେସ, ଭାଜପା ମହିଳା ମୋର୍ଚ୍ଚା ଟିମ



କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକର ଏକ ସେବାଶ୍ରମରେ ରବିବାର ଜଣେ ୮ମ ଶ୍ରେଣୀ ଛାତ୍ରୀ ଏକ କନ୍ୟା ସନ୍ତାନଙ୍କୁ ଜନ୍ମ ଦେଇଥିଲେ। ନବଜାତ ଶିଶୁକନ୍ୟା ଓ ନାବାଳିକା ଛାତ୍ରୀଙ୍କୁ ପ୍ରଥମେ ବାଲିଗୁଡ଼ା ଡାକ୍ତରଖାନାକୁ ନିଆଯାଇଥିଲା। ପରେ ରାତିରେ ଉଭୟଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲେ ମଧ୍ୟ ଶିଶୁକନ୍ୟାକୁ ଡାକ୍ତର ମୃତ ଘୋଷଣା କରିଥିଲେ। କୁମାରୀ ମା' ଏବଂ ସମୟ ପୂର୍ବରୁ ଶିଶୁଟି ଜନ୍ମ ନେଇଥିବା କାରଣରୁ ଶିଶୁକନ୍ୟାର ମୃତ୍ୟୁ ଘଟିଥିବା ଡାକ୍ତର କହିଛନ୍ତି। ବ୍ରହ୍ମପୁର ଅତିରିକ୍ତ ତହସିଲଦାର ଗୋପାଳକୃଷ୍ଣ ଅଧିକାରୀଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ଏ ନେଇ ଦାରିଙ୍ଗିବାଡି ଥାନାରେ ଅପମୃତ୍ୟୁ ମାମଲା (ନଂ.୨/୧୯) ରୁଜୁ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି । ପୀଡ଼ିତା ନାବାଳିକାଙ୍କୁ ଏବେବି ବଡ଼ ମେଡିକାଲ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଚିକିତ୍ସା ଚାଲିଛି। ଅନ୍ୟପକ୍ଷରେ ନାବାଳିକାଙ୍କୁ ୭/୮ ମାସ ପୂର୍ବେ ବଳାତ୍କାର କରିଥିବା ଅଭିଯୋଗରେ ଅଟକ ଥିବା ଯୁବକ ଶ୍ରବଣ କୁମାରଙ୍କୁ ସୋମବାର ଗିରଫ କରାଯାଇଛି। ତାଙ୍କୁ ମାମଲା ନଂ.୩/୧୯ ଦଫା ୩୭୬-୩ ଆଇପିସି/୬ ପୋକ୍ସୋ ଅଧିନିୟମରେ ଗିରଫ କରାଯାଇଥିବା ଦାରିଙ୍ଗବାଡି ଆଇଆଇସି ଅଲେଖ ଗରଡ଼ିଆ କହିଛନ୍ତି। ଶ୍ରବଣଙ୍କୁ ଫୁଲବାଣୀ ଏଡିଜେ କୋର୍ଟରେ ହାଜର ପରେ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ବ୍ରହ୍ମପୁର ବଡ଼ ମେଡିକାଲରେ ରାଜ୍ୟ ମହିଳା କଂଗ୍ରେସର ଏକ ପ୍ରତିନିଧି ଦଳ ଓ ଭାଜପା ମହିଳା ମୋର୍ଚ୍ଚା କର୍ମକର୍ତ୍ତା ଛାତ୍ରୀ ଓ ତାଙ୍କ ପରିବାର ବର୍ଗଙ୍କୁ ଭେଟିଛନ୍ତି।

ରବିବାର ଘଟଣା ପରେ ସେବାଶ୍ରମକୁ ସ୍ୱାଭାବିକ ଭାବେ ଚଳାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଉଛି । ପ୍ରଧାନ ଶିକ୍ଷୟିତ୍ରୀ ରାଧାରାଣୀ ଦଳେଇଙ୍କୁ ନିଲମ୍ବନ କରାଯାଇଥିବାରୁ ଦାରିଙ୍ଗବାଡି କନ୍ୟାଶ୍ରମର ପ୍ରଧାନ ଶିକ୍ଷୟିତ୍ରୀ ଝୁନୁରାଣୀ ପ୍ରଧାନଙ୍କୁ ସେବାଶ୍ରମର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି କନ୍ୟାଶ୍ରମର ମ୍ୟାଟ୍ରନ ତନୁଜା ସାହୁଙ୍କୁ ସେବାଶ୍ରମକୁ ଅଣାଯାଇଛି। କନ୍ୟାଶ୍ରମର ଜଣେ ରୋଷେୟା ଛାତ୍ରୀମାନଙ୍କ ପାଇଁ ରୋଷେଇ କରିଥିବା ବ୍ଲକ ସଂପ୍ରସାରଣ ଅଧିକାରୀ ମଙ୍ଗୁଳି ଚରଣ ପ୍ରଧାନ କହିଛନ୍ତି। ସେବାଶ୍ରମର ସମସ୍ତ ୧୪ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଜିଲାର କୋଟଗଡ଼, ତୁମୁଡ଼ିବନ୍ଧ, ଖଜୁରିପଡ଼ା ବ୍ଲକରେ ଥିବା ବିଦ୍ୟାଳୟକୁ ବଦଳି କରାଯାଇଥିବା ସେ ସୂଚନା ଦେଇଛନ୍ତି। ସୋମବାର ମଧ୍ୟାହ୍ନରେ ଜିଲା ମଙ୍ଗଳ ଅଧିକାରିଣୀ ଚାରୁଲତା ମଲ୍ଲିକ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ ପ୍ରମୁଖ ସେବାଶ୍ରମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହିପରି ନ୍ୟାଶନଲ ହ୍ୟୁମାନ ରାଇଟସ୍ କାଉନସିଲ ଅଫ୍ ଇଣ୍ଡିଆ, କଟକ ଶାଖାର ସଦସ୍ୟ ରମେଶ ମିଶ୍ର, ବାଲିଗୁଡ଼ାର ଆଇନଜୀବୀ ରବୀନ ଚନ୍ଦ୍ର ସାହୁ, ଭୁବନେଶ୍ୱରରୁ ଓଡ଼ିଶା ନାରୀ ସଚେତନ ମଞ୍ଚର ମଧୁମିତା ରଥ ଏବଂ ରେଖା ହୋତା ପ୍ରମୁଖ

ପୃଷ୍ଠା-୨

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ମକରା
ପରିବାରବର୍ଗ


ଗୁଡୁଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




### SALE

L&T Pc 71 Komatsu show room condition, 2009 Dec (Mo): 7978887806.
D-10485




### SALE

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027.
D-65312

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30' road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 650/-ରେ ଦିଆଯାଉଅଛି। 7008045582, 9078967488. D-10474

Residential plot 30' road at KIIT College, Sunderpada, Nakhara. Flat/ duplex, Patia Chhak. 8328811411, 7978620820. D-65332

Gharabadi yellow zone plot near AIIMS Hospital immediate possession. 9438277164, 9938670164. D-65508

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65509

Plot sale near AIIMS Hospital, Bhubaneswar 30' wide road. 8280401077. D-65333

Tamando ବଜାର ପଛପଟେ ଘରବାରି ପାଚେରି ହୋଇ ରହିଥିବା plot ମିଳୁଅଛି। 9439864322.
D-65336

ଭୁବନେଶ୍ୱର ବାଳକାଟିବଜାରରୁ 3km. ଦୂରତାରେ 30'ରୋଡ୍ ଇଲେକ୍ଟ୍ରିସିଟି ସୁବିଧାଥାଇ ଘରବାରି ପାଚେରିସହ ପିଚୁରୋଡକୁଲାଗି sqft. 550/-, ଜଟଣୀଗେଟ୍‌ରୁ 1km. 1200କୁ 2,40,000/-ରେ ବିକ୍ରିହେବ। 9090053827, 9348020724. D-65335

Gharabari plot at bypass NH side, Kantabada Square, MITM Engineering Collage front, Bhubaneswar: 9938373904. D-65442

Gharabari ST plot 2000 sqft. (2nos.) Vipul Garden front,Ghatikia, Bhubaneswar: 7381564227. D-65443

Residential plot available at Khandagiri, Bhubaneswar AIIMS Hospital backside 30' Road with compoundwall 700/- psqft. 9938373904.
D-65444




1400 sqft. commercial space at BMC Bhabani mall sqft. 50/-. 9337119834. D-65331

### ୮ମ ଜନ୍ମଦିବସର ଶୁଭେଚ୍ଛା




(ମକରା)
**ପିଉଷ କୁମାର ପଣ୍ଡା**
ଅନୁଗୋଳ

ଦୀର୍ଘାୟୁ ଭବ। ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ ଏବଂ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ, ବିଭୁପାଦେ ଆମର ଏତିକି ପ୍ରାର୍ଥନା। ଶୁଭେଚ୍ଛା ସହ: ଅଜା- ନରେଶ ଚନ୍ଦ୍ର ଦାଶ, ଆଈ- ମଞ୍ଜୁଲତା ଦାଶ, ମାମୁ- ଦେବେଶ ପ୍ରସାଦ ଦାଶ। ଧ-୧୦୫୫୮




Roshin ayurvedic massage club fully relaxed by smart lady home service facility available. 9937637219.
D-64684

Ayurvedic full body massage ladies/ gents smart experts therapist. 9114697517. D-64686

Herbal body massage, relax, back joint pain treatment. Contact: 9437453813. D-64567


**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଅର୍ଦ୍ଧ କୁମ୍ଭମେଳା... ପ୍ରଥମ ପୃଷ୍ଠାରୁ...

ଆରମ୍ଭ ହେବାର ଦିନକ ପୂର୍ବରୁ କୁମ୍ଭମେଳା ସ୍ଥଳଠାରେ ଥିବା ଦିଗମ୍ବର ଅନି ଆଖଡ଼ାର ଏକ ଟେଣ୍ଟରେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଫଳରେ ବଡ଼ ଧରଣର ଅଗ୍ନିକାଣ୍ଡ ହୋଇଥିଲା। ଏହି ନିଆଁ ଅନ୍ୟ ଟେଣ୍ଟଗୁଡିକୁ ବ୍ୟାପିଯାଇଥିଲା। ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନାହାନ୍ତି। ତେବେ ଦୁଇଟି ଗାଡ଼ି ଏବଂ କେତେକ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଥିବା ଜଣାପଡିଛି। କ୍ଷତିଗ୍ରସ୍ତଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସବୁ ଟେଣ୍ଟକୁ ଯାଇ ଅଗ୍ନି ନିରୋଧକ ବ୍ୟବସ୍ଥା ଯାଞ୍ଚ କରିବା ଓ ଆବଶ୍ୟକ ସତର୍କତା ଗ୍ରହଣ କରିବା ଲାଗି ଅଗ୍ନିଶମ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

ମେଳାକୁ ଦୁର୍ଘଟଣାମୁକ୍ତ ରଖିବା ଲାଗି ପାରମ୍ପରିକ ସମେତ ଆଧୁନିକ ଜ୍ଞାନକୌଶଳର ବ୍ୟବହାର କରାଯାଇଥିବା ଉତ୍ତରପ୍ରଦେଶ ପୋଲିସ ମହାନିର୍ଦ୍ଦେଶକ କହିଛନ୍ତି। ଅତ୍ୟାଧୁନିକ କମାଣ୍ଡ ଏବଂ କଣ୍ଟ୍ରୋଲ ସେଣ୍ଟର ୨୪ ଘଣ୍ଟା ମେଳା ସ୍ଥଳୀ ଉପରେ ନଜର ରଖିବ। ଏଥିପାଇଁ ୧୨୦୦ ସିସିଟିଭି କ୍ୟାମେରା ଲଗାଯାଇଛି। ଭିଡ଼ ନିୟନ୍ତ୍ରଣ ଲାଗି ରିଅଲ ଟାଇମ୍ ଭିଡିଓ ଆନାଲିସିସ୍ ବ୍ୟବସ୍ଥା ହୋଇଛି। ସେହିପରି କୌଣସି ପିଲା ହଜିଗଲେ ଠାବ କରିବା ଲାଗି ପିଲାମାନଙ୍କ ଦେହରେ ରେଡିଓ ଫ୍ରିକ୍ୱେନ୍ସି ଟ୍ୟାଗ୍ ଲଗାଇବାକୁ ନିଷ୍ପତ୍ତି ନିଆଯାଇଥିବା ପୋଲିସ ଡିଜି କହିଛନ୍ତି। ଆତଙ୍କବାଦୀ, ଅପରାଧୀ ଏବଂ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଉପରେ ନଜର ରଖିବା ଲାଗି ତ୍ରିନେତ୍ର ଆପ୍‌ର ବ୍ୟବହାର କରାଯିବ। ୩୨୦୦ ହେକ୍ଟର ଅଞ୍ଚଳରେ ମେଳା ଆୟୋଜିତ ହେଉଥିବାବେଳେ ଆଇନଶୃଙ୍ଖଳା ରକ୍ଷା ଲାଗି ଏହାକୁ ୯ଟି ଜୋନ୍ ଏବଂ ୨୦ଟି ସେକ୍ଟରରେ ବିଭକ୍ତ କରାଯାଇଛି। ୨୦ ହଜାର ପୋଲିସ କର୍ମଚାରୀଙ୍କ ସମେତ ୬ ହଜାର ହୋମଗାର୍ଡ ନିୟୋଜିତ ହେବେ। ମେଳା ସ୍ଥଳରେ ୪୦ ଥାନା, ୫୮ ଆଉଟପୋଷ୍ଟ, ୪୦ ଫାୟାରଷ୍ଟେଶନ ରହିବ। ୮୦ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ଏବଂ ୨୦ କମ୍ପାନୀ ପିଏସି ମୁତୟନ ହେବେ ବୋଲି ଡିଜିପି ସୂଚନା ଦେଇଛନ୍ତି।


## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**
**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ବୈଦେହୀ ସାହୁ**
ତିରୋଧାନ: ୦୫।୦୧।୨୦୧୯
ମା', ତୋର ସ୍ନେହ, ଭଲପାଇବା, ପରୋପକାରିତା, ଶ୍ରଦ୍ଧା, ପ୍ରେରଣା, ଦିଗ୍‌ଦର୍ଶନ ଓ ତ୍ୟାଗକୁ ସହଜରେ ଭୁଲି ହେବନି। ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଅମର ଆତ୍ମାର ସଦ୍‌ଗତି କରନ୍ତୁ ଏତିକି ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ଅଶୋକ କୁମାର ସାହୁ, କୌଶିକ କୁମାର ସାହୁ, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ନାତୁଣୀବୋହୂ, ନାତୁଣୀଜ୍ୱାଇଁ, ଅଣନାତି, ଅଣନାତୁଣୀ ଓ ପରିବାରବର୍ଗ। ଧ-୧୦୫୬୮

**ଏକାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ମାନସ ମୋହିନୀ ପଣ୍ଡା**
ଆବିର୍ଭାବ: ୧୨।୧୦।୧୯୪୧
ତିରୋଧାନ: ୦୫।୦୧।୨୦୧୯
(ପୌଷମାସ ବହୁଳ ଅମାବାସ୍ୟା)
ବୋଉ, ତୁମେ ଆମମାନଙ୍କୁ ହଠାତ୍ ଛାଡ଼ି ଚାଲିଗଲ, ବିଶ୍ୱାସ ହେଉନାହିଁ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସରଳତା ଓ ଆଦର୍ଶ ଆମର ନିତ୍ୟ ଜୀବନରେ ସହାୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:** ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ ଏବଂ ଶୋକସନ୍ତପ୍ତ ପରିବାରବର୍ଗ।
୧୮୬୦, ନୂଆପଲ୍ଲୀ (ନୂଆସାହି), ୱାର୍ଡ-୩୯, ଭୁବନେଶ୍ୱର
ଧ-୬୪୬୯୦


■ ସାଧାରଣ ବର୍ଗ ଗରିବଙ୍କ ପାଇଁ ଖୁସି ଖବର

# ଲାଗୁହେଲା ୧୦% କୋଟା

**ନୂଆଦିଲ୍ଲୀ,୧୪।୧**

ସାଧାରଣ ବର୍ଗର ଆର୍ଥିକ ଦୁର୍ବଳ ଶ୍ରେଣୀ ଲାଗି ସରକାରୀ ନିଯୁକ୍ତି ଏବଂ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ସୋମବାରଠାରୁ ଲାଗୁ ହୋଇଛି। ଏଥିପାଇଁ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ପକ୍ଷରୁ ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୦% ସ୍ଥାନ ସଂରକ୍ଷଣ ଲାଗି ସରକାର ଆଣିଥିବା ସମ୍ବିଧାନ ସଂଶୋଧନ ବିଲ୍ ଗତ ୯ ତାରିଖରେ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିବା ପରେ ଶନିବାର ଏହା ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଥିଲା। ଏହି ସଂରକ୍ଷଣ ସୁବିଧା ଉଚ୍ଚ ଜାତିର ଗରିବଙ୍କ ସମେତ ଅନ୍ୟ ଧର୍ମାବଲମ୍ବୀମାନଙ୍କ କ୍ଷେତ୍ରରେ ଲାଗୁ ହେବ। ଯେଉଁମାନଙ୍କର ବାର୍ଷିକ ଆୟ ୮ ଲକ୍ଷ ଟଙ୍କାରୁ କମ୍ ହୋଇଥିବ କିମ୍ବା ୫ ଏକରରୁ କମ୍ ଚାଷଜମି ଥିବ ସେମାନେ ଏହି ସୁବିଧା ପାଇପାରିବେ।

■ ସେବାଶ୍ରମରେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କ ସନ୍ତାନ ପ୍ରସବ ଘଟଣା

# ରାଜ୍ୟ ସରକାରଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ

**ଭୁବନେଶ୍ୱର,୧୪।୧ (ବ୍ୟୁରୋ)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ୍‌ର ଏକ ସେବାଶ୍ରମରେ ଜଣେ ଅଷ୍ଟମଶ୍ରେଣୀ ଛାତ୍ରୀ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଏହି ସ୍ପର୍ଶକାତର ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏନ୍‌ଏଚ୍‌ଆର୍‌ସି ନିଜଆଡୁ ମାମଲା ରୁଜୁ କରିବା ସହ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ନାବାଳିକା ଜଣକ ହଷ୍ଟେଲ ପରିସରରେ ସନ୍ତାନ ଜନ୍ମ କରିବା ପରେ ସେବାଶ୍ରମ କର୍ତ୍ତୃପକ୍ଷ ଉଭୟଙ୍କୁ ବାହାର କରିଦେଇଥିବା ଅଭିଯୋଗ ହୋଇଥିଲା। ଖବର ପ୍ରଚାରିତ ହେବା ପରେ ସେଠାରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ପୋଲିସ ସହାୟତାରେ ଉକ୍ତ ନାବାଳିକା ଓ ନବଜାତ ଶିଶୁକନ୍ୟାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ପରେ ହସ୍ପିଟାଲରେ ନବଜାତ ଶିଶୁଟିର ମୃତ୍ୟୁ ଘଟିଥିବା ଜଣାପଡିଛି। ଏହି ଘଟଣାରେ ଦୋଷୀଙ୍କ ବିରୋଧରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ଓ ପୀଡିତା ନାବାଳିକାଙ୍କୁ ଉଦ୍ଧାର ତଥା ସହାୟତା କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବା ଲାଗି ଏନ୍‌ଏଚ୍‌ଆର୍‌ସି ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କୁ ନୋଟିସ ଜାରି କରିଛନ୍ତି। ନାବାଳିକା ଜଣଙ୍କ ଅନୁସୂଚିତ ଜନଜାତି ବର୍ଗର ହୋଇଥିବାରୁ କେଉଁ ଧାରାରେ ମାମଲା ରୁଜୁ କରାଯାଇଛି ସେ ସମ୍ପର୍କରେ ସବିଶେଷ ଜାଣିବାକୁ ଚାହିଁଛନ୍ତି ଆୟୋଗ। ଏଥିସହ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ନାବାଳିକାଙ୍କ ମାନବିକ ଅଧିକାର କ୍ଷୁର୍ଣ୍ଣ ହୋଇଥିବା ଓ ସେବାଶ୍ରମ କର୍ତ୍ତୃପକ୍ଷ, ପ୍ରଧାନ ଶିକ୍ଷୟିତ୍ରୀ ଏବଂ ହଷ୍ଟେଲ ୱାର୍ଡେନ ଠିକ ଭାବେ ଦାୟିତ୍ୱ ନିର୍ବାହ କରି ନ ଥିବା ଆୟୋଗ ହୃଦବୋଧ କରିବା ସହ କ୍ଷୋଭ ପ୍ରକାଶ କରିଛନ୍ତି।

## ଆଜି ବଲାଙ୍ଗୀର...

ଦଳୀୟ ସ୍ୱାଭିମାନ ସମାବେଶରେ କାର୍ଯ୍ୟକର୍ତ୍ତା ଏବଂ ସାଧାରଣ ଜନତାଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏହା ଏକ ରାଜନୈତିକ କାର୍ଯ୍ୟକ୍ରମ ହୋଇଥିବାରୁ ସମସ୍ତ ଦୃଷ୍ଟି ଏହା ଉପରେ କେନ୍ଦ୍ରିତ ହୋଇଛି। ଅପରପକ୍ଷରେ ରାଜଧାନୀ ଭୁବନେଶ୍ୱରରେ ମଙ୍ଗଳବାର ରାଜ୍ୟ ସରକାର କୃଷି ମେଳା-୨୦୧୯କୁ ଆରମ୍ଭ କରିବାକୁ ଯାଉଛନ୍ତି। ଏହି କାର୍ଯ୍ୟକ୍ରମ ଚଳିତ ମାସ ୧୯ଯାଏ ଚାଲିବ। ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମ ଥିବାରୁ ବଲାଙ୍ଗୀରରେ ହେବାକୁ ଥିବା ସରକାରୀ କାର୍ଯ୍ୟକ୍ରମରେ ସେ ଯୋଗ ନ ଦେବା ସ୍ପଷ୍ଟ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ବାରିପଦା ଗସ୍ତରେ ମଧ୍ୟ ମୁଖ୍ୟମନ୍ତ୍ରୀ ଅନୁପସ୍ଥିତ ରହିବା ସହ ପୁରୀଠାରେ ଆୟୋଜିତ ମିଶନ ଶକ୍ତି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଯାହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଥିଲା।

କୌଣସି ନେତାଙ୍କ ଗସ୍ତ ପୂର୍ବରୁ ତାଙ୍କର ରଣନୀତିକୁ ନେଇ ଚର୍ଚ୍ଚା ହେବା ସାଧାରଣ କଥା। ପୂର୍ବ ସଭାରେ ପ୍ରଧାନମନ୍ତ୍ରୀ ମୋଦି ବିଜେଡି କିମ୍ବା ମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ଟାର୍ଗେଟ କରି ନ ଥିଲେ। ହେଲେ ପିପିଲି ଗଣବଳାତ୍କାର ଓ ହତ୍ୟା ପ୍ରସଙ୍ଗରେ ଠିକ୍ ତଦନ୍ତ ପାଇଁ ମତ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ବିବୃତିର ୨୪ ଘଣ୍ଟା ନ ପୂରୁଣୁ କୃଷି ଏବଂ ପଞ୍ଚାୟତିରାଜ ବିଭାଗ ଦାୟିତ୍ୱରେ ଥିବା ପ୍ରଦୀପ ମହାରଥୀ ଇସ୍ତଫା ଦେଇଥିଲେ। ଘଟଣାକ୍ରମରେ ରବିବାର କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ସେବାଶ୍ରମ ଜଣେ ନାବାଳିକା ମା' ହେବା ଘଟଣା ପ୍ରମୁଖ ପ୍ରସଙ୍ଗ ପାଲଟିଛି। ଇତିମଧ୍ୟରେ ଉକ୍ତ ନବଜାତ ଶିଶୁର ମୃତ୍ୟୁ ମଧ୍ୟ ହୋଇଛି। ରାଜ୍ୟ ପ୍ରଶାସନ ତଦନ୍ତ ନିର୍ଦ୍ଦେଶ ଦେବା ସହ ପ୍ରାଥମିକ ଭାବେ କେତେକଙ୍କୁ ନିଲମ୍ବନ ଏବଂ ବହିଷ୍କାର କରିସାରିଛି। ମୁଖ୍ୟ ଅଭିଯୁକ୍ତ ମଧ୍ୟ ଗିରଫ ହୋଇସାରିଲାଣି, ହେଲେ ଏ ପ୍ରକାର ଘଟଣା ରାଜ୍ୟ ପାଇଁ ଲଜ୍ଜା ଆଣିଛି। ତେଣୁ ଏହି ଘଟଣାରେ ପ୍ରଧାନମନ୍ତ୍ରୀ ମୋଦି ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିପାରନ୍ତି ବୋଲି ସମୀକ୍ଷକମାନେ ମତ ଦେଇଛନ୍ତି। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀବେଞ୍ଚ ନେଇ କେତେକ ସଙ୍ଗଠନ ଆନ୍ଦୋଳନ ଜାରି ରଖିଛନ୍ତି। ଏହାର କିଛିଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଏ ସଂକ୍ରାନ୍ତରେ କେନ୍ଦ୍ର ଆଇନ ମନ୍ତ୍ରୀ ରବି ଶଙ୍କର ପ୍ରସାଦଙ୍କୁ ଚିଠି ଲେଖିଛନ୍ତି। କେନ୍ଦ୍ର ମନ୍ତ୍ରୀ ପ୍ରସାଦ ମଧ୍ୟ ଏହାର ଉତ୍ତର ରଖି ରାଜ୍ୟ ସରକାରଙ୍କ କୋର୍ଟକୁ ବଲ୍ ଫିଙ୍ଗିଛନ୍ତି। ତେଣୁ ସ୍ଥାୟୀବେଞ୍ଚ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ କିଛି କହୁଛନ୍ତି ନା ନୀରବ ରହୁଛନ୍ତି, ତାହା ଉପରେ ପଶ୍ଚିମ ଓଡ଼ିଶାବାସୀଙ୍କ ନଜର ରହିଛି।

ନିକଟରେ ଦକ୍ଷିଣ ଭାରତରେ ମୋ ବୁଥ ସବୁଠୁ ମଜଭୁତ୍ କାର୍ଯ୍ୟକ୍ରମରେ ଭାଗ ନେଇ ମୋଦି ଆଞ୍ଚଳିକ ଦଳଗୁଡ଼ିକ ପାଇଁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ଦ୍ୱାରା ସବୁ ସମୟରେ ଖୋଲା ରହିଥିବା ମନ୍ତବ୍ୟ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ମନ୍ତବ୍ୟ ଡିଏମ୍‌କେ, ଟିଆରଏସ୍, ୱାଇଏସ୍‌ଆର କଂଗ୍ରେସ ଏବଂ ବିଜେଡି ପାଇଁ ଥିଲା ବୋଲି ରାଜନୈତିକ ମହଲରେ ଆଲୋଚନା ହୋଇଥିଲା। ଏଭଳିସ୍ଥିତିରେ ବଲାଙ୍ଗୀରରେ ମୋଦି କି ଆଭିମୁଖ୍ୟ ଗ୍ରହଣ କରୁଛନ୍ତି, ତାହା ଦେଖିବାକୁ ବାକି ରହିଲା।

## ଅସମ୍ଭାଳ...

ବିଦ୍ୟୁତ୍ କ୍ରୟ କରାଯାଉଛି। କେନ୍ଦ୍ର ସରକାରଙ୍କ ସୌଭାଗ୍ୟ ଯୋଜନା କାର୍ଯ୍ୟକାରୀ ହେବା ପରଠାରୁ ବିଦ୍ୟୁତ୍ ଉତ୍ପାଦନ ଉପରେ ପ୍ରବଳ ଚାପ ସୃଷ୍ଟି ହୋଇଛି। ଏହି ଯୋଜନା ଆରମ୍ଭ ହେବା ପୂର୍ବରୁ ରାଜ୍ୟରେ ୬୭ ଲକ୍ଷ ଉପଭୋକ୍ତା ଥିବା ବେଳେ ଗତ ଦୁଇବର୍ଷ ମଧ୍ୟରେ ଏହା ୯୭ ଲକ୍ଷକୁ ବୃଦ୍ଧି ପାଇଛି। ଆସନ୍ତା ବର୍ଷ ଉପଭୋକ୍ତା ସଂଖ୍ୟା ୧ କୋଟି ଉପରକୁ ଟପିଯିବ। ଏତେ ସଂଖ୍ୟକ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଇବା ପାଇଁ ରାଜ୍ୟରେ ଆହୁରି ୧୫୦୦ ମେଗାୱାଟ୍ ଅତିରିକ୍ତ ବିଦ୍ୟୁତ୍ ଆବଶ୍ୟକ ହେବ ବୋଲି ଅନୁମାନ କରାଯାଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ବର୍ଷର ଅଧିକାଂଶ ସମୟରେ ଗରମ ଅନୁଭୂତ ହେଉଛି। ଏ.ସି ଏବଂ ଅନ୍ୟାନ୍ୟ ବିଦ୍ୟୁତ୍ ଉପକରଣ ବ୍ୟବହାର ବଢି ଚାଲିଛି। ରାଜ୍ୟରେ ଉପଭୋକ୍ତା ସଂଖ୍ୟା ଯେଉଁ ହାରରେ ବଢି ଚାଲିଛି ଉତ୍ପାଦନ ସେହି ଅନୁପାତରେ ବଢୁ ନାହିଁ। ରାଜ୍ୟ ସରକାର ବିଦ୍ୟୁତ୍ ଚାହିଦାକୁ ଭରଣା କରିବା ପାଇଁ ଉତ୍ପାଦନ ବୃଦ୍ଧି ଯୋଜନା କରିଛନ୍ତି। ଗ୍ରୀଡ୍‌କୋ ୨୦୨୦-୨୧ ବେଳକୁ ରାଜ୍ୟରେ ୫୭୦୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରିବାକୁ ଯୋଜନା କରିଛି। ରାଜ୍ୟ ସରକାର ୨୦୦୦ରୁ ୨୦୧୪ ମଧ୍ୟରେ ୩୦ଟି ଆଇପିପି ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ସେଥିରୁ ୨୦ଟି ଏ ପର୍ଯ୍ୟନ୍ତ ଉତ୍ପାଦନ ଆରମ୍ଭ କରିନାହାନ୍ତି। ଅନ୍ୟ ପକ୍ଷରେ ଜଳ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକର ଉତ୍ପାଦନ ଗତ ୪ ବର୍ଷର ପରିସଂଖ୍ୟାନକୁ ଦେଖିଲେ ଅତ୍ୟନ୍ତ ନୈରାଶ୍ୟଜନକ ସ୍ଥିତିରେ ରହିଛି। ରାଜ୍ୟରେ ବୁର୍ଲା, ଚିପିଲିମା, ବାଲିମେଳା, ରେଙ୍ଗାଲି, ଅପରକୋଲାବ, ଅପର ଇନ୍ଦ୍ରାବତୀ, ମାଛକୁଣ୍ଡ ଆଦି ୭ଟି ଜଳ ବିଦ୍ୟୁତ୍ ପ୍ରକଳ୍ପ ରହିଛି। ଏସବୁରୁ ୨୦୧୩ରେ ମୋଟ ୭୨୦୫.୧୪ ମିଲିୟନ ୟୁନିଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହୋଇଥିବା ବେଳେ ୨୦୧୪ରେ ଖସି ୬୫୨୪.୫୫, ୨୦୧୫ରେ ୪୫୪୧.୮୫, ୨୦୧୬ରେ ୪୭୭୪.୨୧ ଏବଂ ୨୦୧୭-୨୦୧୮ରେ ୫୭୩୦.୯୯ ମିଲିୟନ ୟୁନିଟ୍‌କୁ ଖସି ଯାଇଛି। ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ କହିଛନ୍ତି ଯେ, ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନ ଆଗାମୀ ଦିନରେ ବହୁ ମାତ୍ରାରେ ବୃଦ୍ଧି ପାଇବ। ବିଦ୍ୟୁତ୍ ସଙ୍କଟ ସୃଷ୍ଟି ହେବାର ସମ୍ଭାବନା ନାହିଁ।

ବାଣିଜ୍ୟିକ ଓ ପରିବହନଜନିତ(ଏଟି ଆଣ୍ଡ ସି) କ୍ଷତି ନିୟନ୍ତ୍ରଣ ବାହାରକୁ ଚାଲି ଯାଉଥିବାରୁ କ୍ଷତି ବଢି ବଢି ଚାଲିଛି ତେଣୁ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଅଣନିଃଶ୍ୱାସୀ ହେଲେଣି। ରାଜ୍ୟରେ ଏଟି ଆଣ୍ଡ ସି କ୍ଷତି ୪୦ ପ୍ରତିଶତ ଉପରେ ରହିଛି। ପ୍ରତିବର୍ଷ ୧୦ ପ୍ରତିଶତ କମାଇବାକୁ ଓଇଆରସି ବଣ୍ଟନ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ପ୍ରଶାସନିକ ସ୍ଥାଣୁତା ଯୋଗୁ ଏଥିରେ କୌଣସି ସୁଧାର ଆସୁ ନାହିଁ। ଏହାଛଡା କର୍ମଚାରୀ ଅଭାବ ଯୋଗୁ ରାଜ୍ୟରେ ବିଦ୍ୟୁତ୍ ଭିତ୍ତିଭୂମିରେ ଉନ୍ନତି ହୋଇ ପାରୁ ନାହିଁ। କର୍ମଚାରୀ ପୂରଣ ହେବା ସହ ଏଟି ଆଣ୍ଡ ସି କମାଯାଇ ପାରିଲେ ବିଦ୍ୟୁତ୍ କ୍ଷତିକୁ ଅନେକାଂଶରେ ଭରଣା କରାଯାଇ ପାରନ୍ତା ବୋଲି ନିଖିଳ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘର ସାଧାରଣ ସମ୍ପାଦକ ଅକ୍ଷୟ ତ୍ରିପାଠୀ କହିଛନ୍ତି।


## ଆଖି ବୁଜିଲେ...

ସେବାଶ୍ରମ ଛାତ୍ରୀ ନିବାସକୁ ଯାଇଥିଲେ। ସେମାନେ କର୍ତ୍ତୃପକ୍ଷଙ୍କଠାରୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଥାନା ଆଇଆଇସି ଏବଂ ପୀଡ଼ିତା ଛାତ୍ରୀଙ୍କ ପରିବାରକୁ ଭେଟି ଆଲୋଚନା କରିଥିଲେ। ସେବାଶ୍ରମରେ ଏପରି ଲଜ୍ଜାଜନକ ଘଟଣା ପାଇଁ ଯେଉଁମାନେ ଦାୟୀ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ ବୋଲି ନାରୀ ସଚେତନ ମଞ୍ଚର ୨ ସଦସ୍ୟା କହିଛନ୍ତି।

ବ୍ରହ୍ମପୁର ବଡ଼ ମେଡିକାଲରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ସୁମିତ୍ରା ଜେନା, ଉପସଭାନେତ୍ରୀ ପ୍ରଣତୀ ମିଶ୍ର, ସାଧାରଣ ସମ୍ପାଦିକା ପ୍ରଭାବତୀ ପଟ୍ଟନାୟକ, ଜିଲା ସଭାନେତ୍ରୀ ବବିତା ପ୍ରଧାନ ପ୍ରମୁଖ ଛାତ୍ରୀଙ୍କୁ ଭେଟିଥିଲେ। ସେବାଶ୍ରମଗୁଡିକରେ କୋମଳମତି ଶିଶୁମାନଙ୍କୁ ନିର୍ଯ୍ୟାତନା ଦିଆଯାଉଥିବା କଂଗ୍ରେସ ନେତ୍ରୀମାନେ ଅଭିଯୋଗ କରିଥିଲେ। ଦାୟିତ୍ୱରେ ଅବହେଳା କରୁଥିବା ଅଧିକାରୀଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବି ନେଇ ମହିଳା କଂଗ୍ରେସ ପକ୍ଷରୁ ଦକ୍ଷିଣାଞ୍ଚଳ ଡିଆଇଜି ଆଶିଷ ସିଂହଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ସେହିପରି ଭାଜପା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ପିଙ୍କି ପ୍ରଧାନ, ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ବବିତା ପାତ୍ର, କାର୍ଯ୍ୟକାରିଣୀ ସଦସ୍ୟା ଶୁଭାସିନୀ ପଟ୍ଟନାୟକ, ଅନୀତା ଶୁଭଦର୍ଶିନୀ ପଟ୍ଟନାୟକ, ଜିଲା କାର୍ଯ୍ୟକାରିଣୀ ସଦସ୍ୟା ମମତାମୟୀ ପାତ୍ର ପ୍ରମୁଖ ପୀଡ଼ିତା ଛାତ୍ରୀଙ୍କୁ ଭେଟିଥିଲେ। ନାବାଳିକା ଜଣକ ପ୍ରସୂତୀ ଥିବା ଅବସ୍ଥାରେ ସେବାଶ୍ରମ କର୍ତ୍ତୃପକ୍ଷ ତାଙ୍କ ପରିବାର ଲୋକଙ୍କୁ କୌଣସି ସୂଚନା ନ ଦେଇ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରିଥିଲେ ବୋଲି ଉପସଭାନେତ୍ରୀ ପିଙ୍କି ପ୍ରଧାନ ନିଜ ପ୍ରତିକ୍ରିୟାରେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି ମେଷରାଶିରେ ଚନ୍ଦ୍ର ବିଭିନ୍ନ ପ୍ରକାରର କାମକୁ ନେଇ ମାନସିକ ଅସ୍ଥିରତା ସୃଷ୍ଟିକରିବ। ଜନ୍ମଚନ୍ଦ୍ର ହେତୁ ଦୂରଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା ନିକଟରୁ ଦୂରେଇ ରହିବା ଭଲ ହେବ। ଅଶ୍ୱିନୀ ନକ୍ଷତ୍ର କେତେକ କ୍ଷେତ୍ରରେ ଅନ୍ୟମନସ୍କ ହେତୁ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି। ଅପରାହ୍ଣରେ ସହକର୍ମୀଙ୍କ ଜରିଆରେ ଅଚାନକ ଭାବରେ ଶୁଭ ଖବର ଶୁଣି ଖୁସି ହେବେ।

**ବୃଷ**

ବ୍ୟୟାଧିକ୍ୟ ସାଙ୍ଗକୁ କର୍ମହାନି ମନସ୍ତାପର କାରଣ ହେବାର ଆଶଙ୍କା ପୂର୍ଣ୍ଣମାତ୍ରାରେ ରହିଛି। କଳା, ସାହିତ୍ୟ, କ୍ରୀଡା ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ। କର୍ମକ୍ଷେତ୍ରରେ, ସଭାସମିତିରେ, ଆନୁଷ୍ଠାନିକ କ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହୋଇପାରନ୍ତି।

**ମିଥୁନ**

ଉପରିସ୍ଥଙ୍କ ଦ୍ୱାରା ଚାପଗ୍ରସ୍ତ ହୋଇ କର୍ମକ୍ଷେତ୍ରରେ ବାଧ୍ୟବାଧକତାରେ କେତେକ କାମ କରିବାକୁ ପଡିପାରେ। ଭଲ ସମ୍ପର୍କ ନ ଥିବା ପାଖପଡୋଶୀମାନେ ଈର୍ଷାନ୍ୱିତ ହୋଇ ଭିନ୍ନ ପ୍ରକାରର ମନ୍ତବ୍ୟ ଦେଇପାରନ୍ତି। ଋଣଭାର,କଚେରି ମାମଲା,ପରିବହନ ସମ୍ପର୍କିତ ସମସ୍ୟାକୁ ନେଇ ଚିନ୍ତିତ ରହିବେ। ବ୍ୟବସାୟ,ରାଜନୀତି କ୍ଷେତ୍ରରେ ଆଂଶିକ ସଫଳତା ମିଳିବ।

**କର୍କଟ**

ରବି ରାଶିର ସପ୍ତମ ସ୍ଥାନରେ ଅବସ୍ଥାନ କରି ଦେଇଥିବା ମନ୍ତବ୍ୟକୁ ନେଇ ବିବାଦର ସୂତ୍ରପାତ ହୋଇପାରେ। କିମ୍ବା ଅର୍ଥ ସମ୍ପର୍କ କିମ୍ବା ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ଯୋଜନାକୁ ବାସ୍ତବ ରୂପ ଦେବା ସହିତ ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରେ ସମସ୍ୟା ଦୂର ହୋଇଯିବ।

**ସିଂହ**

ମନ ଯାହା ଓ ଯେମିତି ଚାହୁଁଛି ତାହା ପାଇଲେ ମଧ୍ୟ ବାସ୍ତବ ସନ୍ତୋଷ ଠାରୁ ବହୁତ ଦୂରରେ ରହିପାରନ୍ତି। କୌଣସି ଅନାକାଂକ୍ଷିତ ସୂଚନା କ୍ରମେ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇପାରେ। ପ୍ରଶାସନ ଓ ରାଜନୀତି କ୍ଷେତ୍ର ସଂଘର୍ଷମୟ ରହିବା ସହ ଆର୍ଥିକ, ପାରିବାରିକ ଓ ସାମାଜିକ ସ୍ଥିତି କେତେକାଂଶରେ ଆଶ୍ୱସ୍ତି ଦେଇପାରେ।

**କନ୍ୟା**

କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରିବାକୁ ପଡିବା କାରଣରୁ ସାମୟିକ ବିଚଳିତ ଅନୁଭବ କରିବେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବାକୁ ପଡିପାରେ। ସାମାଜିକ ସ୍ତରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢି ସମସ୍ୟାକୁ ଦ୍ୱିଗୁଣିତ କରିବ। ଯାତ୍ରା,ବ୍ୟବସାୟ ଓ ପରିବହନରେ ସାମାନ୍ୟ ସମସ୍ୟା ଦେଖାଦେବ।

**ତୁଳା**

ଅନ୍ୟମାନେ ନିଜର ସୁବିଧା ଅନୁଯାୟୀ କାମ କରିବା ହିଁ ଆପଣଙ୍କ ପାଇଁ ସମସ୍ୟାର କାରଣ ହେବ। ପାରିବାରିକ କିମ୍ବା କର୍ମକ୍ଷେତ୍ରରେ ପରିସ୍ଥିତିରେ ପଡି ଇଚ୍ଛା ନ ଥାଇ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ଅଭାବ ପୂରଣ ଦିଗରେ ପଡୋଶୀଙ୍କ ସାହାଯ୍ୟ କାମକୁ ଆସିପାରେ। ବ୍ୟବସାୟିକ ସ୍ଥିତି ଓ ସାମାଜିକ ପରିସ୍ଥିତି ପ୍ରାୟତଃ ଭଲ ରହିବ।

**ବିଛା**

ପ୍ରତ୍ୟେକ କାମରେ ସମସ୍ୟା ଲାଗି ରହିଲେ ମଧ୍ୟ ଅଭିମାନ ନ କରି କୌଶଳରେ କାମ ହାସଲ ପାଇଁ ଚେଷ୍ଟା କରିବା ଭଲ ହେବ। ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ସମ୍ମାନିତ ହୋଇପାରନ୍ତି। ପାରସ୍ପରିକ ମତାନ୍ତର ଜନିତ ପାରିବାରିକ କ୍ଷେତ୍ରରେ ଅଶାନ୍ତି ଆସିବାର ସୂଚନା ରହିଛି। ସାହିତ୍ୟ, ପ୍ରେସ୍, ପବ୍ଲିକେଶନ କ୍ଷେତ୍ର ଗତାନୁଗତିକ ରୀତିରେ ଗଡି ଚାଲିବ।

**ଧନୁ**

ବନ୍ଧୁ ଗହଣରେ ଅପ୍ରିୟ ସତ୍ୟ ଭାଷଣ ଆପଣଙ୍କ ପାଇଁ ସମସ୍ୟା ସୃଷ୍ଟିର କାରଣ ହୋଇପାରେ। ପରୋକ୍ଷ ଶତ୍ରୁତା କାରଣରୁ ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହେବ। ଧାତବ ଜନିତ ଦ୍ରବ୍ୟ କ୍ରୟ କରିବା ସକାଶେ ପରିବାରର ବରାଦ ପାଇପାରନ୍ତି। ଶିକ୍ଷା, ରାଜନୀତି ଓ ସାମାଜିକ କ୍ଷେତ୍ରରେ ଶ୍ରମ ଓ ସମୟ ବିନିଯୋଗ କରିପାରନ୍ତି।

**ମକର**

ଗୁରୁ କ୍ଷେତ୍ରଗତ ମଙ୍ଗଳ ତୃତୀୟସ୍ଥ ହୋଇ ଭାଗ୍ୟଭାବରେ ଥିବାରୁ ପୂର୍ବ ଚିନ୍ତା ଓ କଳ୍ପନାକୁ ବାସ୍ତବତାରେ ପରିଣତ କରିପାରନ୍ତି। ସକାଳୁଆ ଯାତ୍ରା, ବ୍ୟବସାୟ, ବାଣିଜ୍ୟ, ପରିବହନ ଓ କୌଣସି ନୂତନ କର୍ମାରମ୍ଭ କରିବା ପାଇଁ ମନ ବଳାଇବେ। କର୍ମକ୍ଷେତ୍ରରେ ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିବାରେ ସମର୍ଥ ହୋଇପାରନ୍ତି।

**କୁମ୍ଭ**

ଅଭାବ ନ ଥିଲେ କ'ଣ ହେଲା ଘରୋଇ କଳହ ବଢି ବଢି ଚାଲିବା କାରଣରୁ ମନ ଭଲ ରହିବ ନାହିଁ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବେଳକାଳ ଉଣ୍ଡି ଏହି ସମୟରେ ନିଜ ଲୋକମାନେ ମଧ୍ୟ ଦାଉ ସାଧିପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ରାଜନୀତି, ଚଳଚ୍ଚିତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ। ପିଲାମାନଙ୍କ କୃତୀ ଓ କୃତିତ୍ୱକୁ ନେଇ ଗର୍ବ ଅନୁଭବ କରିବେ।

**ମୀନ**

ଆକସ୍ମିକ ଭାବରେ ନିଜ ପରିସରରେ ରହୁଥିବା ବନ୍ଧୁଙ୍କ ସହାନୁଭୂତି ଲାଭ କରି କାମ ହାସଲ କରିବେ। ବିଶିଷ୍ଟବ୍ୟକ୍ତିଙ୍କ ବାହୁଛାୟା ତଳେ ଆଶ୍ରୟ ନେଇ ଜନହିତକର କାର୍ଯ୍ୟରେ ନିଜକୁ ଲିପ୍ତ ରଖିପାରନ୍ତି। କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ପାରିବାରିକ ସ୍ଥିତି ଭଲ ରହିବ। କଳା, ସାଂସ୍କୃତିକ କାର୍ଯ୍ୟରେ ମନୋରଞ୍ଜନ ସାଙ୍ଗକୁ ବନ୍ଧୁଦର୍ଶନରେ ବିଭୋର ହୋଇପାରନ୍ତି।

ଆଜି ପୌଷ ଶୁକ୍ଳ ନବମୀ ମଙ୍ଗଳବାର, ଜାନୁୟାରୀ ୧୫ ତାରିଖ, ସ୍ଥଳସେନା ଦିବସ, ରାଶି ନକ୍ଷତ୍ର ଅପରାହ୍ଣ, ଘ୨।୩୭ମି. ପର୍ଯ୍ୟନ୍ତ ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୯।୧୪ମି. ଗତେ ଘ୧୦।୩୭ମି. ମଧ୍ୟେ, ଘ୧୨।୦୦ମି. ଗତେ ଘ୧।୨୩ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୩୭ମି. ଗତେ ଘ.୧୨।୦୦ମି. ମଧ୍ୟେ, ଘ୨।୫୦ମି. ଗତେ ଘ୪।୧୩ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ଣ ଘ୨।୪୦ମି. ଗତେ ଘ୪।୦୨ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

ଭିତରକନିକାରେ କୁମ୍ଭୀର ଗଣନା ଶେଷ

### ବଉଳା କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି

**ରାଜନଗର, ୧୪।୧(ଡି.ଏନ୍.ଏ.):** କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ଭିତରକନିକା ଜାତୀୟ ଉଦ୍ୟାନରେ ସୋମବାର କୁମ୍ଭୀର ଗଣନା ଶେଷ ହୋଇଛି। ଗତବର୍ଷ ଅପେକ୍ଷା ଚଳିତ ବର୍ଷ ୪୪ଟି କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି ପାଇଛି ବୋଲି ବନ ବିଭାଗ ରିପୋର୍ଟରେ ଦର୍ଶାଯାଇଛି। ଗତବର୍ଷ ଭିତରକନିକା ଜାତୀୟ ଉଦ୍ୟାନ ଓ ଏହାର ସୀମାନ୍ତରେ ଥିବା ନଦୀ, ନାଳଗୁଡ଼ିକରୁ ୧୬୯୮ଟି ବଉଳାକୁମ୍ଭୀର ଠାବ କରାଯାଇଥିବାବେଳେ ଚଳିତବର୍ଷ ଏହି ସଂଖ୍ୟା ୧୭୪୨ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରେ ୬୧୯ଟି ୨ ଫୁଟିଆ କୁମ୍ଭୀର ଛୁଆ, ୩୪୭ ବର୍ଷକିଆ ଛୁଆ ଅର୍ଥାତ୍ ୨ ରୁ ୩ ଫୁଟିଆ, ୨୭୩ଟି ୨ ବର୍ଷିଆ ଛୁଆ ଅର୍ଥାତ୍ ୩ ରୁ ୬ ଫୁଟ, ୧୭୮ଟି ୪ ରୁ ୫ ବର୍ଷର ଅର୍ଥାତ୍ ୬ ରୁ ୮ ଫୁଟ ଲମ୍ବର ଥିବାବେଳେ ୩୨୫ଟି ବଡ କୁମ୍ଭୀର ରହିଛନ୍ତି। ଭିତରକନିକା ଭିତରେ ଥିବା ନଦୀ, ନାଳଗୁଡ଼ିକରେ ୧୬୩୬ କୁମ୍ଭୀର ଥିବାବେଳେ ଏହାର ସୀମାନ୍ତରେ ଥିବା ନଦୀ, ନାଳରୁ ୧୦୬ଟି କୁମ୍ଭୀର ଛୁଆ ଠାବ କରାଯାଇଥିବା ଡିଏଫ୍‌ଓ ପ୍ରସନ୍ନ କୁମାର ଆଚାର୍ଯ୍ୟ କହିଛନ୍ତି। ଚଳିତମାସ ୯ ରୁ ୧୪ ତାରିଖ ପର୍ଯ୍ୟନ୍ତ କୁମ୍ଭୀର ଗଣନା କରାଯାଇଥିଲା। କୁମ୍ଭୀର ବିଶାରଦ ଡ.ସୁଧାକର କରଙ୍କ ନେତୃତ୍ୱରେ ୨୦ ଟିମ୍ କୁମ୍ଭୀର ଗଣନା କାର୍ଯ୍ୟରେ ସାମିଲ ହୋଇଥିଲେ। ଗଣନା ଶେଷ ହେବା ପରେ ମଙ୍ଗଳବାରଠାରୁ ପର୍ଯ୍ୟଟକଙ୍କ ପାଇଁ ଭିତରକନିକା ଖୋଲାଯିବା ବୋଲି ବନ ବିଭାଗ ସୂତ୍ରରୁ ପ୍ରକାଶ। ସୂଚନାଯୋଗ୍ୟ, ବିଦେଶାଗତ ପକ୍ଷୀ ଓ କୁମ୍ଭୀର ଗଣନା ପାଇଁ ଭିତରକନିକା ଗତ ୬ ରୁ ୧୪ପର୍ଯ୍ୟନ୍ତ ବନ୍ଦ ରହିଥିଲା।

### ହଜାରେ ଟଙ୍କା ଲାଗି ଜେଜେଙ୍କୁ ହତ୍ୟା

**ବେତନଟୀ,୧୪।୧ (ଡ଼ି.ଏନ.ଏ):** ମକର ଖର୍ଚ୍ଚ ଲାଗି ମାଗିଥିବା ହଜାରେ ଟଙ୍କା ନ ମିଳିବାରୁ ଘଟିଛି ହତ୍ୟାକାଣ୍ଡ। ଉତ୍ତ୍ୟକ୍ତ ନାତିର କାଠଫାଳିଆ ମାଡରେ ଜେଜେବାପାଙ୍କ ମୃତ୍ୟୁ ହୋଇଛି। ଏପରି ଅଭାବନୀୟ ଘଟଣା ବେତନଟୀ ବଡ଼ଜାମ୍ବଣି ଫାଣ୍ଡି ଅଧୀନ ଦାନ୍ତିଆମୁହାଁ ଗ୍ରାମରେ ଘଟିଛି। ମୃତକ ହେଲେ ବେଣୁଧର ଦେଉରୀର (୭୦)। ଜେଜେମା’ ରମା ଦେଉରୀଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା (ନଂ ୭/୧୯)ରେ ଏକ ହତ୍ୟା ମାମଲା ରୁଜୁ କରି ନାତି ରାମଚନ୍ଦ୍ର ଦେଉରୀଙ୍କୁ ଗିରଫ କରିଛି। ଗତ ରବିବାର ସନ୍ଧ୍ୟାରେ ରାମଚନ୍ଦ୍ର ନିଜ ଜେଜଙ୍କୁ ମକର ଖର୍ଚ୍ଚ କରିବା ପାଇଁ ହଜାରେ ଟଙ୍କା ମାଗିଥିଲେ। ମାତ୍ର ଜେଜେ ବାପା ପରେ ଦେବେ ବୋଲି କହିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ରାମଚନ୍ଦ୍ର ଏକ କାଠଫାଳିଆରେ ଜେଜେଙ୍କୁ ପ୍ରବଳ ମାଡ଼ ମାରିଥିଲେ। ଏଥିରେ ଗୁରୁତର ହୋଇ ପଡିଥିବା ବେଣୁଧର ଘରେ ଥିବା ବେଳେ ସୋମବାର ତାଙ୍କ ମୃତ୍ୟୁ ହୋଇଛି। ବେତନଟୀ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ କରି ଅଭିଯୁକ୍ତକୁ ଗିରଫ କରିଛନ୍ତି।




# ଆଜିଠୁ ଆରମ୍ଭ କୃଷି ମେଳା-୨୦୧୯

**ଭୁବନେଶ୍ୱର,୧୪।୧(ବ୍ୟୁରୋ)**

- ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ
- ୩୦ ଜିଲାର ୧୨୦ ଚାଷୀଙ୍କୁ ମିଳିବ ପୁରସ୍କାର
- ଚାଷୀ-ବୈଜ୍ଞାନିକଙ୍କ ମଧ୍ୟରେ ସିଧାସଳଖ ଆଲୋଚନା

ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ମଙ୍ଗଳବାରଠାରୁ କୃଷି ମେଳା-୨୦୧୯ ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ମେଳା ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମ ଚଳିତ ମାସ ୧୯ ଯାଏ ଚାଲିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ଗସ୍ତ ଦିନ ଏହି କାର୍ଯ୍ୟକ୍ରମ ରହିଛି। ତେଣୁ ଉଭୟ ପ୍ରଶାସନିକ-ରାଜନୈତିକ ଦୃଷ୍ଟିକୋଣରୁ ଏହି କାର୍ଯ୍ୟକ୍ରମର ଗୁରୁତ୍ୱ ବଢ଼ିଯାଇଛି। ପ୍ରଧାନମନ୍ତ୍ରୀଙ୍କ ବାରିପଦା ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ପୁରୀ ଠାରେ ମିଶନ୍ ଶକ୍ତି ସମାବେଶରେ ଯୋଗଦେଇ ବିଭିନ୍ନ ଯୋଜନାର ଶୁଭାରମ୍ଭ କରିଥିଲେ। ତେଣୁ କୃଷିମେଳାରେ ମୁଖ୍ୟମନ୍ତ୍ରୀ କି ଘୋଷଣା କରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିବ।

ଚଳିତ ମାସ ୧୧ରେ ଏହି କୃଷିମେଳା ମାସ୍କଟକୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚନ କରାଯାଇଛି। ବହୁଳ ବ୍ୟବହୃତ ଫଳ କନ୍ଦମୂଳ ତଥା ମିଠା ଆଳୁ ଆକୃତିର ଏକ ଚେହେରାକୁ ମାସ୍କଟ ଭାବେ ବ୍ୟବହାର କରାଯାଇଛି। ଓଡ଼ିଶାର ପ୍ରାୟ ୪୦,୪୦୯ ହେକ୍ଟରରେ ୩.୮୨ ମେଟ୍ରିକ ଟନ୍ କନ୍ଦମୂଳ ଉତ୍ପାଦନ କ୍ଷମତା ସହ ଓଡ଼ିଶା ଦେଶରେ ନମ୍ବର ୱାନ୍ ରାଜ୍ୟଭାବେ ପରିଣତ ହୋଇଛି। ଏହାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଅନ୍ତର୍ଜାତୀୟ ଆଳୁ ସେଣ୍ଟର(ସିଆଇପି) ସହ ମଧ୍ୟ ରାଜ୍ୟ ସରକାର ଅନୁବନ୍ଧିତ ହୋଇଛନ୍ତି। ବିଭିନ୍ନ ବୈଷୟିକ ପ୍ରଯୁକ୍ତିବିଦ୍ୟା ବିନିଯୋଗ କରି କୃଷିର ବିକାଶ ସମ୍ପର୍କିତ ସଚେତନତା ଉପରେ କୃଷକ ମେଳାରେ ଗୁରୁତ୍ୱ ଦିଆଯାଇଛି। କୃଷକଙ୍କୁ ସଶକ୍ତୀକରଣ ପାଇଁ ନିକଟରେ ଆରମ୍ଭ କରାଯାଇଥିବା ‘କାଳିଆ’ଯୋଜନା ସମ୍ପର୍କିତ ସଚେତନତାକୁ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ସୂତ୍ରରୁ ପ୍ରକାଶ। କୃଷି, ଉଦ୍ୟାନ କୃଷି, ମତ୍ସ୍ୟଚାଷ ଏବଂ ପଶୁପାଳନରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ୩୦ ଜିଲାର ପ୍ରାୟ ୧୨୦ ଚାଷୀଙ୍କୁ ଏହି ମେଳାରେ ପୁରସ୍କୃତ କରାଯିବ। ପାଞ୍ଚଦିନିଆ ମେଳାରେ କୃଷକ ଏବଂ ବୈଜ୍ଞାନିକମାନଙ୍କ ମଧ୍ୟରେ ୭ଟି ଭାବଗତ ଆଦାନ ପ୍ରଦାନ କାର୍ଯ୍ୟକ୍ରମ ରହିଛି। ପ୍ରାୟ ୧୮ଟି ଦେଶର ପ୍ରତିନିଧି ଏହି ମେଳାରେ ଭାଗ ନେବେ ବୋଲି ଜଣାପଡିଛି। କନ୍‌ଫେଡେରେଶନ୍ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ୍(ସିଆଇଆଇ) ସହଭାଗିତାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

■ କାଉନ୍‌ସେଲିଂ ଫେଲ୍, ଉଭୟଙ୍କୁ ରେସ୍ଓ୍ୱା ପଠାଇଲା ପୋଲିସ

# ‘ଅଲଗା ହେଲେ ଆତ୍ମହତ୍ୟା କରିବୁ’

**ପଟ୍ଟାମୁଣ୍ଡାଇ, ୧୪।୧ (ସ୍ୱ.ପ୍ର.)**

**କେନ୍ଦ୍ରାପଡ଼ାରେ ସମଲିଙ୍ଗୀ ବିବାହ ଘଟଣା**

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକରେ ସମଲିଙ୍ଗୀ ବିବାହକୁ ନେଇ ଏବେ ସାରା ରାଜ୍ୟରେ ଚର୍ଚ୍ଚା ଜୋର୍ ଧରିଛି। ଏହାକୁ ନେଇ ଲୋକମାନେ ଭିନ୍ନ ଭିନ୍ନ ମତ ଦେଉଥିବା ବେଳେ ଯୁବତୀ ଦ୍ୱୟଙ୍କ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଉଭୟଙ୍କୁ ବୁଝାଇବା ପାଇଁ ସୋମବାର ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ଅଫିସ୍‌ରେ କାଉନ୍‌ସେଲିଂ କରାଯାଇଥିଲା। ଏଥିରେ ଉଭୟ ଯୁବତୀଙ୍କ ମା’ବାପା, ଏସ୍‌ଡିପିଓ ରଞ୍ଜନ କୁମାର ଦେ, ପଟ୍ଟାମୁଣ୍ଡାଇ ଥାନା ଆଇଆଇସି ପ୍ରମୋଦ କୁମାର ମଲ୍ଲିକ, ତଦନ୍ତକାରୀ ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁ, ଆଇଏଚ୍‌ଆରସି ଜିଲା ମୁଖ୍ୟ ପ୍ରତାପ ପାଢୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସେମାନଙ୍କୁ ବୁଝାଇବାକୁ ବହୁ ଉଦ୍ୟମ କରାଯାଇଥିଲେ ହେଁ ପରସ୍ପରକୁ ଛାଡି ରହିବାକୁ ସେମାନେ ଆଦୌ ରାଜି ହୋଇ ନଥିଲେ। ଏପରିକି ପରିବାର ଓ ଆତ୍ମୀୟମାନଙ୍କୁ ଛାଡି ସେମାନେ ଏକୁଟିଆ ରହିବେ ବୋଲି କହିଥିଲେ। ଯଦି ପରିବାର ଲୋକେ ଜବରଦସ୍ତି ଅଲଗା କରିବାକୁ ଚେଷ୍ଟା କରନ୍ତି, ତେବେ ସେମାନେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବେ ବୋଲି କହିଥିଲେ। ଶେଷରେ ପୋଲିସ ଉଭୟଙ୍କୁ କେନ୍ଦ୍ରାପଡ଼ାସ୍ଥିତ ସ୍ୱଳ୍ପ ରହଣି କେନ୍ଦ୍ର ରେସ୍‌ଓ୍ୱାକୁ ପଠାଇ ଦେଇଛି।

ସୂଚନାଯୋଗ୍ୟ, ଗତ ୧୨ ତାରିଖରେ ପଟ୍ଟାମୁଣ୍ଡାଇ ବ୍ଲକ ଓ ମହାକାଳପଡ଼ା ବ୍ଲକ ଅଞ୍ଚଳର ଦୁଇ ଯୁବତୀ କେନ୍ଦ୍ରାପଡ଼ା ନୋଟାରୀରେ ଶପଥ ପାଠ କରି ସମଲିଙ୍ଗୀ ବିବାହ କରିଥିଲେ। ଉଭୟେ କଲେଜରେ ପଢ଼ିବା ସମୟରୁ ପରସ୍ପରକୁ ଭଲପାଉଥିବା ବେଳେ ଏବେ ଦୁଇଜଣ କଟକର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। କଟକରେ ଦୁହେଁ ଏକାଠି ରହୁଥିଲେ। ଗତ କିଛି ମାସ ପୂର୍ବେ ସମଲିଙ୍ଗୀ ସମ୍ପର୍କକୁ ସୁପ୍ରିମ୍‌କୋର୍ଟ ଅପରାଧ ମୁକ୍ତ ବୋଲି ରାୟ ଦେବା ପରେ ଉଭୟେ ବିବାହ କରିବାକୁ ସ୍ଥିର କରିଥିଲେ। ପରିବାର ଲୋକଙ୍କ ବିରୋଧ ସତ୍ତ୍ୱେ ଉଭୟେ ନୋଟାରୀରେ ବାହାହୋଇଥିଲେ। ଏ ନେଇ ସେମାନଙ୍କ ପରିବାର ପକ୍ଷରୁ ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗକୁ ଭିତ୍ତି କରି ମାମଲା ରୁଜୁ କରିବା ସହ ଏହାର ତଦନ୍ତ ଚଳାଇଛି।

# ଆର୍‌ଟିଓ ଅଫିସରେ ଲାଗିବ କିଓସ୍କ ମେଶିନ

**କଟକ ଅଫିସ, ୧୪।୧**

**କଟକରୁ ହେବ ଶୁଭାରମ୍ଭ**

ରାଜ୍ୟର ସମସ୍ତ ଆର୍‌ଟିଓ ଅଫିସରେ ଲାଗିବ ଇନ୍‌ଫର୍ମେଶନ କିଓସ୍କ ମେଶିନ। ଜାନୁୟାରୀ ୧୬ରେ କଟକରୁ ଏହି ନୂଆ ଯୋଜନାର ଶୁଭାରମ୍ଭ କରାଯିବ। କଟକକୁ ପାଇଲଟ ପ୍ରୋଜେକ୍ଟ ଭାବେ ଗ୍ରହଣ କରାଯାଇଛି। ଏହି ମେଶିନ ଦ୍ୱାରା ପରିବହନ ବିଭାଗର ସମସ୍ତ ତଥ୍ୟ ଯେ କେହି ପାଇପାରିବ। କଟକ ଆର୍‌ଟିଓ ଦୀପ୍ତିରଞ୍ଜନ ପାତ୍ରଙ୍କ କହିବା ଅନୁଯାୟୀ, ସମ୍ପ୍ରତି ପରିବହନ ବିଭାଗର ସମସ୍ତ ସେବା ଅନ୍‌ଲାଇନରେ କରାଯାଉଛି। ଡ୍ରାଇଭିଂ ଲାଇସେନ୍ସଠାରୁ ଆରମ୍ଭ କରି ଫିଟ୍‌ନେସ୍, ଟିକସ ପୈଠ ଆଦି ସେବାଗୁଡ଼ିକ ଅନ୍‌ଲାଇନରେ ଉପଲବ୍ଧ ଅଛି। ମାତ୍ର ଏହି ସୁବିଧା ପାଇଁ ଲୋକେ ସାଇବର କେଫ୍ ଆଦି ସ୍ଥାନକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ଲୋକଙ୍କୁ ସୁବିଧା ଯୋଗାଇଦେବା ସହିତ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ପାଇଁ ସରକାର ଏଭଳି ପଦକ୍ଷେପ ନେଉଥିବା ପାତ୍ର କହିଛନ୍ତି।

■ ସୁବର୍ଣ୍ଣରେଖାରେ ବେଆଇନ ବାଲି ଖନନ

# କାର୍ଯ୍ୟାନୁଷ୍ଠାନ ପାଇଁ ବାଲେଶ୍ୱର ଜିଲାପାଳଙ୍କୁ ନିର୍ଦ୍ଦେଶ


**କଟକ ଅଫିସ, ୧୪।୧**

ବାଲେଶ୍ୱର ଜିଲା ଜଳେଶ୍ୱର ତହସିଲ ଅଧୀନ ସୁବର୍ଣ୍ଣରେଖା ନଦୀରୁ ବେଆଇନ ବାଲି ଖନନ କରାଯାଉଛି। ନଦୀର ସେକ୍‌ସରାଇ(ଖ) ଘାଟରେ ଏଭଳି ବେଆଇନ କାର୍ଯ୍ୟ ଜାରି ରହିଛି। ବାଲି ମାଫିଆମାନେ ନଦୀସ୍ରୋତକୁ ବାଲିବନ୍ଧ ମାଧ୍ୟମରେ ଅଟକାଇ ବାଲି ଖନନ କରୁଛନ୍ତି; ଯଦ୍ୱାରା ନଦୀର ପ୍ରାକୃତିକ ଧାରା ଅବରୋଧ ହୋଇଛି। ଏଭଳିସ୍ଥଳେ ନଦୀ ଗତିପଥରେ ପରିବର୍ତ୍ତନ ହେବା ଆଶଙ୍କା କରିଛନ୍ତି ସେକ୍‌ସରାଇ ଗ୍ରାମବାସୀ। ଏନେଇ ଗ୍ରାମବାସୀ ପୂର୍ବରୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବାଲେଶ୍ୱର ଜିଲାପାଳ ଓ ଜଳେଶ୍ୱର ତହସିଲଦାରଙ୍କ ନିକଟରେ ବହୁବାର ଅଭିଯୋଗ କରିଥିଲେ। ହେଲେ କେହି କର୍ଣ୍ଣପାତ କରି ନ ଥିଲେ। ଫଳରେ ଗ୍ରାମବାସୀ ଏହି ସମସ୍ୟାକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ(ଏନ୍‌ଜିଟି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମବାସୀଙ୍କ ଆବେଦନର ଶୁଣାଣି କରି ଏନ୍‌ଜିଟି ଏ ସମ୍ପର୍କରେ ବାଲେଶ୍ୱର ଜିଲାପାଳଙ୍କୁ କ୍ଷେତ୍ର ପରିଦର୍ଶନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଏନ୍‌ଜିଟିରେ ମାମଲା ପରିଚାଳନା କରୁଥିବା ଆଡଭୋକେଟ ଶଙ୍କର ପ୍ରସାଦ ପାଣିଙ୍କ କହିବା ଅନୁଯାୟୀ ବାଲି ମାଫିଆମାନେ ଏସ୍କାଭେଟର ମେଶିନରେ ବାଲି ଖନନ କରିବା ଦ୍ୱାରା ନଦୀର ଜୈବ ବିବିଧତା ନଷ୍ଟ ହେଉଛି। ଏହାବାଦ୍ ହାଇୱା ସାହାଯ୍ୟରେ ବାଲି ପରିବହନ କରିବା ଦ୍ୱାରା ନଦୀବନ୍ଧ ମଧ୍ୟ ଦୁର୍ବଳ ହେଉଛି। ତେଣୁ ଏଭଳି ସମ୍ବେଦନଶୀଳ ଘଟଣା ପ୍ରତି ସ୍ଥାନୀୟ ପ୍ରଶାସନ ଆଖି ବୁଜିଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

# ୨୦ ଯାଏ ହାଲୁକା ଶୀତ

**ଭୁବନେଶ୍ୱର,୧୪।୧(ବ୍ୟୁରୋ)**

ପାରଦ ଉପରମୁହାଁ ହୋଇଛି। କେବଳ ଦୁଇଟି ସ୍ଥାନକୁ ବାଦ ଦେଲେ ରାଜ୍ୟର ସମସ୍ତ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀରୁ ୧୬ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଛି। ସୋମବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୯.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡି ୧୦, ଅନୁଗୋଳ ୧୦.୬ ଏବଂ ସୁନ୍ଦରଗଡରେ ସର୍ବନିମ୍ନ ତାପମାତ୍ରା ୧୦.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ଦିନର ତାପମାତ୍ରା ମଧ୍ୟ ବଢ଼ିବାରେ ଲାଗିଛି। ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୦ ତାରିଖ ଯାଏ ପାଗରେ କୌଣସି ପରିବର୍ତ୍ତନ ହେବ ନାହିଁ। ହାଲୁକା ଶୀତ ସହିତ ପାଗ ଶୁଖିଲା ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓଡ଼ିଶାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର କୁହୁଡ଼ି ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।




■ ଉତ୍କଳ ଜନନୀ ପୂଜନ ସଙ୍କଳ୍ପ ସମାରୋହ

# ସମର୍ପିତ ହୋଇ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

**ଭୁବନେଶ୍ୱର, ୧୪।୧(ବ୍ୟୁରୋ)**

- ସ୍ୱତନ୍ତ୍ର ଲଫାପା ଓ ଡାକ ଟିକଟ ଉନ୍ମୋଚନ
- ଏକ ସଙ୍ଗେ ବନ୍ଦେ ଉତ୍କଳ ଜନନୀ ବୋଲିଲେ ହଜାର ହଜାର ଛାତ୍ରୀଛାତ୍ର

ବନ୍ଦେ ଉତ୍କଳ ଜନନୀ ହେଉଛି ସବୁ ଓଡ଼ିଆଙ୍କ ପ୍ରିୟ ସଙ୍ଗୀତ। ଏହା କେବଳ ଏକ ସଙ୍ଗୀତ ନୁହେଁ, ୪ କୋଟି ଓଡ଼ିଆଙ୍କ ସ୍ୱାଭିମାନର ପ୍ରତୀକ। ଏଥିରେ ଉତ୍କଳ ମାତାଙ୍କ ପ୍ରତି ଭକ୍ତି ଓ ଉତ୍କଳର ବିକାଶ ପାଇଁ ଶକ୍ତି ଭରି ରହିଛି। ସବୁ ଓଡ଼ିଆ ମାଟି ମା’ଙ୍କୁ ଭଲପାଇବା ସହିତ ମା’ର ଗୌରବ ବୃଦ୍ଧି ପାଇଁ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି। ସୋମବାର ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଓଡ଼ିଶା ଶାଖା ପକ୍ଷରୁ ଆୟୋଜିତ ଉତ୍କଳ ଜନନୀ ପୂଜନ ସଙ୍କଳ୍ପ ସମାରୋହରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଛାତ୍ର ଓ ଯୁବ ସମାଜ ସମର୍ପିତ ଭାବ ରଖି ଉତ୍କଳ ଜନନୀ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ଭାରତୀୟ ଡାକ ବିଭାଗ ପକ୍ଷରୁ ପ୍ରକାଶିତ ଏକ ସ୍ୱତନ୍ତ୍ର ଲଫାପା ଓ ଡାକ ଟିକଟକୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଉନ୍ମୋଚନ କରିଛନ୍ତି।

ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ପ୍ରତିଷ୍ଠାତା ତଥା ରାଜ୍ୟ ସାଧାରଣ ସମ୍ପାଦକ ଡ. କରୁଣାକର ପ୍ରଧାନ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର, ଏମ୍‌ପି ପ୍ରଶାନ୍ତ ନନ୍ଦ, ବିଧାୟକ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହିଅବସରରେ ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତଙ୍କ ନେତୃତ୍ୱରେ ହଜାର ହଜାର ଛାତ୍ରୀଛାତ୍ର, ଗୁରୁମା, ଗୁରୁଜୀ ଓ ଅଭିଭାବକ ଏକତ୍ର ହୋଇ ସାମୁହିକ ଭାବରେ ପ୍ରଥମେ ‘ବନ୍ଦେ ଉତ୍କଳ ଜନନୀ’, ପରେ ମହାତ୍ମା ଗାନ୍ଧୀଙ୍କ ପ୍ରିୟ ଭଜନ ‘ବୈଷ୍ଣବ ଜନ୍‌ତୋ’ ଗାନ କରିଥିଲେ। ସମାରୋହରେ ଓଡ଼ିଶାର ପାରମ୍ପରିକ ଲୋକକଳା ତଥା ସଙ୍କୀର୍ତ୍ତନ, ଯୋଡ଼ିଶଙ୍ଖ, ଘୁମୁରା, ଦାସକାଠିଆ, ନାଗା ନୃତ୍ୟ, ପାଇକ ନୃତ୍ୟ, ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ଆଦି ଦେଖିବାକୁ ମିଳିଥିଲା।



ବନ୍ଦେ ଉତ୍କଳ ଜନନୀ ପୂଜନ ସଂକଳ୍ପ ସମାରୋହରେ ଛାତ୍ରୀଛାତ୍ରମାନେ ସଂଗୀତ ଗାନ କରୁଛନ୍ତି।



ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୁଖୀ ଏକ ସତ୍ୟ। କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ। ସବୁ ବିଫଳତା ହେଉଛି ଏକ ଲୁକ୍କାୟିତ ସଫଳତା। ସବୁ ଦୁର୍ବଳତା ହେଉଛି- ପ୍ରକୃତିରେ ନିଜକୁ ଦେଖାଯାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା।
-ଶ୍ରୀଅରବିନ୍ଦ



# ସିକ୍ରି ବିକ୍ରି

ଗତବର୍ଷ ଜାନୁୟାରୀ ୧୨ରେ ସୁପ୍ରିମକୋର୍ଟର ୪ଜଣ ବରିଷ୍ଠ ବିଚାରପତି ତତ୍କାଳୀନ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଥିଲେ। ସେହି ଅଭିଯୋଗକାରୀଙ୍କ ମଧ୍ୟରେ ଆଜିର ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଥିଲେ ଅନ୍ୟତମ। ଦେଶର ସର୍ବୋଚ୍ଚ ନ୍ୟାୟ ବ୍ୟବସ୍ଥାରେ ଖୋଲାଖୋଲି ବିଦ୍ରୋହକୁ ନେଇ ସେତେବେଳେ ଦେଶବ୍ୟାପୀ ଚହଳ ପଡ଼ିଯାଇଥିଲା। ଏହାର ଠିକ୍ ବର୍ଷେ ପରେ ଅର୍ଥାତ୍ ୧୩ ଜାନୁୟାରୀ ୨୦୧୯ରେ ନ୍ୟାୟପାଳିକାର ଚରିତ୍ର ଉପରେ ପୁଣି ପ୍ରଶ୍ନ ଉଠିଛି। ସୁପ୍ରିମକୋର୍ଟ ବିଚାରପତି ଅର୍ଜନ କୁମାର ସିକ୍ରିଙ୍କୁ କମନ୍‌ୱେଲ୍ଥ ସେକ୍ରେଟାରିଏଟ୍ ଆର୍ବିଟ୍ରାରି ଟ୍ରିବ୍ୟୁନାଲ (ସିଏସ୍ଏଟି)କୁ ଭାରତର ପ୍ରତିନିଧି ଭାବେ ପଠାଇବାକୁ ମୋଦି ସରକାର ଡିସେମ୍ବର ୨୦୧୮ରେ ନିଷ୍ପତ୍ତି ନେଇଥିଲେ। ଏ ନେଇ ପ୍ରଧାନ ବିଚାରପତି ଗୋଗୋଇଙ୍କ ମାଧ୍ୟମରେ ବିଚାରପତି ସିକ୍ରିଙ୍କ ନିକଟରୁ ମତ ଲୋଡ଼ାଯିବା ସକାଶେ ବାର୍ତ୍ତା ପଠାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସିକ୍ରି ହେଉଛନ୍ତି ସର୍ବୋଚ୍ଚ ଅଦାଲତର ଦ୍ୱିତୀୟ ବରିଷ୍ଠତମ ବିଚାରପତି। ତାଙ୍କୁ ପଠାଯିବାକୁ ଥିବା ସିଏସ୍ଏଟିର ମୁଖ୍ୟାଳୟ ଲଣ୍ଡନଠାରେ ଅବସ୍ଥିତ। ୫୩ ସଦସ୍ୟ ବିଶିଷ୍ଟ ଏହି ସଙ୍ଗଠନ ଅନ୍ତର୍ଜାତୀୟ ବିବାଦର ବିଚାର ଓ ସମାଧାନ କରିଥାଏ। ମାର୍ଚ୍ଚ ୬ରେ ଅବସର ନେବାକୁ ଥିବା ସିକ୍ରିଙ୍କ ପାଇଁ ଉକ୍ତ ପଦବୀ ଅତ୍ୟନ୍ତ ଆକର୍ଷଣୀୟ ଉପହାର ଥିଲା। ସାଧାରଣରେ ଜଣେ ଭଦ୍ର ଓ ଦୁର୍ନୀତିମୁକ୍ତ ବିଚାରପତି ଏହିଭଳି ଅବସର ପରବର୍ତ୍ତୀ ସମୟ ପାଇଁ ମିଳୁଥିବା ପଦବୀକୁ ମନା କରିବା କଥା। କିନ୍ତୁ ସିକ୍ରି ସେଭଳି ଚରିତ୍ର ପ୍ରଦର୍ଶନ କରିବା ପରିବର୍ତ୍ତେ ଜଣେ ଦୁର୍ବଳ ବ୍ୟକ୍ତିତ୍ୱର ପରିଚୟ ଦେଇ ଉପହାରକୁ ସ୍ୱୀକାର କରିଯାଇଥିଲେ। କଥାଟି ସେଇଟି ଲୁଚିଯାଇଥାଆନ୍ତା। ଭାରତରେ ପୂର୍ବରୁ ମଧ୍ୟ କେତେଜଣ ବିଚାରପତି ଅବସର ପରେ ଚାକିରିର ଲୋଭ ଦେଖି ନ୍ୟାୟାଳୟରେ ଥିବା ସମୟକୁ ଅପବ୍ୟବହାର କରିଥିବାର ଦୃଷ୍ଟାନ୍ତ ରହିଛି। ସିକ୍ରି ମଧ୍ୟ ସେହିପରି ନିଜର କ୍ଷମତା ଅପବ୍ୟବହାର କରିଥିଲେ। ତେବେ ବିବାଦୀୟ ପରିସ୍ଥିତି ଉପୁଜିବାରୁ ସେ ଉକ୍ତ ପଦବୀ ପାଇଁ ସହମତି ପ୍ରତ୍ୟାହାର କରି ନେଇଛନ୍ତି।

ଏବେ ବିବାଦକୁ ଦୃଷ୍ଟି ପକାଇବା। ଆଲୋକ ବର୍ମା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିର୍ଦ୍ଦେଶକ ଥିବା ବେଳେ ମୋଦି ସରକାରଙ୍କ ସହ ମତଭେଦ ହୋଇଥିଲା। ଫଳରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ) ହସ୍ତକ୍ଷେପ ପରେ ୨୦୧୮ ଅକ୍ଟୋବର ୨୩ରେ ତାଙ୍କୁ ପଦରୁ ହଟାଇ ଦିଆଯାଇ ବାଧ୍ୟତାମୂଳକ ଛୁଟିରେ ପଠାଇ ଦିଆଯାଇଥିଲା। ସରକାରଙ୍କ ପଦକ୍ଷେପକୁ ଚ୍ୟାଲେଞ୍ଜ କରି ଆଲୋକ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୧୯ ଜାନୁୟାରୀ ୮ରେ ପ୍ରଧାନ ବିଚାରପତି ଗୋଗୋଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଆଲୋକ ବର୍ମାଙ୍କୁ ପୁନଃ ସିବିଆଇ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରିଥିଲେ। ଏହାସହ ସିବିଆଇ ନିର୍ଦ୍ଦେଶକଙ୍କୁ ଚୟନ କରି ନିଯୁକ୍ତି ଦେଉଥିବା ତଥା ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଓ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କୁ ନେଇ ଗଠିତ ଉଚ୍ଚକ୍ଷମତାସମ୍ପନ୍ନ କମିଟି କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି)ଙ୍କ ତଦନ୍ତ ଆଧାରରେ ଆଲୋକଙ୍କ ଉପରେ ପରବର୍ତ୍ତୀ ପଦକ୍ଷେପ ନେବ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ। ଏଭଳିସ୍ଥଳେ ନିଜେ ଦେଇଥିବା ରାୟ ଉପରେ ପୁନର୍ବାର ମତ ଦେବା ଅନୁଚିତ ହେବ ବୋଲି ବାହାନା ଦେଖାଇ ଗୋଗୋଇ ଉକ୍ତ କମିଟିରୁ ଦୂରେଇଯାଇଥିଲେ। ତେବେ କଲେ କ'ଣ ? ଅତି ଚତୁରତାର ସହିତ ଏବଂ ପୂର୍ବରୁ ସିକ୍ରିଙ୍କୁ କେନ୍ଦ୍ର ସରକାରଙ୍କ ତରଫରୁ ଏଭଳି ଏକ ଆକର୍ଷଣୀୟ ଉପହାର ମିଳିଛି ବୋଲି ଭଲ ଭାବେ ଜାଣିବା ସତ୍ତ୍ୱେ ଗୋଗୋଇ ସେହି ସିକ୍ରିଙ୍କୁ କମିଟିର ସଦସ୍ୟ ଭାବେ ମନୋନୀତ କଲେ। ଏହା ପରେ ଜାନୁୟାରୀ ୧୦ରେ ପ୍ରଧାନମନ୍ତ୍ରୀ ମୋଦି, ଲୋକ ସଭାରେ କଂଗ୍ରେସ ଦଳ ନେତା ମଲ୍ଲିକାର୍ଜ୍ଜୁନ ଖାର୍ଗେ ଏବଂ ସିକ୍ରିଙ୍କୁ ନେଇ ଚୟନ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ସହ ସିକ୍ରି ଏକମତ ହୋଇଯିବାରୁ ୨:୧ ସଂଖ୍ୟାଗରିଷ୍ଠତାରେ ଆଲୋକ ବର୍ମାଙ୍କୁ ପଦରୁ ହଟାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାର ପରିଣାମସ୍ୱରୂପ ଆଲୋକ ଗାଦିଚ୍ୟୁତ ହୋଇଥିଲେ।

ଘଟଣାକ୍ରମକୁ ଦେଖିଲେ ପ୍ରଥମେ ସିକ୍ରି ବିକ୍ରି ହୋଇଯାଇଥିଲେ। ଦ୍ୱିତୀୟରେ ସିକ୍ରି ବିକ୍ରି ହୋଇଯାଇଛନ୍ତି ବୋଲି ଗୋଗୋଇ ଜାଣିବା ସତ୍ତ୍ୱେ ନିଜର ଭାବମୂର୍ତ୍ତି ରକ୍ଷା କରିବାକୁ ଯାଇ ତାଙ୍କୁ ଚୟନ କମିଟିକୁ ମନୋନୀତ କଲେ। ଅନ୍ୟରୂପରେ କହିବାକୁ ଗଲେ ଅତି ସୂକ୍ଷ୍ମ ଭାବେ ନରେନ୍ଦ୍ର ମୋଦିଙ୍କ ଇଚ୍ଛାକୁ ଫଳବତୀ କରାଇଦେଲେ। ଗୋଗୋଇ ନିଜେ ମୋଦି ସପକ୍ଷବାଦୀ ବୋଲି ରାଫାଲ ରାୟରେ ଜନସାଧାରଣଙ୍କଠାରେ ସନ୍ଦେହ ସୃଷ୍ଟି ହୋଇଥିଲା। ଆଲୋକ ବର୍ମାଙ୍କୁ ପୁନଃ ନିଯୁକ୍ତି ଦେବା ଫଳରେ ସରକାର ବିରୋଧୀ ନିଷ୍ପତ୍ତି ନେବା ପାଇଁ ଗୋଗୋଇ ସକ୍ଷମ ବୋଲି ଜନସାଧାରଣଙ୍କ ମନରେ ବିଶ୍ୱାସ ଉପୁଜିଲା। କିନ୍ତୁ ବାସ୍ତବରେ ଏହା କେବଳ ଏକ ମୋଦି ସପକ୍ଷବାଦୀ ଖେଳ ନୁହେଁ, ଭାରତବର୍ଷ ପ୍ରତି ବିରାଟ ଠକେଇ ବୋଲି କୁହାଯାଇପାରିବ। କାରଣ ସର୍ବୋଚ୍ଚ ନ୍ୟାୟାଳୟର ସବୁ ବିଚାରପତି ଏବେ ବିଭିନ୍ନ ପ୍ରକାର ଦୁର୍ନୀତି ସହ ସମ୍ପୃକ୍ତ ଥାଇପାରନ୍ତି ବୋଲି ଦେଶର ଲୋକେ ଭାବିବାକୁ ଆରମ୍ଭ କଲେଣି।

ତଥାଗତ ସତପଥୀ

## ଚିରନ୍ତନୀ

ନିରାଟ ନିର୍ଜୀବ ଆହେ ନିରୁପମ
ରୂପବାନ୍ ଧାତୁ!
ପ୍ରକଟିଲା ଧରା ପରେ ଜ୍ୟୋତି ତବ
ସେ କେଉଁ ପ୍ରଭାତୁଁ ?
(ସୁନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | 0 | E | 3 | | A | | | | |
| D | | | 1 | | | | | 6 | | | | | A | |
| | | | 5 | E | C | 2 | | | | | | | | |
| | | 3 | | 4 | | | | | | 9 | | | 1 | B |
| 2 | | 8 | B | | | | 9 | 5 | | | C | | | |
| 5 | | 1 | D | | | | | A | | | | | | |
| 3 | | 0 | | | 8 | | | | | 5 | A | B | | 4 |
| | 4 | | E | 0 | | B | | | C | 7 | | | | |
| | E | | C | | 6 | | 3 | 8 | B | | | | D | |
| | | | | 9 | | 7 | | | 2 | | D | 0 | | C |
| A | 0 | | | C | | | | | | | | | 4 | |
| | 7 | | | | | | B | | 9 | | | | | A |
| 8 | 3 | E | | | | | C | | | 4 | | | | |
| | C | | | 2 | | A | | | 6 | 3 | | | E | 7 |
| | 4 | | D | | 9 | 1 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 1 | E | 7 | A | 4 | D | 9 | 8 | 2 | 0 | C | 5 | 6 | 3 |
| 8 | 2 | A | D | E | 0 | 7 | B | C | 6 | 3 | 5 | 9 | 1 | 4 |
| 4 | 3 | 9 | C | B | 2 | 6 | 5 | A | 1 | 8 | 7 | 0 | E | D |
| D | 6 | 5 | 3 | 9 | 8 | 0 | 2 | 1 | 4 | B | E | C | 7 | A |
| 7 | C | 0 | 6 | 1 | 5 | 3 | 4 | E | 9 | A | D | B | 8 | 2 |
| 0 | D | 2 | 8 | 7 | 6 | C | 3 | 9 | B | E | 1 | 4 | A | 5 |
| E | 4 | 3 | A | C | D | 5 | 1 | 0 | 8 | 9 | 2 | 7 | B | 6 |
| 9 | 5 | 1 | 2 | 4 | B | A | 8 | 7 | C | 6 | 3 | E | D | 0 |
| A | 8 | C | 9 | 5 | E | B | D | 6 | 7 | 4 | 0 | 3 | 2 | 1 |
| 6 | 7 | B | 0 | 3 | 1 | 4 | E | 2 | 5 | D | A | 8 | C | 9 |
| 1 | B | 8 | 5 | 6 | C | 2 | 0 | D | 3 | 7 | 9 | A | 4 | E |
| C | 0 | 4 | 1 | D | 7 | E | 6 | 3 | A | 5 | 8 | 2 | 9 | B |
| 2 | E | 7 | 4 | 0 | 3 | 9 | A | B | D | C | 6 | 1 | 5 | 8 |
| 5 | A | 6 | E | 8 | 9 | 1 | C | 4 | 0 | 2 | B | D | 3 | 7 |
| 3 | 9 | D | B | 2 | A | 8 | 7 | 5 | E | 1 | 4 | 6 | 0 | C |

ଗତକାଲିର ଉତ୍ତର

# ଆମ ଭିଆଇପି ସଂସ୍କୃତି



ବୈକୁଣ୍ଠ ନାଥ ମିଶ୍ର

ଭାରତ ସ୍ୱାଧୀନ ହେବା ସହ ଏ ଦେଶରୁ ରାଜତନ୍ତ୍ରର ବିଲୋପ ଘଟି ଗଣତନ୍ତ୍ର ପ୍ରତିଷ୍ଠିତ ହୋଇଛି। ୧୯୫୦ ଜାନୁୟାରୀ ୨୬ ତାରିଖଠାରୁ ଏଯାବତ୍ ସାତ ଦଶନ୍ଧି ଧରି ଭାରତୀୟ ଜନତା ଗଣତନ୍ତ୍ରକୁ ପ୍ରତ୍ୟକ୍ଷ କରି ଆସୁଛନ୍ତି। କିନ୍ତୁ ଗଣତନ୍ତ୍ରର ଅର୍ଥ ଓ ବାସ୍ତବତା ମଧ୍ୟରେ ଥିବା ବ୍ୟବଧାନ ଭାରତୀୟ ଜନଗଣଙ୍କୁ ବିସ୍ମିତ କରିଛି ଯେ ଏ କ'ଣ ସେହି ଶାସନ ବ୍ୟବସ୍ଥା, ଯାହାର ପ୍ରାପ୍ତି ପାଇଁ ଏତେ ସଂଗ୍ରାମ ଓ ରକ୍ତଦାନ କରିବାକୁ ପଡିଥିଲା ? କାରାଗାରର ଅନ୍ଧକାରାଚ୍ଛନ୍ନ କୋଠରିରେ ଜିଅନ୍ତା ଶବର ଅନୁଭୂତି ନେଇ ବିଦେଶୀ ହାତରୁ ଦେଶକୁ ମୁକ୍ତ କରିଥିବା ମହାନାୟକମାନଙ୍କର ସେ ଦୁଃଖ, ନିର୍ଯାତନାକୁ ଉପହାସ କରି ମୁଷ୍ଟିମେୟ ଶାସକ ଗୋଷ୍ଠୀ ପାଇଁ ଗଣତନ୍ତ୍ର ଆଜି ଉପଭୋଗର କ୍ଷେତ୍ର ପାଲଟିଛି। ରାଜତନ୍ତ୍ରର କ୍ରୁର କାଳିମାମୟ ଦିନଗୁଡିକର ଅବସାନ ପରେ ଯେଉଁ ନୂତନ ସୂର୍ଯ୍ୟର ଦେଦୀପ୍ୟମାନ ଶିଖା ଏ ଦେଶର କୋଣ ଅନୁକୋଣରେ ବିଚ୍ଛୁରିତ ହୋଇଥିଲା, ତାହାର ଦାହିକାଶକ୍ତି ଯେ ଏତେ ପୀଡ଼ାଦାୟକ ହେବ, ସେତେବେଳେ ସାଧାରଣ ଜନତା ବୁଝିପାରି ନ ଥିଲା।

ଦେଶ ଆମର ସତ, କିନ୍ତୁ ଦେଶକୁ ଆମେ ଚଳାଉନାହୁଁ। ଯେଉଁମାନେ ନାଉରି ସାଜି ଦେଶ ନାଆର କାତ ଧରିଲେ, ସେମାନେ ନାଆ ଚଳାଇବେ କ'ଣ, ନାଆକୁ ଏପରି ସ୍ଥିତିକୁ ଆଣିଛନ୍ତି ଯେ, ଦରିଆ ମଝିରେ ନାଆ ଟଳମଳ। ନାଉରି ଯାତ୍ରୀଙ୍କ ନିରାପତ୍ତା ଚିନ୍ତା ନ କରି ନିଜ ରୋଜଗାରରେ ବ୍ୟସ୍ତ। ଯାତ୍ରୀ ନିରାଶ ହୋଇ ଈଶ୍ୱରଙ୍କୁ ଭରସା କରିବା ଛଡା ଅନ୍ୟ ରାସ୍ତା ନାହିଁ। ସେବକ ଆଉ ରକ୍ଷକ ନୁହେଁ, ସେ ଭକ୍ଷକର ରୂପ ନେଇସାରିଲାଣି। ସେବକ ଭିଆଇପି ସ୍ତରକୁ ଉନ୍ନୀତ ହେଲେଣି। ସାଧାରଣ ଜନତା କେବଳ ନୁହେଁ, ଭିଆଇପିଙ୍କର ଅଧସ୍ତନଙ୍କ ପ୍ରତି ନିଷ୍ଠୁରତା ଭାବ ସେମାନଙ୍କ ମନରେ ଦୁର୍ବିଷହ ଅସୂୟା ଭାବ ସୃଷ୍ଟି କଲାଣି। ନିକଟରେ ଦିଲ୍ଲୀ ନିକଟସ୍ଥ ଗୁଡ୍‌ଗାଓଁର ଅତିରିକ୍ତ ଦୌରାଜଜ୍‌ଙ୍କ ବ୍ୟକ୍ତିଗତ ସୁରକ୍ଷା କର୍ମୀ ମହୀପାଲ ସିଂ ବିଚାରପତିଙ୍କ ସ୍ତ୍ରୀ ଓ ନାବାଳକ ପୁତ୍ରକୁ ଗୁଳିକରି ଦୌରାଜଜ୍‌ଙ୍କୁ ଏକଥା ଫୋନ ଯୋଗେ ଜଣାଇଦେଲେ। ଗୁଳି କରିବାର କାରଣ ହେଲା ବିଚାରପତି କୃଷ୍ଣକାନ୍ତ ଶର୍ମା ଓ ତାଙ୍କ ପରିବାର ତାଙ୍କୁ କଥା କଥାକେ ଗାଳିଗୁଲଜ କରୁଥିଲେ ଓ ଦିନଟିଏ ବି ଛୁଟି ଦେଉ ନ ଥିଲେ। ମାନସିକ ଅବସାଦ ଓ ଅବ୍ୟକ୍ତ ଯନ୍ତ୍ରଣାର ଏ ହେଉଛି ପ୍ରତିଫଳନ। ଭିଆଇପିମାନଙ୍କ ଅଧସ୍ତନଙ୍କ ପ୍ରତି ହୀନମନ୍ୟତାର ଏହା ଦାରୁଣ ପରିଣତି। ଭିଆଇପିଙ୍କର ପ୍ରତିଟି ଘରୋଇ କର୍ମ ସମ୍ପାଦନ ପାଇଁ ସରକାରୀ ବେତନଭୋଗୀ କର୍ମଚାରୀ ନିଯୁକ୍ତ। କ'ଣ ସେମାନଙ୍କ ପାଖରେ ଅଣସରକାରୀ ସହାୟକ ନିଯୁକ୍ତି ପାଇଁ ପଇସା ନାହିଁ ?

ଆବ୍ରାହମ୍ ଲିଙ୍କନ ଗଣତନ୍ତ୍ରର ଯେଉଁ ସଂଜ୍ଞା ନିରୂପଣ କରିଥିଲେ, ଏହା ଲୋକମାନଙ୍କ ପାଇଁ, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କର- ତାହା ସମ୍ପ୍ରତି ନୂତନ ରୂପ ଧାରଣ କରି ଭିଆଇପିଙ୍କ ପାଇଁ, ଭିଆଇପିଙ୍କ ଦ୍ୱାରା ଓ ଭିଆଇପିଙ୍କର ବୋଲି ସାବ୍ୟସ୍ତ ହୋଇସାରିଛି। ୨୦୧୮ ଅଗଷ୍ଟ ଶେଷ ସପ୍ତାହରେ ମାଡ୍ରାସ୍ ଉଚ୍ଚ ନ୍ୟାୟାଳୟ ଜାତୀୟ ରାଜପଥ ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଭିଆଇପିଙ୍କ ଗମନାଗମନକୁ ସାଧାରଣଙ୍କଠାରୁ ପୃଥକ୍ କରାଯାଉ। ଅବଶ୍ୟ ଭିଆଇପିଙ୍କ ମଧ୍ୟରେ ଅଛନ୍ତି ଉଚ୍ଚ ନ୍ୟାୟାଳୟ ଓ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିବୃନ୍ଦ। ମାଡ୍ରାସ୍ ହାଇକୋର୍ଟଙ୍କ ଯୁକ୍ତି ହେଲା ଟୋଲ ପ୍ଲାଜା ନିକଟରେ ଟୋଲ ଫି ପଇଠ କରିବା ପାଇଁ ଏହି ଭିଆଇପିମାନଙ୍କୁ ଅନ୍ୟୂନ ଦଶ/ପନ୍ଦର ମିନିଟ୍ ଅପେକ୍ଷା କରିବାକୁ ନ ହେଉ। ସୁପ୍ରିମ୍‌କୋର୍ଟ ମଧ୍ୟ ମତ ଦେଇଛନ୍ତି ଯେ, ଚଳିତ ଦଶନ୍ଧି ମଧ୍ୟରେ ସୁପ୍ରିମ୍‌କୋର୍ଟ ସମେତ ୨୪ଟି ଉଚ୍ଚ ନ୍ୟାୟାଳୟରେ ସମୁଦାୟ ୩୩ ମିଲିୟନ୍ କେସ୍ ବିଚାର ଅପେକ୍ଷାରେ ଥିବାବେଳେ ବିଚାରପତିମାନଙ୍କୁ ରାଜପଥରେ ଅଟକା ନ ଯାଉ। ତାଙ୍କର ସମୟ ଅତି ମୂଲ୍ୟବାନ। ସେମାନଙ୍କୁ ସାଧାରଣଙ୍କ ପରି ମଝି ରାସ୍ତାରେ ଅଟକାଇବା ଅର୍ଥ ନ୍ୟାୟିକ ପ୍ରକ୍ରିୟାକୁ ବିଳମ୍ବିତ କରିବା। ଜାତୀୟ ରାଜପଥ ପ୍ରାଧିକରଣ କିନ୍ତୁ ଏ ଯୁକ୍ତିକୁ ନାପସନ୍ଦ କରିଛନ୍ତି।

ସମ୍ବିଧାନ ଭାରତକୁ ଏକ ସାର୍ବଭୌମ, ଗଣତାନ୍ତ୍ରିକ, ସମାଜବାଦୀ, ସାଧାରଣତନ୍ତ୍ରର ମାନ୍ୟତା ପ୍ରଦାନ କରିଛି। ଏସବୁ ଶବ୍ଦଗୁଡିକ କେବଳ ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ। ନେତା, ମନ୍ତ୍ରୀ ଓ ଅମଲାମାନେ ଲୋକଙ୍କର ସେବକ ମାତ୍ର। ଦେଶର ସ୍ୱାଧୀନତା ଯେତେ ପୁରୁଣା ହେଉଛି, ଭିଆଇପିମାନଙ୍କର ଅହମିକା ସେତେ ଅଧିକ ଅନୁଭୂତ ହେଉଛି। ମନେହୁଏ ସାଧାରଣଙ୍କର ଦେଶ ଶାସନରେ ଯେପରି କୌଣସି ଭାଗୀଦାରି ନାହିଁ। ନିର୍ବାଚିତ ଭିଆଇପିମାନେ ଆଧୁନିକ ପରିପାଟୀ ବିମଣ୍ଡିତ ଶୀତତାପ ନିୟନ୍ତ୍ରିତ ସୁଦୃଶ୍ୟ ଅଟ୍ଟାଳିକାରେ ବାସ କରିବା ପାଇଁ ଭାଗ୍ୟଦେବୀଙ୍କ ପ୍ରସନ୍ନତା ଲାଭ କରିଥିବା ବେଳେ ବିଚରା ନିର୍ବାଚକଟି ତା'ର ବହୁମୂଲ୍ୟ ଭୋଟଖଣ୍ଡିକ ଦେଇସାରିବା ପରେ ପାଲଟଣା ଚାଳି ବା ଝୁମ୍ପୁଡିଟିରେ ରହିବା ପାଇଁ ହିଁ ବିବଶ ହେଉଛି। ସେବ୍ୟ ଓ ସେବକର ସଂଜ୍ଞା ଆଜି ବାଟବଣା। ନିର୍ବାଚନ ସମୟରେ ସେବକର ଭୋଟ୍ ଭିକ୍ଷାର ପ୍ରୟାସକୁ ଦେଖି ସେବ୍ୟ ଆଶ୍ଚର୍ଯ୍ୟ ନ ହୋଇ ରହିପାରେନା। ସେ ସ୍ୱତଃ ପ୍ରଶ୍ନ କରେ ମୋଠାରେ ଯଦି ଏତେ ଶକ୍ତି ଅଛି, ମୋ ଭୋଟଖଣ୍ଡକ ବିନିମୟରେ ଜଣେ ଯଦି ଉଚ୍ଚାସନ ପାଇବ, ତେବେ ଭୋଟ ପରେ ମୋତେ ତ ସେ ପୂଜା କରିବା କଥା। ବାସ୍ତବରେ ମୁଁ ହିଁ ତ ଭିଆଇପି, 'କିଙ୍ଗ୍ ମେକର'। ପ୍ରସିଦ୍ଧ ଇଂଲିଶ ପ୍ରାବନ୍ଧିକ ଏ. ଏସ୍. ହମ୍ବିଙ୍କ ମତରେ, ଯେଉଁମାନେ ଦ୍ରବ୍ୟର ବ୍ୟବହାର କରନ୍ତି ସେମାନେ ସଭ୍ୟ କିମ୍ବା ଯୋଗ୍ୟ ନୁହନ୍ତି। ପ୍ରକୃତ ଯୋଗ୍ୟ ସେହିମାନେ, ଯେଉଁମାନେ ଦ୍ରବ୍ୟର ଉତ୍ପାଦନ କରନ୍ତି। ତାଙ୍କ ମତରେ ଜୋତା ପିନ୍ଧିବା ଲୋକ ନୁହେଁ, ବରଂ ଜୋତା ତିଆରି କରୁଥିବା ବ୍ୟକ୍ତି ହିଁ ପ୍ରକୃତ ଭିଆଇପି।

ନେତା, ଅଫିସର, ଅମଲା- ସମସ୍ତେ ଭିଆଇପି। ସେବା ବିନିମୟରେ ତ ବେତନ ମିଳୁଛି। ସେତିକିରେ ସନ୍ତୁଷ୍ଟ ନ ହୋଇ ଗରିବ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଅର୍ଥକୁ ତୋସରପାତ କରିବା କ'ଣ ଭିଆଇପିର ଲକ୍ଷଣ ? ଥରେ ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କର ଏକ ଛୋଟ ସହରକୁ ଗସ୍ତ କାର୍ଯ୍ୟକ୍ରମ ଥାଏ। ପ୍ରଧାନମନ୍ତ୍ରୀଙ୍କ ଗାଡି ସହ ଆଗପଛ ହୋଇ ମାତ୍ର ଦୁଇଟି ଗାଡି ଯାଉଥାଏ। ସାଧାରଣଙ୍କୁ ଜଣା ନ ଥାଏ ସେ ରାସ୍ତାରେ ପ୍ରଧାନମନ୍ତ୍ରୀ ଆସିବେ ବୋଲି। ସବୁକିଛି ସ୍ୱାଭାବିକ ଥାଏ। ହଠାତ୍ ପ୍ରଧାନମନ୍ତ୍ରୀଙ୍କ ଗାଡି ରାସ୍ତା ପାର୍ଶ୍ୱରେ ଅଟକିଲା। ସଡକ ପାର୍ଶ୍ୱସ୍ଥ ରାଜ ଉଦ୍ୟାନରେ ମାଳିଟିଏ କାମ କରୁଥାଏ। ପ୍ରଧାନମନ୍ତ୍ରୀ ତା' ନିକଟକୁ ଯାଇ ତାକୁ ପାଣି ଗ୍ଲାସ୍‌ଟିଏ ବଢାଇ ଦେଇ କହିଲେ, ନିଅ ଏ ପାଣି ମୁନ୍ଦାକ ପିଅ ଓ ଘରକୁ ଯାଅ। ଆଜି ତୁମର ଛୁଟି। ମାଳି ନ ଚିହ୍ନିପାରି କହିଲା, ତୁମେ କିଏ ମୁଁ ଜାଣେ ନାହିଁ। ଆମ ବାବୁ ଯଦି ମୋତେ ଛୁଟି ଦିଅନ୍ତି, ତେବେ ମଧ୍ୟ ମୁଁ ଯିବି ନାହିଁ। କାରଣ ଆଜିର ଅଧାକାମ କାଲି କାମକୁ ଦ୍ୱିଗୁଣିତ କରିବ। ମୋତେ ଦିଆଯାଇଥିବା ସମୟସୀମା ମଧ୍ୟରେ ତାହା ଶେଷ ହୋଇପାରିବ ନାହିଁ। ଆପଣ ଆପଣଙ୍କ ବାଟରେ ଯା'ନ୍ତୁ ଓ ମୋତେ ମୋ କାମ କରିବାକୁ ଛାଡି ଦିଅନ୍ତୁ। ପରେ ଯେତେବେଳେ ସେ ଜାଣିଲା ଯେ ଆଗନ୍ତୁକ ଏ ଦେଶର ପ୍ରଧାନମନ୍ତ୍ରୀ ସେ ଲଜ୍ଜିତ ଓ ଭୟଭୀତ ହୋଇ କ୍ଷମା ଭିକ୍ଷା କଲା।

ମାତ୍ର ପ୍ରଧାନମନ୍ତ୍ରୀ କହିଲେ, ଜାପାନ ମୋ ଯୋଗୁ ବଡ଼ ନୁହେଁ, ତୁମ୍ଭେମାନେ ହିଁ ଜାପାନକୁ ବଡ଼ କରିଛ। କିନ୍ତୁ ଆମ ଦେଶରେ ସାମାନ୍ୟ କଥାରେ ପାନରୁ ଚୂନ ଖସିଲେ ଭିଆଇପିଙ୍କ ପ୍ରଭୁପଣ ଊଣା ହୋଇଯାଏ। ଗତବର୍ଷ ଶିବସେନା ଏମ୍‌ପି ରବୀନ୍ଦ୍ର ଗାଏକ୍ୱାଡ଼୍ ବିମାନବନ୍ଦରରେ ନିଜ ତନଖ୍ୱକୁ ବିରୋଧ କରି ଜଣେ ୬୦ ବର୍ଷୀୟ ବିମାନ କର୍ମଚାରୀଙ୍କୁ ଚପଲରେ ପ୍ରହାର କରିଥିଲେ। ଗାଏକ୍ୱାଡ଼୍‌ଙ୍କ ସ୍ଥାନରେ ସାଧାରଣ ବ୍ୟକ୍ତିଟିଏ ଥିଲେ ତାଙ୍କୁ ବହୁମୂଲ୍ୟ ଦେବାକୁ ପଡିଥା'ନ୍ତା। ଅବଶ୍ୟ ବେସାମରିକ ବିମାନ ଚଳାଚଳ ବିଭାଗ ତାଙ୍କ ବିମାନ ଯାତ୍ରା ଉପରେ ଅଙ୍କୁଶ ଲଗାଇଥିଲା। ପାକିସ୍ତାନର ଏକ ଅନୁରୂପ ଘଟଣା ପାଇଁ ସେ ଦେଶର ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ରହମନ ମଲିକଙ୍କୁ ୨୦୧୪ ସେପ୍ଟେମ୍ବର ୧୫ରେ ବିମାନରୁ ବହିଷ୍କାର କରାଯାଇ ବିମାନ ଉଡାଣ କରିଥିଲା। ୟୁରୋପର ଅଧିକାଂଶ ରାଷ୍ଟ୍ରମୁଖ୍ୟ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ବସ୍ କିମ୍ବା ଟ୍ରେନ୍‌ରେ ଯାତାୟାତ କରନ୍ତି। ସେମାନେ କ'ଣ ଆମ ନେତାଙ୍କ ପରି ଭିଆଇପି ନୁହନ୍ତି ?

ଭିଆଇପି ସଂସ୍କୃତି ଲୋକତନ୍ତ୍ରର ବାଧକ। ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଓ ସମ୍ମାନ ଦେବା ଆମ ସମ୍ବିଧାନର ବିଶେଷତ୍ୱ। କିନ୍ତୁ ଭିଆଇପି ଆଳରେ ଅନ୍ୟଠାରୁ ସ୍ୱତନ୍ତ୍ରତା ଦାବି କରିବା ଅସମୀଚୀନ। କର୍ମାନୁସାରେ ଭିଆଇପି ମର୍ଯ୍ୟାଦା ମିଳୁ, ମାତ୍ର ପଦବୀ ପାଇଁ ଆଦୌ ନୁହେଁ।

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ-୯୯୩୭୪୫୦୫୪୦

# ଭାଷା ବଞ୍ଚିବ ବ୍ୟବହାରରେ



ଅରୁଣ ଦାସ

କଥାରେ ଅଛି- ସମସ୍ତେ କାନ୍ଦୁଛନ୍ତି, ହେଲେ କାହା ଆଖିରେ ଲୁହ ନାହିଁ। ସେହିପରି କିଛି ଶିକ୍ଷିତ ଓଡ଼ିଆ ମାତୃଭାଷା ସୁରକ୍ଷା, ଭାଷା ବଞ୍ଚାଅ ପରି ଅଭିଯାନ ଚଳାଇଛନ୍ତି। ସଭାସମିତିରେ ଆବେଗପୂର୍ଣ୍ଣ ଭାଷଣ ଦେଇ ଗଳା ଫଟାଉଛନ୍ତି। ହେଲେ ଅସଲରେ 'କହି ଦେଉଥାଏ ପରକୁ, ବୁଦ୍ଧି ନ ଦିଶଇ ଘରକୁ' ଭଳି ଆମ ନିଜ ଘରେ ହିଁ ସବୁଯାକ ଅଶୁଦ୍ଧି। ଅଧିକାଂଶ ଘରେ ପିଲା ବାପା, ବୋଉ ବଦଳରେ ଡାଡି, ମମି ବା ଡାଡ୍, ମମ୍ ଶବ୍ଦ ଉଚ୍ଚାରଣ କରୁଛନ୍ତି। ମଉସା, ମାଉସୀ, ମାମୁ, ମାଇଁ, କକା, ଖୁଡ଼ୀ ଆଦି ଶବ୍ଦର ସ୍ଥାନ ନେଇଛି ଅଙ୍କଲ ଓ ଆଣ୍ଟି। କଥା କଥାରେ ସମସ୍ତଙ୍କ ମୁହଁରେ ହିନ୍ଦୀ, ଇଂଲିଶ୍ ଶବ୍ଦ। ଘରର ଆସବାବଠାରୁ ଆରମ୍ଭକରି ଘରଗୁଡିକୁ ମଧ୍ୟ ଇଂଲିଶ୍‌ରେ କୁହାଯାଉଛି। ଯେମିତି ରୋଷେଇ ଘର ବା ହାଣ୍ଡିଶାଳକୁ କିଚେନ୍ ରୁମ୍, ଶୋଇବା ଘରକୁ ବେଡ୍ ରୁମ୍ ସହ ସକାଳ ଜଳଖିଆକୁ ବ୍ରେକ୍‌ଫାଷ୍ଟ, ଦ୍ୱିପହରର ଖାଇବାକୁ ଲଞ୍ଚ୍ ଓ ରାତି ଖାଇବାକୁ ଡିନର ବୋଲି କୁହାଯାଉଛି। ସପ୍ତାହର ସାତ ଦିନକୁ ସଣ୍ଡେ, ମଣ୍ଡେ ଇତ୍ୟାଦି କୁହାଯାଉଛି। ବୈଶାଖ, ଜ୍ୟେଷ୍ଠ ଆଦି ଓଡ଼ିଆ ମାସର ନାଁ ତ ଆମେ ଭୁଲିସାରିଲୁଣି। ଜାନୁୟାରୀ, ଫେବୃୟାରୀ ଆଦି ଇଂଲିଶ ମାସ ଓ ଇଂଲିଶ କ୍ୟାଲେଣ୍ଡରେ ସବୁ କାମ ଚାଲିଛି। ଘରକୁ କିଏ ଅତିଥି ଆସିଲେ କୁଣିଆ ନ କହି ଗେଷ୍ଟ କହୁଛୁ। ଥକା ଲାଗିଲେ ବିଶ୍ରାମ ନେଉଛି ନ କହି ରେଷ୍ଟ ନେଉଛି ବୋଲି କହୁଛୁ। ସେହିପରି ବହୁତ ଭଲ ନ କହି ଭେରିଗୁଡ୍, ଧନ୍ୟବାଦ ନ କହି ଥ୍ୟାଙ୍କ୍ ୟୁ ଓ ସ୍ୱାଗତମ୍ ନ କହି ୱେଲ୍‌କମ୍ ଇତ୍ୟାଦି କହିବା ସମସ୍ତଙ୍କର ଅଭ୍ୟାସ ହୋଇଗଲାଣି। ସକାଳ ବେଳା ଫୋନ୍ ଉଠେଇଲେ ସେପାଖୁ ଶୁଭୁଛି ଗୁଡ୍ ମର୍ନିଂ ଭାଇ। ଉପରବେଳା 'ଗୁଡ୍ ଆଫ୍ଟରନୁନ୍, ସନ୍ଧ୍ୟାବେଳେ ଗୁଡ୍ ଇଭିନିଂ ଆଉ ଶୋଇବାକୁ ଗଲାବେଳେ ଗୁଡ୍ ନାଇଟ୍। ଜନ୍ମଦିନର ଶୁଭେଚ୍ଛା ଜଣାଇଲା ବେଳେ ଆଉ କେହି ବି ଓଡ଼ିଆରେ ଶୁଭ ମନାସୁ ନାହାନ୍ତି। ସମସ୍ତେ କହୁଛନ୍ତି 'ହାପି ବାର୍ଥ ଡେ'! ସେହିପରି ବିବାହବାର୍ଷିକୀ ପାଳନ ବେଳେ ହାପି ମ୍ୟାରେଜ ଆନିଭର୍‌ସାରି ବୋଲି କହୁଛନ୍ତି। ଏ ସବୁ ଆମ ପରମ୍ପରା ବାହାରର କଥା। ଏହାର ବିକଳ୍ପ ଶବ୍ଦ ଆମ ଓଡ଼ିଆରେ ଅଛି। ତାହା ବ୍ୟବହାର ନ କରି ଇଂଲିଶ ବା ହିନ୍ଦୀ ଶବ୍ଦ ବ୍ୟବହାର କରିବା ଆମ ମାତୃଭାଷା ପାଇଁ କଦାପି ଶୁଭଙ୍କର ନୁହେଁ। ଯେଉଁ ଶବ୍ଦଗୁଡିକ ଆଉ ଜନମୁଖରେ ଉଚ୍ଚାରିତ ହେବନାହିଁ, ନିଶ୍ଚିତ ଭାବରେ ତା'ର ମୃତ୍ୟୁ ଘଟିବ। ଆମଠାରୁ ଭଲ ବରଂ ଅପାଠୁଆ ଗାଁଗହଳିର ମଣିଷ। କାରଣ ସେମାନେ ନିଛକ ଓଡ଼ିଆ ଶବ୍ଦ ବ୍ୟବହାର କରିଆସୁଛନ୍ତି।

ଲୋକେ ଭାବୁଛନ୍ତି ଓଡ଼ିଆରେ ହିନ୍ଦୀ, ଇଂଲିଶ ମିଶେଇ କହିଲେ ସେ ସମ୍ଭ୍ରାନ୍ତ ଶ୍ରେଣୀର ବ୍ୟକ୍ତି ଭାବେ ଗଣାହେବେ। କିନ୍ତୁ ଏହା ଭୁଲ୍ ଧାରଣା। ଶୁଦ୍ଧ ଓ ମାର୍ଜିତ ଓଡ଼ିଆ ଶବ୍ଦରେ କଥାବାର୍ତ୍ତା କରି ମଧ୍ୟ ଜଣେ ନିଜର ଅମାୟିକ ଓ ଭଦ୍ର ପରିଚୟ ଦେଇପାରିବ। ସମସ୍ତେ ସମାଲୋଚନା କରୁଛନ୍ତି, ଅମୁକ ମନ୍ତ୍ରୀ ଏମିତି ବିକୃତ ଓଡ଼ିଆ କହିଲେ, ସମୁକ ଗାୟିକା ଓଡ଼ିଆ ଗୀତକୁ ସେମିତି ବିକୃତ କରି ଗାଇଲେ। କିନ୍ତୁ କେହି ବି ନିଜେ ମାତୃଭାଷା ପ୍ରତି କରୁଥିବା ହତାଦର ଓ ତ୍ରୁଟି ସୁଧାରିବାକୁ ପ୍ରସ୍ତୁତ ନୁହନ୍ତି। ଏହା ବାଦ୍ ଏବେ ଏମିତି ହେଲାଣି ବିନା ହିନ୍ଦୀ, ଇଂଲିଶ ଓ ଉର୍ଦ୍ଦୁ ଶବ୍ଦ ବ୍ୟବହାରରେ ଗୀତିକାରମାନେ ଆଉ ଓଡ଼ିଆ ଗୀତ ଲେଖି ପାରୁନାହାନ୍ତି। ରପ୍‌ତା ରପ୍‌ତା, ମୌଲା, ଦିୱାନା, ଆହିସ୍ତା ଆହିସ୍ତା, ଗୁନ୍‌ଦସ୍ତା, ଦିଲ୍ କମର, ଚୁନେରୀ, ରବା ରବା, ଫିଦା, ସଜ୍‌ନା ଓ ଇସ୍କ୍ ଇତ୍ୟାଦି ଶବ୍ଦ ସବୁ ଆସି ଓଡ଼ିଆ ସଙ୍ଗୀତରେ ପଶି ଖେଚୁଡି ହୋଇସାରିଲାଣି। ଥରେ ଜଣେ ଗୀତିକାରଙ୍କୁ ଏ ଅଧମ ଲେଖକ କିଛି ମତାମତ ଦେଲାରୁ ସେ ରୋକ୍‌ଠୋକ୍ କହିଲେ, ତମେ ବହୁତ ପଛରେ ଅଛ। ଆରେ ଭାଇ ପଛ ନ ରହିଲେ ଆଗ କୁଆଡୁ ଆସିବ ? ପର ଘର ତିଅଣ ସୁଆଦିଆ ବୋଲି ଅଧିକ ଖାଇଲେ ରୋଗ ଅର୍ଜିବା ହିଁ ସାରହେବ। ଆମ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇସାରିଛି। ହେଲେ ଦୁର୍ଭାଗ୍ୟର ବିଷୟ ନିଜ ଭାଷା ପ୍ରୀତି, ଅସ୍ମିତା ଓ ସ୍ୱାଭିମାନକୁ ଜଳାଞ୍ଜଳି ଦେଇ ଆମେ ପର ପ୍ରେମରେ ପଡୁଛେ। କିଛି ବୟସ୍କ ବ୍ୟକ୍ତି କଳାପତାକା ଧରି ଭାଷା ଆନ୍ଦୋଳନରେ ଛିଡା ହେଉଛନ୍ତି। କିନ୍ତୁ ସନ୍ଧ୍ୟାରେ ନିଜ ନାତିନାତୁଣୀଙ୍କ ଇଂଲିଶ ରାଇମ୍ ଶୁଣି ପୁଲକିତ ହୋଇ ଉଠୁଛନ୍ତି। ପାଠ୍ୟକ୍ରମ ଅନୁଯାୟୀ ପିଲାଙ୍କୁ ଇଂଲିଶ ରାଇମ୍ ବୋଲିବାକୁ ମନା ନାହିଁ। କିନ୍ତୁ ଆହେ ଦୟାମୟ ବିଶ୍ୱବିହାରୀ.. ଇତ୍ୟାଦି ଗୀତ ମୁଖସ୍ଥ କରିବାକୁ କାହିଁକି ବାରଣ କରାଯାଉଛି ? ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ନିଜ ଭାଷା ସମ୍ବନ୍ଧରେ ପିଲାମାନଙ୍କୁ ପର୍ଯ୍ୟାପ୍ତ ଜ୍ଞାନ ଦେଲାଭଳି ଆମେ କୌଣସି ଆଖିଦୃଶିଆ ପଦ୍ଧତି ଅବଲମ୍ବନ କରୁନାହୁଁ। କେବଳ ମଧୁ ବର୍ଣ୍ଣବୋଧ ପିଲାମାନଙ୍କ ପାଇଁ ପଢିବାକୁ ଥିବାବେଳେ, ଏହାକୁ ପୁଣି ଇଂଲିଶ ମାଧ୍ୟମର ପିଲା ପଢୁନାହାନ୍ତି। ସେହିପରି ବଡ଼ ଶ୍ରେଣୀରେ ପିଲାମାନେ ଇଂଲିଶ୍ ଓ ଅନ୍ୟ ବିଷୟ ପ୍ରତି ଯେତିକି ଧ୍ୟାନ ଦେଉଛନ୍ତି, ଓଡ଼ିଆ ବିଷୟ ପ୍ରତି ସେତିକି ଆଗ୍ରହ ପ୍ରକାଶ କରୁନାହାନ୍ତି। ଏଥିରେ ପିଲାମାନଙ୍କର କିଛି ଦୋଷ ନାହିଁ। ଘରର ବଡ଼ମାନେ ଯେମିତି ପ୍ରବର୍ତ୍ତାଉଛନ୍ତି, ସେମାନେ ସେମିତି କରୁଛନ୍ତି। ବଡ଼ମାନେ ଘରେ ଯେମିତି ଢଙ୍ଗରେ କଥାବାର୍ତ୍ତା କରୁଛନ୍ତି, ପିଲାମାନେ ସେପରି କରୁଛନ୍ତି। ଦିନ ଆସିବ, ଓଡ଼ିଆରେ କଥାବାର୍ତ୍ତା ହେଲାବେଳେ ପ୍ରତିଟି ବାକ୍ୟରେ ମାଳ ମାଳ ଇଂଲିଶ ଓ ହିନ୍ଦୀ ଶବ୍ଦ ହିଁ ଥିବ। ସେଥିରୁ ଓଡ଼ିଆର ଗନ୍ଧ ଯେତେ ଖୋଜିଲେ ବି ଆଉ ଜମାରୁ ମିଳିବନି। ଭାଷା ଆନ୍ଦୋଳନକାରୀ ଥିବେ, ଭାଷା ବଞ୍ଚାଅ ବୋଲି ଚିତ୍କାର କରୁଥିବେ, ହେଲେ ନେଡିଗୁଡ଼ କହୁଣିକୁ ବୋହିଯାଇଥିବ। ସୁତରାଂ ବେଳ ଥାଉଥାଉ ଭାଷାର ସୁରକ୍ଷା ପାଇଁ ଅନ୍ୟ ଉପରକୁ କାଦୁଅ ନ ଫିଙ୍ଗି ନିଜେ କରୁଥିବା ଛୋଟ ଛୋଟ ତ୍ରୁଟିକୁ ସୁଧାରିନେଲେ, ସେଇ ହିଁ ହେବ ମାତୃଭାଷା ପାଇଁ ଆମର ମହାନ୍ କାର୍ଯ୍ୟ।

ପତରପଡ଼ା, ବରମୁଣ୍ଡଳୀ, ଜଗତ୍‌ସିଂହପୁର,
ମୋ-୭୮୭୩୭୧୯୦୫୬

## ଏଇ ଭାରତରେ

ଚିତାବାଘ ଏକ ମାଂସାଶୀ ଓ ଶିକାରୀ ପ୍ରାଣୀ। ଏହା କୁକୁର ଭଳି ନିରୀହ ପ୍ରାଣୀଙ୍କୁ ମାରି ଖାଏ। କିନ୍ତୁ ଉଭୟ ପ୍ରାଣୀ ମଧ୍ୟରେ ଖାଦ୍ୟ-ଖାଦକ ସମ୍ପର୍କ ଥିଲେ ବି ବିପଦରେ ପଡିଲେ ଖାଦକ ପ୍ରାଣୀ ଆଉ ଶିକାର ନ କରି ଦୟାବାନ୍ ପାଲଟିଯାଏ। ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି ଉତ୍ତରାଖଣ୍ଡ ରାଜ୍ୟର ତିହରି ଜିଲା ଅନ୍ତର୍ଗତ ଲାମକୋଟ୍ ଗାଁରେ। ଏଠାରେ ଏକ ଚିତାବାଘ କୁକୁରକୁ ଶିକାର କରିବା ପାଇଁ ତା' ପଛରେ ଦୌଡୁଥିଲା। ପ୍ରାଣ ବିକଳରେ କୁକୁରଟି ଗାଁର ଏକ ଶୌଚାଳୟ ଭିତରେ ପଶିଯାଇଥିଲା। କୁକୁର ପଛେ ପଛେ ଯାଇ ଚିତାବାଘ ମଧ୍ୟ ଭିତରେ ପଶିଯାଇଥିଲା। ଘର ମାଲିକ ଏହା ଦେଖି ଭୟରେ ବାହାରୁ ଶୌଚାଳୟ କବାଟ କିଳି ଦେଇଥିଲେ। ଭିତରେ ଖାଦ୍ୟ-ଖାଦକ ମୁହାଁମୁହିଁ। କୁକୁରର କୁଆଡ଼େ ଯିବାର ଉପାୟ ନ ଥିଲା। ଚିତାବାଘ ଚାହିଁଥିଲେ ସେଠାରେ ତାକୁ ଆରାମରେ ମାରି ଖାଇପାରିଥାନ୍ତା। ମାତ୍ର ଚିତାବାଘ କିପରି ମୁକ୍ତି ପାଇବ ସେଇ ଚିନ୍ତାରେ ରହି କୁକୁରର କୌଣସି କ୍ଷତି କରି ନ ଥିଲା। ଗାଁ ଲୋକେ ଏହି ପରିସ୍ଥିତିରେ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀମାନେ ଗାଁରେ ପହଞ୍ଚି ଚିତାବାଘକୁ ଧରିନେଇ ଜଙ୍ଗଲରେ ଛାଡିଥିଲେ। କୁକୁରର ଜୀବନ ରକ୍ଷା ପାଇଯାଇଥିଲା।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଜାନୁୟାରୀ ୧୯୯୪

- ୟୁକ୍ରେନରେ ଥିବା ବିଶ୍ୱର ତୃତୀୟ ବୃହତ୍ତମ ଆଣବିକ ଆଗ୍ନେୟାସ୍ତ୍ର କେନ୍ଦ୍ରକୁ ଧ୍ୱଂସ କରିଦେବା ପାଇଁ ରୁଷିଆ, ଆମେରିକା ଓ ୟୁକ୍ରେନ ଏକ ଗୁରୁତ୍ୱପୂର୍ଣ୍ଣ ରାଜିନାମା ସ୍ୱାକ୍ଷର କରିଛନ୍ତି।
- ଥାଇଲାଣ୍ଡର ଟାନା ପ୍ରଦେଶରେ ଏକ ଯାତ୍ରୀବାହୀ ବସ୍ ସହ ଏକ ସିମେଣ୍ଟ ଟ୍ରକ୍ ମୁହାଁମୁହିଁ ସଂଘର୍ଷ ହେବା ଫଳରେ ବସ୍‌ଟିରେ ଅଗ୍ନିକାଣ୍ଡ ଘଟି ୫୦ ଜଣଙ୍କ ମୃତ୍ୟୁ।
- ଇଟାଲୀର ପ୍ରଧାନମନ୍ତ୍ରୀ କାର୍ଲୋ ଆଜେଗ୍ଲିଓ ସିଆମ୍ପି ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି।
- ବିହାରର ଦୁମକାଠାରେ ଏକ ଯାତ୍ରୀବାହୀ ବସ ନଦୀକୁ ଖସିପଡିବା ଫଳରେ ଘଟଣାସ୍ଥଳରେ ୪୪ ଜଣଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ପୂଜାପାର୍ବଣକୁ ପଲିଥିନମୁକ୍ତ କରାଯାଉ

ମହାଶୟ,

ଧରିତ୍ରୀ(୩୧)ରେ ପ୍ରକାଶିତ ଖବର ପାରାଦୀପର ବଡିଘରଠାରେ ନୌକା ଦୁର୍ଘଟଣା ଯୋଗୁ ଜଣେ ମୃତ, ୭ ନିଖୋଜ ଖବର ଅତ୍ୟନ୍ତ ହୃଦୟବିଦାରକ। ଆବଶ୍ୟକତାଠାରୁ ଅଧିକ ଯାତ୍ରୀ ନୌକାରେ ଚଢିବା ଓ ଲାଇଫ ଜ୍ୟାକେଟ ନ ଥିବାରୁ ଏପରି ଘଟଣା ଘଟିଲା। ଡଙ୍ଗା ଘାଟଗୁଡ଼ିକରେ ଯାତ୍ରୀ ସଂଖ୍ୟା ସରକାରଙ୍କ ତରଫରୁ ତଦାରଖ ହେବା ଦରକାର। ସ୍ଥାନୀୟ ତହସିଲଦାର କିମ୍ବା ଉପଜିଲାପାଳ ଏଥିପ୍ରତି ଧ୍ୟାନ ଦେବା ଦରକାର। କିଛିବର୍ଷ ପୂର୍ବେ ହୀରାକୁଦର ଉପରମୁଣ୍ଡରେ ମହାନଦୀରେ କେତେ ବ୍ୟାଙ୍କ କର୍ମଚାରୀ ନଦୀ ଅପରପଟକୁ ଯାଇ ପିକନିକ କରି ଫେରିବା ବେଳକୁ ନୌକା ବୁଡିଯିବାରୁ ଅନେକ ଜୀବନ ହାନି ଘଟିଥିଲା। ନିକଟରେ ଭୁବନେଶ୍ୱରରୁ ଗୋଟିଏ ପରିବାରର ୮ ଯାତ୍ରୀ ପିକନିକ ପାଇଁ ଯାଇଥିବା ବେଳେ କନ୍ଦରପୁରଠାରୁ ଅଳ୍ପ ଦୂରରେ ପାରାଦୀପ ରାସ୍ତାରେ ଦୁର୍ଘଟଣା ଘଟି ମାଆ ପୁଅଙ୍କ ମୃତ୍ୟୁ ଘଟିଥିଲା। ଚିଲିକାରେ ନୌକା ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହୋଇଥିଲା। ଏତେ ଦୁର୍ଘଟଣା ଓ ଜୀବନ ହାନି ସତ୍ତ୍ୱେ ଏହାର ନିରାକରଣ ପାଇଁ ସରକାର ଦୃଷ୍ଟି ନ ଦେବା ପରିତାପର ବିଷୟ। ପିକନିକପ୍ରେମୀମାନଙ୍କୁ ମୋର ବିନମ୍ର ଅନୁରୋଧ ସେମାନେ ଏପରି ପିକନିକରୁ ନିବୃତ୍ତ ରୁହନ୍ତୁ।

ନଟବର ନାୟକ, ଖେରସ, ଜଗତ୍‌ସିଂହପୁର

### ସେଲ୍‌ଫି ଫଟୋ

ଆଧୁନିକ ଯୁଗରେ ଫଟୋ ହାତପାଆନ୍ତାରେ। ସେଲ୍‌ଫି ଫଟୋ ଓ କ୍ୟାମେରାମ୍ୟାନ ଦ୍ୱାରା ଉଠାଯାଇଥିବା ଫଟୋ ମଧ୍ୟରେ ଆକାଶ ପାତାଳ ପ୍ରଭେଦ ଅଛି। ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ କ୍ୟାମେରାମ୍ୟାନ ଦ୍ୱାରା ଉଠାଯାଇଥିବା ଫଟୋକୁ କେହି କେହି ସେଲ୍‌ଫି ଫଟୋ କହି ବାହାବା ସାଉଁଟିବା ସହ ନିଜକୁ ମହାନ ଭାବୁଛନ୍ତି। ସେଲ୍‌ଫି ଫଟୋ ଉଠାଇବା ସମୟରେ ଖାଲି ଆଗକୁ ଚାହିଁ ନିଜକୁ ଅନ୍ୟମାନଙ୍କ ସହ ପୋଜ ନେବା ସମୟରେ ଭୟଙ୍କର ଦୁର୍ଘଟଣାର ସମ୍ମୁଖୀନ ହୋଇ ନିତିଦିନ ବହୁସଂଖ୍ୟକ ଯୁବତୀଯୁବକ ମୃତାହତ ହେଉଛନ୍ତି। ବିଶେଷକରି ଜଳଉତ୍ସ ଓ ବଣପାହାଡ଼, ଖାଲଢିପ ବ୍ୟତୀତ ବଣୁଆ ଜନ୍ତୁଙ୍କ ସହିତ ସେଲ୍‌ଫି ଫଟୋ ଉଠାଇବା ଭଳି ଦୁଃସାହସୀ କାମଠୁ ମଣିଷ ଦୂରେଇ ରହିବା ଦରକାର।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ସତ୍ୟମେବ ଜୟତେ
ଭାରତ ସରକାର

# ପୂର୍ବୋଦୟରୁ
## ହେଉଅଛି ନୂଆ ଭାରତର ଉଦୟ

# ପଶ୍ଚିମ ଓଡ଼ିଶାର
## ସାମଗ୍ରିକ ବିକାଶକୁ ସାକାର ରୂପ ଦେବା ପାଇଁ
## ୧୫୫୦ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ












# ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀଙ୍କ
## କରକମଳରେ

### ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ
ଝାରସୁଗୁଡ଼ାଠାରେ ମଲ୍ଟି ମୋଡାଲ୍ ଲଜିଷ୍ଟିକ୍ସ ପାର୍କ
ଝାରସୁଗୁଡ଼ା-ବିଜୟନଗରମ୍ ରେଳ ଲାଇନ୍ ଏବଂ ସମ୍ବଲପୁର-ଅନୁଗୋଳ ରେଳ ଲାଇନ୍‌ର ବିଦ୍ୟୁତୀକରଣ
ବରପାଲି-ଡୁଙ୍ଗୁରିପାଲି ଏବଂ ବଲାଙ୍ଗୀର-ଦେଓଗାଁ ରୋଡ଼ ରେଳ ଲାଇନ୍‌ର ଦୋହରୀକରଣ
ଥେରୁବାଲି-ସିଙ୍ଗାପୁର ରୋଡ଼ ଷ୍ଟେସନ ମଧ୍ୟରେ ବ୍ରିଜ୍ ନଂ. ୫୮୮

### ଭିତ୍ତିପ୍ରସ୍ତର ସ୍ଥାପନ
କେନ୍ଦ୍ରୀୟ ବିଦ୍ୟାଳୟ, ସୁବର୍ଣ୍ଣପୁର
ଏବଂ

### ଶୁଭ ଉଦ୍‌ଘାଟନ
କେନ୍ଦ୍ରୀୟ ବିଦ୍ୟାଳୟ, ରାୟଗଡ଼ା
ବଲାଙ୍ଗୀର-ବିଛୁପାଲି (ନୂଆ ଲାଇନ୍), ବଲାଙ୍ଗୀର
ବଲାଙ୍ଗୀର-ବିଛୁପାଲି ନୂଆ ଲାଇନ୍ ଉପରେ ରେଳ ଚଳାଚଳକୁ ସବୁଜ ପତାକା ପ୍ରଦର୍ଶନ
ନବୀକରଣ ଏବଂ ପୁନରୁଦ୍ଧାର କାର୍ଯ୍ୟ:
- ନୀଳମାଧବ ଏବଂ ସିଦ୍ଧେଶ୍ୱର ମନ୍ଦିର, ଗନ୍ଧରାଡ଼ି, ବୌଦ୍ଧ
- ରାଣୀପୁର ଝରିଆଲ ଐତିହ୍ୟ ସମୂହ, ବଲାଙ୍ଗୀର
- ପଶ୍ଚିମ ସୋମନାଥ ମନ୍ଦିର ସମୂହ, ବୌଦ୍ଧ

କଳାହାଣ୍ଡିର ଅସୁରଗଡ଼ ଦୁର୍ଗସ୍ଥିତ ପ୍ରାଚୀନ ଐତିହ୍ୟ ସ୍ଥଳର ବିକାଶ
ବରଗଡ଼, ବଲାଙ୍ଗୀର, ଜଗତସିଂହପୁର, କେନ୍ଦ୍ରାପଡ଼ା, ଫୁଲବାଣୀ ଏବଂ ପୁରୀରେ
ନୂତନ ପୋଷ୍ଟ ଅଫିସ୍ ପାସ୍‌ପୋର୍ଟ୍ ସେବା କେନ୍ଦ୍ର (ପିଓପିଏସ୍‌କେ)

### ଗରିମାମୟ ଉପସ୍ଥିତି
**ପ୍ରଫେସର ଗଣେଶୀ ଲାଲ**
ରାଜ୍ୟପାଳ, ଓଡ଼ିଶା

**ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ସୁଷମା ସ୍ୱରାଜ**
ବୈଦେଶିକ ବ୍ୟାପାର ମନ୍ତ୍ରୀ
ଭାରତ ସରକାର

**ପ୍ରକାଶ ଜାଭଡ଼େକର**
ମାନବ ସମ୍ବଳ ବିକାଶ ମନ୍ତ୍ରୀ
ଭାରତ ସରକାର

**ଜୁଏଲ ଓରାମ**
ଜନଜାତି ବ୍ୟାପାର ମନ୍ତ୍ରୀ
ଭାରତ ସରକାର

**ପିୟୂଷ ଗୋଏଲ**
ରେଳ ମନ୍ତ୍ରୀ,
ଭାରତ ସରକାର

**ଧର୍ମେନ୍ଦ୍ର ପ୍ରଧାନ**
ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ
ଭାରତ ସରକାର

**ଡ. ମହେଶ ଶର୍ମା**
ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ)
ଭାରତ ସରକାର

**ମଙ୍ଗଳବାର, ୧୫ ଜାନୁୟାରୀ ୨୦୧୯, ସକାଳ ୮:୦୦ ଘଟିକା । ବଲାଙ୍ଗୀର ରେଳ ଷ୍ଟେସନ, ଓଡ଼ିଶା**

## ସଂକ୍ଷେପରେ

### ବ୍ରାହ୍ମଣଙ୍କୁ ମାସିକ ଭତ୍ତା ପ୍ରଦାନ ଦାବି

**ଭଦ୍ରକ ଅଫିସ,୧୪।୧:** ଓଡିଶା ରାଜ୍ୟ ବ୍ରାହ୍ମଣ ମହାସଭାର ଭଦ୍ରକ ଜିଲା ଶାଖା ତରଫରୁ ବନ୍ତ ବ୍ଲକ ଅଧୀନ ମହିଷଗୋଠ ପଞ୍ଚାୟତ ନରାଜପୁର ଶାସନରେ ନରେନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜାତିଗତ ସଂରକ୍ଷଣକୁ ଉଚ୍ଛେଦ କରି ଅର୍ଥନୈତିକ କ୍ଷେତ୍ରରେ ଅନଗ୍ରସର ଭିତ୍ତିରେ ସଂରକ୍ଷଣ ବ୍ୟବସ୍ଥା କରାଯିବା, ମନ୍ଦିର ପୂଜକ, ବୈଦିକ କର୍ମକାଣ୍ଡ ବ୍ରାହ୍ମଣ ମାନଙ୍କୁ ମାସିକ ୫ ହଜାର ଭତ୍ତା ବ୍ୟବସ୍ଥା କରାଯିବା ଆଦି ମୁଖ୍ୟ ଦାବି ଗୁଡିକ ଆଲୋଚନା କରାଯାଇଥିଲା। ସର୍ବସମ୍ମତିକ୍ରମେ ସତ୍ୟବ୍ରତ ଶତପଥୀଙ୍କୁ ମହିଷ ଗୋଠ ପଞ୍ଚାୟତର ସମ୍ପାଦକ, ଶୁଭେନ୍ଦୁ ପଣ୍ଡାଙ୍କୁ ଯୁଗ୍ମ ସମ୍ପାଦକ ଓ ଅମୂଲ୍ୟ ରଥନନ୍ଦଙ୍କୁ ସଂଗଠନ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ସଭାରେ ବ୍ରାହ୍ମଣ ମହାସଭାର ଜିଲା ସଭାପତି ପଣ୍ଡିତ ବିଷ୍ଣୁମୋହନ ପଣ୍ଡା, ଜିଲା ଉପସଭାପତି ଗୌରାଙ୍ଗ ଚନ୍ଦ୍ର କର, ବନ୍ତ ବ୍ଲକ ସଭାପତି ରତ୍ନାକର ଦାଶ, ବନ୍ତ ବ୍ଲକ ସମ୍ପାଦକ ସିଦ୍ଧେଶ୍ୱର ପଣ୍ଡା, ଯୁଗ୍ମ ସମ୍ପାଦକ ଯୁଧିଷ୍ଠିର ପଣ୍ଡା, ଭଦ୍ରକ ବ୍ଲକ ସଂଗଠନ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ, ଜିଲା ସଂଯୋଜକ ତଥା ଗାୟକ ପଣ୍ଡିତ ନାରାୟଣ ପଣ୍ଡା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ମା' ଦପାନାୟକାଣୀ କଲ୍ୟାଣମଣ୍ଡପ ଉଦ୍‌ଘାଟିତ

**ତିହିଡ଼ି,୧୪।୧(ଡି.ଏନ୍.ଏ.):** ଭଦ୍ରକ ଜିଲା ତିହିଡ଼ି ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଈଶ୍ୱରପୁର ସ୍ଥିତ ମା' ଦପାନାୟକାଣୀ ପୀଠରେ ସୋମବାର କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ ହୋଇଛି । ୨୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି କଲ୍ୟାଣମଣ୍ଡପକୁ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏହି ପୀଠକୁ ବିଭିନ୍ନ ସମୟରେ ଯାଉଥିବା ଯାତ୍ରୀମାନଙ୍କ ରହଣି ପାଇଁ ଏହି ମଣ୍ଡପଟି ଉଦ୍ଦିଷ୍ଟ ହୋଇଥିବା ଏବଂ ଏହାଦ୍ୱାରା ଲୋକମାନେ ଯଥେଷ୍ଟ ଉପକାର ପାଇପାରିବେ ବୋଲି ବିଧାୟକ ମଣ୍ଡଳ କହିଥିଲେ।

# ପୁନରୁଦ୍ଧାର ଅପେକ୍ଷାରେ ରାଜାରାଜୁଡ଼ା ପୋଖରୀ

■ରକ୍ଷଣାବେକ୍ଷଣ ଅଭାବ
■ପୌରପାଳିକାର ଅଣଦେଖା

**କେନ୍ଦୁଝର, ୧୪।୧(ସ୍ୱ.ପ୍ର.)**

କେନ୍ଦୁଝର ସହରରେ ଥିବା ବହୁ ରାଜାରାଜୁଡା ଅମଳର ପୋଖରୀ ରକ୍ଷଣାବେକ୍ଷଣ ଅଭାବରୁ ପୋତି ହେବାକୁ ବସିଛି। ସହରରେ ଜଳ ସମସ୍ୟା ଦେଖାଦେଉଛି। ପୁନରୁଦ୍ଧାର ଅପେକ୍ଷାରେ ପୋଖରୀ ଗୁଡିକ ରହିଛି। ଜଳାଭାବ ସହିତ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଲୋକେ ବହୁ ଅସୁବିଧା ଭୋଗୁଛନ୍ତି। ଏଭଳି ସ୍ଥାନୀୟ ଆଟପୁର ନିକଟ ଢେଙ୍କାପୁର ଶାସନ ପୋଖରୀ ପୁନରୁଦ୍ଧାର କରାଯାଉନି। ପୋତି ହୋଇଯାଇଥିବାରୁ ସ୍ଥାନୀୟ ଲୋକେ ବହୁ ଅସୁବିଧା ଭୋଗୁଛନ୍ତି। ଗାଧୋଇବା



ପୋତି ହୋଇଯାଇଥିବା ପୋଖରୀ।

ସମସ୍ୟା ସାଙ୍ଗକୁ ଶୁଦ୍ଧି ଓ ଅନ୍ୟ କାମରେ ଉକ୍ତ ପୋଖରୀ ଉପରେ ସ୍ଥାନୀୟ ଢେଙ୍କାପୁର, ଆଟପୁର ଆଦି ସାହିର ପାଖାପାଖି ୧ ହଜାର ପରିବାର ନିର୍ଭର କରୁଛନ୍ତି। ପୋଖରୀକୁ ବିଭିନ୍ନ ପ୍ରକାରର ଚଢେଇ ଆସିଥାନ୍ତି। ପାଣି ଅପରିଷ୍କାର ହୋଇଥିବାରୁ ଗାଧୋଇ ହୋଇ ଲୋକ ବିଭିନ୍ନ ପ୍ରକାରର ରୋଗରେ ପଡୁଛନ୍ତି। ପୋଖରୀ ପୋତି ହୋଇଯାଉଥିବାରୁ ଆଖପାଖ କୂଅ, ନଳକୂପରେ ଜଳସ୍ତର କମୁଛି। ପୁନରୁଦ୍ଧାର ଜରୁରୀ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପୌରପାଳିକା କର୍ତ୍ତୃପକ୍ଷ ତଥା ଜିଲା ପ୍ରଶାସନର ଅବହେଳା ଯୋଗୁଁ ପୋଖର ପୋତି ହୋଇଯାଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହାର ପୁନରୁଦ୍ଧାର ପାଇଁ ସ୍ଥାନୀୟ ବରିଷ୍ଠ ନାଗରିକ ଉପେନ୍ଦ୍ର ଦାଶ, କୃଷ୍ଣଚନ୍ଦ୍ର ପତି, ସଦାଶିବ ମିଶ୍ର ପ୍ରମୁଖ ପ୍ରଶାସନଙ୍କୁ ନିବେଦନ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପେ ରାନ୍ଧେ ଆପେ ଖାଏ,**
**ସୁଆଦ ସୁଆଦ ବୋଲୁଥାଏ ।**

ନିଜେ ରାନ୍ଧି ନିଜେ ଖାଇ ସୁଆଦ ଲାଗୁଥିବା କହିବାରେ କୌଣସି ଯଥାର୍ଥତା ରହି ନ ଥାଏ । ପରୋକ୍ଷରେ ସମସ୍ତେ ନିଜକୁ ଭଲ ବୋଲି ଦେଖେଇ ହୁଅନ୍ତି ବା କହି ହୁଅନ୍ତି। କିନ୍ତୁ ପ୍ରକୃତରେ ସିଏ ହିଁ ଭଲ, ଯାହାକୁ ସମସ୍ତେ କହିଥାନ୍ତି। ନିଜ ମୁହଁରେ ନିଜର ପ୍ରଶଂସା କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଗ ରୁଆ ଘରକୁ,**
**ପଛ ରୁଆ ଗୋରୁକୁ ।**

ଚାଷ ତରତରରେ କରିବାକୁ ପଡ଼ିଥାଏ । ଏଥିରେ ହେଳାକଲେ ଭେଳା ବୁଡ଼ି ଯାଇଥାଏ । ସଅଳ ଧାନ ରୋଇଲେ ଭଲ ଅମଳ ମିଳିଥାଏ । ପରନ୍ତୁ ରୋଇବାରେ ବିଳମ୍ବ କରିଦେଲେ ଫସଲ ଭଲ ହୋଇପାରି ନ ଥାଏ କି ଲାଭ ସେତେ ମିଳି ପାରି ନ ଥାଏ । ତେଣୁ ଶୀଘ୍ର ଧାନ ରୋଇବା ଲାଭପ୍ରଦ ବୋଲି ଏଠାରେ ସୂଚିତ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଫକୀରମୋହନ ଜୟନ୍ତୀ ,ମକର ମିଳନ କାର୍ଯ୍ୟକ୍ରମ

**ବାରିପଦା ଅଫିସ,୧୪।୧**

ମୟୂରଭଞ୍ଜ ସାହିତ୍ୟ ପରିଷଦ ପକ୍ଷରୁ ଫକୀରମୋହନ ଜୟନ୍ତୀ ଓ ମକର ମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ମହର୍ଷି ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ଉପସଭାପତି କାବେରୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ.ବିଚିତ୍ରନାଥ ସାହୁ, ମୁଖ୍ୟ ବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସମ୍ବର୍ଦ୍ଧିତ ବରିଷ୍ଠ କବି ଡ.ନୀଳକଣ୍ଠ ମିଶ୍ର, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ କୈବଲ୍ୟ ପ୍ରସାଦ ମହାପାତ୍ର ଯୋଗଦେଇ ବ୍ୟାସକବି ଫକୀରମୋହନ ସେନାପତିଙ୍କ ସ୍ମୃତି ଚାରଣ କରିବା ସହ ମୟୂରଭଞ୍ଜ ଜିଲା ଗଣ ପର୍ବ ମକରର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ପରିଷଦର ସମ୍ପାଦକ ମନୋଜ ଦଳବେହେରା କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ। ପ୍ରାରମ୍ଭରେ ଯୁଗ୍ମ ସମ୍ପାଦକ ଅମିତାଭ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବରିଷ୍ଠ କବି ଅଶୋକ କୁମାର ପଲେଇ ଓ କବୟିତ୍ରୀ ବାସନ୍ତୀଲତା ମହାପାତ୍ରଙ୍କ ସଂଯୋଜନାରେ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କବିତା ପାଠ କାର୍ଯ୍ୟକ୍ରମରେ ପଦ୍ମନାଭ ସାହୁ, ଅଜିତ କୁମାର କବାଟ, ଜୟନ୍ତ କୁମାର ଦ୍ୱାରୀ, ଡ.ଶଶିଧର ବିଶ୍ୱାଳ, ଅଜିତ କୁମାର ପାଣିଗ୍ରାହୀ, ନରସିଂହ ବାରିକ, ଶଙ୍କର ଜେନା, ସମରେନ୍ଦ୍ର କୁମାର ବସା, ସତୀଶଚନ୍ଦ୍ର ବେହେରା, ଧନେଶ୍ୱର ପଣ୍ଡା, ଅଶୋକ କର ପ୍ରମୁଖ ଯୋଗ ଦେଇଥିଲେ ।




ସଭାରେ ଉପସ୍ଥିତ ଅତିଥି ବୃନ୍ଦ।

## ମୋ ବିଦ୍ୟାଳୟ ସ୍ୱଚ୍ଛ ବିଦ୍ୟାଳୟ

**ପଦ୍ମପୁର,୧୪।୧(ଡି.ଏନ.ଏ.)**

ଭଦ୍ରକ ବ୍ଲକ ଅଧୀନ ସାହାଡା ସ୍ଥିତ ଲାଲାଜୀ ମଧ୍ୟଇଂରାଜୀ ବିଦ୍ୟାଳୟ ପରିସରକୁ ପଲିଥିନ ମୁକ୍ତ ଓ ସ୍ୱଚ୍ଛ ରଖିବା ପାଇଁ ଏକ ସଚେତନତା ସଭା ଆୟୋଜିତ ହୋଇଯାଇଛି। ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ହରିବନ୍ଧୁ ପ୍ରଧାନ, ସରପଞ୍ଚ ପ୍ରମିଳା ବେହେରା, ଶିକ୍ଷକ ପ୍ରକାଶ କୁମାର ନାୟକ ପରିଚାଳନା କମିଟିର ସଭାପତି ହୀରାଲାଲା ମୁଦୁଲି, ସଭ୍ୟ ମୁକ୍ତିକାନ୍ତ ନାୟକ, ଭଗବାନ ମୁଦର୍ତ୍ତ, ମୁଖ୍ୟଅତିଥି ଭାବେ ସାବରଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାଦଲ କିଶୋର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ପରିସରକୁ ପଲିଥିନ ମୁକ୍ତ ତଥା ପରିଷ୍କାର ରଖିବା ପାଇଁ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ପ୍ରତ୍ୟେକ ଛାତ୍ରୀଛାତ୍ର ସଫା ପୋଷାକ ପିନ୍ଧି ବିଦ୍ୟାଳୟକୁ ଆସିବା ଲାଗି ପ୍ରଧାନଶିକ୍ଷକ ନିର୍ଦ୍ଦେଶ ଦେଇଥିଲେ।

# ବାବା ଆଖଣ୍ଡଳମଣିଙ୍କ ପାଖରେ ଲାଗିହେଲା ମକର ଚାଉଳ, ପୋଡପିଠା

**ଆରଡି, ୧୪।୧(ଡି.ଏନ.ଏ.)**

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡିରେ ଅବସ୍ଥିତ ବାବା ଆଖଣ୍ଡଳମଣି ମନ୍ଦିରରେ ମକର ସଂକ୍ରାନ୍ତୀ ଉପଲକ୍ଷେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା । ଭୋର ୪ଟାରେ ପୀଠରେ ଭିଡ ଜମିଥିଲା । ସାଢେ ୪ଟାରେ ମନ୍ଦିର ପହୁଡ ଖୋଲାଯାଇ ବାବାଙ୍କ ପାଖରେ ମଙ୍ଗଳ ଆଳତି କରାଯାଇ ଘର୍ଷଣ ଭୋଗ ଓ ବାଲ୍ୟଭୋଗ ବାବାଙ୍କୁ ଅର୍ପଣ କରାଯାଇଥିଲା । ପରେ ସେବାୟତ ମାନେ ଜଣଙ୍କ ପରେ ଜଣେ ନିଜଘରେ ପ୍ରସ୍ତୁତ ମକର ଚାଉଳ ଓ ପୋଡପିଠା ନୈବେଦ୍ୟ ଆକାରରେ ବାବାଙ୍କୁ ସମର୍ପଣ କରିଥିଲେ । ଆରଡି ଅଞ୍ଚଳରେ ଅଧିକାଂଶ ପରିବାର କୃଷି ଉପରେ ନିର୍ଭରଶୀଳ । ସେମାନେ ନିଜ ଧାନ ଶସ୍ୟର ପ୍ରଥମ ଚାଉଳକୁ ଛେନା, ନଡିଆ, ସହ ମିଶାଇ ମକର ଚାଉଳ ପ୍ରସ୍ତୁତ କରିବା ସହ ସେହି ଚାଉଳରେ ପୋଡପିଠା ମଧ୍ୟ ପ୍ରସ୍ତୁତ କରି ବାବା ଆଖଣ୍ଡଳମଣିଙ୍କୁ ସମର୍ପଣ କରିବାର ପରମ୍ପରା ରହିଛି । ପୀଠର ସମସ୍ତ ସେବାୟତ ପରିବାର ନିଷ୍ଠାର ସହ ମନରେ ଭକ୍ତିଭାବ ପୋଷଣକରି ବାବାଙ୍କୁ ମକର ଭୋଗ ଅର୍ପଣ କରିଥଲେ । ସେହି ଭୋଗକୁ ପୀଠରେ ଉପସ୍ଥିତ ଭକ୍ତ ମାନଙ୍କୁ ବଣ୍ଟନ କରାଯାଇଥିଲା । ବାବାଙ୍କୁ ସମର୍ପିତ ମକର ପୋଡପୀଠା ଭୋଗ ଖାଇଲେ ଚର୍ମରୋଗ ଆରୋଗ୍ୟ ହୋଇଥାଏ ବୋଲି ବିଶ୍ୱାସ ରହିଛି । ତେଣୁ ଏଠାରେ ମକର ଭୋଗ ସେବନ କରିବାପାଇଁ ଭକ୍ତ ମାନଙ୍କର ପ୍ରବଳ ଭିଡ ହୋଇଥିଲା । ଏଥିସହିତ ପୀଠରେ ଦିନତମାମ ଭିଡ ପରିଲକ୍ଷିତ ହୋଇଥିଲା । ପ୍ରଭୁଙ୍କୁ ଦର୍ଶନ କରିବାଲାଗି ଲମ୍ବା ଲାଇନ ଦେଖିବାକୁ ମିଳିଥିଲା । ଭିଡକୁ ଦୃଷ୍ଟିରେ ରଖି ଆରଡି ଫାଣ୍ଡି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦାସଙ୍କ ତତ୍ତ୍ୱାବଧାନରେ ପୀଠରେ ଶାନ୍ତିଶୃଙ୍ଖଳା ରକ୍ଷାକରାଯାଇଥିଲା ।



ବାବା ଆଖଣ୍ଡଳମଣିଙ୍କୁ ମକର ପୋଡପିଠା ସମର୍ପଣ କରାଯାଇଛି ।

# ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

**ଚାନ୍ଦବାଲି,୧୪।୧(ଡି.ଏନ.ଏ.)**

ଚାନ୍ଦବାଲି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨୭ ତମ ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ନିମାଇଁ ଚରଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ବିଧାୟକ ବ୍ୟୋମକେଶ ରାୟ ମୁଖ୍ୟ ଅତିଥି ଓ ଭଦ୍ରକ ଜିଲା ପରିଷଦର ଅଧ୍ୟକ୍ଷ ଦ୍ୱିଜବର ରାଉତ ମୁଖ୍ୟବକ୍ତା ଭାବେ ଉଦ୍‌ବୋଧନ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୀତିନାଟ୍ୟ ଓ ଅନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।ଶିକ୍ଷାକେନ୍ଦ୍ରର ସମ୍ପାଦକ ନରେନ୍ଦ୍ର ନାଥ ଯତି, ଟ୍ରଷ୍ଟ ସଦସ୍ୟ ରଜନୀକାନ୍ତ ମହାନ୍ତି, ନିମାଇଁ ଚରଣ ମହାନ୍ତି, ଅଧକ୍ଷ ଅକ୍ଷୟ ନାୟକଙ୍କ ସମେତ ଶିକ୍ଷାକେନ୍ଦ୍ରର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# 'ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ'

**କପ୍ତିପଦା,୧୪।୧(ଡ଼ି.ଏନ୍.ଏ)**

କପ୍ତିପଦା ବ୍ଲକ୍ ବଡ ବିଶୋଳ ପଂଚାୟତର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଶୋଳ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ୧୫୫ତମ ଜନ୍ମ ଶତବାର୍ଷିକୀ ତଥା ଜାତୀୟ ଯୁବ ସପ୍ତାହ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୟୂରଭଞ୍ଜ ଏମ୍ପି ଇଂ ରାମଚନ୍ଦ୍ର ହାଁସଦାଃ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଆଜିର ଯୁବପିଢ଼ିଙ୍କୁ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେ ଆହ୍ୱାନ ଜଣାଇଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ମହାଳିକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିବେକାନନ୍ଦ କେନ୍ଦ୍ର, କନ୍ୟାକୁମାରୀ ବାରିପଦା ଶାଖାର ନଗର ପ୍ରମୁଖ ପ୍ରଦୀପ କୁମାର ଚାନ୍ଦ, କୃଷି ବିଜ୍ଞାନୀ ପରେଶ କୁମାର ସାହୁ, ବିଶୋଳ ସରପଞ୍ଚ ହୀରାମଣି ସୋରେନ୍, ସମିତି ସଭ୍ୟା ଚନ୍ଦ୍ରମଣି ପଶା, ଶିକ୍ଷାବିତ୍ ଯୋଗେନ୍ଦ୍ରନାଥ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ କାର୍ଯ୍ୟକାରୀ ସଭାପତି ଭୋଳେଶ୍ୱର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।



A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଲୋହଡ଼ି ଧମାକା
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 40,00,000 ସନ୍ତୁଷ୍ଟ ଗ୍ରାହକ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାରକାର୍ଡ ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
8126568293
8126592819
SCO- 106, Second Floor, Vishal Tower, Cannaught Place, Delhi.

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

GET INSTANT CASH AGAINST GOLD
GOLD CASH
An ISO Certified Company
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଜଣେ କର୍ମଚାରୀଙ୍କୁ ବସ୍ତ୍ର ପ୍ରଦାନ

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

MAHENDAR FINANCE



• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଆଣିଛୁ କମ୍ ସୁଧରେ ଋଣର ସୁବିଧା। ମାତ୍ର ୨% ସୁଧ ୩୫% ସରକାରୀ ସବ୍‌ସିଡି । ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ।
(Shri Jagannath Finance Group)
ଭାରତର ନଂ.୧ କମ୍ପାନୀ
Helpline Numbers-
7497815594
9585831878
S/o Mahesh Chandra Gupta, C-281,Pratap Gali, Nanak Chand Basti, Kotla Mubarakpur, Mubarakpur, South Delhi, Delhi-110003

ନୋଭେଲ୍ଟି ଫାଇନାନ୍ସ କମ୍ପାନୀ
ଯୋଗାଉଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ସମସ୍ତ ଋଣ ଘରେ ବସି ମାତ୍ର 48 ଘଣ୍ଟାରେ (ଠକାମିର ଶିକାର ବ୍ୟକ୍ତି ଯୋଗାଯୋଗ କରନ୍ତୁ) ମହିଳାଙ୍କ ପାଇଁ ବିଶେଷ ରିହାତି। 1% ସୁଧ 50% ରିହାତି।
8130122601
7834906158
Dakhin Ganv, Baijnathpur, Wazirganj, Gaya - 205131

Bandhan Finance
ରୋଜଗାର ଯୋଜନା ଘରେ ବସି ଋଣ ମାତ୍ର 2 ଦିନରେ । ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ପର୍ସନାଲ, ସରକାରୀ, ଘରୋଇ ଚାକିରି ଏବଂ ସବୁ ପ୍ରକାର ଋଣ । ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ସୁଧ 1% ରିହାତି 50%
7800718597
H.No. - 249, Vill- SISWALIA Teh.- DADRI, Dist- BHIWANI

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ଗୋଟିଏ ଚାକିରି, ମାଗଣା ମୋବାଇଲ, ବାଇକ୍। ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Krolbagh
Contact:- 8676907143
7050017585

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

## ସଂକ୍ଷେପରେ

### ଯାତ୍ରୀ ବିଶ୍ରାମାଗାର ଲୋକାର୍ପିତ



ଖଇରା, ୧୪।୧(ଡି.ଏନ.ଏ.): ଖଇରା ବ୍ଲକର କୁପାରୀ ବଜାରରେ ବହୁ ପ୍ରତୀକ୍ଷିତ ଯାତ୍ରୀ ବିଶ୍ରାମାଗାର ସୋମବାର ପବିତ୍ର ମକରମେଳା ଅବସରରେ ସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଯାଇଛି। ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପୂଜାର୍ଚ୍ଚନା ପୂର୍ବକ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ଉପାଧକ୍ଷ ଜୟନ୍ତ ରାଉତ, ସରପଞ୍ଚ ଭବଜ୍ୟୋସ୍ନା ନାୟକ, ଶୂନ୍ୟବ୍ରହ୍ମ ଡ୍ରାଇଭର ସଂଘର ସଭାପତି ବସନ୍ତ ଜେନା, ସମ୍ପାଦକ ରମେଶ ସାମଲଙ୍କ ସମେତ ସମସ୍ତ ସଭ୍ୟ, ବଜାରବାସୀ ଉପସ୍ଥିତ ଥିଲେ। ଶୁନ୍ୟବ୍ରହ୍ମ ଡ୍ରାଇଭର ଓ ମାଲିକ ସଂଘ ପକ୍ଷରୁ କୁପାରୀରେ ଏକ ଯାତ୍ରୀ ବିଶ୍ରାମାଗାର ପାଇଁ ଦାବି ହେବା ପରେ ବିଧାୟକ ପାଣ୍ଠିରୁ ଏହି ବିଶ୍ରାମାଗାର ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା।




# ପ୍ରତିଭାସମ୍ପନ୍ନ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର ଅଫିସ,୧୪।୧

ଫକୀରମୋହନଙ୍କର ୧୭୭ତମ ଜୟନ୍ତୀ ଉତ୍ସବର ଦ୍ୱିତୀୟ ଦିବସ ସୋମବାର କବିତୀର୍ଥ ଶାନ୍ତିକାନନ ପରିସରରେ ପାଳିତ ହୋଇଛି। ଫକୀରମୋହନ ସାହିତ୍ୟ ପରିଷଦ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ପରିଷଦ ସଭାପତି ଡ.ଶିଶିର ଚନ୍ଦ୍ର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ପରିଷଦର ମୁଖପତ୍ର 'ସାହିତ୍ୟ ବାହିକା' ଉନ୍ମୋଚନ ସହ ଅତିଥିଙ୍କ ଉପସ୍ଥିତିରେ ୨୦ଜଣ ପ୍ରତିଭାସମ୍ପନ୍ନ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବକ୍ତାମାନେ ଫକୀରମୋହନଙ୍କ ଭାଷା ସୃଷ୍ଟିରେ ଚମତ୍କାରିତା, ବିଷୟବସ୍ତୁ, ସମୟ ନିର୍ଦ୍ଧାରଣ, ସଂଳାପଧର୍ମିତା ସମ୍ପର୍କରେ ଆଲୋଚନା କରିଥିଲେ।

ମୁଖ୍ୟଅତିଥି ଭାବରେ ଉଚ୍ଚଶିକ୍ଷା ଓ ଶିଳ୍ପମନ୍ତ୍ରୀ ଅନନ୍ତ ଦାସ ଯୋଗଦେଇ ଫକୀରମୋହନଙ୍କ ଆତ୍ମା ଏବେ ବି ଶାନ୍ତିକାନନ ପରିସରରେ ରହିଛି। ଏଠାକୁ ବହୁ କବି ଏବଂ ଲେଖକ ଆସି ତାଙ୍କର ସାନିଧ୍ୟ ପାଇଥାନ୍ତି ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟ ଯୋଗ ଦେଇଥିଲେ। ସମ୍ପାଦକ ଡା.ଗୋପାଳ କୁମାର, ନିବାରଣ ଜେନା, ତପନ ରାୟ ପ୍ରମୁଖ ସଭା ପରିଚାଳନା କରିଥିଲେ। ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମରେ ଶାନ୍ତନୁ ଆଚାର୍ଯ୍ୟ, ସୂର୍ଯ୍ୟସ୍ନାତ ତ୍ରିପାଠୀ, ଡ.କୃଷ୍ଣଚନ୍ଦ୍ର ପ୍ରଧାନ, ଡ.ବିଷ୍ଣୁପ୍ରିୟା ଓତା, ବିମଳ ଜେନା, ଇନ୍ଦିରା ଦାଶ, ସହଦେବ ସାହୁ, ଡ.ବିଜୟ କୁମାର ଶତପଥି, ଡ. ମୀନାକ୍ଷୀ ଦେବୀ, ଡ. ଶଙ୍କରଲାଲ ପୁରୋହିତ, ଡ.କୁଳାଙ୍ଗାର, ପିତାମ୍ବର ଦାସ, ବିଜୟ କୁମାର ମହନ୍ତି, ବିଷ୍ଣୁପଦ ଦାସ, ଘନ ପରିଡା, ଅକ୍ଷୟ ବେହେରା, ସୁବାସିନୀ ଜେନା, ସନ୍ନୋ ଦେବୀ, ଡ.ପ୍ରଭାବତୀ ପଣ୍ଡା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନରେ କବିତା ପାଠୋତ୍ସବ ଦୀନବନ୍ଧୁ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ରୁ ଊର୍ଦ୍ଧ୍ୱ କବି ଓ ଲେଖକ ଅଂଶଗ୍ରହଣ କରିଥିଲେ। ତନୁଜା ପଣ୍ଡା ଏବଂ ପ୍ରଦୀପ୍ତ ମିଶ୍ର ଉଭୟ ସଂଯୋଜନା କରିଥିଲେ। ସନ୍ଧ୍ୟାରେ ସୁଶାନ୍ତ କୁମାର ଦାସଙ୍କ ରଚିତ ନାଟକ 'ଶ୍ରେଷ୍ଠ ଅବତାର' ମଞ୍ଚସ୍ଥ ହୋଇଥିଲା। ଏହାକୁ ବହୁ ଦର୍ଶକ ମନଭରି ଉପଭୋଗ କରିଥିଲେ।

### ଫକୀରମୋହନ ଜୟନ୍ତୀ ଉତ୍ସବର ଦ୍ୱିତୀୟ ଦିବସ



ଫକୀରମୋହନ ଜୟନ୍ତୀ ଉତ୍ସବରେ ପ୍ରତିଭାସମ୍ପନ୍ନ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



ମସ୍‌ଜିଦ ପରିସରରେ ଉପସ୍ଥିତ ଶ୍ରଦ୍ଧାଳୁ।

■ ହାଜରତ ସୈୟଦ ଜମାଲ ଶାହା ବାବାଙ୍କ ବାର୍ଷିକ ଉତ୍ସବ

# ଲକ୍ଷାଧିକ ଭକ୍ତଙ୍କ ସମାଗମ

ରେମୁଣା, ୧୪।୧(ଡ଼ି.ଏନ୍.ଏ.)

ରେମୁଣା ବ୍ଲକ ଅଧୀନ ବରୁଣସିଂ ପଞ୍ଚାୟତ ପାଟରା ଗ୍ରାମରେ ହାଜରତ ସୈୟଦ ଜମାଲ ଶାହାବାବାଙ୍କ ବାର୍ଷିକ ଉତ୍ସବ ଲକ୍ଷାଧିକ ଭକ୍ତଙ୍କ ଗହଣରେ ପାଳିତ ହୋଇଯାଇଛି। ଜିଲା ତଥା ଜିଲା ବାହାରୁ ଶ୍ରଦ୍ଧାଳୁମାନେ ଯୋଗଦେଇ ସେମାନଙ୍କର ମନସ୍କାମନା ପୂରଣ ପାଇଁ ବାବାଙ୍କ ପାଖରେ ଭୋଗ ଓ ସିରିଡ଼ି ଚଢ଼ାଇଥିଲେ। ଭକ୍ତମାନଙ୍କର ଦାନ ଅର୍ଥରେ ବାବାଙ୍କର ମସ୍‌ଜିଦ୍ ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଥାଏ। ଆଜିପର୍ଯ୍ୟନ୍ତ ସରକାରଙ୍କ ତରଫରୁ କୌଣସି ସହାୟତା ଦିଆଯାଇ ନ ଥିବାରୁ କମିଟି ଓ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି।

ଏହି ଅବସରରେ ୫୦୦ରୁ ଊର୍ଦ୍ଧ୍ୱ ଦୋକାନ ଖୋଲାଯାଇଛି। ଅପରପକ୍ଷେ ପରିଚାଳନାଗତ ତ୍ରୁଟି ଯୋଗୁ ମହିଳା ଭକ୍ତ ଓ ଶିଶୁମାନେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହୋଇଥିଲେ। ୧୬ନଂ. ଜାତୀୟ ରାଜପଥ ସେରଗଡ଼ଠାରୁ ନୀଳଗିରି ରୋଡ଼ ରେଲୱେ ଷ୍ଟେଶନ ଓ ବାବାଙ୍କ ଆସ୍ଥାନସ୍ଥଳୀରେ ଭିଡ଼କୁ ଦୃଷ୍ଟିରେ ରଖି ଅଗ୍ନିଶମ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ୨ ପ୍ଲାଟୁନ୍ ପୋଲିସ ଫୋର୍ସ ଓ ୬ ଜଣ ଅଫିସର ମୁତୟନ ହୋଇଥିଲେ। ଖନ୍ତାପଡ଼ା ଥାନାଧିକାରୀ ଶ୍ରୀବଲ୍ଲଭ ସାହୁ ଓ ସେରଗଡ଼ ଫାଣ୍ଡି ଅଧିକାରୀ ଅଭିମନ୍ୟୁ ଦାସ ଉପସ୍ଥିତ ରହି ପରିସ୍ଥିତି ଅନୁଧ୍ୟାନ କରିଥିଲେ। କମିଟି ସଭାପତି ଦାମୋଦର ଖଣ୍ଡା, ସମ୍ପାଦକ ସେକ୍ ନୁସିବୁର ରହେମାନ ଓ କମିଟିର ସଦସ୍ୟ କରୁଣାକର ଖଣ୍ଡା, ଶିଶିର ଶତପଥି, ପରେଶ ଜେନା, ସୁବ୍ରତ ବାରିକ୍, ଜୟଚନ୍ଦ୍ର ବାରିକ୍, ଦିନେଶ କୁମାର ଦାସ, ଦିଗାମ୍ବର ଖଣ୍ଡା ପ୍ରମୁଖ ଭକ୍ତମାନଙ୍କର ସୁରକ୍ଷା ପ୍ରତି ଧ୍ୟାନ ଦେଉଥିବାର ଦେଖିବାକୁ ମିଳିଥିଲା।



ଗଙ୍ଗାସାଗର ମେଳାରେ ଭକ୍ତଙ୍କ ଗହଳି।

# ପାଣ୍ଡବଘେରା ମକର ମେଳା

ଔପଦା, ୧୪।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଔପଦା ବ୍ଲକ ଅଘିରାପଦା ପଞ୍ଚାୟତର ବଣପାହାଡ ପରିବେଷ୍ଟିତ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ପାଣ୍ଡବଘେରାଠାରେ ମକର ମେଳା ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରତିବର୍ଷ ମକର ମେଳାରେ ହଜାର ହଜାର ଶ୍ରଦ୍ଧାଳୁ ଦର୍ଶକଙ୍କ ଭିଡ ହୋଇଥାଏ। ଏ ବର୍ଷ ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯାତ୍ରୀଙ୍କର ଭିଡ ଦେଖିବାକୁ ମିଳିଥିଲା। ନିକଟସ୍ଥ ଖଇରା, ସୋର, ସିମୁଳିଆ ଏବଂ ସୀମାନ୍ତ ମୟୂରଭଞ୍ଜର କପ୍ତିପଦା ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥିଲା। ପାହାଡ ଶିଖରରେ ଥିବା ମନ୍ଦିରରେ ଯାଗଯଜ୍ଞ, ଭଜନ କୀର୍ତ୍ତନ ହେବା ସହ ଯାତ୍ରୀମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସ୍ଥାନୀୟ ପ୍ରଶାସନ ତରଫରୁ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। ସ୍ଥାନୀୟ ପୋଲିସ ତରଫରୁ ମେଳା ସ୍ଥାନରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସୁବ୍ୟବସ୍ଥା କରାଯାଇଥିଲା।

# ଏଟିଏମ୍ କାଉଣ୍ଟର ଉଦ୍‌ଘାଟିତ

ଜଳେଶ୍ୱର, ୧୪।୧(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ଗୋବରଘାଟା ପଞ୍ଚାୟତର ଅଗ୍ରୱାଲା ଛକଠାରେ ବକ୍ରାଙ୍ଗୀ କମ୍ପାନୀ ତରଫରୁ ଏକ ୨୪ ଘଣ୍ଟିଆ ଏଟିଏମ୍ ସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ବୁଦ୍ଧେଶ୍ୱର ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନନ୍ତ ଘୋଷ, ପ୍ରତୀକ୍ଷ ସାମଲ, ଯୁବନେତା ସୁବ୍ରତ ଘୋଷ, କ୍ଷୀରୋଦ ଗିରି, ମନୋଜ ମହାନ୍ତି, ସୁମତୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଏଟିଏମ୍ କେନ୍ଦ୍ରରେ ଇନ୍ସ୍ୟୁରାନ୍ସ, ୟୁନିୟନ ବ୍ୟାଙ୍କର ଆକାଉଣ୍ଟ ଖୋଲାଯାଇପାରିବା ସହିତ ୨୪ ଘଣ୍ଟିଆ ସମସ୍ତ ବ୍ୟାଙ୍କର ଏଟିଏମ୍ କାର୍ଯ୍ୟକ୍ଷମ ହୋଇପାରିବ ବୋଲି ସେଣ୍ଟର ମାଲିକ ପ୍ରଫୁଲ୍ଲ ସାମଲ ସମସ୍ତଙ୍କୁ ଅବଗତ କରାଇଥିଲେ।

# ମକର ସଂକ୍ରାନ୍ତିରେ ବୁଡ଼ ପକାଇଲେ ୨୭ ଲକ୍ଷ ଶ୍ରଦ୍ଧାଳୁ

### ଗଙ୍ଗାସାଗର ମେଳା

ଭୋଗରାଇ, ୧୪।୧(ଡି.ଏନ.ଏ.)

ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପ୍ରଗଣା ଜିଲା ସାଗରଦ୍ୱୀପରେ ଅନୁଷ୍ଠିତ ଗଙ୍ଗାସାଗର ମେଳାରେ ମକରସଂକ୍ରାନ୍ତି ଉପଲକ୍ଷେ ସୋମବାର ୨୭ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସେଠାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରାଯାଇଛି। ଏହି ଅବସରରେ ବିଭିନ୍ନ ହାଇକୋର୍ଟର ବିଚାରପତି, ମନ୍ତ୍ରୀ ଓ ନେତା ଯୋଗ ଦେଇଥିଲେ। ବୁଡ଼ ପକାଇବା ବେଳେ ମଧ୍ୟପ୍ରଦେଶର ଦାମୋଦର ଯାଦବ(୬୪) ନାମକ ଶ୍ରଦ୍ଧାଳୁ ହୃଦ୍‌ଘାତରେ ପ୍ରାଣ ହରାଇଥିବା ସୂଚନା ମିଳିଛି।

ମଙ୍ଗଳବାର ପୁଣ୍ୟସ୍ନାନ ଥିବାରୁ ବହୁ ତୀର୍ଥଯାତ୍ରୀ ରୁଟ ନଂ. ୮, କାକାଦ୍ୱୀପ-ନାମଖାନା, କୋଲକତାର ବାବୁଘାଟଠାରେ ଗଙ୍ଗାସାଗରକୁ ଆସିବା ପାଇଁ ଅପେକ୍ଷାରେ ଅଛନ୍ତି ବୋଲି ଜିଲା ପ୍ରଶାସନ ୱାଇ.ରତ୍ନାକର ରାଓ ସୂଚନା ଦେଇଛନ୍ତି। ଓଡ଼ିଶାର ବିଭିନ୍ନ ଜିଲାରୁ ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ତୀର୍ଥଯାତ୍ରୀ ସେଠାକୁ ଯାଇଛନ୍ତି। ବହୁ ଭକ୍ତଙ୍କ ଆତ୍ମୀୟସ୍ୱଜନ ନିଖୋଜ ହୋଇଯାଉଥିବାରୁ ଡକାବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଉଛି। ଭକ୍ତଙ୍କୁ ସହାୟତା କରିବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଗେଇ ଆସିଛନ୍ତି। ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ସହ ବହୁ ଧର୍ମଗୁରୁ, ସାଧୁ ଓ ସନ୍ଥମାନେ ଏହି ମେଳାରେ ଯୋଗ ଦେଇଛନ୍ତି।

CLASSIFIED DISPLAY













| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)
For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable






## ସଂକ୍ଷେପରେ

### ୪ବଖରା ଜଳିଗଲା

ତିହିଡ଼ି,୧୪।୧(ଡି.ଏନ୍.ଏ.): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ବାମନବିନ୍ଧା ପଞ୍ଚାୟତ ଅଧୀନ ଖେଦରପୁର ଗ୍ରାମରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟି ମୋହନ ନାୟକଙ୍କ ୪ବଖରା ଘର ଜଳି ଯାଇଛି। ଅଗ୍ନିକାଣ୍ଡରେ ମୋହନ ଘରେ ରଖିଥିବା ନଗଦ ୪୦ ହଜାର ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଜଳି ଯାଇଛି। ଅଗ୍ନିକାଣ୍ଡର ସଠିକ କାରଣ ଜଣା ପଡ଼ିନାହିଁ। ଖବର ପାଇ ଗଦିରୁ ଦମକଳବାହିନୀ ଯାଇ ନିଆଁକୁ ଆୟତ୍ତ କରିଥିଲା।

### ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ, ୨ଗିରଫ

ଭଣ୍ଡାରିପୋଖରୀ,୧୪।୧(ଡି.ଏନ.ଏ.): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ରଣଜିତ ପଞ୍ଚାୟତର ନିଳାଦ୍ରି ଗ୍ରାମରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ପୃଥକ ପୃଥକ ଦୁଇଟି ମାମଲା ରୁଜୁ ହୋଇଛି। ପୂର୍ବ ଶତ୍ରୁତାକୁ ନେଇ ଉଭୟ ପରିବାର ମଧ୍ୟରେ ୧୦ ତାରିଖରେ ଗଣ୍ଡଗୋଳ ଘଟିଥିଲା। କନକ ମଳିକଙ୍କ ଅଭିଯୋଗ କ୍ରମେ ଭଣ୍ଡାରିପୋଖରୀ ପୋଲିସ ତ୍ରିନାଥ ମଳିକ, ଜଗନ୍ନାଥ ମଳିକ, ବିଶ୍ୱନାଥ ମଳିକ, ଜ୍ୟୋତିପ୍ରକାଶ ମଳିକ ଓ ବିକାଶ ମଳିକଙ୍କ ନାମରେ ମାମଲା (ନଂ୪/୧୯) ରୁଜୁ କରି ତ୍ରିନାଥଙ୍କୁ ଗିରଫ କରିଛି। ସେହିପରି ଅଜୁ ମଳିକଙ୍କ ଅଭିଯୋଗ କ୍ରମେ ମନୋଜ ମଳିକ ଓ କନକ ମଳିକଙ୍କ ନାମରେ ଦୁଇ ମାମଲା(ନଂ.୫/୧୯) ରୁଜୁ କରି ମନୋଜ ମଳିକଙ୍କୁ ଗିରଫ କରାଯାଇଛି। ଥାନା ଏସଆଇ ବିକ୍ରମ ହେମ୍ବ୍ରମ ଘଟଣାର ତଦନ୍ତ କରୁଛନ୍ତି।

### ୭ ଅଭିଯୋଗର ହେଲା ଶୁଣାଣି

ବନ୍ତ,୧୪।୧(ଡି.ଏନ୍.ଏ.): ସୋମବାର ବନ୍ତ ପଞ୍ଚାୟତ ସମିତ ପରିସରରେ ଜିଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୭ଟି ଅଭିଯୋଗ ଆସିଥିଲା। ଏହି ଜନଶୁଣାଣିରେ ଜିଲାପାଳ ଜ୍ଞାନରଞ୍ଜନ ଦାସ, ଜିଲା ଆରକ୍ଷୀ ଅଧୀକ୍ଷକ ରାଜେଶ ପଣ୍ଡିତ, ଉପଜିଲାପାଳ ସୁଚାରୁ ବଳ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ର, ତହସିଲଦାର ଫକୀର ଚରଣ ପରିଡ଼ା, ବିଡିଓ ରେବେକା ବିଲୁଙ୍ଗ, ଡିଏସଏସଓ ହରେନ୍ଦ୍ର କୁମାର ଦେହୁରୀ, ସହକାରୀ କୃଷି ଅଧିକାରୀ ଆଗରପଡା ତୁଷାରକାନ୍ତ ପତି, ସିଡିପିଓ ରେଣୁବାଳା ଦାଶ, ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିଶାକର ଖୁଣ୍ଟିଆ, ନିତ୍ୟାନନ୍ଦ ନାୟକ, ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ୨୫ରୁ ରାଜ୍ୟସ୍ତରୀୟ ବିଦ୍ୟାଧର ସାହୁ ସ୍ମାରକୀ ଟୁର୍ଣ୍ଣାମେଣ୍ଟ

ଭଣ୍ଡାରିପୋଖରୀ, ୧୪।୧(ଡି.ଏନ.ଏ.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡ ଡାକ୍ତରଖାନା ଖେଳପଡିଆଠାରେ ୨୫ ତମ ବିଦ୍ୟାଧର ସାହୁ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୫ ତାରିଖ ଠାରୁ ଆରମ୍ଭ ହେବ ବୋଲି ମହାବୀର ଯୁବକ ସଂଘ ପକ୍ଷରୁ କୁହାଯାଇଛି। ମହାବୀର ଯୁବକ ସଂଘ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେବେ। ଏହି ଟୁର୍ଣ୍ଣାମେଣ୍ଟରେ ୨୭ ତାରିଖ ପ୍ରଥମ ସେମି ଫାଇନାଲ ଓ ୩୦ ତାରିଖ ୨ୟ ସେମି ଫାଇନାଲ ମ୍ୟାଚ ହୋଇ ଫେବୃୟାରୀ ୩ ତାରିଖ ରବିବାର ଗ୍ରାଣ୍ଡ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏନେଇ ମହାବୀର ଯୁବକ ସଂଘର ସଭାପତି ଗୋପିନାଥ ନାୟକ ଓ ସମ୍ପାଦକ ଧନେଶ୍ୱର ସ୍ୱାଇଁ ଜଣାଇଛନ୍ତି।

### ନାରୀ ଶକ୍ତି, ନାରୀ ଅଧିକାର ଆଲୋଚନାଚକ୍ର

ଭଦ୍ରକ ଅଫିସ,୧୪।୧: ନୂଆବଜାର ଗାନ୍ଧିପଡିଆ ଠାରେ ଚାଲିଥିବା ସଞ୍ଜୀବ ଜୁଏଲର୍ସ ପ୍ରାୟୋଜିତ ଭଦ୍ରକ ଜିଲା ମହୋତ୍ସବର ରବିବାର ନବମ ସନ୍ଧ୍ୟାର ଉତ୍ସବ ମହୋତ୍ସବ କମିଟିର ସ୍ଥାୟୀ ସଭାପତି ପଣ୍ଡିତ ଦୈତାରୀ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଦୁର୍ଗାଶଙ୍କର ବିଶ୍ୱାଳଙ୍କ ଅତିଥି ପରିଚୟ ଏବଂ ସମ୍ପାଦକ ଶ୍ରୀକାନ୍ତ ତ୍ରିପାଠୀଙ୍କ ସମ୍ପାଦକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ମଞ୍ଚରେ ନାରୀ ଶକ୍ତି ଓ ନାରୀ ଅଧିକାର ଶୀର୍ଷକ ବିଷୟ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ନାରୀନେତ୍ରୀ ସୁଲତା ଦେଓ ଯୋଗ ଦେଇ ସାନ୍ଧ୍ୟ ଉତ୍ସବକୁ ଉଦ୍‌ଘାଟନ କରି ବକ୍ତବ୍ୟରେ କହିଥିଲେ ଯେ ବର୍ତ୍ତମାନ ସମାଜରେ ନାରୀ ଆଉ ଦୁର୍ବଳା ଅବଳା ନୁହନ୍ତି। ସେମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ସାରିଛନ୍ତି। ମାତ୍ର ମହିଳାଙ୍କୁ ଯେତିକି ସମ୍ମାନ ମିଳିବା କଥା ସେତିକି ସମ୍ମାନ ମିଳୁ ନାହିଁ। ସେଥିଲାଗି ପୁରୁଷ ସମାଜ ମଧ ସଚେତନ ହେବା ଉଚିତ ବୋଲି ମତ ରଖିଥିଲେ। ଅନ୍ୟତମ ଅତିଥି ଭାବେ କବି ବନ୍ଦନା ହରିଚନ୍ଦନ, ସାମାଜିକ କର୍ମୀ ସୀମା ଦାସ, ଜ୍ୟୋତ୍ସ୍ନାମୟୀ ପାତ୍ର, ଏଲିନା ସ୍ୱାଇଁ, ଅସୀମା ରାଉତରାୟ, ଭଦ୍ରକ ମାନବାଧିକାର ସୁରକ୍ଷା ସେଲର ସଭାପତି ରାଜଲକ୍ଷ୍ମୀ ମହାପାତ୍ର, ମୁଖ୍ୟବକ୍ତା ଭାବେ କଳ୍ପନା ଜେନା ଯୋଗ ଦେଇଥିଲେ।

■ ୯୪ ବର୍ଷରେ ବିଦେଇପୁର କପିଳ ମୁନି ମକରମେଳା

# ଏକ ମାସ ଧରି ପୀଠ ଚଳଚଞ୍ଚଳ

ପଦ୍ମପୁର,୧୪।୧(ଡି.ଏନ.ଏ.)


କପିଳ ମୁନିଙ୍କ ପୀଠ।

ବାସୁଦେବପୁର ବ୍ଲକ ଅଧୀନ ବିଦେଇପୁର ପଞ୍ଚାୟତର କପିଳ ମୁନି ପଡିଆରେ ରବିବାର ଠାରୁ ଆରମ୍ଭ ହୋଇଛି ମକର ମେଳା। ଚଳଚଞ୍ଚଳ ହୋଇଛି ବିଦେଇପୁର ଗ୍ରାମ। ୧୯୨୫ ମସିହା ଠାରୁ ଆରମ୍ଭ ହୋଇଥିବା ଏହି ମକର ମେଳା ୯୪ ବର୍ଷରେ ପହଞ୍ଚିଛି। ସୋମବାର ଠାରୁ ଆରମ୍ଭ ହୋଇଥିବା ଏହି ମେଳା ଫେବୃୟାରୀ ୧୨ ତାରିଖ ପର୍ଯ୍ୟନ୍ତ ପାଳିତ ହେବ। ଏଥିଲାଗି ରବିବାର ଅଧିବାସ ସାଙ୍ଗକୁ କଳସ ଶୋଭାଯାତ୍ରା ଆରମ୍ଭ ହୋଇ ସୋମବାର ଠାରୁ ନବରାତ୍ର ନାମଯଜ୍ଞ ଭାଗବତ ପାରାୟଣ, ନାମ ସଂକୀର୍ତ୍ତନ, ଭାଗବତ ପଠନ, ନଗର କୀର୍ତ୍ତନ ଓ ହରିହାଟ ୯ ଦିନ ଧରି ପାଳିତ ହେବ ବୋଲି କପିଳମୁନି ନବରାତ୍ର ନାମଯଜ୍ଞ ମହୋତ୍ସବ କମିଟିର ସଭାପତି ବଳରାମ ଦାସ କହିଛନ୍ତି। ଏହାପରେ ୨୩ ତାରିଖ ଠାରୁ ୪ ଦିନ ଧରି ପାଲା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅପେରା ପରିବେଷଣର କାର୍ଯ୍ୟକ୍ରମ ରହିଥିବାର ସୂଚନା ମିଳିଛି। କଥିତ ଅଛି କପିଳ ମୁନିଙ୍କର ସ୍ୱପ୍ନାଦେଶ କ୍ରମେ ଏହି ପୂଜା ମହାସମାରୋହରେ ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ବିଧି ଅନୁଯାୟୀ ପାଳନ କରାଯାଉଛି। ଗୋଟିଏ ଦିନ ପାଳନ କରାଯାଉଥିବା ଏହି ମକର ସଂକ୍ରାନ୍ତି ପରିବର୍ତ୍ତିତ ସମୟରେ ଏକ ମାସ ଧରି ପାଳିତ ହେବା ସହ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କର ସମାଗମ ହେଉଛି। ରାଜ୍ୟ ତଥା ରାଜ୍ୟବାହାରୁ କଳାକାର ମାନେ ଓଡିଆ ସଂସ୍କୃତି ଓ ପରମ୍ପରାକୁ ନେଇ ପରିବେଷଣ କରୁଛନ୍ତି । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥିପାଇଁ ସର୍ବଦଳୀୟ ବିଦେଇପୁର କପିଳ ମୁନି ଗ୍ରାମ ଉନ୍ନୟନ କମିଟି ସଞ୍ଜୟ ମହାଳିକଙ୍କର ସଭାପତିତ୍ୱରେ ସୁଶୀଳ ପାଣିଗ୍ରାହୀ ସମ୍ପାଦକ, ସରପଞ୍ଚ ସୁବ୍ରତ କୁମାର ରାୟ, ସମିତିସଭ୍ୟା ନିବେଦିତା ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନର ଅନୁଷ୍ଠିତ ଏହି କମିଟିରେ ଶତାଧିକ ପରିଚାଳନା ସଭ୍ୟାସଭ୍ୟ ଓ ଗ୍ରାମବାସୀ ସହଯୋଗ କରୁଛନ୍ତି। ଚଳିତବର୍ଷ ମେଳାରେ ୫୦୦ରୁ ଊର୍ଦ୍ଧ୍ୱ ଦୋକାନ ପଡିବା ସହ ଲକ୍ଷାଧିକ ଲୋକଙ୍କର ସମାଗମ ହେବ ବୋଲି ସୂଚନା ମିଳିଛି।

# ମକରମେଳା ପାଇଁ ଉତ୍ସବମୁଖର ବିଭିନ୍ନ ପୀଠ

ଭଣ୍ଡାରିପୋଖରୀ/ଧାମନଗର/ତିହିଡ଼ି, ୧୪।୧(ଡି.ଏନ.ଏ.)


ମା' କାଳିଜ୍ରା ପୀଠରେ ମକର ସଂକ୍ରାନ୍ତି ପାଇଁ ସ୍ୱତନ୍ତ୍ର ପୂଜାପାଠ।

ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ମକରମେଳା ସୋମବାର ଠାରୁ ଆରମ୍ଭ ହୋଇଛି। ସୋମବାର ସକାଳୁ ବିଭିନ୍ନ ମନ୍ଦିର ମାନଙ୍କରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଛି। ଭଣ୍ଡାରିପୋଖରୀ ବ୍ଲକ ୧୬ ନଂ ଜାତୀୟ ରାଜପଥ ପାର୍ଶ୍ୱ ବାରିକପୁର ଠାରେ ଥିବା ମା' କାଳିଜ୍ରା ପୀଠ, ବଣସାହି ସ୍ଥିତ ମା' ଚେକାସାନ୍ତାଣୀ ପୀଠ, ବିଶୋଳ ସ୍ଥିତ ମା' ବାସୁଳାଇ ପୀଠରେ ଜନସମାଗମ ହୋଇଥିଲା। ବାସୁଳାଇ ପୀଠରେ ୫ ଦିନ ଧରି ମକର ମେଳା ଆଜି ଠାରୁ ଆରମ୍ଭ ହୋଇଛି। ସେହିପରି ବାହାଦୁଲନଗର ଠାରେ ଅବସ୍ଥିତ ମା ଅଁଳାଶୁଣୀ ପୀଠରେ ସପ୍ତାହବ୍ୟାପୀ ମକରମେଳା ପାଳିତ ହେବ। ଅଁଳାଶୁଣୀ ପୀଠରେ ଉଠା ଦୋକାନୀ ମାନେ ତାଙ୍କ ବ୍ୟବସାୟୀ ପସରା ମେଲାଇଥିବା ବେଳେ ହଜାର ହଜାର ଭକ୍ତ ମା'ଙ୍କ ଦର୍ଶନ ପାଇଁ ଭିଡ ଜମାଇଥିଲେ। ଭିଡକୁ ଦୃଷ୍ଟିରେ ରଖି ପୀଠ ଗୁଡିକରେ ସ୍ଥାନୀୟ ପୂଜା କମିଟି ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ମକର ପାଇଁ ବିଭିନ୍ନ ପୀଠ ଗୁଡିକରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅପେରା ସୋ ପଦର୍ଶନ ହେବାର କାର୍ଯ୍ୟକ୍ରମ ରହିଛି।

ଧାମନଗର ବ୍ଲକ ରେ ମକର ମେଳାପାଇଁ ଚଳ ଚଞ୍ଚଳ ହୋଇ ଉଠିଛି। ଅସୁରାଳୀରେ ପବିତ୍ର ଶକ୍ତି ପୀଠ ମା ବରୁଣାଇଙ୍କ ପୀଠରେ ଚଳିତ ବର୍ଷ ଧୁମ ଧାମରେ ମକର ମେଳା ପାଳନ ହେଉଛି । ମନ୍ଦିର ପରିସରରେ ନୁତନ ଯଜ୍ଞ ମଣ୍ଡପକୁ ବିଧାୟକ ଉଦ୍‌ଘାଟନ କରିଥିଲେ । ମହାଯଜ୍ଞ ସହିତ ମେଳାରେ ମୀନା ବଜାର ଠାରୁ ଦୋକାନ ମାନଙ୍କର ଭିଡ ଲାଗିଛି ।

ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଈଶ୍ୱରପୁର ସ୍ଥିତ ମା' ଦପାନାୟକାଣୀ ପୀଠ ମକର ମେଳା ପାଇଁ ଉତ୍ସବମୁଖର ହୋଇଛି । ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁମାନେ ଏହି ପୀଠକୁ ଯାଇ ମା'ଙ୍କୁ ଦର୍ଶନ କରିଥିଲେ ।

### କୃତୀ ପ୍ରତିଯୋଗୀ ପୁରସ୍କୃତ

ଧାମନଗର,୧୪।୧ (ଡି.ଏନ.ଏ.)

ଧାମନଗର ବ୍ଲକ ଚୁଡାକୁଟି ସରସ୍ୱତୀ ଶିଶୁ ମନ୍ଦିରରେ ବାର୍ଷିକ କ୍ରୀଡା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୪୦ କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଛନ୍ତି। ପ୍ରାକ୍ତନ ଶିକ୍ଷକ ବୃନ୍ଦାବନ ରାଉଳଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଏବିଇଓ ଶ୍ରୀଚରଣ ମଲ୍ଲିକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ସିଆରସିସି ହେମେନ୍ଦ୍ର ନାଥ ମହାନ୍ତି, ସମ୍ମାନିତ ଅତିଥି ଭାବେ ଧାମନଗର ପ୍ରେସ କ୍ଲବ ସମ୍ପାଦକ ପ୍ରଦୀପ ମହାପାତ୍ର, ବ୍ଲକ କୃଷି ଅଧିକାରୀ ରାଧାରମଣ ମହାନ୍ତ, ପ୍ରାକ୍ତନ ଶିକ୍ଷକ ଗୌରାଙ୍ଗ ସାହୁ, ଦୋଳଗୋବିନ୍ଦ ଜେନା, ଉମାକାନ୍ତ ପଣ୍ଡା ଯୋଗ ଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ସମ୍ପାଦକ ବିବେକାନନ୍ଦ ପଣ୍ଡା ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ସଞ୍ଜୟ କୁମାର ସେଠୀ କ୍ରୀଡ଼ା ପରିଚାଳନା କରିଥିଲେ। ଆଚାର୍ଯ୍ୟାଆଚାର୍ଯ୍ୟ ଭାବେ ମଳୟ ମୁଦୁଲି, ଶ୍ରୀକାନ୍ତ ସାହୁ, ପବିତ୍ର ମହାପାତ୍ର, ମାମିନା ରାଣି ପାଲ, ଗୋପିକାରାଣୀ ଦେ, ଅନିତା ଦାସ, ପ୍ରମିଳା ବେହେରା, ଲକ୍ଷ୍ମୀ ମହାକୁଡ ଏବଂ ସନ୍ତୋଷ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

■ ଜଗବନ୍ଧୁ ମେମୋରିଆଲ ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଖୁଜୁଟି କ୍ଲବ ବାଗନାନ ବିଜୟୀ

ବାସୁଦେବପୁର,୧୪।୧(ଡି.ଏନ.ଏ.)

ବାସୁଦେବପୁର ଟାଉନ କ୍ଲବ ଆନୁକୂଲ୍ୟରେ ଏବି ହାଇସ୍କୁଲ ପଡିଆରେ ସୋମବାର ଆନ୍ତଃରାଜ୍ୟ ଜଗବନ୍ଧୁ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନ ମ୍ୟାଚରେ ଖୁଜୁଟି କ୍ଲବ ବାଗନାନ(୨-୦) ଗୋଲରେ ଏମଏସ ଇଲେଭେନ ଭୁବନେଶ୍ୱରକୁ ହରାଇ ବିଜୟୀ ହୋଇଛି। ଖେଳରେ ମୁଖ୍ୟଅତିଥି ଭାବେ ବିଜେଡି ଜିଲା ସାଧାରଣ ସମ୍ପାଦକ ବିଷ୍ଣୁବ୍ରତ ରାଉତରାୟ ଓ ଅନ୍ୟତମ ଅତିଥି ଏମପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି ଯୋଗଦାନ କରିଥିଲେ। ଟାଉନକ୍ଲବ ସଭାପତି ଗଗନ ବିହାରୀ ମହାନ୍ତି, ସମ୍ପାଦକ ଖଗେନ୍ଦ୍ର ଜେନା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ମଙ୍ଗଳବାର ୨ୟ ଦିବସ ଖେଳଟି ଆଙ୍କା କ୍ଲବ କଟକ ଓ ଭଲବେରିଆ କ୍ଲବ କଲିକତା ମଧ୍ୟରେ ଅନୁଷ୍ଠିତ ହେବ।

■ ସାଂସ୍କୃତିକ ମହୋତ୍ସବର ୧୦ମ ସନ୍ଧ୍ୟା

## ବିଭିନ୍ନ କ୍ଷେତ୍ରରେ ଭଦ୍ରକର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭଦ୍ରକ ଅଫିସ,୧୪।୧

ନେହେରୁ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଭଦ୍ରକ ସାଂସ୍କୃତିକ ମହୋତ୍ସବର ରବିବାର ଦଶମ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ପରିବାର ଶିଶୁ କଲ୍ୟାଣ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ ଯୋଗ ଦେଇ ଭଦ୍ରକରେ ଜନ୍ମିତ ବରପୁତ୍ର ମାନଙ୍କ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତାକୁ ପ୍ରଶଂସା କରିଥିଲେ। ସ୍ୱାଧୀନତା ସଂଗ୍ରାମ, ସାହିତ୍ୟ, ରାଜନୀତି କ୍ଷେତ୍ରରେ ଭଦ୍ରକର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ସଞ୍ଜୀବ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ରବିନାରାୟଣ ଖିଲାର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର, ବରେଣ୍ୟ ଅତିଥି ଭାବେ ସଂଘର କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ମଦନ ମୋହନ ପାଣୀ ଯୋଗ ଦେଇଥିଲେ। ବୈକୁଣ୍ଠ ବିଶ୍ୱାଳ, ଅଶ୍ୱିନୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଧାମନଗରରେ ଉର୍ସ ଉତ୍ସବ

ଧାମନଗର,୧୪।୧(ଡି.ଏନ.ଏ.)


ଖାନକାରେ ଉର୍ସ ଉତ୍ସବରେ ଭକ୍ତଙ୍କ ଭିଡ଼।

■ ଲକ୍ଷାଧିକ ଭକ୍ତ ସାମିଲ
■ ବ୍ୟାପକ ପୋଲିସ ଫୋର୍ସ ମୁତୟନ


ଧାମନଗରସ୍ଥିତ ଖାନକା ସରିଫର ମୁଜାଦିଦ୍ ମିଲତ୍ ମୌଲାନା ହବିବୁର ରହେମାନଙ୍କ ୩୯ତମ ଉର୍ସ ଉତ୍ସବ ସୋମବାର ଅପରାହ୍ନରେ ଆନୁଷ୍ଠିତ ସାମୁହିକ ନମାଜ ପାଠ କାର୍ଯ୍ୟକମରେ ଲକ୍ଷାଧିକ ଭକ୍ତ ସାମିଲ ହୋଇଛନ୍ତି। ଦୁଇ ଦିନିଆ ସର୍ବଭାରତୀୟସ୍ତରରେ କାର୍ଯ୍ୟକ୍ରମ ପାଇଁ ଜିଲାପ୍ରଶାସନ, ପୋଲିସ ପ୍ରଶାସନ ଏବଂ ବ୍ଲକ ପ୍ରଶାସନ ସମେତ ଶାନ୍ତି କମିଟି ଦ୍ୱାରା ପୁର୍ବରୁ ପ୍ରସ୍ତୁତି ଚୁଡାନ୍ତ ହୋଇଛି। ଇସଲାମ ଧର୍ମଗୁରୁ ହବିବୁର ରେହେମାନ ୧୯୦୪ ମସିହାରେ ଧାମନଗରରେ ଜନ୍ମ ଗ୍ରହଣ ଠାରୁ ତାଙ୍କର ଧର୍ମଭାବନା ଯୋଗୁଁ ସେ କେବଳ ଧାମନଗର ନୁହେଁ ସମଗ୍ର ବିଶ୍ୱରେ ବୁଲି ବୁଲି ଇସଲାମ ଧର୍ମ ପ୍ରଚାର କରିଥିଲେ। ଜୀବିତ ଅବସ୍ଥାରେ ତାଙ୍କର ପରିଚୟ ଖୁବ କମ ଥିବାବେଳେ ତାଙ୍କର ଦେହାନ୍ତର ଦୃଶ୍ୟ ସମଗ୍ର ଜଗତକୁ ତାଙ୍କର ଧାର୍ମିକ ଭାବନାର ପରିଚୟ ଦେଇଥିଲା। ୧୯୮୧ ମସିହା ମାର୍ଚ୍ଚ ୧୩ ତାରିଖରେ ଧର୍ମପ୍ରଚାର ସମୟରେ ମୁମ୍ବାଇରେ ତାଙ୍କର ଦେହାନ୍ତ ହୋଇଥିଲା। ମୃତ୍ୟୁ ଖବର ପ୍ରଚାରିତ ହେବାପରେ ତାଙ୍କ ମର ଶରୀରକୁ କୋଲକାତା ଅଣାଯିବା ପରେ ସେଠାରୁ ଧାମନଗର ଅଭିମୁଖେ ବାହାରିବା ସମୟରେ ତାଙ୍କୁ ହଜାର ହଜାର ଲୋକ ଶ୍ରଦ୍ଧାଞ୍ଜଳି ଜଣାଇବା ଘଟଣା ଆଜି ପର୍ଯ୍ୟନ୍ତ ଅଭୁଲାସ୍ମୃତି ହୋଇ ରହିଛି । ତାଙ୍କ ମର ଶରୀରକୁ ଅଣାଯାଇ ଧାମନଗର ଖାନକା ଶରିଫରେ କବର ଦିଆଯାଇଥିଲା । ତା ପରଠାରୁ ଏହି ସ୍ଥାନରେ ଭକ୍ତଙ୍କ ଗହଳି ଆରମ୍ଭ ହେଲା। ଖାନକା ସରିଫ ମଧ୍ୟରେ ଏକ ବିରାଟ ମସଜିଦ,ବିଶାଳ ଫାଟକ ସହିତ ଏକ ଆନ୍ତର୍ଜାତୀୟ ମଦ୍ରାସାରେ ଶହ ଶହ ଛାତ୍ରଙ୍କୁ ମାଗଣାରେ ଶିକ୍ଷାଦାନ କରାଯାଇଆସୁଛି। ଉର୍ସ ଉତ୍ସବଟି ଧିରେ ଧିରେ ସର୍ବଭାରତୀୟ ସ୍ତରରେ ପାଳନ ହୋଇଆସୁଛି । ଭକ୍ତମାନଙ୍କ ପ୍ରବେଶ, ପ୍ରସ୍ଥାନ, ରହଣି ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି। ଜିଲା ଓ ବ୍ଲକ ପ୍ରଶାସନ ଏବଂ ଉର୍ସକମିଟି ସହମତିରେ ଗାଡି ଭଡା ମଧ ନିର୍ଦ୍ଧାରିତ ହୋଇଛି । ଭକ୍ତମାନଙ୍କ ରହିବା ପାଇଁ ଅସ୍ଥାୟୀ ଟେଣ୍ଟ ତିଆରି ହୋଇଛି । ପରିମଳ, ପାନୀୟଜଳ ଏବଂ ବିଦ୍ୟୁତ ପାଇଁ କଡ଼ା ବ୍ୟବସ୍ଥା ହୋଇଛି । ସ୍ୱତନ୍ତ୍ର ଭାବେ ଡାକ୍ତରୀ ସେବା ଯୋଗାଇ ଦିଆଯାଇଛି। ରବିବାର ଅପରାହ୍ନରେ ମଦ୍ରାସା ଛାତ୍ରମାନଙ୍କୁ ନେଇ ମତଅଲ୍ଲୀ ସୟଦ ଗୋଲାମ ମହମଦ ହବିବିଙ୍କ ଉପସ୍ଥିତିରେ ଖାତମେ ବୋଖାରୀ ଅନୁଷ୍ଠିତ ହୋଇଯାଇଛି । ସୋମବାର ଭୋରରେ ବାବାଙ୍କ ସ୍ନାନ ପର୍ବପରେ ସାଧାରଣ ଦର୍ଶନ ଏବଂ ବିଶାଳ ଚାଦର ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଚାଦର ଶୋଭାଯାତ୍ରା ସମୟରେ ଟୋପିବାଲା ଛକଠାରୁ ବିଜୁବାବୁ ଛକ ମଧ୍ୟରେ ଖାନକା ପରିସରରେ ମାଇକ ଶବ୍ଦ ଉପରେ କଟକଣା ଜାରି ରହିଛି । ଅପରାହ୍ନରେ ୪ ଘଟିକାରେ ମତଅଲ୍ଲୀ ସୟଦ ଗୋଲାମ ମହମଦ ହବିବିଙ୍କ ଦ୍ୱାରା ସାମୁହିକ ନମାଜ ପାଠ ଅନୁଷ୍ଠିତ ହୋଇଯାଇଛି । ନମାଜ ପାଠ ସମୟରେ ଚାଦର ଶୋଭାଯାତ୍ରା ବନ୍ଦ ରହିଥିଲା। ଜିଲାପାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନତାରେ ଜିଲା ଏସପିଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ମୁତୟନ ସହିତ ଧାମନଗର ଶାନ୍ତି କମିଟି ତରଫରୁ ସଦସ୍ୟମାନେ ଶାନ୍ତି ଶୃଙ୍ଖଳା ପାଇଁ ଜଗି ରହିଛନ୍ତି । ସୋମବାର ସନ୍ଧ୍ୟାରେ ସର୍ବଭାରତୀୟ କବି ସମ୍ମିଳନୀ ଅନୁଷ୍ଠିତ ହେଉଛି। ଓଡିଶା ସମେତ ଦେଶର ବିଭିନ୍ନ ପ୍ରାନ୍ତ ଯଥା କୋଲକାତା,ଦିଲ୍ଲୀ, ଗୁଜରାଟ, ମୁମ୍ବାଇ, ହାଇଦ୍ରାବାଦ, ବାଙ୍ଗାଲୋର, ଅହମ୍ମଦାବାଦ ଆଦି ସ୍ଥାନରୁ ବହୁ ଭକ୍ତ ଯୋଗ ଦେଇଛନ୍ତି।

### ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା


ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।







@ ବିନି


@ ମୁନ୍ନ


@ କାହ୍ନୁ


@ ପପୁ


@ ରବିନ୍

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ସଂକ୍ଷେପରେ

### ଉନ୍ମୋଚିତ ହେଲା 'ନବପଲ୍ଲବ'

କପ୍ତିପଦା,୧୪।୧(ଡ଼ି.ଏନ.ଏ):ମାତୃବିହାର ଦ୍ୱାରା ପରିଚାଳିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଉତ୍ସବରେ ମାତୃବିହାରର ଉପସଭାପତି କରୁଣାକର ବିଶ୍ୱାଳ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଏମ୍‌ପି ଇଂ ରାମଚନ୍ଦ୍ର ହାଁସଦାଃ, ଅନ୍ୟତମ ଅତିଥି ଭାବେ କପ୍ତିପଦା ତହସିଲଦାର ପ୍ରଦୀପ କୁମାର ବେହେରା, ମାତୃବିହାରର ଉପସଭାପତି, ସମ୍ପାଦକ ମାଧବ ଚନ୍ଦ୍ର ସାହୁ, ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷାକେନ୍ଦ୍ରର ବାର୍ଷିକ ମୁଖପତ୍ର 'ନବପଲ୍ଲବ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ମାତୃବିହାରର ସଭାପତି ତଥା ବରିଷ୍ଠ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ ସ୍ୱାଗତ ଭାଷଣ ଦେବା ସହିତ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ବିଜ୍ଞାନ, ଚିତ୍ରକଳା, ହସ୍ତକର୍ମ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । କୁନି ବୈଜ୍ଞାନିକମାନେ ସେମାନଙ୍କର ପ୍ରକଳ୍ପଗୁଡ଼ିକୁ ପ୍ରଦର୍ଶନ କରିଥିଲେ । କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସଙ୍କ ଦ୍ୱାରା ମହାତ୍ମାଗାନ୍ଧୀଙ୍କର ୧୫୦ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ଏକ ମନୋଜ୍ଞ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜନ ହୋଇଥିଲା। ଏହି ପ୍ରଦର୍ଶନୀ ମଣ୍ଡପକୁ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମିଶ୍ର ଉଦ୍‌ଘାଟନ କରିଥିଲେ ।

### ଗାଡ଼ି ଚୋରି ଉଦ୍ୟମ ପଣ୍ଡ:ଚୋର ଗିରଫ




ବଡ଼ସାହି,୧୪।୧(ସ୍ୱ.ପ୍ର.): ବଡ଼ସାହି ବ୍ଲକ ବୈଶିଙ୍ଗା ଥାନା ଅଧୀନ ମାଣତ୍ରୀ ବଜାରରେ ଛିଡ଼ା ହୋଇଥିବା ଏକ ଭ୍ୟାନକୁ ଜଣେ ଯୁବକ ଚୋରି କରି ନେବା ଉଦ୍ୟମ ପଣ୍ଡ ହୋଇଛି । ଯୁବକ ଜଣକ ହେଲେ ବଡ଼ସାହିର ନରେଶ ଗୋଚ୍ଛାୟତଙ୍କ ପୁଅ ସଞ୍ଜୟ(୪୦) । ବୈଶିଙ୍ଗା ଥାନାରେ ଏନେଇ ଏକ ମାମଲା ରୁଜୁ ପୂର୍ବକ ସଞ୍ଜୟଙ୍କୁ ଗିରଫ କରି ପୋଲିସ୍ ଅଧିକ ତଦନ୍ତ କରୁଛି । ଘଟଣାରୁ ଜଣାଯାଏ, ସୋମବାର ଦିନ ଦ୍ୱିପ୍ରହରରେ ମାଣତ୍ରୀ ବଜାରରେ ଶ୍ରୀରାମପୁର ଗ୍ରାମର ରଞ୍ଜନ ସାହୁ ନିଜର ଭ୍ୟାନକୁ ଛିଡ଼ା କରିଥିଲେ । ତେବେ ବାଲେଶ୍ୱର ଯାଉଥିବା ଯାତ୍ରୀବାହୀ ବସ୍‌ରୁ ସଞ୍ଜୟ ଓହ୍ଲାଇ ବିନା ଚାବିରେ ଭ୍ୟାନଟିକୁ ଷ୍ଟାର୍ଟ କରି ବୈଶିଙ୍ଗା ଅଭିମୁଖେ ଦ୍ରୁତଗତିରେ ପଳାଇଥିଲେ । ଏହା ଦେଖି ସ୍ଥାନୀୟ ଲୋକେ ଓ ଗାଡ଼ି ମାଲିକ ରଞ୍ଜନ ଗାଡ଼ିର ପିଛା କରିଥିଲେ। ପ୍ରାୟ ୫ କି.ମି. ଯିବା ପରେ ବେଲାଣପୁରା ନିକଟରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଅଭିଯୁକ୍ତଙ୍କୁ କାବୁ କରି ପୋଲିସକୁ ଜିମା ଦେଇଥିଲେ ।

### 'ବେତନଟୀରେ ବାର୍ଡ ଫ୍ଲୁ ଆଶଙ୍କା ନାହିଁ'

ବେତନଟୀ,୧୪।୧ (ଡ଼ି.ଏନ.ଏ): ବେତନଟୀ ବ୍ଲକ ଅଧୀନ ଗବପାଳ , କୁଟବାଡ଼ି, ଏସଏସ ମହୁଲିଆ ଓ ଗରୁଡ଼ବସା ଗ୍ରାମର ସପ୍ତାହେରୁ ଉର୍ଦ୍ଧ୍ୱ ହେବ ବହୁ କୁକୁଡ଼ା ମରିଥିବା ଖବର ମିଳିଛି। ଏହି ଅଞ୍ଚଳରେ ବାଡ଼ଫ୍ଲୁ ଆଶଙ୍କା କରି ସ୍ଥାନୀୟ ଗ୍ରାମବାସୀ ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଜଣାଇଥିଲେ। ଚିକିତ୍ସା ଅଧିକାରୀ ଏହି ଅଞ୍ଚଳରୁ କେତେକ ଜୀବନ୍ତ କୁକୁଡ଼ା ଓ ମୃତ କୁକୁଡ଼ାରୁ ରକ୍ତ ନମୁନା ସଂଗ୍ରହ କରିଥିଲେ। ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ସୁନିଲ କୁମାର ଦୀକ୍ଷିତଙ୍କ ସୂଚନା ଅନୁସାରେ କୁକୁଡ଼ାମାନଙ୍କର ରକ୍ତ ନମୁନାର ପରୀକ୍ଷାରୁ ବାଡ଼ ଫ୍ଲୁର ଆଶଙ୍କା ନ ଥିବା ସୂଚନା ମିଳିଛି।



ବାରିପଦା ଜଗନ୍ନାଥ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼।



ଠାକୁରମୁଣ୍ଡା ବ୍ଲକ ଭୀମକୁଣ୍ଡରେ ଜନସମାଗମ।



ବାଇଟାଙ୍ଗରିଆ ମେଳାରେ ଲୋକଙ୍କ ଗହଳି।

# ମକରରେ ମସଗୁଲ ମୟୂରଭଞ୍ଜ

## ଭୀମକୁଣ୍ଡରେ ପ୍ରବଳ ଜନସମାଗମ

ଠାକୁରମୁଣ୍ଡା,୧୪।୧(ଡ଼ି.ଏନ.ଏ)

ମୟୂରଭଞ୍ଜ ଜିଲ୍ଲାର ଗଣ ପର୍ବ ଭାବେ ପାଳିତ ହେଉଥିବା ପବିତ୍ର ମକର ସଂକ୍ରାନ୍ତୀ ଅବସରରେ ଭୀମକୁଣ୍ଡ ଓ ଭୈରବକୁଣ୍ଡରେ ପ୍ରବଳ ଜନସମାଗମ ହୋଇଥିଲା। ଭୀମକୁଣ୍ଡରେ ପ୍ରାୟ ୪୦ହଜାର ଲୋକଙ୍କ ସମାଗମ ହୋଇଥିଲା । ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡ ଓ ସାତକୋଶିଆ ନିକଟବର୍ତ୍ତୀ ସାଳନ୍ଦୀ ନଦୀ କୂଳରେ ଥିବା ଭୈରବ କୁଣ୍ଡ ମକର ସଂକ୍ରାନ୍ତୀ ଅବସରରେ ଉତ୍ସବମୁଖର ହୋଇଉଠିଛି । ଭୀମକୁଣ୍ଡର ଉଭୟ ପାର୍ଶ୍ୱରେ ଥିବା କେନ୍ଦୁଝର ଜିଲା ପାଟଣା ବ୍ଲକ ଓ ମୟୂରଭଞ୍ଜ ଜିଲାର ଠାକୁରମୁଣ୍ଡା ବ୍ଲକର ବୋଟିଂ ସୀମାନ୍ତରେ ବିଭିନ୍ନ ପ୍ରାନ୍ତରୁ ଲୋକେ ଆସି ମେଳାରେ ଯୋଗ ଦେଇଛନ୍ତି। ଭୋରୁ ଶ୍ରଦ୍ଧାଳୁମାନେ ପବିତ୍ର ଗୁପ୍ତଗଙ୍ଗା ବୈତରଣୀ ନଦୀରେ ସ୍ନାନ କରି ଉଭୟ ପାର୍ଶ୍ୱରେ ଥିବା କୁଣ୍ଡେଶ୍ୱର ମହାଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ ।

## ସିଂହଟିଆରେ ମକରମେଳା ଉଦ୍‌ଘାଟିତ

ବଡ଼ସାହି, ୧୪।୧(ସ୍ୱ.ପ୍ର)

ବଡ଼ସାହି ବ୍ଲକ ବଳଭଦ୍ରପୁର ପଞ୍ଚାୟତ ସିଂହଟିଆ ଗ୍ରାମର ମକର ମେଳା ବାବା ନୀଳକଣ୍ଠେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ସୋମବାର ଅନୁଷ୍ଠିତ ହୋଇଛି । ମୁଖ୍ୟ ଅତିଥି ଭାବେ ସରପଞ୍ଚ କାହ୍ନୁ ଚରଣ ମାରାଣ୍ଡି ଏହାକୁ ଉଦ୍‌ଘାଟନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କମିଟି ସଭାପତି ରତିକାନ୍ତ ବେହେରା, ସମାଜସେବୀ ସଦାନନ୍ଦ ଦଣ୍ଡପାଟ, ଅବସରପ୍ରାପ୍ତ ଶିକ୍ଷକ ଖଗେନ୍ଦ୍ର ନାଥ ଘୋଷ, ସଚ୍ଚିଦାନନ୍ଦ ଦଣ୍ଡପାଟ, ବଙ୍କିମ ବିହାରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ମଙ୍ଗଳ ଆଳତି ବାଲ୍ୟଭୋଗ, ସାଧାରଣ ଦର୍ଶନ ପରେ ପୂଜା ଆରମ୍ଭ ହୋଇଛି। ଆଖପାଖ ଗ୍ରାମର ଲୋକମାନେ ବଡିଭୋରରୁ ସ୍ନାନ ସାରି ନୂଆବସ୍ତ୍ର ପରିଧାନ କରି ଠାକୁରଙ୍କ ନିକଟରେ ମକର ଚାଉଳ ଭୋଗ ଅର୍ପଣ କରି ପୂଜାର୍ଚ୍ଚନା କରିଛନ୍ତି । ମେଳାକୁ ଆସୁଥିବା ଭକ୍ତମାନଙ୍କୁ ଅରୁଆ ଚାଉଳ, ପାଚିଲା କଦଳୀ, ଆଖୁ, ଗୁଡ଼, ଚିନିଆଳୁ, କନ୍ଦମୂଳ, ନଡ଼ିଆ, ସେଓ, ଅଙ୍ଗୁର ମିଶ୍ରିତ ମକର ଭୋଗ କମିଟି ପକ୍ଷରୁ ବଣ୍ଟନ କରାଯାଇଛି । ପ୍ରାତଃ ସମୟରେ ବିଭିନ୍ନ ଅଞ୍ଚଳରୁ ଆସୁଥିବା ସଂକୀର୍ତ୍ତନ ଦଳ ଗୁଡ଼ିକର ଭଜନ କୀର୍ତ୍ତନରେ ଗାଁ ଦାଣ୍ଡ କମ୍ପି ଉଠିଛି । ଏହି ମେଳା ୮ଦିନ ଧରି ବସିବାକୁ ଥିବାବେଳେ ଛୋଟ ବଡ଼ ଦୋକାନୀଙ୍କ ପସରା ମେଲିଛି । ଆଦିବାସୀ ସମ୍ପ୍ରଦାୟର ଲୋକମାନେ ନୂଆ ବସ୍ତ୍ର ପରିଧାନ କରି ମେଳା ପରିସରରେ ଭିଡ଼ ଜମାଇଛନ୍ତି।

## ବାଇଟାଙ୍ଗରିଆରେ ଆରମ୍ଭ ହେଲା ମେଳା

କପ୍ତିପଦା,୧୪।୧୨(ଡ଼ି.ଏନ୍.ଏ)

କପ୍ତିପଦା ବ୍ଲକ୍ ଅଧିନ ବିଭିନ୍ନ ଅଞ୍ଚଳ ମକର ଲାଗି ଚଳଚଞ୍ଚଳ ହୋଇ ଉଠିଛି । ସକାଳେ ବିଶେଷକରି ବିଭିନ୍ନ ମନ୍ଦିରରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା । ୩ ଦିନ ଧରି ହେବାକୁ ଥିବା ବାଇଟାଙ୍ଗିରିଆ ପୀଠରେ ମକରମେଳା ସୋମବାର ଠାରୁ ଆରମ୍ଭ ହୋଇଥିବା ବେଳେ ସମୀବୃକ୍ଷ ମେଳା ମଙ୍ଗଳବାରଠାରୁ ଆରମ୍ଭ ହେବ ବୋଲି କମିଟି ସୂତ୍ରରୁ ଜଣାଯାଇଛି । ସେଥିପାଇଁ ବହୁ ବ୍ୟବସାୟୀ ପସରା ମେଳାଇ ବସିଥିବା ବେଳେ ବହୁ ଶ୍ରଦ୍ଧାଳୁ ମେଳା ବୁଲିବାକୁ ଆସି ମା' ଟାଙ୍ଗରାଶୁଣୀଙ୍କୁ ଦର୍ଶନ କରଛନ୍ତି। ଏତଦବାଦ ଟାଙ୍ଗରିଆ, ମୟୂରହୁଡା ପାହାଡ ଓ ଖୁକୁନ୍ଦହୁଡିରେ ମଧ୍ୟ ଏହି ମକର ମେଳା ଧୂମଧାମରେ ପାଳିତ ହେଉଛି ।



ବଡସାହି ମା' ହିଙ୍ଗୁଳାଙ୍କ ପୀଠରେ ଗହଳି।

## ମା' ହିଙ୍ଗୁଳାଙ୍କ ଦର୍ଶନ କଲେ ଶ୍ରଦ୍ଧାଳୁ



ମା' ହିଙ୍ଗୁଳାଙ୍କ ବେଶ।

ବଡ଼ସାହି, ୧୪।୧(ସ୍ୱ.ପ୍ର.)

ସୋମବାର ମକର ସଂକ୍ରାନ୍ତି ଅବସରରେ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ମା' ହିଙ୍ଗୁଳାଙ୍କ ପୀଠରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଛି। ଏଠାରେ ଅନୁଷ୍ଠିତ ହେଉଥିବା ସ୍ୱତନ୍ତ୍ର ପୂଜା ଓ ମା' ହିଙ୍ଗୁଳାଙ୍କ ଅନ୍ନପୂର୍ଣ୍ଣା ବେଶ ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ପ୍ରତିବର୍ଷ ଲାଗିଥାଏ । ଆଖପାଖ ଅଞ୍ଚଳରୁ ବହୁ ଭକ୍ତ ମକର ସଂକ୍ରାନ୍ତିରେ ମା'ଙ୍କୁ ଦର୍ଶନ କରି ଶୁଭ ମନାସିଛନ୍ତି । ମାର୍ଗଶିର ଓଢ଼ଣୀ ଷଷ୍ଠୀଠାରୁ ମା'ଙ୍କ ପ୍ରାବରଣ ଅଥବା ଘୋଡ଼ ଲାଗି ହେଉଛି । ତାହା ଆଗାମୀ ଶ୍ରୀପଞ୍ଚମୀ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ମୁଖ୍ୟ ପୂଜକ କହିଛନ୍ତି । ସୋମବାର ସକାଳ ୬ଟା ୩୦ମିନିଟରେ ମଙ୍ଗଳ ଆଳତୀ, ୭ଟାରେ ସୂର୍ଯ୍ୟ ପୂଜା, ୮ଟାରେ ତିଳ ସହିତ ଅଷ୍ଟଗନ୍ଧାରେ ମା'ଙ୍କ ମହାସ୍ନାନ ଏବଂ ଉପଚାର ପୂଜା ଶେଷ ହୋଇଛି । ଏହା ପରେ ମା'ଙ୍କ ସାଧାରଣ ଦର୍ଶନ ଓ ଭକ୍ତଙ୍କ ମାନସିକ ପୂଜା ଅନୁଷ୍ଠିତ ହୋଇଛି । ଅପରାହ୍ନରେ ବିଶ୍ୱଶାନ୍ତି ଯଜ୍ଞ ପରେ ସନ୍ଧ୍ୟାରେ ଆଳତି ଓ ଦର୍ଶନ ପାଇଁ ଭକ୍ତଙ୍କ ସୁଅ ଲାଗି ରହିଛି । ରାତି ୮ଟା ପର୍ଯ୍ୟନ୍ତ ଏହି ଦର୍ଶନ ଚାଲୁ ରହିବ ବୋଲି ମା' ହିଙ୍ଗୁଳା ଟ୍ରଷ୍ଟ ସଭାପତି ସୁନୀଲ କୁମାର ଦାଶ କହିଛନ୍ତି । ପ୍ରତି ବର୍ଷ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ହେତୁ ମନ୍ଦିର ପ୍ରାଙ୍ଗଣରେ ବସୁଥିବା ବିଭିନ୍ନ ଛୋଟବଡ଼ ଦୋକାନୀ ସେମାନଙ୍କର ପସରା ମେଲାଇଛନ୍ତି। ଆସନ୍ତା ଫେବୃୟାରୀରେ ୨୩ତାରିଖ ଶନିବାରରେ ହେବାକୁ ଥିବା ବାର୍ଷିକ ପୂଜା ପାଇଁ କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି ।

## ଅଭିଜିତ ମିଷ୍ଟର, ଆକାଂକ୍ଷା ମିସ୍ ୟୁଫୋରିଆ

ବାରିପଦା ଅଫିସ,୧୪।୧

ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନ ପରିସରରେ ୪ ଦିନ ହେଲା ଅନୁଷ୍ଠିତ ହୋଇ ଆସୁଥିବା ରାଜ୍ୟସ୍ତରୀୟ ସାଂସ୍କୃତିକ ମହୋତ୍ସବ ୟୁଫୋରିଆ–୨୦୧୯ ରବିବାର ଛଉ ପଡ଼ିଆଠାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଚଳଚ୍ଚିତ୍ର ଜଗତର ନିର୍ଦ୍ଦେଶକ ତାପସ ସରଘରିଆ ଯୋଗଦେଇ ଏହି ମଞ୍ଚରେ ଯୁବ ପ୍ରତିଭାମାନେ ନିଜର ପ୍ରତିଭା ପ୍ରତିପାଦନ କରି ପାରୁଥିବାରୁ ପ୍ରଶଂସା କରିଥିଲେ। ତେବେ ଓଡ଼ିଶାର ୩୫ଟି ଶିକ୍ଷାନୁଷ୍ଠାନରୁ ୩୦୫ ପ୍ରତିଯୋଗୀ ୨୬ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହ ଶୃଙ୍ଖଳିତ ଦଳ ଭାବେ ସାଇ ହାଇୟର ସେକେଣ୍ଡାରୀ ସ୍କୁଲ ଓ ଶ୍ରେଷ୍ଠ ଦଳ ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଭିଜିତ ମହାପାତ୍ର ମିଷ୍ଟର ୟୁଫୋରିଆ ଭାବେ ବିବେଚିତ ହୋଇଥିବାବେଳେ ଆକାଂକ୍ଷା ସିଂ ମିସ୍ ୟୁଫୋରିଆ ଭାବେ ପୁରସ୍କୃତ ହୋଇଥିଲେ। ଏହି ମହୋତ୍ସବକୁ ଦି ୟୁଫୋରିଆର ଅଧକ୍ଷ ଅସିତ କୁମାର ଗିରି, ସଭାପତି ତାପସ ପାଢ଼ୀ, ସମ୍ପାଦକ ସତ୍ୟ ସ୍ୱରୂପ ଦାଶ ପ୍ରମୁଖ ପରିଚାଳନା କରିଥିଲେ।




ମିଷ୍ଟର ଓ ମିସ ଇଉଫୋରିଆ ଓ ଅନ୍ୟମାନେ

**ୟୁଫୋରିଆ ଉଦ୍‌ଯାପିତ**

## ଜାତୀୟ ମତାମତ ଦିବସ

ବାରିପଦା ଅଫିସ,୧୪।୧

ଜାତୀୟ ମତାମତ ଦିବସ ଉପଲକ୍ଷେ ମହାବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ.ପ୍ରଜ୍ଞା ପାରମିତା ଜେନା, ସମ୍ମାନିତ ଅତିଥି ଭାବେ ସହକାରୀ ଜିଲାପାଳ ସୁବ୍ରତ କୁମାର ବେହେରା ଯୋଗଦେଇ ଜାତୀୟ ମତାମତ ଦିବସ ପାଳନ ସମ୍ପର୍କରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଦିବାସୀ ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି, ତଥ୍ୟ ପରିଚାଳନା ସଂଯୋଜକ ଅଭିମନ୍ୟୁ ଦାସ, ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ସୀତାଂଶୁ ଶେଖର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଶିକ୍ଷକ ଶଶିଧର ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ଅମିତାଭ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଭୀମକୁଣ୍ଡ ମହୋତ୍ସବ ଆୟୋଜିତ

ଠାକୁରମୁଣ୍ଡା,୧୪।୧(ଡ଼ି.ଏନ.ଏ)

ମକର ସଂକ୍ରାନ୍ତି ଅବସରରେ ଠାକୁରମୁଣ୍ଡା ବ୍ଲକ ଭୀମକୁଣ୍ଡଠାରେ ପଞ୍ଚଦଶ ଭୀମକୁଣ୍ଡ ମହୋତ୍ସବ ଆୟୋଜିତ ହୋଇଯାଇଛି। ଉପଜିଲାପାଳ ଶରତ କୁମାର ପୁରୋହିତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ବିଜୟ କୁମାର ନାଏକ, ମୁଖ୍ୟବକ୍ତା ଭାବେ ଅଧ୍ୟକ୍ଷ ଭାଗବତ ଲେଙ୍କା, ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ଏସଡିପିଓ ନାରାୟଣ ନାଏକ, ବିଡିଓ ବିଜୟ କୁମାର ନାୟକ, ତହସିଲଦାର ପ୍ରଦ୍ୟୁମ୍ନ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଉଦଘାଟନୀ ଉତ୍ସବରେ ଅତିଥିମାନେ ଉପସ୍ଥିତ ଥିବା ବେଳେ ଦର୍ଶକଙ୍କ ସିଟ୍ କିନ୍ତୁ ଫାଙ୍କା ପଡିଥିଲା। ମହୋତ୍ସବ ନିମନ୍ତେ ଛପା ଯାଇଥିବା ନିମନ୍ତ୍ରଣ ପତ୍ରରେ ସ୍ଥାନୀୟ ସରପଞ୍ଚଙ୍କ ନାମ ନ ଥିବାରୁ ସରପଞ୍ଚ ଏ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ।



ଭୀମକୁଣ୍ଡ ମହୋତ୍ସବରେ ଖାଲି ପଡିଥିବା ଚେୟାର।

## 'ଜବାବ ମାଗୁଛି ବେବିନା' ଅଭିଯାନ

କପ୍ତିପଦା,୧୪।୧(ଡ଼ି.ଏନ.ଏ)

କପ୍ତିପଦା ବ୍ଲକ୍ ଭାଜପା ମହିଳା ଶାଖା ପକ୍ଷରୁ 'ଜବାବ ମାଗୁଛି ବେବିନା' ଅଭିଯାନ ଆରମ୍ଭ ହୋଇଛି । ଏହି ଅବସରରେ ନୁଦୁଡ଼ିହା ମଣ୍ଡଳ ପୋଡ଼ାଡିହା ଶୈବ ପୀଠରେ ସୋମବାର ଉଦଳା ନିର୍ବାଚନ ମଣ୍ଡଳୀର ମହିଳା ମୋର୍ଚ୍ଚା ପ୍ରଭାରୀ ପ୍ରମିଳା ପଣ୍ଡାଙ୍କ ନେତୃତ୍ୱରେ ବେବିନାକୁ ନ୍ୟାୟ ମିଳୁ ପ୍ରାର୍ଥନା କରି ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହାପରେ ସେ ରାଜ୍ୟ ସରକାରଙ୍କୁ ସମାଲୋଚନା କରି ଏ ସରକାର ମହିଳାମାନଙ୍କୁ ସୁରକ୍ଷା ଓ ନ୍ୟାୟ ଦେବାରେ ସମ୍ପୂର୍ଣ୍ଣ ଅକ୍ଷମ ବୋଲି ପ୍ରକାଶ କରିଥିଲେ । ୨୦୧୧ ମସିହା ବେବିନା ବଳାତ୍କାର ଘଟଣାରେ ପୋଲିସ ଏତଲା ନ ରଖିବା, କ୍ରାଇମବ୍ରାଞ୍ଚ ତଦନ୍ତ ନାମରେ ପ୍ରମାଣ ନଷ୍ଟ କରିବା ଏବଂ ପୂର୍ବତନ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ସାରା ନାରୀ ଜାତି ଅପମାନିତ ବୋଲି ସେ କହିଥିଲେ। ତେଣୁ ଏ ସରକାର ଶାସନ ଗାଦି ଛାଡ଼ି ଚୁଡି ପିନ୍ଧି ଘରେ ବସୁ ବୋଲି ଉପସ୍ଥିତ ମହିଳାମାନେ କହିଥିଲେ । ନୁଦୁଡ଼ିହା ସଭାନେତ୍ରୀ କୁନ୍ତିଲତା ସାହୁ ମହିଳା କର୍ମକର୍ତ୍ତାଙ୍କ ସହିତ ଘର ଘର ବୁଲି ଚୁଡ଼ି ସଂଗ୍ରହ କରିଥିଲେ । ଏହି ଚୁଡ଼ି ଦଳ ପକ୍ଷରୁ ନବୀନ ନିବାସ ପଠାଯିବାର କାର୍ଯ୍ୟକ୍ରମ ଥିବାର ଜଣାଯାଇଛି । ବେବିନାକୁ ନ୍ୟାୟ ନ ମିଳିଲେ ଏହି ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଦଳ ପକ୍ଷରୁ ସୂଚନା ମିଳିଛି । ଏହି କାର୍ଯ୍ୟକ୍ରମରେ ନୁଦୁଡ଼ିହା ମଣ୍ଡଳ ସଭାପତି ଅନ୍ତର୍ଯାମୀ ପରିଡ଼ା ଓ ଉଦଳା ଗ୍ରାମୀଣ ମଣ୍ଡଳ ସଭାପତି ଲକ୍ଷ୍ମଣ ମହାପାତ୍ର ସହଯୋଗ କରିଥିଲେ ।



ମହିଳାମାନେ ଶୈବ ପୀଠରେ ଅଖଣ୍ଡ ଦୀପ ପ୍ରଜ୍ୱଳନ କରୁଛନ୍ତି ।

## ଶ୍ରମିକ ପରିଚୟରେ ରହୁଛନ୍ତି ଅପରାଧୀ

ବାରିପଦା ଅଫିସ ,୧୪।୧

- ଆନ୍ତରାଜ୍ୟ ଅପରାଧୀଙ୍କ ପ୍ରାଦୁର୍ଭାବ ବଢୁଛି
- ଟେର ପାଉନି ପୋଲିସ
- ବ୍ରାଉନ ସୁଗାର ଓ ବନ୍ଧୁକ କାରବାରରେ ଲିପ୍ତ ରହୁଛନ୍ତି

ବାରିପଦା ସହର ଏବେ ଅପରାଧୀଙ୍କ ଚରାଭୂଇଁ ପାଲଟିଛି। କିଛି ଦିନ ହେବ ଲୁଟ ଓ ଚୋରି ଘଟଣାଗୁଡିକ ଏହା ପ୍ରମାଣିତ କରୁଛି। ବାହାରୁ ଅପରାଧୀମାନେ ସହରକୁ ଆସି ଅପରାଧ କରି ଖସି ଯାଉଥିବା ବେଳେ ପୋଲିସ ସେମାନଙ୍କ ସମ୍ପର୍କରେ ସୂଚନା ପାଇ ପାରୁ ନାହିଁ। ତେବେ ଶ୍ରମିକ ବେଶରେ ବାରିପଦା ଆସି ଅପରାଧୀମାନେ ଅପରାଧ କାର୍ଯ୍ୟକଳାପ କରୁଥିବା ବିଶେଷ ସୂତ୍ରରୁ ଜଣାପଡିଛି। ରବିବାର ବାରିପଦା କେସି ସର୍କଲରୁ ଷ୍ଟେସନ ବଜାର ରୋଡ ଅଞ୍ଚଳରେ ଘଟିଥିବା ଘଟଣା ଏଥିପ୍ରତି ଇଙ୍ଗିତ କରୁଛି। ସୂଚନା ମୁତାବକ ଏହି ରୋଡରେ ଥିବା ଏକ ବାଇକ୍ ସୋରୁମର ନିର୍ମାଣ କାର୍ଯ୍ୟରେ କିଛି ପଡୋଶୀ ରାଜ୍ୟର ଶ୍ରମିକମାନେ ନିୟୋଜିତ ଅଛନ୍ତି। ରବିବାର ଅପରାହ୍ନରେ ସ୍ଥାନୀୟ ଅଞ୍ଚଳର ଯୁବକମାନେ ସେଠାରେ ଭଲିବଲ ଖେଳୁଥିବା ବେଳେ ପାଣି ପଡୁଥିବାରୁ ତାହାକୁ ବନ୍ଦ କରିବାକୁ କହିଥିଲେ। ମାତ୍ର ଉକ୍ତ ଶ୍ରମିକମାନଙ୍କୁ ମନା କରି ଲୁହା ରଡ ଓ ଏକ ବନ୍ଧୁକ ଦେଖାଇ ସେମାନଙ୍କୁ ଭୟଭୀତ କରିଥଲେ। ଏଥିଯୋଗୁ ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାରୁ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରି ନାହିଁ। ଏହି ଘଟଣାର ତଦନ୍ତ କରାଯିବ ବୋଲି ବାରିପଦା ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ ଓ ସଦର ଏସଡିପିଓ ପିକେ ପଟ୍ଟନାୟକ କହିଛନ୍ତି। ତେବେ ଏହା ପ୍ରଥମ ଘଟଣା ନୁହେଁ । ବିଭିନ୍ନ ସମୟରେ ପଡୋଶୀ ରାଜ୍ୟରୁ ଶ୍ରମିକ କାର୍ଯ୍ୟ କରିବାକୁ ଆସୁଥିବା ଲୋକେ ବିଭିନ୍ନ ଛୋଟ ବଡ ଅପରାଧରେ ଲିପ୍ତ ରହୁଛନ୍ତି। ଆନ୍ତରାଜ୍ୟ ଅପରାଧୀମାନେ ନିୟମିତ ବ୍ୟବଧାନରେ ଜିଲାର ବିଭିନ୍ନ ସ୍ଥାନକୁ ଯିବା ଆସିବା କରୁଥିବା ସୂଚନା ଥିଲେ ବି ପୋଲିସ ସେମାନଙ୍କୁ ଗିରଫ କରିପାରୁ ନାହିଁ। ଏହି ଅପରାଧୀମାନେ ବାରିପଦାର ବସ୍ତି ଅଞ୍ଚଳରେ ରହି ବ୍ରାଉନ ସୁଗାର ଓ ବନ୍ଧୁକ କାରବାର କରୁଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଗତ କିଛି ଦିନର ଅପରାଧ ତାଲିକା ଦେଖିଲେ ପୋଲିସର ଅପାରଗ ପଣିଆ ବାରି ହୋଇ ପଡିଛି। ଜିଲା ପୋଲିସ ନିୟମିତ ପାଟ୍ରୋଲିଂ ଓ ବ୍ଲକିଂ କରୁଥିବା କହୁଥିବା ବେଳେ ଏଠି କିନ୍ତୁ ଭିନ୍ନ ସ୍ଥିତି ଦେଖିବାକୁ ମିଳୁଛି। ଏହି ଘଟଣାରେ ଉଚ୍ଚ କର୍ତ୍ତୃପକ୍ଷ ହସ୍ତକ୍ଷେପ କରି ଶ୍ରମିକ ଭାବେ ଆସୁଥିବା ପଡୋଶୀ ରାଜ୍ୟର ସମସ୍ତ ବ୍ୟକ୍ତିଙ୍କ ସମ୍ପର୍କରେ ଥାନାରେ ସୂଚନା ରଖିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ସଂକ୍ଷେପରେ

### ଆଶାୟୀଙ୍କ ତାଲିକା ଲମ୍ବା

ଆନନ୍ଦପୁର, ୧୪।୧(ସ୍ୱ.ପ୍ର.): ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ରାଜନୈତିକ ମାହୋଲ ଉଷ୍ମ ହୋଇଛି। ନିର୍ବାଚନମଣ୍ଡଳୀ କ୍ରମାଗତ ଭାବେ ବିଜେଡି କବ୍‌ଜାରେ ରହିଆସିଛି। ଚଳିତ ୨୦୧୯ ନିର୍ବାଚନ ପାଇଁ ଆଶାୟୀ ପ୍ରାର୍ଥୀଙ୍କ ଲମ୍ବା ତାଲିକା ଦେଖିବାକୁ ମିଳିଛି। ଆଗାମୀ ନିର୍ବାଚନରେ ଦଳ କାହାକୁ ପ୍ରାର୍ଥୀ କରିବ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। କିପରି ଦଳୀୟ ଟିକେଟ ହାତେଇବେ ସେନେଇ ସଙ୍ଗଠନ ସଜାଡିବାରେ ସମସ୍ତେ ଲାଗି ପଡିଛନ୍ତି। ଅଶାୟୀମାନେ ବିଭିନ୍ନ ଅଞ୍ଚଳରେ ଲୋକ ସମ୍ପର୍କ ବୃଦ୍ଧି କରି ଦଳୀୟ ହାଇକମାଣ୍ଡଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ପ୍ରୟାସ କରୁଛନ୍ତି। ବିଭିନ୍ନ ଅଭିନବ ପନ୍ଥା ଆପଣାଉଛନ୍ତି। ଉଭୟ ମହିଳା ଓ ପୁରୁଷ ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ମହିଳା ଆଶାୟୀଙ୍କ ମଧ୍ୟରେ ହାଟଡିହୀ ବ୍ଲକ ନାରିନେତ୍ରୀ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଆରତୀ ସିଂହ, ହାଟଡିହୀ ଅଞ୍ଚଳର ନାରୀନେତ୍ରୀ ସୁଶୀଳା ସେଠୀ, ଆନନ୍ଦପୁର ପୌରପରିଷଦ ପୂର୍ବତନ ଅଧ୍ୟକ୍ଷା ସରସ୍ୱତୀ ଯେନା ରହିଛନ୍ତି। ଯୁବ ନେତୃତ୍ୱରେ ଆନନ୍ଦପୁରର ସଞ୍ଜୟ କୁମାର ଦଳେଇ, ହାଟଡିହୀର ବିମଳ କୁମାର ଯେନା, ଫକୀରପୁରର ସୁରେନ୍ଦ୍ର ମଳିକ, ଆନନ୍ଦପୁରର ମୁନୁ ସେଠୀ ପ୍ରମୁଖ ଆଶାୟୀଙ୍କ ଲମ୍ବା ତାଲିକାରେ ରହିଛନ୍ତି। ସମସ୍ତ ଆଶାୟୀ ନିଜ ସ୍ଥିତି ଅନୁସାରେ ଦଳୀୟ ସଙ୍ଗଠନକୁ ମଜଭୁତ୍ କରିବାରେ ଲାଗିପଡିଛନ୍ତି। ଯୁବ ନେତୃତ୍ୱରେ ମଧ୍ୟରେ ଆନନ୍ଦପୁରର ସଞ୍ଜୟ ଦଳେଇଙ୍କଚ ନେଇ ଚର୍ଚ୍ଚା ଜୋର ଧରିଥିବା ଆଲୋଚନା ହେଉଛି। ସଞ୍ଜୟ ଆନନ୍ଦପୁର ପୌରପରିଷଦ ପୂର୍ବତନ କାଉନସିଲର୍ ହିସାବରେ ବିଜୟୀ ହୋଇ ରାଜନୀତିରେ ପାଦ ଥାପିଥିଲେ। ଏବେ ସେ ଦଳୀୟ ନିର୍ଦ୍ଦେଶରେ ରାଇରଙ୍ଗପୁର ଅବଜରଭର ଭାବେ କାର୍ଯ୍ୟ କରୁଛନ୍ତି। ସାମାଜିକ କ୍ଷେତ୍ରରେ ଲୋକପ୍ରିୟତା ରହିଥିବାରୁ ସଞ୍ଜୟ ଦଳୀୟ ଟିକେଟ ହାତେଇବା ସହଜ ହୋଇପାରେ ବୋଲି ସାଧାରଣରେ ଆଲୋଚନା ହେଉଛି। ଆଶାୟୀଙ୍କ ଏହି ଲମ୍ବା ଦୌଡରୁ କିଏ ଫାଇଦା ହାସଲ କରିବ ସେ ନେଇ ଦେଖିବାକୁ ବାକି ରହିଛି।

### ନୂଆପଦ୍ମପୁରରେ ଶ୍ରୀଶ୍ରୀ ନୀଳମାଧବଙ୍କ ପୂଜା

ଘସିପୁରା, ୧୪।୧: ଆନନ୍ଦପୁର ପୌରପରିଷଦ ଅନ୍ତର୍ଗତ ୧ ନଂ ୱାର୍ଡ଼ ପଦ୍ମପୁର ନୂଆସାହିରେ ସୋମବାର ମକର ସଂକ୍ରାନ୍ତିରେ ଶବର ସମ୍ପ୍ରଦାୟର ଇଷ୍ଟଦେବ ଶ୍ରୀଶ୍ରୀ ନୀଳମାଧବଙ୍କ ପୂଜା କରାଯାଇଛି। ଦୀର୍ଘ ୧୯ବର୍ଷ ହେଲା ନୀଳମାଧବ ପୂଜା ମହାଆଡ଼ମ୍ବରରେ ପାଳିତ ହୋଇଆସୁଛି। ଉକ୍ତ ପୂଜା ୫ ଦିନ ବ୍ୟାପୀ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ପ୍ରତି ସନ୍ଧ୍ୟାରେ ଭଜନ, ନାମ ସଂକୀର୍ତ୍ତନ ଆୟୋଜିତ ହେଉଥିବା ବେଳେ କାର୍ଯ୍ୟକ୍ରମକୁ ବୀର ଖଟୁଆ, ଗୌରାଙ୍ଗ ଦେହୁରୀ, ବସନ୍ତ ଦେହୁରି, ରତ୍ନାକର ଦେହୁରି, ତ୍ରିଲୋଚନ ଖଟୁଆ, ଭାସ୍କର ନାହାକ, ଅନାଦି ଦେହୁରି, ପୂର୍ଣ୍ଣଚନ୍ଦ୍ର ଦେହୁରି, ପଞ୍ଚାନନ ନାହାକ ପ୍ରମୁଖ ସହଯୋଗ କରିଥିଲେ। ବହୁ ଶ୍ରଦ୍ଧାଳୁ ନୀଳମାଧବଙ୍କୁ ଦର୍ଶନ କରିବା ପାଇଁ ଭିଡ଼ ଲଗାଇଥିଲେ।

### ମିଳନୀର କବିତା ଆସର




କେନ୍ଦୁଝର, ୧୪।୧(ସ୍ୱ.ପ୍ର.): ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ମିଳନୀ ସାହିତ୍ୟ ସଂସଦ ପକ୍ଷରୁ ମକର ସଂକ୍ରାନ୍ତି ଉପଲକ୍ଷେ ସୋମବାର ଅପରାହ୍ନରେ ମକର ମିଳନ ଓ ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଡ. ବିଦ୍ୟାଧର ବେହେରାଙ୍କ ଅଧ୍ୟକ୍ଷତାରେ ମକର ସଂକ୍ରାନ୍ତି ଓ ଫକୀର ମୋହନଙ୍କ ବିଷୟରେ ମତବ୍ୟକ୍ତ କରାଯାଇଥିଲା। କବି ଦେବାଶିଷ ଚକ୍ରବର୍ତ୍ତୀ ଆଜିର ଦିନର ମହତ୍ୱ ଓ ଫଖୀର ମୋହନଙ୍କ ଉପରେ ଆଲୋକପାତ କରିଥିଲେ। ଏହି ଅବସରେ ଅନୁଷ୍ଠିତ କବିତା ଆସରରେ ସଂଯୋଜନା ସନ୍ତୋଷିନୀ ଗିରି କରିଥିଲେ। ଚିନ୍ତାମଣି ମହାଳିକ, ବିରଞ୍ଚି ନାରାୟଣ ସାମନ୍ତରାୟ, ଚିନ୍ମୟ ସାହୁ, ହରିହର ଜେନା, ସୁଜିତ ମିଶ୍ର, ବ୍ରଘ୍ନେଶ୍ୱର ସାହୁ, ଶରତ ରାଉତ, ବିଜୟଲକ୍ଷ୍ମୀ ମହାନ୍ତି, ଅଲଭ୍ୟା ସୃଜନିକା ସାମନ୍ତରାୟ, ପ୍ରଜ୍ଞାପ୍ରତିଭା ସେଠୀ, ଅଲିଭା ସାହୁ, ରାମଚନ୍ଦ୍ର ସାହୁ, ଜିତେନ୍ଦ୍ର ପରିଡ଼ା, ପ୍ରତାପ କର୍ମକାର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଶାନ୍ତନୁ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ରୋଗଗ୍ରସ୍ତ ପୁଅ ଚିନ୍ତାରେ ମା'

- ଅଚଳ ହେଉଛି ଅଙ୍ଗପ୍ରତ୍ୟଙ୍ଗ
- ମିଳିପାରୁନି ଚିକିତ୍ସା ସୁବିଧା
- ସରକାରୀ ସହାୟତା ଅପହଞ୍ଚ

ରାଇସୁଆଁ, ୧୪।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ଦନାର୍ଦ୍ଦନପୁର ପଞ୍ଚାୟତର ଜାମୁନାଳିଆ ଗ୍ରାମରେ ରୋଗଗ୍ରସ୍ତ ପୁଅ ଚିନ୍ତାରେ ଜଣେ ମା' ରହିଛନ୍ତି। ୭ ବର୍ଷର ଶିଶୁ ଶୁକ୍ରା ମୁଣ୍ଡାଙ୍କୁ ନେଇ ମା' ମଞ୍ଜୁ ଅସହାୟ ହୋଇପଡିଛନ୍ତି। ସ୍ୱାମୀ ରେଜେନ ୬ ବର୍ଷ ହେଲାଣି ଆରପାରୁକୁ ଚାଲି ଯାଇଛନ୍ତି। ମଞ୍ଜୁ ଦିନ ମଜୁରୀ କରି ପରିବାର ଚଳାଉଛନ୍ତି। ଶୁକ୍ରାଙ୍କ ଚିକିତ୍ସା ପାଇଁ ଅସହାୟ ମା' ନୟାନ୍ତ ହେଲାଣି। ସରକାରଙ୍କ ତରଫରୁ ତାଙ୍କୁ କୌଣସି ସହାୟତା ମିଳିଲା ନାହିଁ।



ଶୁକ୍ରା ମୁଣ୍ଡା।

ଚିକିତ୍ସା ସୁବିଧାରୁ ତାଙ୍କ ପରିବାର ବଞ୍ଚିତ ହୋଇଛି। ମଞ୍ଜୁ ଜଣେ ଗରିବ ବିଧବା ମହିଳା। ଜମିବାଡି କିଛି ନାହିଁ। ପୁଅର ଚିକିତ୍ସା ଲାଗି ପାଖରେ ଅର୍ଥ ଅଭାବ ରହିଛି।

ମଞ୍ଜୁ କହିଛନ୍ତି ଯେ, ବହୁ ଅଶା କରିଥିଲି ପୁଅ ବଡ଼ ହୋଇ ପରିବାର ଚଳାଇବ, ବୃଦ୍ଧ ଅବସ୍ଥାରେ ସାହାରା ହେବ ମାତ୍ର ଶୁକ୍ରାକୁ ଦେଢବର୍ଷ ହୋଇଥିଲା ତାର ହାତକୁ ବାତ ମାରିଲା। ସେହିଦିନଠାରୁ ଅସ୍ୱାଭିକ ଭାବେ ମେରୁଦଣ୍ଡ ବଙ୍କା ହୋଇ ଯାଉଛି। ଛାତି ପଞ୍ଜରା ଏବଂ ବେକ ହାଡ ବଙ୍କା ହେବାରେ ଲାଗିଛି। ଶୁକ୍ରା ଭଲ ଭାବେ ଚଳପ୍ରଚଳ କରିପାରୁ ନାହିଁ। ଅପପୁଷ୍ଟିର ଶିକାର ହୋଇ ପେଟ ବାହାରକୁ ବାହାରି ଯିବା ସହ ଗୋଡ ଦୁଇଟି ସରୁ ହୋଇଯାଇଛି। ଶୁକ୍ରା ମୋର ସବୁ କିଛି। ବଞ୍ଚିବାର ସାହାର। ଏ ନେଇ ସ୍ଥାନୀୟ ଗରିବ ପରିବାରକୁ ସରକାରୀ ସହଯୋଗ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ■ ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ
# ଚିହ୍ନ ବ୍ୟବହାରକୁ ନେଇ ବିବାଦ

କେନ୍ଦୁଝର, ୧୪।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ବିଭିନ୍ନ ଚିହ୍ନ ବ୍ୟବହାରହାକୁ ସମସ୍ୟା ଉପୁଜିଛି। ନିର୍ବାଚନ ହେବାକୁ ଆଉ ୧୨ ଦିନ ରହିଛି। ଏଥିରେ ଅଯଥା ହସ୍ତକ୍ଷେପ କରି ସଂଘର ସମ୍ବିଧାନ ବାହାରେ ନିର୍ବାଚନ କରିବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ ହେଉଛି। ପ୍ରାର୍ଥୀଙ୍କ ନାମରେ ନିର୍ବାଚନ ହୋଇ ଆସୁଛି। ଏବେ ପ୍ରାର୍ଥୀଙ୍କ ନାମ ସହିତ ରାଜନୈତିକ ଦଳ ଭଳି ଚିହ୍ନ ବ୍ୟବହାର କରିବାକୁ ନେଇ ଅସନ୍ତୋଷ ଦେଖାଦେଇଛି। ୧୨ ତାରିଖରେ ପ୍ରକାଶିତ ନୋଟିସକୁ ନେଇ ବିବାଦ ଦେଖାଦେଇଛି। ଏହା ସମ୍ବିଧାନର ବିରୋଧୀ। ଏଥିରେ ହସ୍ତକ୍ଷେପ କରି ପଦକ୍ଷେପ ନେବାକୁ ସୂର୍ଯ୍ୟନାରାୟଣ କର ସହ ଅନ୍ୟ ଜଣେ ପ୍ରାର୍ଥୀ ତଥା ସଂଘ ସଦସ୍ୟ ଦାବି କରିଛନ୍ତି। ଏ ନେଇ ଅତିରିକ୍ତ ଜିଲାପାଳଙ୍କୁ ଲିଖିତ ଜଣାଇଛନ୍ତି। ଏଭଳି ବିବାଦୀୟ ନିଷ୍ପତ୍ତିକୁ ନେଇ କେତେକ ଟ୍ରକ୍ ମାଲିକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ନେଇ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ରୁଦ୍ର ନାରାୟଣ ମହାନ୍ତ କହିଛନ୍ତି ଯେ, ସମାନ ନାମରେ ପ୍ରାର୍ଥୀ ଥିବାରୁ ଭୋଟରଙ୍କ ସୁବିଧା ପାଇଁ କେତେକ ପଦବୀ ପାଇଁ ଏଭଳି ଚିହ୍ନ ଦିଆଯାଇଛି। ଜଣେ ପ୍ରାର୍ଥୀଙ୍କ ଲିଖିତ ଅନୁରୋଧ କ୍ରମେ ଏଭଳି ନିଷ୍ପତ୍ତି ନିଆଯାଇଛି। ନିର୍ବାଚନ ପ୍ରକ୍ରିୟା ଠିକ ଭାବରେ ଚାଲିଥିବା ବେଳେ ଜାଣିଶୁଣି ବିଭ୍ରାଟ କରାଯାଉଥିବା ସେ ଅଭିଯୋଗ କରିଛନ୍ତି।

## ■ ମା'ଙ୍କ ଇଚ୍ଛା ପୂରଣ କଲେ ପୁଅ
# ନିର୍ମାଣ ହେଲା ହାତୀ ମିନାର

କେନ୍ଦୁଝର, ୧୪।୧(ସ୍ୱ.ପ୍ର.)

ହାତୀପଲ ଜଙ୍ଗଲାଞ୍ଚଳରୁ ବାହାରି ଗାଁ ମୁହାଁ ହେଉଛନ୍ତି। ବିଦ୍ୟୁତ୍ ଆଘାତ, ରେଳ ଦୁର୍ଘଟଣା ପରି ଅସ୍ୱାଭାବିକ ମୃତ୍ୟୁର ସମ୍ମୁଖୀନ ହେଉଛନ୍ତି। ହାତୀଙ୍କ ମୃତ୍ୟୁ ପାଇଁ ଲୋକେ ଦୁଃଖ ପ୍ରକାଶ କରୁଥିବା ବେଳେ ଅନେକ ଲକ୍ଷ୍ମୀଙ୍କ ବାହାନ ମନେ କରି ଫୁଲ, ସିନ୍ଦୂର ତଥା ପୂଜାର୍ଚ୍ଚନା କରି ବିଦାୟ ଦେଇଥାନ୍ତି। ଏଭଳି ଏକ ହାତୀର ଅସ୍ୱାଭାବିକ ମୃତ୍ୟୁର ଦୁଃଖ ଭୁଲି ନ ପାରି ଦୀର୍ଘ ୧୦ ବର୍ଷ ପରେ କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଜାଲି ଗ୍ରାମର ଜମି ମାଲିକ ଅବସରପ୍ରାପ୍ତ ବରିଷ୍ଠ ଅଧ୍ୟାପକ ଡ. କୃଷ୍ଣଚନ୍ଦ୍ର ନାୟକ ତାଙ୍କ ବିଲ(ଜମି)ରେ କଂକ୍ରିଟରେ ହାତୀ ମିନାର ନିର୍ମାଣ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଯାହାର ଉଚ୍ଚତା ଦୀର୍ଘ ୩୫ ଫୁଟ ରହିଛି। ଏହା ଭୂମିରେ ୫ ଫୁଟ ଲମ୍ବ ଓ ଓସାର କଂକ୍ରିଟ ଚଟାଣ ଉପରେ ନିର୍ମାଣ ହୋଇଛି।



ନିର୍ମାଣ ହୋଇଥିବା ହାତୀ ମିନାର।

ଡ. କୃଷ୍ଣଚନ୍ଦ୍ରଙ୍କ ଜମିରେ ଏକ ହାତୀର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିଲା। ହାତୀ ମୃତ୍ୟୁକୁ ନେଇ ଡ. କୃଷ୍ଣଚନ୍ଦ୍ରଙ୍କ ମା' ଅତ୍ୟନ୍ତ ବିବ୍ରତ ହୋଇ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ମୃତ ହାତୀର ଦାନ୍ତକୁ ବନ ବିଭାଗ କର୍ମଚାରୀ କାଟି ନେଇଥିଲେ। ହାତୀକୁ ସେହି ଜମିରେ ପୋତି ଦେଇଥିଲେ। ଏ ନେଇ ତାଙ୍କ ମା' ଏହାର ସ୍ମୃତିରେ କିଛି କରିବାକୁ ଡ. କୃଷ୍ଣଚନ୍ଦ୍ରଙ୍କୁ କହିଥିଲେ। ହାତୀ ମୃତ୍ୟୁର ୨ ବର୍ଷ ପରେ ତାଙ୍କ ମା'ଙ୍କ ମୃତ୍ୟୁ ଘଟିଥିଲା। ମା'ଙ୍କ ଶେଷ ଇଚ୍ଛା ରକ୍ଷା କରିବା ପାଇଁ ଧାନଚାଉଳ ବିକି ଉକ୍ତ ମିନାର ସ୍ଥାପନ କରାଯାଇଥିବା ଡ. କୃଷ୍ଣଚନ୍ଦ୍ର କହିଛନ୍ତି। ସ୍ଥାନୀୟ ସରପଞ୍ଚ ହୀରାମଣୀ ସିଂ ମକର ସଂକ୍ରାନ୍ତିରେ ହାତୀ ମିନାରକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବହୁ ଲୋକ ଉପସ୍ଥିତ ହୋଇଥିଲେ। ଏହି ବିରଳ ସ୍ମୃତିକୁ ଦେଖି ଅନେକ ପ୍ରଶଂସା କରିଛନ୍ତି। ଏହା ଆଗାମୀ ଉକ୍ତ ମୀନାର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ, କେନ୍ଦୁଝରଠାରୁ ପ୍ରାୟ ୪୫ କି.ମି. ଦୂର ଜାଲି ଗ୍ରାମର ବିଲକୁ ଗତ ୭ ସେପ୍ଟେମ୍ବର ୨୦୦୯ରେ ଦନ୍ତା ହାତୀ ଧାନ ଫସଲ ଖାଇବାକୁ ଆସି ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିଲା।

## ମା' ଶଙ୍ଖେଇଶୁଣୀ ମେଳା ଉଦ୍‌ଘାଟିତ

ଆନନ୍ଦପୁର, ୧୪।୧(ସ୍ୱ.ପ୍ର.)

ଘସିପୁରା ବ୍ଲକ ଶାଳଦେଇ ପଞ୍ଚାୟତ ଅନ୍ତର୍ଗତ ଶାଳଦେଇ ଓ ଓଡପଡ଼ା ଗ୍ରାମ ମଧ୍ୟସ୍ଥଳ ବୈତରଣୀ କୂଳରେ ସୋମବାର ମା' ଶଙ୍ଖେଇଶୁଣୀଙ୍କ ୧୧ତମ ବାର୍ଷିକ ଆଞ୍ଚଳିକ ମକର ମେଳା ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀରେ ବିଦ୍ୟାଳୟ, ଗଣଶିକ୍ଷା, ବିଜ୍ଞାନ ଓ କାରିଗରି ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ନିୟନ୍ତ୍ରିତ ବଜାର କମିଟିର ଉପାଧ୍ୟକ୍ଷ ଦେବାଶିଷ ପାତ୍ର, କେନ୍ଦୁଝର ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ ସାହୁ, ଘସିପୁରା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଜାତା ସାହୁ, ସରପଞ୍ଚ ପଦ୍ମନାଭ ଦାସ, ସମିତିସଭ୍ୟ ସ୍ମିତିରଞ୍ଜନ ମିଶ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଶ୍ୱ ରଞ୍ଜନ ବେହେରା, ସରପଞ୍ଚ ବଳରାମ ବେହେରା, ପୂର୍ବତନ ସରପଞ୍ଚ ମଦନ ମୋହନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ମକର ମେଳା ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ୧୨ ଦିନ ଧରି ଅନୁଷ୍ଠିତ ମେଳାରେ ବିଭିନ୍ନ ମୀନା ବଜାର ସାଙ୍ଗକୁ ଖାଦ୍ୟମେଳା ଆଦିର ବ୍ୟବସ୍ଥା ଗ୍ରହଣ କରାଯାଇଛି। ମେଳାରେ ଶାନ୍ତି ଶୃଙ୍ଖଳା ଦାୟିତ୍ୱରେ ରାମଚନ୍ଦ୍ରପୁର ଥାନା ଅଧିକାରୀ ରହିଛନ୍ତି। କାର୍ଯ୍ୟକ୍ରମକୁ କମିଟିର ସଭାପତି ଦୀପକ ପୃଷ୍ଟି, ସମ୍ପାଦକ ଦିଲ୍ଲୀପ ସ୍ୱାଇଁ, ସହସମ୍ପାଦକ ବିଜୟ ରାଉତ, କୋଷାଧ୍ୟକ୍ଷ ପ୍ରଶାନ୍ତ ବାରିକ ଓ ଉପଦେଷ୍ଟା ପରିଚାଳନାରେ ସହାୟତା କରୁଛନ୍ତି।

# ଜମିକୁ ମାଡ଼ି ପାରୁନି ପାଣି



କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ।

- ଉଜୁଡ଼ିବ ରବି ଫସଲ
- ଜିଲାପାଳଙ୍କୁ ଅଭିଯୋଗ
- ଚିନ୍ତାରେ ଚାଷୀକୁଳ

ତେଲକୋଇ, ୧୪।୧(ଡି.ଏନ.ଏ.)

ତେଲକୋଇ ମୁଖ୍ୟାଳୟରେ ଥିବା ଓରିଆ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପରୁ ଚାଷୀଙ୍କ ଜମିକୁ ପାଣି ମାଡ଼ି ପାରୁନି। ୧୨ ଶହରୁ ଉର୍ଦ୍ଧ୍ୱ ହେକ୍ଟର ଚାଷ ଜମିକୁ ପାଣି ଛଡା ଯାଉ ନ ଥିବାରୁ ରବି ଫସଲ ଉଜୁଡିବା ଆଶଙ୍କା ରହିଛି। କ୍ଷୁଦ୍ର ଜଳସେଚନ ଦ୍ୱାରା ପ୍ରତିବର୍ଷ ଚାଷୀ ରବି ଫସଲ କରି ରୋଜଗାର କ୍ଷମ ହେଉଥିଲେ। ଚଳିତ ବର୍ଷ ରବି ଫସଲ ପାଇଁ ଜଳସେଚନକୁ ବନ୍ଦ କରାଯାଇଥିବା କେତେକ ଚାଷୀ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି।

ଉକ୍ତ କ୍ଷୁଦ୍ର ଜଳସେଚନ ଦ୍ୱାରା ୨ ପଞ୍ଚାୟତର ଚାଷୀ ନିର୍ଭର କରନ୍ତି। ଓରିଆ, ତେଲକୋଇ, କତରାପାଲି, ବାଲିସାହି, ରାମଚନ୍ଦ୍ରପୁର, ସରାସପଶି ଗ୍ରାମର ଚାଷୀ ଉପକୃତ ହୋଇଥାନ୍ତି। ଜଳସେଚନ ଦ୍ୱାରା ଚାଷୀ ବିରି, ମୁଗ, ସୋରିଷ, ସୂର୍ଯ୍ୟମୁଖୀ ଚାଷ କରୁଛନ୍ତି। ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ରବି ଫସଲ ନଷ୍ଟ ହେବା ଆଶଙ୍କା ରହିଛି। ଏସଡିଓ ଓ ୨ ଜଣ ଯନ୍ତ୍ରୀ ଅନୁପସ୍ଥିତ ରହୁଥିବାରୁ ଚାଷୀଙ୍କ ଜମିକୁ ପାଣି ଛଡ଼ା ଯାଉ ନ ଥିବା ଅଭିଯୋଗ ହୋଇଛି। ଜମିରେ ପାଣି ନ ଥିବାରୁ ୨ ଏକର ଚାଷ ଜମି ନଷ୍ଟ ହୋଇଥିବା ଚାଷୀ ଅନୁକୁଳ ବିଶ୍ୱାଳ କହିଛନ୍ତି। କେନାଲ କାର୍ଯ୍ୟ ହେଉଥିବାରୁ ଏଭଳି ସମସ୍ୟା ହୋଇଛି ବୋଲି ଏସଡିଓ ସୁଧାକର କୁମାର କହିଛନ୍ତି।

# ଖଳାରେ ପଇଁତରା ମାରୁଛନ୍ତି ବେପାରୀ

**ଧାନର ଅଭାବୀ ବିକ୍ରି**

ରାଇସୁଆଁ, ୧୪।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ଅଞ୍ଚଳରେ ଚାଷୀ ଧାନ ବିକ୍ରି କରିପାରୁନାହାନ୍ତି। ଅଭାବୀ ବିକ୍ରି ଦେଖିବାକୁ ମିଳିଛି। ଏହାର ଫାଇଦା ନେଉଛନ୍ତି କେତେକ ଅସାଧୁ ଧାନ ବେପାରୀ। ଖଳାରେ ସେମାନେ ପଇଁତରା ମାରୁଥିବା ଦେଖିବାକୁ ମିଳିଛି। ଧାନ କିଣା ପ୍ରହଶନ ପାଲଟିଛି। ଗ୍ରାମାଞ୍ଚଳର ଗରିବ ଚାଷୀ ମଣ୍ଡିରେ ଧାନ ବିକ୍ରି କରି ପରୁ ନ ଥିବା ଅଭିଯୋଗ ହୋଇଛି।

ସଦର ଅଞ୍ଚଳର ମହାଦେଇଯୋଡ଼ା ପଞ୍ଚାୟତର କାଳିଚରଣ ମୁଣ୍ଡା, ବାବୁରାମ ମୁଣ୍ଡା, ରୋହିତ ମୁଣ୍ଡା, ଜଗଦିଶ ମୁଣ୍ଡା ପ୍ରମୁଖ ଚାଷୀ ଧାନ ବିକ୍ରି କରି ପାରିନାହାନ୍ତି। ସରକାରୀ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ବହୁବାର ଧାଇଁବାକୁ ପଡୁଥିବା ଅଭିଯୋଗ ହୋଇଛି। ଗାଁରୁ ଧାନକ୍ରୟ କେନ୍ଦ୍ରକୁ ଧାନ ନେବାକୁ କୁଇଣ୍ଟାଲ ପିଛା ୨ଶହରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଛି। ଧାନ ବିକ୍ରି ଟଙ୍କା ମିଳିବାରେ ବିଳମ୍ବ ହେଉଛି। ଧାନ ବିକ୍ରି ଟୋକନ ପାଇଁ ୬ରୁ ୭ଦିନ ଧାଇଁବାକୁ ପଡୁଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।

# ମକର ସଂକ୍ରାନ୍ତିରେ ପୁରପଲ୍ଲୀ ଚଳଚଞ୍ଚଳ

- ବୈତରଣୀରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ
- ମା' ଧନେଇ ପୀଠ ଉତ୍ସବମୁଖର
- ଆଦିବାସୀଙ୍କ ପାରମ୍ପରିକ ନୃତ୍ୟ

କେନ୍ଦୁଝର, ୧୪।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲାର ବିଭିନ୍ନ ଦେବଦେବୀ ପୀଠରେ ସୋବାର ସକାଳେ ମକର ପାଇଁ ଭିଡ଼ ଦେଖିବାକୁ ମିଳିଥିଲା। ଭକ୍ତ ନଦୀରେ ମକର ବୁଡ଼ ଦେଇ ନୂଆବସ୍ତ୍ର ପିନ୍ଧି ଦେବଦେବୀଙ୍କୁ ପୂଜାର୍ଚ୍ଚନା କରିଛନ୍ତି। ସମସ୍ତେ ମକର ଚାଉଳ ଭୋଗ ଲଗାଇ ସେବନ କରିବା ପରେ ଘରେ ପିଠାପଣା ଖାଇ ମଜା ଉଠାଇଛନ୍ତି। ପ୍ରଥମ ଦିନରେ ବୈତରଣୀର ଉତ୍ପତ୍ତି ସ୍ଥଳର ଗୋନାସିକାର ଦେବକୁଣ୍ଡ, ପାଟଣାର ଭିମକୁଣ୍ଡ, ଚମ୍ପୁଆର କେଶରୀକୁଣ୍ଡ ସହ ବୈତରଣୀରେ ଭକ୍ତ ମହାନ ସ୍ନାନ କରି ସାନିଧ୍ୟ ଲାଭ କରିଛନ୍ତି। ବିଭିନ୍ନ ସ୍ଥାନରେ ମକର ମେଳା ଆରମ୍ଭ ହୋଇଛି। ପୁରପଲ୍ଲୀ ଚଳଚଞ୍ଚଳ ହୋଇଉଠିଛି। ସବୁଠି ଉତ୍ସବ ମୁଖର ହୋଇଉଠୁଛି। ମେଳା ଦେଖିବାକୁ ଲୋକଙ୍କ ଭିଡ଼ ଜମୁଛି। ଘଟଗାଁ, ଦେଓଗାଁ ଆଦି ଶୈବ ପୀଠରେ ଭିଡ଼ ହୋଇଥିଲା। କୁଡୁମି ସମ୍ପ୍ରଦାୟର ଟୁସୁ ପର୍ବ ଉପଲକ୍ଷେ ଶୋଭାଯାତ୍ରାରେ ମହିଳା ଗ୍ରାମ ପରିକ୍ରମା କରିଛନ୍ତି। ବାର୍ହାଟିପୁରା ଶୈବପୀ ଏବଂ ମା' ତାରିଣୀ ପୀଠରେ ମା'ଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ହୋଇଥିଲା।



କାରୋ ନଦୀକୂଳସ୍ଥିତ ସନ୍ଥେଶ୍ୱର ଶୈବପୀଠରେ ଭକ୍ତଙ୍କ ଭିଡ ।

**ଆନନ୍ଦପୁର/ଘସିପୁରା, (ସ୍ୱ.ପ୍ର.)**

ଆନନ୍ଦପୁରର ବିଭିନ୍ନ ଠାକୁରାଣୀ ପୀଠ ମକର ପର୍ବ ପାଇଁ ଉତ୍ସବ ମୁଖରିତ ହୋଇଉଠିଛି। ଆନନ୍ଦପୁର ଶିଆଡି ମାଳିଆର ମା' ଧନେଇ ପୀଠରେ ମକର ମେଳା ହୋଇଛି। ଧନେଇ କମିଟି ସଭାପତି ବିଜୟ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଆନନ୍ଦପୁର ବିଧାୟକ ମାୟାଧର ଯେନା, ହାଟଡିହୀ ବିଜେଡି ସଭାନେତ୍ରୀ ସାବିତ୍ରୀ ସେଠୀ,ଆନନ୍ଦପୁର ବ୍ଲକ ଶିକ୍ଷାଧିକାରୀ ଶରତ ଚନ୍ଦ୍ର ରାଉତ, ବିଶିଷ୍ଟ ସାହିତ୍ୟିକ ତଥା ଆନନ୍ଦପୁର ସାହିତ୍ୟ ସଂସଦ ସଭାପତି ପ୍ରଫେସର ଗଦାଧର ମିଶ୍ର, ଶିକ୍ଷାବିତ୍ ଶୁକଦେବ ସାହୁ, ପ୍ରଜ୍ଞାଶ୍ରୀ ସାହିତ୍ୟାନୁଷ୍ଠାନର ସମ୍ପାଦକ ରାମଚନ୍ଦ୍ର ସୁର ପ୍ରମୁଖ ଯୋଗ ଦେଇଥିଲେ। ଶିଆଡିମାଳିଆ ମା' ଧନେଇ ପୀଠରେ ଶ୍ରଦ୍ଧାଳୁଙ୍କ ପାଇଁ କମିଟି ପକ୍ଷରୁ ପ୍ରସାଦ ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। ବାରିଗାଁ ମା' ଧନେଇ ଠାକୁରାଣୀଙ୍କ ମକର ପର୍ବ ଉପଲକ୍ଷେ ମହିଳା ବୈତରଣୀରୁ ଖପରାଖାଇ ବସ୍ ଷ୍ଟାଣ୍ଡର ରାଜଘାଟଠାରୁ କଳସ ଶୋଭାଯାତ୍ରା ବାହାରି ପୀଠରେ ପହଞ୍ଚିଥିଲେ।

**ପାଟଣା, (ସ୍ୱ.ପ୍ର.)**

ପାଟଣା ବ୍ଲକ ପ୍ରଚୀନ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡରେ ମକର ମେଳା ଭୀମକୁଣ୍ଡ ଉନ୍ନୟନ କମିଟି ପକ୍ଷରୁ ପାଳିତ ହୋଇଛି। ବୈତରଣୀରେ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ବୁଡ଼ ପକାଇଥିଲେ। ସମ୍ବଲପୁରୀ, ସାନ୍ତାଳୀ ଓ ହୋ'ନୃତ୍ୟ ପରିବେଷଣ ହୋଇଥିଲା। ପାଟଣା ବିଡ଼ିଓ କୁଶଳଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା ବୋର୍ଡ଼ଅଧ୍ୟକ୍ଷ ହୃଷିକେଶ ନାଏକ, ସମ୍ମାନିତ ଅତିଥି ଭାବେ ପାଟଣା ବ୍ଲକ ଅଧ୍ୟକ୍ଷ ଜଗନ୍ନାଥନାଏକ, ଜିଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାଏକ, ଜିଲାପରିଷଦ ସଭ୍ୟ ସୁରେଶ ନାଏକ, ସୁରୁମାଲ ବେହେରା, ଡଲି ପାତ୍ର, ସ୍ଥାନୀୟ ସରପଞ୍ଚ ଦମୟନ୍ତୀ ନାଏକ, ସମିତିସଭ୍ୟ ରାଘବ ଦଳେଇ, ସରପଞ୍ଚ କନକଲତା ନାଏକ, ଖବରଦାତା ନୃସିଂହ ନାଥ ସିଂ, ମହେଶ୍ୱର ପୃଷ୍ଟି ଓ ଉମାକାନ୍ତ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କମିଟିର କାର୍ତ୍ତିକ ଚନ୍ଦ୍ର ନାଏକ, କାଳିଆ ମହାନ୍ତ ଓ ଚିନ୍ତାମଣି ମହାନ୍ତ ପରିଚାଳନା କରିଥିଲେ। ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ପାର୍ଶ୍ୱ ଭୀମକୁଣ୍ଡରେ ଉଭୟ ପୋଲିସ, ଅଗ୍ନିଶମ ବାହିନୀ ମୁତୟନ ହୋଇଥିଲେ।

**ବଡ଼ବିଲ, (ସ୍ୱ.ପ୍ର.)**

ଖଣି ଅଞ୍ଚଳ ବଡ଼ବିଲରେ ଆନନ୍ଦର ସହ କୁଡୁମି ଓ ଆଦିବାସୀ ସମ୍ପ୍ରଦାୟର ଲୋକେ ଗଣପର୍ବ ମକର ସଂକ୍ରାନ୍ତି ପାଳନ କରିଛନ୍ତି। ଦେଶର ଭିନ୍ନଭିନ୍ନ ପରମ୍ପରା ଓ ସଂସ୍କୃତିକୁ ନେଇ ପାଳିତ ହେଉଥିବା ବେଳେ ରାଜ୍ୟର ମୟୂରଭଞ୍ଜ, କେନ୍ଦୁଝର, କଳାହାଣ୍ଡି, କୋରାପୁଟ ଓ ସୁନ୍ଦରଗଡ ଜିଲା ସହ ଅନେକ ଅଞ୍ଚଳରେ ମକର ସଂକ୍ରାନ୍ତିକୁ ବେଶ ଉତ୍ସହର ସହ ପାଳନ କରାଯାଉଛି। ବଡବିଲରେ ଏହି ଗଣପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି। ବିଭିନ୍ନ ନଦୀ, ପୁଷ୍କରିଣୀରେ ବୁଡ ପକା ଯାଇଥିଲା। ମନ୍ଦିର ଓ ପୀଠ ଗୁଡିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। କୁଡୁମି ସମ୍ପ୍ରଦାୟଙ୍କ ଘରେ ପିଠାପଣା ହୋଇଥିଲା। ସମସ୍ତେ ଉଡାପର୍ବ ଓ ମକର ମେଳାରେ ସାମିଲ ହୋଇଥିଲେ। ବଡବିଲ ଉପକଣ୍ଠ ସାନ୍ତବାହାଲରେ ଥିବା କାରୋନଦୀକୂଳସ୍ଥିତ ସନ୍ଥେଶ୍ୱର ଶୈବପୀଠ ଓ ଗାଢା ହଟିଂସ୍ଥିତ ବାବା ସ୍ୱପ୍ନେଶ୍ୱର ଶିବ ମନ୍ଦିରରେ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ଭିଡ ଜମିଥିଲା। ସାନ୍ତବାହାଲସ୍ଥିତ ଶୈବପୀଠ ପରିସରରେ ଭଜନ କାର୍ଯ୍ୟକ୍ରମ ହୋଇଥିଲା। ଆଦିବାସୀ ମହିଳାପୁରୁଷ, ଯୁବତୀଯୁବକ ଏକାଠି ହୋଇ ପାରମ୍ପରିକ ବାଦ୍ୟର ତାଳେତାଳେ ଅଣ୍ଟାରେ ହାତ ଛନ୍ଦି ନୃତ୍ୟରେ ମସଗୁଲ ହୋଇଥିଲେ। ପବିତ୍ର ଦିନରୁ ଆଦିବାସୀଙ୍କ ଅନ୍ୟତମ ପର୍ବ ମାଘେ ପର୍ବ ମଧ୍ୟ ଆରମ୍ଭ ହୋଇଛି। ଏ ନେଇ ବାବା ସ୍ୱପ୍ନେଶ୍ୱର ମନ୍ଦିର ନିକଟସ୍ଥ ପଡ଼ିଆରେ ଗଣେଶ କ୍ଲବ ପକ୍ଷରୁ ୧୯ରୁ ୬ ଦିନ ଧରି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ହେବ ବୋଲି କ୍ଲବ ସଭାପତି ଗଣେଶ ଲୋହାର କହିଛନ୍ତି।




ମକର ମେଳାରେ ଯୋଗ ଦେଇଥିବା କମିଟିର କର୍ମକର୍ତ୍ତା ଓ ଅନ୍ୟମାନେ।




ଭୀମକୁଣ୍ଡରେ ଆୟୋଜିତ ସଭାରେ ଅତିଥିବୃନ୍ଦ।



ବଡ଼ବିଲରେ ପାରମ୍ପରିକ ନୃତ୍ୟରେ ଆଦିବାସୀ ମହିଳାପୁରୁଷ।

## ସଂକ୍ଷେପରେ

### ଆରଏସ୍ଏସ୍ ପକ୍ଷରୁ ମକର ଉତ୍ସବ

**ଜଳେଶ୍ୱର, ୧୪।୧(ଡି.ଏନ.ଏ.):** ଜଳେଶ୍ୱର ସହର ଅଲାଲପୁର ମହୋତ ନଗର ସେବା ବସ୍ତିରେ ସ୍ଥାନୀୟ ଆର୍ଏସ୍ଏସ୍ ତରଫରୁ ସୋମବାର ପବିତ୍ର ମକର ଉତ୍ସବ ପାଳିତ ହୋଇଯାଇଛି। ସଂଘର ପ୍ରମୁଖ କାର୍ଯ୍ୟକର୍ତ୍ତା ମନୀନ୍ଦ୍ରସୁନ୍ଦର ଦାସ, ଦିଲୀପ ଚନ୍ଦ, ଅଜୟ ଦେ, ବିଶ୍ୱବିନୋଦ ଭଞ୍ଜ, ସଞ୍ଜୀବ ସେଠୀ, ପ୍ରଦୀପ ବାରିକ, ସୁଦୀପ ଦାସ, ବୋଧିସୁନ୍ଦର ପରିଡ଼ା ପ୍ରମୁଖ ଉତ୍ସବ ପାଳନ କରିଥିଲେ। ମକର ଉତ୍ସବ ମହତ୍ତ୍ୱ ଉପରେ ସୈନିକ ସୁବାଷ ରାଉଳ ମାର୍ଗଦର୍ଶନ କରିଥିଲେ। ବାଳ ସ୍ୱୟଂସେବକ ଅମିତ ଦେ ଏବଂ ଅମ୍ରିତ ଚନ୍ଦଙ୍କ ଦ୍ୱାରା ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା। ଶେଷରେ ଝାଡ଼େଶ୍ୱର ମାରାଣ୍ଡି ଧନ୍ୟବାଦ ଅର୍ପଣ କରି ସମସ୍ତଙ୍କୁ ମକର ପ୍ରସାଦ ବଣ୍ଟନ କରିଥିଲେ।

# ଓଲଟିଲା ଭ୍ୟାନ, ଚାଉଳ ବୋହିନେଲେ ଲୋକେ

## ପିଡିଏସ୍ ଚାଉଳ ଚୋରାଚାଲାଣ ସନ୍ଦେହ

ବାହାନଗା, ୧୪।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବଜାରସ୍ଥିତ ୧୬ ନମ୍ବର ଜାତୀୟ ରାଜପଥ ଉପରେ ସୋମବାର ସକାଳେ ଏକ ଚାଉଳ ବୋଝେଇ ଟାଟା ଭ୍ୟାନ ଓଲଟି ପଡିଥିଲା। ଫଳରେ ଚାଉଳ ବସ୍ତାଗୁଡିକ ତଳେ ଛିନଛତ୍ର ହୋଇପଡିଥିଲା। ସ୍ଥାନୀୟ ଅଞ୍ଚଳର କେତେକ ଲୋକ ଆସି ଚାଉଳ ବୋହି ନେଇଯାଉଥିବା ଦେଖିବାକୁ ମିଳିଥିଲା। କେତେକ ଚାଉଳ ବସ୍ତା ଉପରେ ଓଡିଶା ରାଜ୍ୟ ସିଭିଲ ସପ୍ଲାଏ କର୍ପୋରେଶନ ବୋଲି ଲେଖାଥିବା ବେଳେ ଅନ୍ୟ କେତେକ ବସ୍ତା ଉପରେ ଗଭର୍ଣ୍ଣମେଣ୍ଟ ଅଫ୍ ୱେଷ୍ଟବେଙ୍ଗଲ ଓ ଫୁଡ୍ ସପ୍ଲାଏର ଡିପାର୍ଟମେଣ୍ଟ ବୋଲି ଲେଖାଅଛି। ଏହି ଲେଖା ନେଇ ପିଡିଏସ୍ ଚୋରା ଚାଲାଣ ହେଉଥିବା ସାଧାରଣରେ ସନ୍ଦେହ କରାଯାଉଛି।
ବାଲେଶ୍ୱର ସିଂଲା ଅଞ୍ଚଳରେ ଥିବା ଲକ୍ଷ୍ମୀ ଭଣ୍ଡାରରୁ ଏକ ଭ୍ୟାନ


ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ଭ୍ୟାନ୍।

(ନଂ.ଓଡି୦୧ଭି୬୮୯୯) ଶହେ ବସ୍ତା ଚାଉଳ ଭଦ୍ରକ ଯାଉଥିଲା। ବାହାନଗା ବଜାର ପୂର୍ବରୁ ଭ୍ୟାନର ପଛଚକ ଫାଟିଯିବାରୁ ୧୬ ନମ୍ବର ଜାତୀୟ ରାଜପଥ ଉପରେ ଓଲଟି ପଡିଥିଲା। ଫଳରେ ଚାଉଳ ବସ୍ତା ସବୁ ତଳେ ପଡିଯାଇଥିଲା। ଏହାର ସୁଯୋଗ ନେଇ କେତେକ ବ୍ୟକ୍ତି ଚାଉଳ ବସ୍ତା ମଟରସାଇକେଲ, ରିକ୍ସା ଓ ସାଇକେଲ ଯୋଗେ ବୋହିନେଇଥିଲେ। ଏହାକୁ ନେଇ ସେଠାରେ ପାଟିତୁଣ୍ଡ ହେବାରୁ କେତେଜଣ ବ୍ୟକ୍ତି ଚାଉଳ ବସ୍ତା ଫେରାଇଥିଲେ। ଏହା ପିଡିଏସ୍ ଚୋରା ଚାଲାଣ ହେଉଥିବା ସନ୍ଦେହ କରି ସ୍ଥାନୀୟ ଅଞ୍ଚଳରେ ଜନସାଧାରଣଙ୍କ ମଧ୍ୟରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଖନ୍ତାପଡା ଥାନା ପୋଲିସ ପହଞ୍ଚି ଓଲଟି ପଡିଥିବା ଭ୍ୟାନ ଓ ଚାଉଳକୁ ଜବତ କରି ଡ୍ରାଇଭରଙ୍କୁ ଅଟକ ରଖିଛି। ପୋଲିସ ଏହାର ତଦନ୍ତ ଲାଗି ବ୍ଲକ ଯୋଗାଣ ବିଭାଗର ମାର୍କେଟିଂ ଅଧିକାରୀଙ୍କୁ ଜଣାଇଛନ୍ତି। ଏମ୍ଆଇ ମଙ୍ଗଳବାର ତଦନ୍ତ ପାଇଁ ଆସି ଚାଉଳର ରିପୋର୍ଟ ଦେବା ପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୋଲିସ କହିଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ରବିନାରାୟଣ ପୃଷ୍ଟିଙ୍କୁ ଯୋଗାଯୋଗ କରାଯିବାରୁ ସେ କିଛି ଜାଣି ନ ଥିବା କହିଛନ୍ତି।



ଅଭିଯୋଗ ଶୁଣାଣିରେ ଜିଲାପାଳ ଓ ଏସ୍ପି।

# ଜିଲାପାଳ, ଏସ୍ପିଙ୍କ ଅଭିଯୋଗ ଶୁଣାଣି

ଔପଦା, ୧୪।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଔପଦା ବ୍ଲକ ପରିସରରେ ସୋମବାର ଜିଲାପାଳ ଓ ଏସ୍ପିଙ୍କ ମିଳିତ ଅଭିଯୋଗ ଶୁଣାଣି ହୋଇଥିଲା। ୯୪ ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣାଣି ହୋଇଥିଲା। ଜିଲାପାଳ ରମେଶ ଚନ୍ଦ୍ର ରାଉତ, ଏସ୍ପି ବି. ଯୁଗଳ କିଶୋର କୁମାର, ନିଳଗିରି ଉପଜିଲାପାଳ ବିଶାଳ ସିଂ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଅଜୟ କୁମାର ସେଠୀ, ସିଡିଏମଓ ବିବେକାନନ୍ଦ ଦାସ, ଔପଦା ଅଧକ୍ଷା ନିର୍ମଳା ବିଶ୍ୱାଳ, ବିଡିଓ ପିତାମ୍ବର ଭୋଇଙ୍କ ସମେତ ଜିଲା ଓ ବ୍ଲକର ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ। ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ, ସ୍ୱଚ୍ଛଭାରତ ମିଶନ ପାଇଖାନା ଉନ୍ନୟନ କାର୍ଯ୍ୟ, ରାଶନ କାର୍ଡ, କୃଷି ଆଦି ବିଭାଗ ଉପରେ ଅଭିଯୋଗର ଶୁଣାଣି କରାଯାଇଥିଲା। ଔପଦା ବ୍ଲକ ଗଡ଼ସାହି ପଞ୍ଚାୟତ ଭରଡାଭାଟି ଗ୍ରାମର ଦିବ୍ୟାଙ୍ଗ ଶାନ୍ତିଗଡ଼ ଗାୟାଙ୍କୁ ତୁରନ୍ତ ଗୃହ ଯୋଗାଇ ଦେବା ପାଇଁ ଜିଲାପାଳ ବିଡିଓଙ୍କୁ ସୁପାରିସ କରିଥିଲେ। ସେହିପରି ସଦର ତଳକିଆ ପଞ୍ଚାୟତର ଚଁପୁର ଗ୍ରାମର ଆଲୋକ ମଲ୍ଲିକଙ୍କୁ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ କରାଯାଇଥିଲା।

### ମକରସଂକ୍ରାନ୍ତିରେ ସଫେଇ କର୍ମଚାରୀଙ୍କୁ ବସ୍ତ୍ର ବଣ୍ଟନ



**ବାରିପଦା ଅଫିସ ,୧୪।୧:** ପବିତ୍ର ମକର ସଂକ୍ରାନ୍ତି ଅବସରରେ ବାରିପଦା ପୌରପରିଷଦ ଅଧୀନରେ ସଫେଇ କରୁଥିବା କର୍ମଚାରୀଙ୍କୁ ନୂତନ ବସ୍ତ୍ର ବଣ୍ଟନ କରାଯାଇଛି। ଏହି ଅବସରରେ ବାରିପଦା ପୌରପରିଷଦ ଉପନଗରପାଳ ଜିତେନ୍ଦ୍ର ମହାନ୍ତି ସୋମବାର ଉକ୍ତ କର୍ମଚାରୀମାନଙ୍କୁ ପୌରପରିଷଦ କାର୍ଯ୍ୟାଳୟ ପରିସରରେ ବସ୍ତ୍ର ପ୍ରଦାନ କରିଛନ୍ତି। ଏହି ସଫେଇ କର୍ମଚାରୀମାନେ ବାରିପଦା ସହରକୁ ଦୀର୍ଘଦିନ ଧରି ସଫେଇ କରୁଥିବାବେଳେ ସହରକୁ ପରିଷ୍କାର ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଏଣୁ ସେମାନଙ୍କ ପାଇଁ ଉପନଗରପାଳ ଏହି ନୂତନ ବସ୍ତ୍ର ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଦିବାସୀ ଉନ୍ନୟନ ସଂସ୍ଥାର ଅଧକ୍ଷ ଦେବାଶିଷ ମାର୍ଣ୍ଡି,ନଗରପାଳ ବବିତା ଦାସ, ଉତ୍ତର ଓଡ଼ିଶା ଜୋନାଲ ସଭାପତି ସୁବ୍ରମଣ୍ୟମ ମହାନ୍ତି, କାଉନସିଲର ପ୍ରଭାତ ମହାନ୍ତି, ନିରୋଜ ସାହୁ, ଦୁର୍ଗାମଣୀ ଆଚାର୍ଯ୍ୟ, ବିଜୁ ଜନତା ଦଳର ଜିଲା ସମ୍ପାଦକ ଶୈଳେନ୍ଦ୍ର ପାତ୍ର, ବିରଞ୍ଚି ମହାପାତ୍ର, କପିଳ ଖଣ୍ଡେଲୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ନନ୍ଧୁର ମୁନି ମେଳାରେ ଶ୍ରଦ୍ଧାଳୁଙ୍କ ଭିଡ଼

## ଖଇରାରେ ମକର ମେଳା

ଖଇରା, ୧୪।୧(ଡି.ଏନ.ଏ.)

ଖଇରା ବ୍ଲକର ବିଭିନ୍ନ ସ୍ଥାନରେ ମକର ସଂକ୍ରାନ୍ତି ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରସିଦ୍ଧ ନନ୍ଧୁର ମୁନି ମେଳା ୧୦୦ବର୍ଷରେ ପଦାର୍ପଣ କରିଥିବା ବେଳେ ଏଥିପାଇଁ ପୂଜା ଧୂମଧାମରେ ଆରମ୍ଭ ହୋଇଛି। ବିଶ୍ୱନାଥ ଓଝା କଳସ ଆଣିଥିବା ବେଳେ ଯଦୁନାଥ ନନ୍ଦ କପିଳମୁନୀଙ୍କର ପୂଜା ଯଥାରୀତି ନୀତିରେ ସମ୍ପୂର୍ଣ୍ଣ କରିଥିଲେ। କମଳାକାନ୍ତ ଓଝା, ମହେଶ୍ୱର ନାୟକ, ବାବାଜୀ ନାୟକ, ଗଣନାଥ ଓଝା, ଲମ୍ବୋଦର ନାୟକ, ଅଭିମନ୍ୟୁ ନାୟକ ପ୍ରମୁଖ ମେଳା ପରିଚାଳନାରେ ସହଯୋଗ କରିଥିଲେ। ଜୟଶ୍ରୀ ଚଣ୍ଡିମାତା ସାଂସ୍କୃତିକ ପରିଷଦ ପକ୍ଷରୁ ସନ୍ଧ୍ୟାରେ ଭଜନ କୀର୍ତ୍ତନ ପରିବେଷଣ କରାଯାଇଥିଲା। ପ୍ରକାଶଥାଉ କି, ୧୯୧୮ ମସିହାରେ ଓଝା ବଂଶର ଦାୟାଦ ମୁନି ପଡିଆରେ ଥିବା ଉଇହୁଙ୍କା ଭିତରେ ସାପ ଦେଖିବା ପରେ


ଖଇରା ନନ୍ଧୁର ମୁନି ନିକଟରେ ଭକ୍ତମାନେ ପୁଷ୍ପାର୍ଘ୍ୟ ପ୍ରଦାନ କରୁଛନ୍ତି।

ମାନସିକ ଅନୁଯାୟୀ ପ୍ରଥମେ ସେହିବର୍ଷ ଠାରୁ ସେହି ପଡିଆରେ ମୁନିମେଳାର ଶୁଭାରମ୍ଭ କରିଥିଲେ। ଏହି ମେଳା ୭ଦିନ ଧରି ଚାଲିବ। ଏହାଛଡା ବିଷ୍ଣୁନପୁର ଗ୍ରାମରେ ପ୍ରତ୍ୟେକ ବର୍ଷ ପରି ମୁନିମେଳାର ଅନୁଷ୍ଠିତ ହୋଇଯାଇଛି। ବଳରାମ ଲେଙ୍କାଙ୍କ ଦ୍ୱାରା କଳସ ଅଣାଯାଇଥିବା ବେଳେ ବିରଞ୍ଚି ପଣ୍ଡାଙ୍କ ଦ୍ୱାରା ମନ୍ତ୍ରପାଠ କରାଯାଇଥିଲା। ରମେଶ ଜେନା, ପପୁ କୁଅଁର, ଗୟାଧର ମହାନ୍ତି, ଉମେଶ ଜେନା ପ୍ରମୁଖଙ୍କ ଦ୍ୱାରା ମେଳା ପରିଚାଳିତ ହୋଇଥିଲା। ଛାୟାକାନ୍ତ ମହାନ୍ତିଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ଏହାଛଡା ଅଲିପୁର, ସାରଡାଙ୍ଗ, ଝାଟିଆ, ଅଣ୍ଡାଇଲୋଠାରେ ପାରମ୍ପରିକ ରୀତିରେ ମୁନିମେଳା ଆରମ୍ଭ ହୋଇଛି।

### କ୍ରୀଡ଼ାବିତ୍ ହିମାଂଶୁଙ୍କ ସ୍ମୃତିରେ ମିନି ମାରାଥନ

ଭଣ୍ଡାରିପୋଖରୀ, ୧୪।୧(ସ୍ୱ.ପ୍ର.)

ଭଣ୍ଡାରିପୋଖରୀ ବ୍ଲକର ଦକ୍ଷିଣବାଡ ପଞ୍ଚାୟତର କ୍ରୀଡାବିତ ହିମାଂଶୁ ଶେଖର ନାୟକଙ୍କ ୨ୟ ବାର୍ଷିକ ସ୍ମୃତିରେ ଜୟ ବଜରଙ୍ଗବାଲି ଶାରୀରିକ ପ୍ରଶିକ୍ଷଣ ସଂସ୍ଥା ପକ୍ଷରୁ ଏକ ମିନି ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିପୂର୍ବରୁ କ୍ରୀଡାବିତ ମାନେ ନୀରବ ପ୍ରାର୍ଥନା କରିଥିଲେ। ଏଥିରେ ବହୁ ପ୍ରଶିକ୍ଷଣପ୍ରାପ୍ତ କ୍ରୀଡାବିତ ଅଂଶଗ୍ରହଣ କରି ସ୍ୱର୍ଗତ ହିମାଂଶୁଙ୍କ ସ୍ମୃତିଚାରଣ କରିଥିଲେ। ଜୟ ବଜରଙ୍ଗବାଲି ଗ୍ରୁପର ମୁଖ୍ୟ ପ୍ରଶିକ୍ଷକ ଜନ୍ମେଜୟ ବାରିକଙ୍କ ସଂଯୋଜନାରେ ଏହି ମାରାଥନଟି ଆଦମପୁରରୁ ଅର୍ଣ୍ଣପାଳ ପର୍ଯ୍ୟନ୍ତ ହୋଇଥିଲା। ଏହି ଅବସରରେ ଭାରତୀୟ ସୈନ୍ୟବାହିନୀର ଟ୍ରେନର ତପନ ବେଦୀ, ଇଣ୍ଡୋ ତିବତ ଗ୍ରୁପର ଫୌଜ ତପନ ମହାପାତ୍ର, ବଜରଙ୍ଗବାଲି ଗ୍ରୁପର ପ୍ରଶିକ୍ଷଣପ୍ରାପ୍ତ ଛାତ୍ରୀଛାତ୍ର ମାନଙ୍କୁ ଶାରୀରିକ ଦକ୍ଷତା, ସ୍ୱଭାବ ଓ ଚରିତ୍ର ଗଠନ ଉପରେ ଆଲୋକପାତ କରାଇଥିଲେ। ଶେଷରେ ବାସୁଦେବ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।


ହିମାଂଶୁଙ୍କ ସ୍ମୃତିରେ ଖେଳାଳିମାନେ ନୀରବ ପ୍ରାର୍ଥନା କରୁଛନ୍ତି।



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

# ସମାଜ ଗଠନରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ

ବାହାନଗା, ୧୪।୧(ଡି.ଏନ.ଏ.)

ବାହାନଗା ବ୍ଲକ ଗୋପାଳପୁରଠାରେ ଥିବା ଶକୁନ୍ତଳା ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନ ର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏହି ଉପଲକ୍ଷେ ଏକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ଅନୁଷ୍ଠାନର ନିର୍ଦ୍ଦେଶକ ସଞ୍ଜୟ କୁମାର ଦାଶ। ଏଥିରେ ଚେତନା ସାହିତ୍ୟ ସଂସଦର ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜ ଗଠନର ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଶରତ ଚନ୍ଦ୍ର ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ପ୍ରତି ଅଭିଭାବକମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଶଙ୍କର୍ଷଣ ଶିଅଳ ଯୋଗ ଦେଇଥିବା ବେଳେ ଥାଲସତା ଗ୍ରାମର ଦାମୋଦର ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଘରଶ୍ୟାମ ସ, ଗୋପାଳପୁର ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନର ପ୍ରାଧ୍ୟାପକ ଡ. ଅଭୟ କୁମାର ମହାନ୍ତି ଯୋଗ ଦେଇ ଛାତ୍ରୀଛାତ୍ର ମାନଙ୍କ ଉପରେ ସୁଚିନ୍ତିତ ବକ୍ତବ୍ୟ ଦେଇଥିଲେ। ଅଧ୍ୟାପକ ଅନିରୁଦ୍ଧ ଲେଙ୍କା ଅତିଥି ପରିଚୟ ଦେଇଥିବା ବେଳେ ଡ. ଅମୃତ ରାଜ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ବଳରାମ ନାୟକ ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଅଧ୍ୟାପକ ମାନସ କୁମାର ପ୍ରଧାନ, ସତ୍ୟରଞ୍ଜନ ପଣ୍ଡା ଓ ସଞ୍ଜୀବ କୁମାର ଗିରି ପ୍ରମୁଖ ପରିଚାଳନା କରିଥିଲେ।

### ୱାର୍ଡ ମେମ୍ବରଙ୍କ ପରଲୋକ

**ସଜନାଗଡ଼,୧୪।୧(ଡି.ଏନ.ଏ.):** ନୀଳଗିରି ବ୍ଲକର ମହିଷାପଟ୍ଟା ପଞ୍ଚାୟତର ୫ନଂ ୱାର୍ଡ଼ର ୱାର୍ଡ଼ମେମ୍ବର ଥିବା ସୁରେଶ ସିଂ (୪୪) ଆଜକୁ କିଛିମାସ ଧରି କିଡ୍ନୀ ରୋଗରେ ଆକ୍ରାନ୍ତ ହୋଇ କଟକ ମେଡ଼ିକାଲରେ ଚିକିତ୍ସିତ ହୋଇ ଆସୁଥିଲେ। ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଛି। ଖବରପାଇ ସରପଞ୍ଚ ସୁକୁମାରି ସିଂ, ପଞ୍ଚାୟତ ନିର୍ବାହୀ ଅଧିକାରୀ ନାରାୟଣ ପୁଥାଳ, ଏମ୍ପି ପ୍ରତିନିଧି ଗତିକୃଷ୍ଣ ନନ୍ଦ, ସମାଜସେବୀ ଗୋପାଳ ବେହେରା, ବାପି ସ୍ୱାଇଁ ଭୁବନହରି ସିଂ, ରବିନ୍ଦ୍ର ସିଂ, ଗୁରୁବା ସିଂ, ଶରତ ନାୟକ ସମବେଦନା ଜଣାଇବା ସହିତ ଗତିକୃଷ୍ଣ ନନ୍ଦ ୨ହଜାର ଟଙ୍କା, ସରପଞ୍ଚ ୩ହଜାର, ଗୋପାଳ ବେହେରା ୧ହଜାର ଟଙ୍କା ସହାୟତା କରିଛନ୍ତି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।


ମନ୍ତ୍ରୀ ସାମଲ ମକର ମେଳା ବୁଲୁଛନ୍ତି।

# ମକରମେଳା ବୁଲି ଦେଖିଲେ ମନ୍ତ୍ରୀ

ଭଣ୍ଡାରିପୋଖରୀ, ୧୪।୧(ସ୍ୱ.ପ୍ର.)

ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଅଞ୍ଚଳରେ ହେଉଥିବା ମକର ମେଳା ବୁଲି ଦେଖିଛନ୍ତି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ ସାମଲ। ପୀଠ ପରିଦର୍ଶନ କରିବା ସହ ପୀଠରେ ଥିବା ବିଭିନ୍ନ ସମସ୍ୟା ଓ ଉନ୍ନତିକରଣକୁ ଗୁରୁତ୍ୱ ଦେଇଛନ୍ତି। ଏହି ଅବସରରେ ସୋମବାର ପୂର୍ବାହ୍ନରେ ମନ୍ତ୍ରୀ ଓ ତାଙ୍କର ଦଳୀୟ କର୍ମୀଙ୍କ ସହ ଚିଙ୍ଗୁଡିପୁରର ମା ଚିଙ୍ଗୁଡିଶୁଣୀ ପୀଠ, ବହୁଦରଡା ଓ ବାରିକପୁର ନିକଟସ୍ଥ ମା କାଳିନ୍ଦ୍ରୀ ପୀଠ, ଆଖୁଆପଦା ଠାରେ ଜଗନ୍ନାଥ ପ୍ରସାଦର ମା ଖଡ୍ଗଧାରିଣୀ ଆଦି ପୀଠକୁ ଦର୍ଶନ କରି ସମସ୍ୟା ପଚାରି ବୁଝିଥିଲେ। ବ୍ଲକର ବିଭିନ୍ନ ଦୈବୀ ପୀଠମାନଙ୍କରେ ଖୁବଶୀଘ୍ର ସୁରକ୍ଷା, ସୌନ୍ଦର୍ଯ୍ୟକରଣ ଓ ଆଲୋକୀକରଣକୁ ଗୁରୁତ୍ୱ ଦେବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପରିଦର୍ଶନ ବେଳେ ଅନ୍ୟମାନଙ୍କ ମଧ୍ୟରେ ଅମୂଲ୍ୟ ନାୟକ, କୁଶ ଦାସ, ନିରଞ୍ଜନ ବାରିକ, ମୁକୁନ୍ଦଦେବ ସାମଲ, ମଦନ ମୋହନ ପଣ୍ଡା, ଗଗନ ସେଠୀ, ଶରତ ଯେନା, ସଦାନନ୍ଦ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

### ୨୬ରେ ପାଳଜାମକୁଣ୍ଡା ନୋଡାଲ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

ବାଲିଆପାଳ, ୧୪।୧(ଡି.ଏନ.ଏ.)

ବାଲିଆପାଳ ବ୍ଲକ ଜାମକୁଣ୍ଡା ପଞ୍ଚାୟତର ପୁରାତନ ପାଳଜାମକୁଣ୍ଡା ଉ.ପ୍ରା. ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଆସନ୍ତା ଜାନୁୟାରୀ ୨୬ ଓ୨୭ରେ ଦୁଇ ଦିନ ଧରି ପାଳିତ ହେବ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି କିରଣ ସାହୁ ଜଣାଇଛନ୍ତି। ବିଦ୍ୟାଳୟର ପୁରାତନ ଛାତ୍ର ସ୍ମୃତିରଞ୍ଜନ ଖୁଣ୍ଟିଆଙ୍କ ପରିଚାଳନାରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ରଞ୍ଜିତା ମୁଖୀ, ପୁରାତନ ଛାତ୍ର ବସନ୍ତ ମହାନ୍ତି, ଗୁଣାକର ଦେ, ପଞ୍ଚାୟତ ସମିତି ସଦସ୍ୟ ଗଣେଶ ଚନ୍ଦ୍ର ବାରିକ, ପୂର୍ବତନ ସମିତି ସଦସ୍ୟ ବିଜୟ କୁମାର ଗିରି, ଚିତ୍ତରଞ୍ଜନ ସାମଲ, ଗୁଣାକର ଦେ, ପଞ୍ଚାନନ ଦାସ, ଗୟାଧର ଦାସ, ପ୍ରଶାନ୍ତ ଦେ, କାର୍ତ୍ତିକ ସାମଲ, ସପନ ବାଗ, କମଳାକାନ୍ତ ସାହୁ, ଘନଶ୍ୟାମ ବେହେରା, ମନୋରଞ୍ଜନ ରଣଜିତ, ସୁବାଶିଷ ସାହୁ, ଅରୁଣ ଜେନା, ଗଣେଶ ଚନ୍ଦ୍ର ସାହୁ, ବଳରାମ ବେହେରା ଓ ଗୋପାଳ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ।

# ଗୌଡ଼ଦାଣ୍ଡ ମହିଳା ପରିଷଦ ପକ୍ଷରୁ ମକର ମିଳନ

ରେମୁଣା, ୧୪।୧(ଡି.ଏନ.ଏ.)

ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ରେମୁଣା କ୍ଷୀରଚୋରାସ୍ଥିତ ଗୌଡ଼ଦାଣ୍ଡ ଗାଁରେ ମହିଳା ପରିଷଦ ପକ୍ଷରୁ ମକର ମିଳନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ପକ୍ଷରୁ ପିଲା ଓ ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସିନିୟର ଓ ଜୁନିୟର ଗ୍ରୁପ୍ରେ ସଙ୍ଗୀତ, ନୃତ୍ୟ, ପ୍ରଶ୍ନୋତ୍ତର ଏବଂ ଶଙ୍ଖଫୁଙ୍କା ଆଦି ପ୍ରତିଯୋଗିତା ହୋଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ୱାର୍ଡସଭ୍ୟା ସସ୍ମିତା ଦଳେଇ ଅଧକ୍ଷତା କରିଥିଲେ। ଭବେନ୍ଦ୍ର ବେହେରା ଓ ସୁରେଶ ଦାସ ଅତିଥି ଏବଂ ବକ୍ତା ଭାବେ ଯୋଗଦେଇ ମକର ପର୍ବର ତାତ୍ପର୍ଯ୍ୟ ସମ୍ପର୍କରେ କହିବା ସହିତ


ମହିଳା ପରିଷଦ ପକ୍ଷରୁ ଆୟୋଜିତ ମକର ମିଳନରେ ଉପସ୍ଥିତ ଗ୍ରାମବାସୀ।

ସାମାଜିକ ଭେଦଭାବ ଦୂରେଇବା ପାଇଁ ଏପରି ଆୟୋଜନକୁ ପ୍ରଶଂସା କରିଥିଲେ। ସାମାଜିକ ଓ ପାରିବାରିକ ସୁଖ ଶାନ୍ତି ବ୍ୟାହତ ହେଉଥିବା ବେଳେ ପାରସ୍ପରିକ ସହଯୋଗ ପାଇଁ ପର୍ବପର୍ବାଣିର ଯଥେଷ୍ଟ ଆବଶ୍ୟକତା ରହିଥିବା ମତ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାକର ଦଳେଇ, ଜଳେନ୍ଦ୍ର ବେହେରା, ରାମଚନ୍ଦ୍ର ଦାସ, ସୁକାନ୍ତି ବେହେରା, ରୀନାରାଣୀ ଦାସ, ସସ୍ମିତା ବେହେରା, ମିନତି ଦାସ, ଗୀତିଜ୍ୟୋସ୍ନା ଦାସଙ୍କ ସମେତ ପରିଷଦର ସମସ୍ତ ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମଣ୍ଡି ବନ୍ଦ, ଚିନ୍ତାରେ ଚାଷୀ

## ଧାନର ଅଭାବୀ ବିକ୍ରି

ବାସୁଦେବପୁର, ୧୪।୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଚୁଡାମଣି ସେବା ସମବାୟ ସମିତି ଏକ ଅଗ୍ରଣୀ ସମିତି ଥିଲା। କାର୍ଯ୍ୟରତ ସମ୍ପାଦକ ମହେଶ୍ୱର ମହାକୁଡ ଆର୍ଥିକ ଅନିୟମିତତା ଓ ଅନ୍ୟ କେତେକ ଅଭିଯୋଗରେ କାର୍ଯ୍ୟରୁ ନିଲମ୍ବିତ ହେବା ପରେ ଏଠାରେ ଧାନକ୍ରୟ ବନ୍ଦ ରହିଛି। ଏହି ସମିତିରେ ଚୁଡାମଣୀ, ଶାଶୁଭୁଆଶୁଣୀ ଦୁଇ ପଞ୍ଚାୟତ ସମେତ ପୌରପାଳିକାର ପଞ୍ଚୁରିଖି ଗ୍ରାମରେ ପ୍ରାୟ ୭୬୮ ଚାଷୀ ଏହି ସମିତି ଅଧୀନରେ ଅଛନ୍ତି। ଏହି ସମିତିରେ ଅଦ୍ୟାବଧି ମଣ୍ଡି ଖୋଲାଯାଇନି କି ଧାନକ୍ରୟ ଆରମ୍ଭ ମଧ୍ୟ ହୋଇନି। ଏହି ସମିତିରେ ଥିବା ଚାଷୀ ମାନେ ଧାନ ବିକ୍ରି କରିନପାରି ହନ୍ତସନ୍ତ ହେଉଛନ୍ତି। ସମିତିର ସମ୍ପାଦକଙ୍କୁ ବୋର୍ଡର ନିଷ୍ପତ୍ତିକ୍ରମେ ସଭାପତି ନିଲମ୍ବିତ କରିବାର ୨ ସପ୍ତାହ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ସହସମ୍ପାଦକଙ୍କୁ ଆର୍ଥିକ କ୍ଷମତା ପ୍ରଦାନ କରାଯାଇ ନ ଥିବାରୁ ସମିତିରେ ଅଚଳାବସ୍ଥା ଦେଖାଦେଇଛି। ଫଳରେ ୭ ଶହରୁ ଉର୍ଦ୍ଧ୍ୱ ଚାଷୀ ଧାନ ଅଭାବି ବିକ୍ରୀଜନିତ ସମସ୍ୟାରେ ପଡିଛନ୍ତି। ଏହାର ସୁଯୋଗରେ ଚୋରା ବେପାରୀ ମାନେ ଚାଷୀଙ୍କ ଠାରୁ କମ୍ ମୂଲ୍ୟରେ ଧାନ କିଣି ନେଉଥିବାରୁ ଚାଷୀ କ୍ଷତିରେ ପଡୁଛନ୍ତି। ଏ ସମ୍ପର୍କରେ ଚୁଡାମଣି ସମିତିର ସଭାପତି କୈଳାସ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ସମ୍ପାଦକଙ୍କୁ ନିଲମ୍ବିତ ପରେ ତାଙ୍କ ଦାୟିତ୍ୱ ତୁଲାଇବାକୁ ସହସମ୍ପାଦକଙ୍କୁ ଦାୟିତ୍ୱ ଦିଆଯାଇଛି। ତେବେ ତାଙ୍କୁ ଆର୍ଥିକ କ୍ଷମତା ମିଳି ନ ଥିବାରୁ ଧାନକ୍ରୟ କରାଯାଇ ପାରୁନି ବୋଲି ସେ କହିଛନ୍ତି। ସହ ସମ୍ପାଦକଙ୍କୁ ଧାନକ୍ରୟ ପାଇଁ ଅନୁମତି ଦିଆଯିବା ସହିତ ଆର୍ଥିକ କ୍ଷମତା ପ୍ରଦାନ କରାଗଲେ ଚାଷୀଙ୍କ ସମସ୍ୟା ଦୂର ହୋଇପାରନ୍ତା ବୋଲି ସେ ମତ ରଖିଥିଲେ। ତୁରନ୍ତ ସମବାୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଏଠାରେ ଧାନ ମଣ୍ଡି ଖୋଲି ଚାଷୀଙ୍କ ଠାରୁ ଧାନକ୍ରୟ କରିବାକୁ ଚାଷୀ ମହଲରୁ ଦାବି ହୋଇଛି। ଖୁବଶୀଘ୍ର ଯଦି ଏହି ସମସ୍ୟା ସମାଧାନ ସମବାୟ ବିଭାଗ ନ କରେ ତାହେଲେ ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ବିଭିନ୍ନ ବର୍ଗରେ ୨୧୦ ଖେଳାଳି ସାମିଲ

## ମା'ର ବାର୍ଷିକ ଉତ୍ସବ

ସିମୁଳିଆ, ୧୪।୧(ଡି.ଏନ.ଏ.)

ଖେଳ ଓ ଖେଳାଳିମାନଙ୍କ ଉନ୍ନତି ପାଇଁ ଉଦ୍ୟମ ଜାରି ରଖିଥିବା ମାର୍କୋଣା ଆଥ୍ଲେଟିକ୍ ଆସୋସିଏଶନ(ମା')ର ୩୮ତମ ବାର୍ଷିକ କ୍ରୀଡ଼ା ମାର୍କୋଣାର ବିଜୁ ପଟ୍ଟନାୟକ ମିନି ଷ୍ଟାଡ଼ିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟ, କ୍ରୀଡ଼ା ଅନୁଷ୍ଠାନ ଓ କ୍ଲବରୁ ମୋଟ ୨୧୦ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଜୁନିୟର ଓ ସିନିୟର ବିଭାଗରେ ଦୌଡ଼, ଉଚ୍ଚଡ଼ିଆଁ, ଲମ୍ବଡ଼ିଆଁ, ସଟ୍ପୁଟ୍, ଡିସକସ୍, କବାଡ଼ି, ଜାଭେଲିନ୍ ଥ୍ରୋ, ମ୍ୟୁଜିକ୍‌ଚେୟାର, ଧୀର ସାଇକେଲ ଚାଳନା ଆଦି କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା।



ଅତିଥିମାନଙ୍କ ଗହଣରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବକ୍ତବ୍ୟ ଦେଉଛନ୍ତି।

ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କ୍ରୀଡ଼ା ଉତ୍ସବକୁ ଉଦ୍ଘାଟନ କରିଥିଲେ। ଅନୁଷ୍ଠାନ ସଭାପତି ଗଦାଧର ଜେନା ଅତିଥି ପରିଚୟ ଓ ବିବରଣୀ ପ୍ରଦାନ କରିଥିଲେ। ଅତିଥି ରୂପେ ଏମ୍ପି ପ୍ରତିନିଧି କ୍ଷୀତିଶ କୁମାର ମହାନ୍ତି, ପ୍ରଧାନଶିକ୍ଷକ ଜିତେନ୍ଦ୍ର କୁମାର ବେହେରା ପ୍ରମୁଖ ଥିଲେ। ସମ୍ପାଦକ ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସିମୁଳିଆ କଲେଜର କ୍ରୀଡ଼ା ଅଧ୍ୟାପକ ବାଇଧର ମହାକୁଡ଼ ଓ ରଘୁନାରାୟଣ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବିଭୁଦତ୍ତ ରଥ, ବବିତା ନାୟକ, ସରିତା ନାୟକ, ପିୟଙ୍କା ମିଶ୍ର, ବୁଲବୁଲ ପାଣିଗ୍ରାହୀ ଓ ରାଜଲକ୍ଷ୍ମୀ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ନୀଳକଣ୍ଠେଶ୍ୱର ମନ୍ଦିର ପଡ଼ିଆରେ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ୭ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଅବଝୁଣା ଭଲିବଲ ଟିମ୍ ପ୍ରତିପକ୍ଷ ବାଲିଖଣ୍ଡ ଟିମ୍‌କୁ ୨–୦ସେଟ୍‌ରେ ପରାସ୍ତ କରି ବିଜୟୀ ହୋଇଥିଲା। ଶ୍ରେଷ୍ଠ ଆଥ୍ଲେଟ ରୂପେ ରାକେଶ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ପୂର୍ବତନ ସଭାପତି ଗୋଲକ ଚନ୍ଦ୍ର ବେହେରା, ରାମଚନ୍ଦ୍ର ସିଂ, ଜଗନ୍ନାଥ ବେହେରା ଓ ଅଶେଷ ପାତ୍ର ପ୍ରମୁଖ ସହଯୋଗୀ ଥିଲେ।

## ସଂକ୍ଷେପରେ

### ୫ ଭାଜପା କର୍ମକର୍ତ୍ତାଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହୃତ

**ଭୁବନେଶ୍ୱର,୧୪।୧(ବ୍ୟୁରୋ):** ଦଳୀୟ ବିଶୃଙ୍ଖଳା ଯୋଗୁ ଦଳରୁ ନିଲମ୍ବିତ ହୋଇଥିବା ସୁବର୍ଣ୍ଣପୁର ଜିଲାର ସୁରେଶ ଚନ୍ଦ୍ର ମିଶ୍ର, ସମ୍ବିତ କୁମାର ନେପାକ, ପ୍ରଶାନ୍ତ ଚନ୍ଦ୍ର ଦଣ୍ଡସେନା, ମଧୁସୂଦନ କ୍ଷେତି ଏବଂ କେଦାର ଦାଶଙ୍କ ଉପରୁ ରାଜ୍ୟ ଭାଜପା ପକ୍ଷରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ହୋଇଛି। ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ନିଲମ୍ବନ ଆଦେଶ ପ୍ରତ୍ୟାହାର ହୋଇଛି ବୋଲି ରାଜ୍ୟ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଏହି କାର୍ଯ୍ୟକର୍ତ୍ତା ନିଜର ଭୁଲ ସ୍ୱୀକାର କରିବା ସହ ତା'ର ପୁନରାବୃତ୍ତି ନ କରିବା ଏବଂ ଦଳୀୟ ସାମ୍ବିଧାନିକ ବିଧି ବ୍ୟବସ୍ଥାକୁ ମାନିବାର ପ୍ରତିଶ୍ରୁତି ଦେବାରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ହୋଇଥିବା ମହାପାତ୍ର କହିଛନ୍ତି।

### କଂଗ୍ରେସ ଇସ୍ତାହାର ୱେବ୍‌ସାଇଟ୍ ଉନ୍ମୋଚିତ

**ଭୁବନେଶ୍ୱର,୧୪।୧(ବ୍ୟୁରୋ):** ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ସୋମବାର ଦଳୀୟ କାର୍ଯ୍ୟାଳୟରେ କଂଗ୍ରେସ ଦଳର ନିର୍ବାଚନ ଇସ୍ତାହାର ୱେବସାଇଟ www.congressmyvoice.comକୁ ଉନ୍ମୋଚିତ କରିଛନ୍ତି । ଓଡ଼ିଶାବାସୀଙ୍କ ମତାମତକୁ ଯଥା ଦଳିତ, ଆଦିବାସୀ, ମହିଳା, ସଂଖ୍ୟାଲଘୁ, ଯୁବ, ଛାତ୍ର, ଅସଂଗଠିତ ଶ୍ରମିକ, କୃଷକ, ଭାଗଚାଷୀ, ପଛୁଆବର୍ଗ ନିମନ୍ତେ କି କି ପଦକ୍ଷେପ ନେବୁ ସେଥିଲାଗି ଏହି ୱେବସାଇଟ୍ ଜରିଆରେ ପରାମର୍ଶ ଦେବାକୁ ନିରଞ୍ଜନ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି। ରାଜ୍ୟରେ ସରକାର ପରିବର୍ତ୍ତନରେ ଗଣମାଧ୍ୟମର ଭୂମିକା ନିର୍ଣ୍ଣାୟକ ହୋଇପାରିବ। ଗଣମାଧ୍ୟମର ବହୁମୂଲ୍ୟ ପରାମର୍ଶ ଇସ୍ତାହାର ନିମନ୍ତେ ଅତ୍ୟନ୍ତ ଉପାଦେୟ ବୋଲି ନିରଞ୍ଜନ କହିଛନ୍ତି । ଜନସାଧାରଣଙ୍କ ବହୁମୂଲ୍ୟ ପରାମର୍ଶ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟାଳୟ ଠିକଣାରେ ପଠାଇବା ପାଇଁ ଇସ୍ତାହାର କମିଟିର ଅଧ୍ୟକ୍ଷ ଗଣେଶ୍ୱର ବେହେରା ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଇସ୍ତାହାର କମିଟି ଆବାହକ ବିସ୍ମୟ ମହାପାତ୍ର ଓ ସଦସ୍ୟ ଲିଆକତ୍ ଅଲ୍ଲୀ, ପିସିସି ସାଧାରଣ ସମ୍ପାଦକ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ବିଶ୍ୱଜିତ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ ବୋଲି ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ପଦ୍ମାକର ଗୁରୁ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

### ସୁରକ୍ଷା ଘେରରେ ବଲାଙ୍ଗୀର ସହର

**ବଲାଙ୍ଗୀର ଅଫିସ, ୧୪।୧:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ପୂର୍ବାହ୍ନରେ ବଲାଙ୍ଗୀର ଆସି ଦୁଇଟି କାର୍ଯ୍ୟକ୍ରମରେ ଯୋଗଦେବେ। ବଲାଙ୍ଗୀର ରେଳଷ୍ଟେଶନ୍‌ଠାରେ ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ପ୍ରଥମେ ଯୋଗଦେଇ ପ୍ରଧାନମନ୍ତ୍ରୀ ମୋଦି ୧୫୪୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ। ଏହାପରେ ପଥରଚେପାଠାରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ଜନସାଧାରଣଙ୍କୁ ସମ୍ବୋଧିତ କରିବା କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ନେଇ ବଲାଙ୍ଗୀର ସହରରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱ ଥିବା ସ୍ପେଶାଲ ପ୍ରୋଟେକସନ୍ ଗ୍ରୁପ୍(ଏସପିଜି) ସହ ୫୦ପ୍ଲାଟୁନ୍ ପୋଲିସ ଫୋର୍ସ ଓ ୩ଶହ ଅଫିସର ସୁରକ୍ଷା ପାଇଁ ମୁତୟନ ହୋଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଦୁଇ ସଭାସ୍ଥଳ ସହ ସମଗ୍ର ସହରକୁ ସୁରକ୍ଷା ଘେରରେ ରଖାଯାଇଛି । ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୦ଟାରେ ପ୍ରଧାନମନ୍ତ୍ରୀ ଏମ୍‌ଆଇ-୮/୧୭ ହେଲିକପ୍ଟର ଯୋଗେ ବଲାଙ୍ଗୀର ରେଳଷ୍ଟେଶନ ହେଲିପ୍ୟାଡ୍‌ରେ ଓହ୍ଲାଇବେ । ସେଠାରୁ ପ୍ରାୟ ୧୦୦ ମିଟର ଦୂରରେ ଥିବା ସଭାମଞ୍ଚକୁ ଆସି ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବେ। ସେଠାରେ ୧୫୪୫ କୋଟି ଟଙ୍କାର ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଛି । ରେଲୱେ ଷ୍ଟେଶନ୍‌ଠାରେ ପ୍ରାୟ ୪୫ ମିନିଟ୍‌ର ସରକାରୀ କାର୍ଯ୍ୟକ୍ରମ ସରିବା ପରେ ସେଠାରୁ ପୁଣି ହେଲିକପ୍ଟର ଯୋଗେ ସେ ପଥରଚେପା ସାଧାରଣ ସମାବେଶ ଅଭିମୁଖେ ଯିବେ ।

■ ଅସ୍ତରଙ୍ଗ: ଯୁବକଙ୍କ ହାଜତ ମୃତ୍ୟୁ ଘଟଣା

# ତଦନ୍ତ ନିର୍ଦ୍ଦେଶ ଦେଲେ ଏନ୍‌ଏଚ୍‌ଆରସି

**କଟକ ଅଫିସ, ୧୪।୧**

ଅସ୍ତରଙ୍ଗ ଥାନା ପୋଲିସ ମାଡ଼ରେ ଗୁରୁତର ଆହତ ହୋଇ ଯୋଗେନ୍ଦ୍ର ଦାସ(୪୦)ଙ୍କ ଗତ ନଭେମ୍ବର ୨୮ରେ ଏସ୍‌ସିବି ମେଡିକାଲରେ ମୃତ୍ୟୁ ଘଟିଥିଲା। ଯୋଗେନ୍ଦ୍ରଙ୍କ ମୃତ୍ୟୁକୁ ନେଇ ମାନବାଧିକାର କର୍ମୀ ଜୟନ୍ତ ଦାସ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆରସି)ରେ ମାମଲା ରୁଜୁ କରିଥିଲେ। ମାମଲାର ଶୁଣାଣି କରି କମିଶନ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅନୁଯାୟୀ କମିଶନଙ୍କ ଇନଭେଷ୍ଟିଗେଶନ ଡିଭିଜନର ଡିଆଇଜି ଘଟଣାର ତଦନ୍ତ କରିବେ। ୮ ସପ୍ତାହ ମଧ୍ୟରେ ତଦନ୍ତ ସମ୍ପର୍କିତ ରିପୋର୍ଟ କମିଶନରେ ଦାଖଲ କରିବାକୁ ଡିଆଇଜିଙ୍କୁ ନିର୍ଦ୍ଦେଶ ହୋଇଛି। ଯୋଗେନ୍ଦ୍ରଙ୍କ ହାଜତ ମୃତ୍ୟୁ ଅଭିଯୋଗ ସଂକ୍ରାନ୍ତ ଖବର ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟରେ ଗତ ନଭେମ୍ବର ୨୯ରେ ପ୍ରକାଶ ପାଇଥିଲା।

ମାନବାଧିକାର କର୍ମୀ ଦାସ ନିଜ ପିଟିଶନରେ ନିବେଦନ କରିଛନ୍ତି ଯେ, ପୋଲିସ ମାଡ଼ରେ ଯୋଗେନ୍ଦ୍ରଙ୍କ ମୃତ୍ୟୁ ଘଟିଥିବାରୁ ଏହାର ତଦନ୍ତ କ୍ରାଇମବ୍ରାଞ୍ଚ ଦ୍ୱାରା କରାଇବା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଉ। ସେହିପରି ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯାଉ ଏବଂ ସେହି ଟଙ୍କା ଦାୟୀ ପୋଲିସ ଅଫିସର ଓ କର୍ମଚାରୀଙ୍କ ଦରମାରୁ ଭରଣା କରାଯାଉ। ଯୋଗେନ୍ଦ୍ର ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିଲେ। ରୋଗରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ କହୁଛି। ତେଣୁ ଏସ୍‌ସିବିରେ ଯୋଗେନ୍ଦ୍ରଙ୍କ ଚିକିତ୍ସା ସମ୍ବନ୍ଧୀୟ ସମସ୍ତ କାଗଜପତ୍ର କମିଶନରେ ଦାଖଲ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଉ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଓ ଅସ୍ତରଙ୍ଗ ଥାନା କେସ୍ ନମ୍ବର ୯୧/୨୦୧୮ର ସମସ୍ତ କାଗଜପତ୍ର କମିଶନରେ ଦାଖଲ କରିବା ପାଇଁ ପୁରୀ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ଦାସ ନିବେଦନ କରିଛନ୍ତି।

ସୂଚନାଥାଉକି, ଯୋଗେନ୍ଦ୍ରଙ୍କ ଘର ପୁରୀ ଜିଲା ଅସ୍ତରଙ୍ଗ ଥାନା ଅଧୀନ ମାଳଦା ଗ୍ରାମରେ। ଗତବର୍ଷ ଅକ୍ଟୋବର ୩୦ରେ ମାଳଦା ଗ୍ରାମରେ ଏକ ଭୋଜିର ଆୟୋଜନ ହୋଇଥିଲା। ରୋଷେୟା ଭାବେ ଯୋଗେନ୍ଦ୍ର ଉକ୍ତ ଭୋଜିରେ ଯୋଗ ଦେଇଥିଲେ। ଯୋଗେନ୍ଦ୍ରଙ୍କୁ ସେଠାକୁ ରୋଷେଇ ପାଇଁ ଡାକିଥିବା ବ୍ୟକ୍ତିଙ୍କ ମଧ୍ୟରୁ କେତେଜଣ ମିଥ୍ୟା ଉଦ୍ଦେଶ୍ୟ ରଖି ତାଙ୍କ ବିରୋଧରେ ଥାନାରେ ଚୋରି ଏତଲା ଦେଇଥିଲେ। ଘଟଣାର କୌଣସି ତଦନ୍ତ ନ କରି ପୋଲିସ ଯୋଗେନ୍ଦ୍ରଙ୍କୁ ନଭେମ୍ବର ୧୪ ରାତିରେ ଥାନାକୁ ଉଠାଇ ନେଇଥିଲା। ଥାନାରେ ଯୋଗେନ୍ଦ୍ରଙ୍କୁ ନିସ୍ଠୁର ମାଡ଼ ମରାଯାଇଥିବା ତାଙ୍କ ସ୍ତ୍ରୀ ପ୍ରତିମା ପୁରୀ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ପୋଲିସ ମାଡ଼ରେ ଯୋଗେନ୍ଦ୍ର ଅସୁସ୍ଥ ହୋଇପଡ଼ିଥିଲେ ମଧ୍ୟ ତାଙ୍କ ଚିକିତ୍ସା ନ କରି ପୋଲିସ ତାଙ୍କୁ ନଭେମ୍ବର ୧୫ରେ କୋର୍ଟଚାଲାଣ କରିଥିଲା। ନଭେମ୍ବର ୧୬ରେ ଯୋଗେନ୍ଦ୍ର ଜାମିନରେ ମୁକୁଳିଥିଲେ। ହେଲେ ସେତେବେଳକୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହୋଇଯାଇଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ନଭେମ୍ବର ୨୮ରେ ଯୋଗେନ୍ଦ୍ରଙ୍କର ମୃତ୍ୟୁ ଘଟିଥିଲା।

ମାନବାଧିକାର କର୍ମୀ ଦାସଙ୍କ କହିବା ଅନୁଯାୟୀ, ସିଆର୍‌ପିସିର ୪୧ ଧାରା ଅନୁଯାୟୀ ଯଦି ଜଣେ ବ୍ୟକ୍ତିଙ୍କ ବିରୋଧରେ ଥିବା ଅଭିଯୋଗରେ ତାଙ୍କୁ ୭ ବର୍ଷରୁ କମ୍ ଜେଲ୍‌ଦଣ୍ଡ ମିଳୁଛି ତେବେ ତାଙ୍କୁ ସିଧା ଗିରଫ କରାଯାଇପାରିବ ନାହିଁ। ପ୍ରଥମେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ସମନ ଜାରି କରିବ। ସମନ ପରେ ଯଦି ସମ୍ପୃକ୍ତ ବ୍ୟକ୍ତି ପୋଲିସ ନିକଟରେ ହାଜର ନ ହୁଅନ୍ତି ତେବେ ତାଙ୍କୁ ଗିରଫ କରାଯିବ। କିନ୍ତୁ ଯୋଗେନ୍ଦ୍ରଙ୍କ କ୍ଷେତ୍ରରେ ପୋଲିସ ଆଇନର ଉଲ୍ଲଂଘନ କରିଛି। ମୋଟାମୋଟି ଭାବେ ଯୋଗେନ୍ଦ୍ରଙ୍କୁ ପୋଲିସ ଅପହରଣ କରିନେଇ ମରଣାନ୍ତକ ମାଡ଼ ମାରିଥିବା ଦାସ କହିଛନ୍ତି। ତେଣୁ ଦୋଷୀ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ କମିଶନରେ ନିବେଦନ କରିଛନ୍ତି।

## ଆତ୍ମ ସମର୍ପଣ କଲେ ମହିଳା ମାଓବାଦୀ ଶାନ୍ତି

■ ୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିଲା
■ ବହୁ ହିଂସାରେ ଜଡ଼ିତ ଥିଲେ
■ ମାଓବାଦୀ ସଙ୍ଗଠନରେ ଆଉ ଆଦର୍ଶ ନାହିଁ



**ମାଲକାନଗିରି,୧୪।୧ (ଡି.ଏନ୍.ଏ.)**

ମାଲକାନଗିରି ଏସ୍‌ପି ଜଗମୋହନ ମୀନାଙ୍କ ନିକଟରେ ସୋମବାର ଜଣେ ମହିଳା ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ତାଙ୍କ ନାମ ଦେବେ ମାଡି ଓରଫ ଶାନ୍ତି। କାଲିମେଳା ବ୍ଲକ ଚିନ୍ତଲବାଡା ପଞ୍ଚାୟତ ଅନ୍ତର୍ଗତ କସୁଲକୋଣ୍ଡା ଗ୍ରାମରେ ତାଙ୍କ ଘର ବୋଲି ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି କହିଛନ୍ତି।

ଏ ସମ୍ପର୍କରେ ସୂଚନାଦେଇ ଏସ୍‌ପି କହିଛନ୍ତି ଯେ, ଶାନ୍ତି ଗତ ୨୦୧୨ରେ ମାଓବାଦୀ ସଙ୍ଗଠନରେ ସାମିଲ ହୋଇଥିଲେ। ଆନ୍ଧ୍ର-ଓଡ଼ିଶା ବର୍ଡର ଜୋନାଲର କାଲିମେଳା ଦଳମ୍‌ରେ ସେ କାର୍ଯ୍ୟ କରୁଥିଲେ। ତାଙ୍କ ନାମରେ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ମାଓବାଦୀ ସଙ୍ଗଠନରେ ସେ ଏରିଆ କମାଣ୍ଡର ମେମ୍ବର (ଏସିଏମ୍) ରୂପେ କାର୍ଯ୍ୟ କରୁଥିଲେ। ସେ କୁରୁବ୍ ଗ୍ରାମର ପେଣ୍ଟା ମାଡି ହତ୍ୟା, ପିତାକୋଣ୍ଡାର ଭୀମା କବାସୀ ହତ୍ୟା, ପୋଟେରୁବସ୍ତି ହତ୍ୟା ମାମଲା, ଦାମନଯୋଡି ମାଇନ୍ସ ଆକ୍ରମଣ, ଅଣ୍ଡ୍ରାପାଲି ଗାଁ ମୁଖିଆ ହତ୍ୟା, ଗୋବରପଡା ଓ ରାମାଗୁଡାରେ ପୋଲିସ ସହ ଗୁଳି ବିନିମୟ, ଗୁସୁମ ପଦରର କାଟାମଙ୍କୁ ହତ୍ୟା, ବାମୁଣିଘାଟି ମୁଦୁଲିପଡା ଓ ପିପଲପଦରରେ ରାସ୍ତା କାମକୁ ବିରୋଧ କରି ଜେସିବି ଓ ଯନ୍ତ୍ରାଂଶ ପୋଡି, ଜୋଡାମ୍ବ ଗ୍ରାମର ବୋଲୁଙ୍କୁ ହତ୍ୟା, ଅଣ୍ଡ୍ରାପାଲି, ଟିକାପଡା ଓ ପାନପଦରରେ ପୋଲିସ ସହ ଗୁଳି ବିନିମୟ, ରାଜୀବ ନାୟକଙ୍କୁ ହତ୍ୟା ଉଦ୍ୟମ ଭଳି ବହୁ ହିଂସା ଘଟଣାରେ ସମ୍ପୃକ୍ତ ଥିବା ଏସ୍‌ପି କହିଛନ୍ତି। ମାଓବାଦୀ ସଙ୍ଗଠନରେ ପୂର୍ବର ଆଦର୍ଶ ନ ଥିବା ଏବଂ ଏହାର ନେତା ସୁଧୀରଙ୍କ ନିର୍ଯାତନା ସହି ନ ପାରି ସେ ସଙ୍ଗଠନ ଛାଡିଥିବା କହିଛନ୍ତି। ତେବେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ରହିଥିବା ସହାୟତା ରାଶି ଶାନ୍ତିଙ୍କୁ ପ୍ରଦାନ କରାଯିବ ବୋଲି ଏସ୍‌ପି ମୀନା କହିଛନ୍ତି।

# ଗସ୍ତ ପୂର୍ବରୁ ବିରୋଧୀଙ୍କ ଟାର୍ଗେଟରେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର,୧୪।୧(ବ୍ୟୁରୋ)**

■ ଏମ୍‌ଏସ୍‌ପି, ନିଯୁକ୍ତି, ରାଫାଲ, କେବିକେ, ଚିଟ୍‌ଫଣ୍ଡ ପ୍ରସଙ୍ଗ ଉଠାଇଲେ ନିରଞ୍ଜନ
■ ଚିଠି ଲେଖି ଦୃଷ୍ଟି ଆକର୍ଷଣ କଲେ କଳିକେଶ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଲାଙ୍ଗୀର ଗସ୍ତ ପୂର୍ବରୁ କଂଗ୍ରେସ ଏବଂ ବିଜେଡି ପକ୍ଷରୁ ତାଙ୍କୁ ଟାର୍ଗେଟ କରାଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସୋମବାର ଖବରଦାତା ସମ୍ମିଳନୀ ଡାକି କେତେକ ମୌଳିକ ପ୍ରସଙ୍ଗ ଉଠାଇଛନ୍ତି। ସେହିପରି ବଲାଙ୍ଗୀର ବିଜେଡି ଏମ୍‌ପି କଳିକେଶ ସିଂଦେଓ ପୂର୍ବରୁ ଚିଠି ଲେଖି ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ବିଭିନ୍ନ ପ୍ରସଙ୍ଗ ଦୋହରାଇଛନ୍ତି। ଯାହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି।

କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ସଭାପତି ନିରଞ୍ଜନ କହିଛନ୍ତି ଯେ, ଏନ୍‌ଡିଏ ସରକାର କ୍ଷମତାସୀନ ହେଲେ ସ୍ୱାମୀନାଥନ କମିଟି ସୁପାରିସ ଅନୁଯାୟୀ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ବୃଦ୍ଧି କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ହେଲେ ଇତି ମଧ୍ୟରେ ସରକାର ୪ ବର୍ଷ ୮ମାସ ଶାସନରେ ଥାଇ ମଧ୍ୟ ଓଡ଼ିଶା ଚାଷୀଙ୍କୁ ଉପଯୁକ୍ତ ଏମ୍‌ଏସ୍‌ପି ଦେଇ ନାହାନ୍ତି। ବାର୍ଷିକ ୨ କୋଟି ରୋଜଗାର ଦେବାକୁ କହିଥିବା କେନ୍ଦ୍ର ରାଜ୍ୟରେ କେତୋଟି ଏକକ ପ୍ରକଳ୍ପ ସ୍ଥାପନ କରିଛି ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି। ସେହିପରି ରାଫାଲ ଦୁର୍ନୀତି ହୋଇ ନ ଥିଲେ, ରାଜ୍ୟରେ ଥିବା ହାଲ୍ କାମ ପାଇଥାନ୍ତା। ଏହା ଦ୍ୱାରା ଓଡ଼ିଶା ସମେତ ଦେଶର ପ୍ରାୟ ୩୦ରୁ ୪୦ ହଜାର ଯୁବତୀଯୁବକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତ ପାଇଥାନ୍ତେ । ରାଫାଲ ଚୁକ୍ତି ହାଲକୁ ନ ଦେବା ଓଡ଼ିଆଙ୍କ ପ୍ରତି ଉପହାସ ବୋଲି ସେ କହିଛନ୍ତି। କଂଗ୍ରେସ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ସମୟରେ ହିଁ କେବିକେ ଜିଲା ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା ଆରମ୍ଭ କରାଯାଇଥିଲା। ଭାଜପା ସରକାର ଏବେ ସେହି ଯୋଜନାରୁ ଅନୁଦାନ ହ୍ରାସ କରୁଛି, ତେଣୁ ପଛୁଆ ରାଜ୍ୟ ଓଡ଼ିଶାକୁ କ'ଣ ପାଇଁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ମିଳୁନାହିଁ। ଚିଟ୍‌ଫଣ୍ଡ ପ୍ରସଙ୍ଗରେ ସାଧାରଣ ଜନତାଙ୍କର କୋଟି କୋଟି ଟଙ୍କା ଆତ୍ମସାତ କରାଗଲା। ଏହାକୁ ଯେଭଳି ଢଙ୍ଗରେ ସିବିଆଇ ତଦନ୍ତ କରାଯିବା କଥା, ତାହା ହେଲା ନାହିଁ। ତେଣୁ ଏହାର କାରଣ କ'ଣ ପ୍ରଧାନମନ୍ତ୍ରୀ ମଙ୍ଗଳବାର ଉତ୍ତର ରଖନ୍ତୁ ବୋଲି ନିରଞ୍ଜନ କହିଛନ୍ତି।

ସେହିପରି ଏମ୍‌ପି କଳିକେଶ ସିଂଦେଓ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପାଇଁ ରାଜ୍ୟ ସରକାର ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦେବା ସତ୍ତ୍ୱେ ବିଳମ୍ବର କାରଣ କ'ଣ। କଣ୍ଟାବାଞ୍ଜିରେ ଜମି ଥାଇ ଷ୍ଟିମ୍ ଇଞ୍ଜିନ କାରଖାନା ହେଉନାହିଁ କାହିଁକି। ସେହିପରି ଆଲ୍ଲାହାବାଦ ଦେଇ ବଲାଙ୍ଗୀରରୁ ଦିଲ୍ଲୀ ପାଇଁ ଏକ୍ସପ୍ରେସ ଘୋଷଣା କରାଯାଉ। ବଲାଙ୍ଗୀର ଦେଇ ଯାଇଥିବା ଜାତୀୟ ରାଜପଥ ନିକଟସ୍ଥ ବାଇପାସ୍ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ କଳିକେଶ ଅନୁରୋଧ କରିଛନ୍ତି। ସେହିପରି ନିଜ ଲୋକ ସଭା ନିର୍ବାଚନମଣ୍ଡଳୀର ଚାଷୀଙ୍କ ଆର୍ଥିକ ଉନ୍ନତି ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) କୁଇଣ୍ଟାଲ ପିଛା ୨୯୩୦ ଟଙ୍କା କରିବା ସମ୍ପର୍କରେ ବଲାଙ୍ଗୀର ଏମ୍‌ପି ସିଂଦେଓ ପ୍ରସ୍ତାବ ଦେଇଛନ୍ତି।

## ମହାପ୍ରଭୁଙ୍କୁ ଲାଗି ହେଲା ମକର ଚାଉଳ

**ପୁରୀ ଅଫିସ,୧୪।୧**

ଶ୍ରୀମନ୍ଦିରରେ ସୋମବାର ପାଳିତ ହୋଇଛି ପବିତ୍ର ମକର ପର୍ବ। ରତ୍ନସିଂହାସନରେ ଦାରୁବିଗ୍ରହ ମକର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଭୋର ସମୟରେ ଦ୍ୱାର ଫିଟି ମଙ୍ଗଳ ଆଳତି, ଅବକାଶ ବଢ଼ିବା ପରେ ତ୍ରିମୁଣ୍ଡିରେ ମକର ଚୂଳ ଲାଗି ହୋଇଥିଲା। ପରେ ଠାକୁରଙ୍କ ବେଶ ହୋଇଥିଲା। ସକାଳ ଧୂପ ପରେ ୩ ବାଡ଼ରେ ମଇଲମ ହୋଇ ମହାସ୍ନାନ ବଢ଼ିଥିଲା। ଠାକୁରଙ୍କୁ ନୂଆଲୁଗା, ଚୂଳମାଳ, ୬ ମୂର୍ତ୍ତି ଅଳଙ୍କାର ଲାଗି କରାଯାଇ ବେଶ କରାଯାଇଥିଲା। ଦ୍ୱିପ୍ରହର ଧୂପ ସାଙ୍ଗରେ ଯାତ୍ରାଙ୍ଗ ଭୋଗ ରୋଷରୁ ପଟୁଆର ହୋଇ ଛାମୁକୁ ଆସିଥିଲା। ପଣ୍ଡା ଷୋଡ଼ଶ ଉପଚାରରେ ମଣୋହି କରିଥିଲେ। ପାଳିଆ ପଢ଼ିଆରୀ ରବିବାର ଅଧିବାସ ହୋଇଥିବା ଚାଉଳ ଭୋଗମଣ୍ଡପ ଘରକୁ ଡାକି ଯାଇଥିଲେ। ଏହାପୂର୍ବରୁ ଶୁଦ୍ଧସୁଆର ଗୋଦାମରୁ ନଡ଼ିଆ, ଘିଅ, ମିଠା, ମସଲା ଓ ଦୁଗ୍ଧସର ଆଣିଥିଲେ। ଭୋଗ ଡାକିଯିବା ବେଳକୁ ଶୁଦ୍ଧସୁଆରମାନେ ପନ୍ତିବଡୁମାନଙ୍କଠାରୁ ରୁପା ଥାଳି୩ଟିନେଇ ଉକ୍ତ ଚାଉଳକୁ ମୂର୍ତ୍ତିମୂଳ କରି ରଖିଥିଲେ। ଏଥିସହ ରୋଷରୁ ମକର ୮୪ ଭୋଗ ଆସି ପନ୍ତିରେ ବଢ଼ାଯାଇଥିଲା। ମହାଭୋଇ ସେବକମାନେ ଦହି ଆଣି ମହାସୁଆରଙ୍କୁ ପ୍ରଦାନ କରିଥିଲେ। ହଡ଼ପ ନାୟକ ସେବକମାନେ ନଳିପାନ, ଛାଟିପାନ ଧରି ବଡ଼ଦେଉଳକୁ ବେଢ଼ାଏ ବୁଲି ପନ୍ତିରେ ପ୍ରଦାନ କରିଥିଲେ। ମକର ଚାଉଳ ଭୋଗ ବାହାରିବା ପରେ ଭକ୍ତମାନେ ଏହାକୁ ପାଇଥିଲେ।

**ପ୍ରଥମ ପୃଷ୍ଠାରୁ**

## ଅଭାବୀ ବିକ୍ରିକୁ...

୨୦୧୩- ୧୪ ଆର୍ଥିକ ବର୍ଷରେ ବିଭିନ୍ନ ସରକାରୀ ମଣ୍ଡି ମାଧ୍ୟମରେ ୩,୦୮,୮୨୩ କୁଇଣ୍ଟାଲ ଧାନ କ୍ରୟ ଲକ୍ଷ୍ୟ ଥିବାବେଳେ ୨,୪୫,୪୪୦ କୁଇଣ୍ଟାଲ କ୍ରୟ ହୋଇଛି। ସେହିପରି ୨୦୧୪-୧୫ ଆର୍ଥିକ ବର୍ଷରେ ୩,୬୭,୬୪୭ କୁଇଣ୍ଟାଲ୍ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ୩,୬୫,୩୨୩ କୁଇଣ୍ଟାଲ ଧାନ କିଣା ହୋଇଥିଲା। ସେହିପରି ୨୦୧୫-୧୬ରେ ଧାର୍ଯ୍ୟ ୫,୮୮,୨୩୫ କୁଇଣ୍ଟାଲ୍‌ରୁ ୫,୪୦,୬୬୧ କୁଇଣ୍ଟାଲ୍, ୨୦୧୬-୧୭ରେ ୬,୯୧,୧୭୬ କୁଇଣ୍ଟାଲ୍‌ରୁ ୬,୧୮,୨୦୧୯ ଏବଂ ୨୦୧୭-୧୮ରେ ଧାର୍ଯ୍ୟ ୬,୧୭,୬୪୭ କୁଇଣ୍ଟାଲ୍‌ରୁ ମାତ୍ର ୫,୭୦,୦୦୭କୁଇଣ୍ଟାଲ୍ ଧାନ ସଂଗ୍ରହ ହୋଇଛି। ଏହି ତଥ୍ୟରୁ ଜଣାପଡୁଛି ଯେ, ପ୍ରତ୍ୟେକ ବର୍ଷ ଧାର୍ଯ୍ୟ ଲକ୍ଷ୍ୟଠାରୁ ଯଥେଷ୍ଟ କମ୍ ପରିମାଣର ଧାନ କିଣା ଯାଉଛି। ଜିଲା କୃଷି ଓ କୃଷକଙ୍କ ଏହି ସମସ୍ୟା ସମ୍ପର୍କରେ ଜିଲାପାଳଙ୍କ କହିବାହେଲା ଜିଲାର ଅର୍ଥନୀତି କୃଷି ଉପରେ ନିର୍ଭର କରେ। ଏହାର ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଇଛି। ପ୍ରଶାସନର ଉଦ୍ୟମ ସତ୍ତ୍ୱେ ଜନସଚେତନତା ଅଭାବରୁ ଏହାର ସୁଫଳ ଚାଷୀଙ୍କ ନିକଟରେ ପହଞ୍ଚିପାରୁନାହିଁ। ଚଳିତ ଆର୍ଥିକ ବର୍ଷ ମଣ୍ଡିରେ ଧାନ କ୍ରୟକୁ ଅସୀମିତ କରାଯାଇଛି। ବ୍ୟାଙ୍କଗୁଡ଼ିକୁ ଏନେଇ ତାଗିଦ ମଧ୍ୟ କରାଯାଇଛି।

### ୨ବର୍ଷରେ ୮ ଆତ୍ମହତ୍ୟା

କେନ୍ଦ୍ରାପଡ଼ା ଜିଲାରେ ଲେଡ଼ା ପୋକ ଲାଗି ଚାଷ ନଷ୍ଟ ହୋଇଯିବା କାରଣରୁ ୨୦୧୫-୧୬ରେ ୬ଜଣ ଏବଂ ୨୦୧୬-୧୭ରେ ଏକ ଚାଷୀ ଦମ୍ପତି ଆତ୍ମହତ୍ୟା କରିଥିଲେ। ମାତ୍ର ଜିଲା ପ୍ରଶାସନ, କୃଷି ବିଭାଗ ଓ ପୋଲିସ ତଦନ୍ତରେ ଏଭଳି ଅଭିଯୋଗ ଭିତ୍ତିହୀନ ସହ ସବୁଗୁଡ଼ିକୁ ପାରିବାରିକ କାରଣ ବୋଲି ଦର୍ଶାଯାଇଛି। ଏହାକୁ କୃଷକ ଆତ୍ମହତ୍ୟା ବୋଲି ଉଲ୍ଲେଖ କରାଯାଇ ନାହିଁ। ଡେରାବିଶ ବ୍ଲକ ରାଇତୁଣ୍ଡି ଗ୍ରାମର ଚାଷୀ ଦୋଳ ଗୋବିନ୍ଦ ଦଳେଇ ସାଢ଼େ ୪ଏକର ନିଜ ଜମି ଏବଂ ୩ଏକର ଭାଗ ଚାଷ କରିଥିଲେ। ସେ କୌଣସି ବ୍ୟାଙ୍କ ବା ସୋସାଇଟିରୁ ଋଣ ଆଣି ନ ଥିଲେ ସୁଦ୍ଧା ଲକ୍ଷାଧିକ ଟଙ୍କା ଚାଷରେ ଖର୍ଚ୍ଚ କରିଥିଲେ। ଚାଷ ନଷ୍ଟ ହେବା ଚିନ୍ତାରେ ସେ ବିଷପାନ କରି ଆତ୍ମହତ୍ୟା କରିଥିଲେ ବୋଲି ମୃତ ଗୋବିନ୍ଦଙ୍କ ପୁଅ ରଞ୍ଜନ କହିଛନ୍ତି। କେନ୍ଦ୍ରାପଡ଼ା ବ୍ଲକ ନିକିଣା କଳାମାଟିଆ ଗ୍ରାମର ଚାଷୀ ସୁଧୀର କୁମାର ପରିଡ଼ା ୩ଏକର ୧୬ଡିସିମିଲ୍ ଜମିରେ ଧାନ ଚାଷ କରିଥିଲେ। ଏଥିପାଇଁ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାରୋ ସାଇ ମହିଳା ମଣ୍ଡଳଠାରୁ ୪ହଜାର ଋଣ କରିଥିଲେ। ଚାଷ ନଷ୍ଟ ଚିନ୍ତାରେ ସ୍ୱାମୀ ବିଷପାନ କରି ଆତ୍ମହତ୍ୟା କରିଥିବା ସ୍ତ୍ରୀ ଲିପ୍‌ସାରାଣୀ କହିଛନ୍ତି। ମହାକାଳପଡ଼ା ବ୍ଲକ ଓସ୍ତରା ଗ୍ରାମର ମୃତ ଚାଷୀ ରବୀନ୍ଦ୍ର ମାହାଲିଙ୍କ ସ୍ତ୍ରୀ ସୁଷମାଙ୍କ କହିବା ହେଲା ତାଙ୍କ ସ୍ୱାମୀ ସାଢ଼େ ୪ଏକର ଜମିରେ ଧାନ ଚାଷ କରିଥିଲେ। ଚାଷ ନଷ୍ଟ ହେବାରୁ ଭାରସାମ୍ୟ ହରାଇ ଉଜୁଡ଼ା ଖେତରେ ବିଷ ପିଇ ଆତ୍ମହତ୍ୟା କଲେ। ସେ କୌଣସି ଋଣ କରି ନ ଥିଲେ। ସହାୟତା ବାବଦରେ ମାତ୍ର ୧୦ହଜାର ଟଙ୍କା ପ୍ରଶାସନ ପକ୍ଷରୁ ଦିଆଯାଇଥିଲେ ସୁଦ୍ଧା ଏହାକୁ ଚାଷୀ ଆତ୍ମହତ୍ୟା ଭାବେ ଗ୍ରହଣ କରାଯାଉ ନାହିଁ। କେନ୍ଦ୍ରାପଡ଼ା ବ୍ଲକ ପାଳକଣା ଗ୍ରାମର ମୃତ ଚାଷୀ ଶ୍ରୀଧର ସେଠୀ ୧ଏକର ୭୩ଡିସିମିଲ ଜମିରେ ଧାନ ଚାଷ କରିଥିଲେ। ଏଥିପାଇଁ ୧୧,୫୫୬ଟଙ୍କା କଟକ କେନ୍ଦ୍ର ସମବାୟ ବ୍ୟାଙ୍କରୁ ଋଣ କରିଥିଲେ। ଲେଡ଼ା ପୋକ ଲାଗି ଚାଷ ସବୁ ନଷ୍ଟ ହେଲା। ଚିନ୍ତାରେ ପୋଖରୀରେ ବୁଡ଼ି ଆତ୍ମହତ୍ୟା କଲେ ବୋଲି ମୃତଚାଷୀଙ୍କ ଭାଇ ପୁରୁଷୋତ୍ତମ କହିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଜିଗରଣ ଗ୍ରାମର ମୃତ ଚାଷୀ ଅରବିନ୍ଦ ରାୟ ୪ଏକର ଜମିରେ ଭାଗ ଚାଷ କରିଥିଲେ। ତାଙ୍କ ନାମରେ କୌଣସି ଋଣ ନ ଥିଲା। ଚାଷ ନଷ୍ଟ ହୋଇଯିବାରୁ ମାନସିକସ୍ତରରେ ଭାଙ୍ଗିପଡ଼ି ସେ ବିଷ ପିଇ ଆତ୍ମହତ୍ୟା କରିଥିଲେ ମଧ୍ୟ ପ୍ରଶାସନ ଏହାକୁ ଗ୍ରହଣ କରୁନାହିଁ ବୋଲି ମୃତ ଅରବିନ୍ଦଙ୍କ ସ୍ତ୍ରୀ ମିତାରାଣୀ ପ୍ରକାଶ କରିଛନ୍ତି। କେନ୍ଦ୍ରାପଡ଼ା ବ୍ଲକ କନ୍ହେଇପୁର ଗ୍ରାମର ଚାଷୀ ଅଲେଖ ଚନ୍ଦ୍ର ବେହେରା ୫ଏକର ଜମିରେ ଚାଷ କରିଥିଲେ। ଏଥିପାଇଁ ସେ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ୩୮,୩୭୮ ଏବଂ ଅର୍ବାନ ବ୍ୟାଙ୍କରୁ ୨୬ହଜାର ଟଙ୍କା ଋଣ ନେଇଥିଲେ। ଖେତରେ ଚାଷ ସବୁ ନଷ୍ଟ ହୋଇଗଲା। ଋଣ ଶୁଝିବା ଚିନ୍ତାରେ ଅଲେଖ ବିଷ ପିଇ ଆତ୍ମହତ୍ୟା କରିଥିଲେ ବୋଲି ବାପା କାଙ୍ଗାଳି ପ୍ରକାଶ କରିଛନ୍ତି। ସେହିପରି ରାଜକନିକା ବ୍ଲକ ଝରକଟା ଗ୍ରାମର ଚାଷୀ ଭଗବାନ ଦାସ ଓ ତାଙ୍କ ସ୍ତ୍ରୀ ହେମଲତା ବିଷ ପିଇ ଆତ୍ମହତ୍ୟା କରିଥିଲେ। ଭଗବାନ ନିଜର ୩୦ଡିସିମିଲ୍ ସହ ୩ଏକର ଜମିରେ ଭାଗ ଚାଷ କରିଥିଲେ। ପୋକ ଲାଗିବାରୁ ସବୁ ଚାଷ ନଷ୍ଟ ହୋଇଗଲା। ଯେଉଁଥିପାଇଁ ଉଭୟ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କଲେ ବୋଲି ମୃତକଙ୍କ ପୁଅ ସୌଭାଗ୍ୟ ପ୍ରକାଶ କରିଥିବାବେଳେ ପ୍ରଶାସନ କିନ୍ତୁ ପାରିବାରିକ କଳହରୁ ଦମ୍ପତି ଆତ୍ମହତ୍ୟା କରିଥିବା ସୂଚନା ଦେଇଛି।

## ଚାଷୀଙ୍କ ମତରେ...

### ମଜୁରି ବଢ଼ିଲା, ଧାନ ମୂଲ୍ୟ ବଢୁ



"ଦୈନିକ ମଜୁରି ୨୦୦ ଟଙ୍କା ଥିବାବେଳେ ଧାନର ଉତ୍ପାଦନ ଖର୍ଚ୍ଚ କୁଇଣ୍ଟାଲ ପିଛା ୨୪୪୦ ଟଙ୍କା ବୋଲି ରାଜ୍ୟ ସରକାର ସର୍ଭେ କରିଥିଲେ। ଇତିମଧ୍ୟରେ କୃଷି ଶ୍ରମିକଙ୍କ ମଜୁରି ରାଜ୍ୟ ସରକାର ୨୮୦ ଟଙ୍କାକୁ ବୃଦ୍ଧି କରିଥିବାବେଳେ ସେହି ପରିମାଣରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୩୧୫ ଟଙ୍କା ହେବା ଆବଶ୍ୟକ। ଏନେଇ କୌଣସି ରାଜନୈତିକ ଦଳ ସ୍ୱର ଉଠାଉ ନାହାନ୍ତି। ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ସବୁ ଦଳ ଚାଷୀଙ୍କ ଉଦ୍ଦେଶ୍ୟରେ ପ୍ରହସନ ଆରମ୍ଭ କରିଛନ୍ତି। ଏଥିରେ ଚାଷୀଙ୍କର କୌଣସି ଲାଭ ହେଉ ନ ଥିବାରୁ ଆସନ୍ତା ଭୋଟରେ ଏହାର ପ୍ରତିଫଳନ ଦେଖିବାକୁ ମିଳିବ।

– ଦାମୋଦର ପ୍ରଧାନ, ସାନବଡ଼ ଗୋପାଳପୁର, ରାଜନଗର

### କୃଷି ଭିତ୍ତିଭୂମି ସୁଦୃଢ଼ କରିବା ଆବଶ୍ୟକ



"ଆସନ୍ତା ସାଧାରଣ ନିର୍ବାଚନରେ ଚାଷୀମାନେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ। ଏହା ସବୁ ରାଜନୈତିକ ଦଳ ଆକଳନ କରିସାରିଲେଣି। ଏଥିପାଇଁ ବିଜେଡି କୃଷକ ସେଲ୍‌କୁ ପୁନର୍ଗଠନ କରି ଚାଷୀଙ୍କ ଦୃଷ୍ଟିଆକର୍ଷଣ କରିବାକୁ ଚାହୁଁଛି। ଚାଷୀ ଆତ୍ମହତ୍ୟା ଘଟଣାରେ ପ୍ରଶାସନ ତଦନ୍ତ କରୁଛି। ହେଲେ ଏହି ମୃତ୍ୟୁକୁ ଭିନ୍ନ କାରଣ ଦର୍ଶାଯାଉଛି। ଯେଉଁ ଚାଷୀମାନେ ଆତ୍ମହତ୍ୟା କରିଛନ୍ତି ସେମାନଙ୍କ ପରିବାରର ଖୁସି ଫେରି ଆସିବା ଅସମ୍ଭବ। ଜିଲାରେ କୃଷି ଭିତ୍ତିଭୂମିକୁ ସୁଦୃଢ଼ ନ କରିବା ପର୍ଯ୍ୟନ୍ତ ଚାଷୀ ଅସନ୍ତୋଷ ଲାଗିରହିବ।

– ସଚ୍ଚିନାଥ ବେହେରା, କେନ୍ଦ୍ରାପଡ଼ା

### କୃଷିଋଣ ଛାଡ଼ ଦରକାର

"କାଳିଆ ଯୋଜନା ମାଧ୍ୟମରେ ସରକାର କୃଷକଙ୍କ ନିକଟତର ହେବାକୁ ଚେଷ୍ଟା କରିଛି। ତେବେ କେନ୍ଦ୍ରାପଡ଼ା କୃଷକଙ୍କ ପାଇଁ ଋଣଛାଡର ଆବଶ୍ୟକତା ଅଛି। ବିଜୁ କୃଷକ ଜନତା ଦଳ ଗଠନ କରିଦେଲେ ଚାଷୀଙ୍କ କୌଣସି ପରିବର୍ତ୍ତନ ହେବନାହିଁ। ଏଥିପାଇଁ ସେମାନଙ୍କର ନିଷ୍ଠା ଓ ନିଃସ୍ୱାର୍ଥ ଭାବନା ପ୍ରଦର୍ଶିତ ହେବା ଆବଶ୍ୟକ। ଚାଷ ସହିତ ଜଡିତ ନ ଥିଲେ ଚାଷୀଙ୍କ ଦୁଃଖକୁ ଜଣେ ଅନୁଭବ କରିପାରିବ ନାହିଁ।



– କୈଳାସ ଚନ୍ଦ୍ର ବେଉରା, ଦୁମୁକା, ମାର୍ଶାଘାଇ

### କୃଷି ଭିତ୍ତିଭୂମି ଉପରେ ଗୁରୁତ୍ୱ ଦିଆଯାଉ



"ଜଳ ପରିଚାଳନା, ବଜାରମଣ୍ଡି, ଶୀତଳ ଭଣ୍ଡାର ନିର୍ମାଣ ସମ୍ପର୍କରେ ବହୁବାର ଅଭିଯୋଗ ହେଉଛି। ଗତ ଦୁଇ ଦଶନ୍ଧି ଧରି ସରକାରରେ ବିଜେଡି ରହିଥିବା ବେଳେ ଏହି ସମସ୍ୟାର ସମାଧାନ ହୋଇପାରିଲା ନାହିଁ। ସରକାର ଜିଲାର କୃଷି ଭିତ୍ତିଭୂମି ପ୍ରତି ଗୁରୁତ୍ୱ ନ ଦେଲେ ଚାଷୀ ଓ ଚାଷ ଯୋଗୁ ଆତ୍ମହତ୍ୟା କରିଥିବା ପରିବାରର ଦୁଃଖ ଲାଘବ ହୋଇପାରିବ ନାହିଁ।

– ଦୋଳଗୋବିନ୍ଦ ଶତପଥୀ, ଭିତରବଣ୍ଟ, ଡେରାବିଶ

### ଭାଗଚାଷୀ ଚିହ୍ନଟ ହୋଇପାରି ନାହାନ୍ତି



"ଅଭାବୀ ବିକ୍ରି କେନ୍ଦ୍ରାପଡା ଜିଲା ଚାଷୀଙ୍କ ଭାଗ୍ୟରେ ଲେଖା ଅଛି। ଭାଗଚାଷୀ ଚିହ୍ନଟ ହୋଇ ନ ଥିବାବେଳେ ଚାଷୀଙ୍କ ପଞ୍ଜୀକରଣ ବ୍ୟବସ୍ଥା ଧାନ ବିକ୍ରିକୁ ରୋକିଛି। ଏହାର ସୁଯୋଗ ନେଉଛନ୍ତି ରାଜନେତା ଓ ଜିଲାପ୍ରଶାସନ। ଏହାର ଜ୍ୱଳନ୍ତ ଉଦାହରଣ କେନ୍ଦ୍ରାପଡ଼ା ଜିଲାରେ ଦେଖିବାକୁ ମିଳିଛି। ଆତ୍ମହତ୍ୟା କରୁଥିବା ଚାଷୀଙ୍କ ପରିବାରକୁ ଉଚିତ କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରେ ଖୁସି ଫେରି ଆସିପାରିବ ନାହିଁ।

– ଦିଗମ୍ବର ମିଶ୍ର, କଂସାରୀପାଟଣା, ଡେରାବିଶ

### ସମସ୍ୟା ମଧ୍ୟରେ ଚାଷୀ ଯୁଝୁଛନ୍ତି



"ବିହନ ନାହିଁ, କ୍ଷେତକୁ ପାଣି ନାହିଁ, ଋଣ ନାହିଁ, ଲୋକଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚି ପାରୁନାହିଁ। ଏଭଳି ଅନେକ ସମସ୍ୟା ମଧ୍ୟରେ ଚାଷୀ ଯୁଝୁଛନ୍ତି। ବ୍ୟାଙ୍କକୁ ଗଲେ ଚାଷୀଙ୍କୁ ଅଣଦେଖା କରାଯାଉଛି। ଜୀବନ ଧାରଣ ପାଇଁ ଚାଷୀ ପ୍ରତିବର୍ଷ ଧାର ଉଧାର କରି ଖେତ କରୁଛି। ପ୍ରାକୃତିକ ବିପର୍ଯ୍ୟୟରେ ଚାଷ କ୍ଷତି ହେଲେ ପ୍ରଶାସନିକ ବ୍ୟବସ୍ଥାରେ ଉପଯୁକ୍ତ କ୍ଷତିପୂରଣ ପାଇବାରେ ବିଳମ୍ବ ହେଉଛି। ଗତ ଫାଇଲିନଜନିତ ଚାଷ କ୍ଷତିପୂରଣ ଅଦ୍ୟାବଧି ମିଳିନାହିଁ। ଏହି ଜିଲାରେ ଚାଷ କରି ଚାଷୀ ଜୀବନ ମରଣର ଦୋଛକିରେ ଅଛନ୍ତି।

– ବଳରାମ ସାହୁ, ଚରପଡା, ରାଜକନିକା

### ଚାଷ ଓ ଚାଷୀଙ୍କୁ ନୂଆ ଦିଶା ଦେଖାଇବ



"କେନ୍ଦ୍ରାପଡା ଜିଲାରେ କୃଷି ପାଇଁ ଭିତ୍ତିଭୂମି ଅଛି। ମାତ୍ର ଏହାର ଉଚିତ ପରିଚାଳନା ପାଇଁ ବ୍ୟବସ୍ଥା ନାହିଁ। ବିଜୁ କୃଷକ ଜନତା ଦଳ ଚାଷ ଓ ଚାଷୀଙ୍କୁ ନୂଆ ଦିଶା ଦେଖାଇବ। କୃଷି ସମସ୍ୟାକୁ ଦୃଷ୍ଟିରେ ରଖି ଓ ଧାନର ସର୍ବନିମ୍ନ ସହାୟକ ମୂଲ୍ୟର ବୃଦ୍ଧି ଲାଗି ଏହି ସଂଗଠନ ଦିଲ୍ଲୀରେ ଆନ୍ଦୋଳନ କରିଛି। କେନ୍ଦ୍ର ସରକାରଙ୍କ ଚାଷୀମାରଣ ନୀତିକୁ ବିରୋଧ କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଚାଷ ସମ୍ପର୍କିତ ଯୋଜନା ଜିଲାର କୃଷକଙ୍କ ପାଇଁ ଖୁସି ଆଣିବ ବୋଲି ଆଶା କରାଯାଉଛି।

– କରୁଣାକର ବେହେରା, ଗୁପ୍ତି, ରାଜନଗର

### ଜଳ ପରିଚାଳନାକୁ ଗୁରୁତ୍ୱ ଦିଆଯାଉ

"କୃଷିକୁ ବୃତ୍ତି ବା ବ୍ୟବସାୟ କରି ସମ୍ମାନଜନକ ପରିଚୟ ମିଳୁ ନାହିଁ। ଯେଉଁଥିପାଇଁ ଯୁବ ଗୋଷ୍ଠୀ ଏଥିରେ ସାମିଲ ନ ହୋଇ ଦାଦନ ଶ୍ରମିକ ଭାବେ ବାହାରକୁ ଚାଲିଯାଉଛନ୍ତି। ଯେଉଁ ଜିଲାରେ ଧାନର ଅଭାବୀ ବିକ୍ରି ଠାରୁ ଆରମ୍ଭ କରି ଯୋଜନା ହଡ଼ପ ଏକ ପ୍ରବୃତ୍ତି ହୋଇଛି, ସେଠାରେ କୌଣସି କୃଷକ ସେଲ୍ ଆତ୍ମହତ୍ୟା କରୁଥିବା ଚାଷୀଙ୍କ ପରିବାର ଆଖିର ଲୁହ ପୋଛି ପାରିବ ନାହିଁ।



– ରବିନାରାୟଣ ଲେଙ୍କା, ରାଜନଗର

### ଚାଷୀଙ୍କ ଉପକାର ଚିନ୍ତା କରାଯାଇ ନ ପାରେ



"ନେତାଙ୍କୁ ଥଇଥାନ ନିମନ୍ତେ ରାଜନୈତିକ ଦଳଗୁଡ଼ିକ ବ୍ୟସ୍ତ। ଏଥିରେ ଚାଷୀଙ୍କ ଉପକାର କଥା ଚିନ୍ତା କରାଯାଇ ପାରିବ ନାହିଁ। ଏବେ ଧାନ ଅମଳ ହୋଇ ଚାଷୀ ଧାନ ବିକ୍ରି କରୁଛନ୍ତି। ସମବାୟ ସମିତିରେ ପଞ୍ଜୀକରଣ କରି ନ ଥିବାରୁ ଚାଷୀ ଓ ଭାଗଚାଷୀ ବେପାରୀଙ୍କୁ ଧାନ ବିକ୍ରି କରୁଛନ୍ତି। ଫଳରେ କୁଇଣ୍ଟାଲ ପିଛା ୧୨୦୦ ଟଙ୍କାରେ ଧାନ ବିକ୍ରି ହେଉଛି।

– ନାରାୟଣ ସାହୁ ବେଡାରୀ, ଗରଦପୁର

### ଧାନ କିଣାରେ ପ୍ରଶାସନର ତତ୍ପରତା ନାହିଁ



"ରାଜ୍ୟ ସରକାର ଏ ସମ୍ପର୍କରେ ପ୍ରତିବର୍ଷ ତଥ୍ୟ ସଂଗ୍ରହ କରୁଥିଲେ ମଧ୍ୟ ପ୍ରତିକାର ବ୍ୟବସ୍ଥା ନାହିଁ। ଅପରପକ୍ଷରେ ରାଜ୍ୟରେ ଚାଷୀ ଆତ୍ମହତ୍ୟା ବଢ଼ି ଚାଲୁ ଥିବାବେଳେ ପ୍ରଶାସନ ଅଧିକାରୀମାନେ ଏହାର ତଦନ୍ତ କରି ଭୁଲ୍ ରିପୋର୍ଟ ପ୍ରସ୍ତୁତ କରୁଛନ୍ତି। ପ୍ରାଇସ, ପ୍ରେଷ୍ଟିଜ ଓ ପେନ୍‌ସନ ଦାବିରେ ଆନ୍ଦୋଳନକୁ ଓହ୍ଲାଇଥିବା ଚାଷୀଙ୍କୁ ଭୁବନେଶ୍ୱର ମଧ୍ୟରେ ସଭା କରିବାକୁ ଦେଲେ ନାହିଁ। ଚାଷୀଙ୍କ ପ୍ରତି ସରକାରଙ୍କ ଏପରି ବ୍ୟବହାର ଭବିଷ୍ୟତରେ ମହଙ୍ଗା ପଡ଼ିପାରେ।

– ରାଜ ମୋହନ ସ୍ୱାଇଁ, କଅଁରପୁର, ଆଳି

## ଦୁଇ ଦୁର୍ଘଟଣାରେ ୫ମୃତ

ସୁନ୍ଦରଗଡ଼/ଲେଫ୍ରିପଡ଼ା, ୧୪।୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ଥାନା ଅଞ୍ଚଳରେ ସୋମବାର ସନ୍ଧ୍ୟାରେ ଦୁଇଟି ଦୁର୍ଘଟଣାରେ ୫ଜଣଙ୍କ ମୃତ୍ୟୁ ଘଟିଛି । ୪ଜଣ ଗୁରୁତର ଆହତ ହୋଇଛନ୍ତି। ତେଲେନଡିହିଠାରେ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ୫ ଜଣ ବ୍ୟକ୍ତିଙ୍କୁ ଏକ ବୋଲେରୋ ଧକ୍କାଦେବା ଫଳରେ ଏକ ଦମ୍ପତିଙ୍କ ସମେତ ତିନିଜଣଙ୍କ ଜୀବନ ଯାଇଛି। ଏହି ଦୁର୍ଘଟଣାରେ ଅନ୍ୟ ୨ଜଣ ଆହତ ହୋଇଛନ୍ତି। ସେହିପରି ଗିରିଙ୍ଗକେଲା-ପଟୁଆଡିହି ରାସ୍ତାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୨ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨ଜଣ ଗୁରୁତର ହୋଇଛନ୍ତି। ଆହତମାନେ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ମିଳିଥିବା ସୂଚନା ମୁତାବକ, ବାଲିଶଙ୍କରା ବ୍ଲକ ସୌନାମୁରା ଗ୍ରାମର କେତେଜଣ ବ୍ୟକ୍ତି ତେଲେନଡିହିଠାରେ ଘରକୁ ଫେରିବା ପାଇଁ ସନ୍ଧ୍ୟାରେ ଗାଡ଼ିକୁ ଅପେକ୍ଷା କରି ରାସ୍ତାପାର୍ଶ୍ୱରେ ଠିଆ ହୋଇଥିବାବେଳେ ଦ୍ରୁତଗତିରେ ଆସୁଥିବା ଏକ ବୋଲେରୋ ୫ ଜଣଙ୍କୁ ଧକ୍କା ଦେଇଥିଲା। ଏହାର ପ୍ରାୟ ଅଧଘଣ୍ଟା ପରେ ଗିରିଙ୍ଗକେଲା-ପଟୁଆଡିହିରାସ୍ତାରେ ଅନ୍ୟ ଏକ ଦୁର୍ଘଟଣା ଘଟିଥିଲା।

## ଆଇନଜୀବୀ ଭୂମିକାରେ ଖୁସି ରିଚା



ମୁମ୍ବାଇ: ପ୍ରଥମ ଥର ପାଇଁ ଆଇନଜୀବୀ ଭୂମିକାରେ ଅଭିନୟ କରି ଉତ୍ସାହିତ ଥିବା ପ୍ରକାଶ କରିଛନ୍ତି ବଲିଉଡ୍ ଅଭିନେତ୍ରୀ ରିଚା ଚଡ୍ଢା। ସେ ଆଗାମୀ ଫିଲ୍ମ 'ସେକ୍ସନ ୩୭୫'ରେ ସହ-କଳାକାର ଅକ୍ଷୟ ଖାନ୍ନାଙ୍କ ସହ ଅଭିନୟ କରିଛନ୍ତି। ସେ ଏକ ବିବୃତିରେ କହନ୍ତି, ପ୍ରଥମ ଥର ପାଇଁ ଆଇନଜୀବୀ ଭୂମିକା ନେଇ ଖୁବ୍ ଖୁସି। ଏହି ଫିଲ୍ମରେ କାମ କରୁଥିବାରୁ ତାଙ୍କ ଉପରେ ପ୍ରତ୍ୟେକେ ଖୁସି ଥିବା ସେ ପ୍ରକାଶ କରିଛନ୍ତି। ସୋମବାର ସେ ଏଠାରେ ଉକ୍ତ ଫିଲ୍ମ ପାଇଁ ଶୁଟିଂ ଆରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ଶୁଟିଂ ଏହିଠାରେ ହିଁ କରାଯିବ। ସହ-ଅଭିନେତା ଅକ୍ଷୟ କୁମାରଙ୍କ ବିଷୟରେ ସେ କହନ୍ତି, ଅଭିନେତା ଭାବରେ ଅକ୍ଷୟଙ୍କୁ ଖୁବ୍ ପସନ୍ଦ କରେ। ତାଙ୍କ ସହିତ ଭ୍ରମଣ କରିବା ଖୁବ୍ ଆନନ୍ଦପ୍ରଦ। ନିର୍ଦ୍ଦେଶକ ଅଜୟ ବେହଲଙ୍କ ସହ କାମ କରିବାରେ ମଧ୍ୟ ଖୁସି ମିଳେ। ମହିଳା ନିରାପତ୍ତା ପାଇଁ ଉଦ୍ଦିଷ୍ଟ ଆଇନର କିପରି ଅପବ୍ୟବହାର ହେଉଛି ତାହା ସେକ୍ସନ୍ ୩୭୫ ଫିଲ୍ମରେ ଗୁରୁତ୍ୱ ଆରୋପ କରାଯାଇଛି। ନୂଆ ଫିଲ୍ମ ପାଇଁ ପ୍ରଶଂସକମାନେ ତାଙ୍କୁ ଉତ୍ସାହିତ କରିବା ନିମନ୍ତେ ରିଚା ନିବେଦନ କରିଛନ୍ତି। ସେ ମଧ୍ୟ ସାରା ଫିଲ୍ମ ଟିମ୍‌କୁ ଧନ୍ୟବାଦ ଜଣାଇଛନ୍ତି। ଉକ୍ତ ଫିଲ୍ମକୁ ସମର୍ଥନ ଜଣାଇଛନ୍ତି ଭୂଷଣ କୁମାର, କ୍ରିଶନ୍ କୁମାର, କୁମାର ମଙ୍ଗତ ଏବଂ ଅଭିଷେକ ପାଠକ।

### ନବ ଦାସଙ୍କ ଶଙ୍ଖ ଧରିବା ପ୍ରସଙ୍ଗ

# ବଦଳିବ ରାଜନୈତିକ ସମୀକରଣ

ଝାରସୁଗୁଡ଼ା ଅଫିସ,୧୪।୧

୨୦୧୯ ନିର୍ବାଚନରେ ଝାରସୁଗୁଡ଼ା ବିଧାୟକ ନବ କିଶୋର ଦାସ ବିଜେଡି ଟିକେଟ୍‌ରେ ଲଢ଼ିବେ। ଏଥିରେ 'କିନ୍ତୁ' 'ପରନ୍ତୁ' କିଛି ନାହିଁ। ବିଧାୟକ ଦାସଙ୍କ କହିବା ଅନୁଯାୟୀ ସେ ପାର୍ଟି ଅପେକ୍ଷା ମାଟିକୁ ଗୁରୁତ୍ୱ ଦେଉଛନ୍ତି । ଆଗାମୀ ନିର୍ବାଚନ ସେ ବିଜେଡିରୁ ଲଢନ୍ତୁ ବୋଲି ତାଙ୍କ ସମର୍ଥକ(ମାଟିର ଲୋକ)ମାନେ ଅନୁରୋଧ କରିଛନ୍ତି। ତେଣୁ ସମର୍ଥକମାନେ ଯେତେବେଳେ ବିଜେଡିରୁ ଲଢ଼ିବାକୁ ମତ ଦେଇଛନ୍ତି, ମୁଁ ବିଜେଡି ଟିକେଟରେ ଲଢ଼ିବାକୁ ପ୍ରସ୍ତୁତ। ସେଥିପାଇଁ ଜାନୁୟାରୀ ୨୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଝାରସୁଗୁଡ଼ା ଗସ୍ତ ବେଳେ ସେ ୫୦ ହଜାରରୁ ଅଧିକ ସମର୍ଥକଙ୍କୁ ନେଇ ବିଜେଡି ସୁପ୍ରିମୋଙ୍କୁ ସମର୍ଥକଙ୍କ ମନର କଥା ଜଣାଇବେ ଅର୍ଥାତ୍ ଦଳ ବଦଳାଇବେ। ବିଧାୟକ ଦାସଙ୍କ ଦଳ ବଦଳ ପରେ ଶଙ୍ଖଶୂନ୍ୟ ଦେଖାଯାଉଥିବା ଝାରସୁଗୁଡ଼ା ଜିଲା ରାଜନୀତି ଶଙ୍ଖମୟ ହେବ ବୋଲି କୁହାଯାଉଛି। ଜିଲାରେ ସର୍ବାଧିକ ନିର୍ବାଚିତ ପ୍ରତିନିଧି କଂଗ୍ରେସର । ବିଧାୟକ ଦାସ ବିଜେଡିରେ ଯୋଗଦେବା ପରେ ସେମାନେ ମଧ୍ୟ ସମାନ ରାସ୍ତା ଅନୁସରଣ କରିବେ ବୋଲି ପୂର୍ବ ପ୍ରସ୍ତୁତି ଚାଲିଥିବା ଜଣାପଡିଛି।

୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କଂଗ୍ରେସକୁ ଝାରସୁଗୁଡା ଜିଲାରେ ବିପୁଳ ଜନ ସମର୍ଥନ ମିଳିଥିଲା। ୯ ଆସନ ବିଶିଷ୍ଟ ଜିଲା ପରିଷଦଙ୍କ ମଧ୍ୟରୁ ୮ ଜଣ କଂଗ୍ରେସ ଟିକେଟ୍‌ରେ ବିଜୟୀ ହୋଇଥିଲେ। ଗୋଟିଏ ଜୋନ୍‌କୁ ଛାଡି ଅନ୍ୟ ୮ଟି ଜୋନରୁ ବିଧାୟକଙ୍କ ଦ୍ୱାରା ଚିହ୍ନଟ ପ୍ରତିନିଧିମାନେ ବିଜୟୀ ହୋଇଥିଲେ। ବର୍ତ୍ତମାନ ବିଧାୟକ ବିଜେଡିକୁ ଯିବା ପୂର୍ବରୁ ସେମାନଙ୍କ ମତାମତ ସଂଗ୍ରହ କରିଛନ୍ତି। ତେଣୁ ବିଧାୟକଙ୍କ ଦଳ ବଦଳର ପ୍ରଭାବ ସେମାନଙ୍କ ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପଡିବ । ସେମାନେ ମଧ୍ୟ ବିଧାୟକଙ୍କ ପଦାଙ୍କ ଅନୁସରଣ କରିବେ ବୋଲି ରାଜନୀତିରେ ରୁଚି ରଖୁଥିବା ଲୋକେ କହୁଛନ୍ତି।

ଏହି ପରିପ୍ରେକ୍ଷୀରେ ପୂର୍ବତନ ବିଧାୟକ କିଶୋର ମହାନ୍ତି କହିଛନ୍ତି,୨୦୦୯ ନିର୍ବାଚନ ଜିତିବା ପରେ ନବ ଦାସ କହିଥିଲେ ମୋ ପଛରେ ବିଜେଡି ପତାକା ଧରିବାକୁ ଲୋକ ନ ଥିବେ। କିନ୍ତୁ ସେ ଏବେ ନିଜେ ବିଜେଡି ପତାକା ଧରିବାକୁ ଆସୁଛନ୍ତି। ଦଳ ସୁପ୍ରିମୋଙ୍କ ନିର୍ଦ୍ଦେଶ ସର୍ବମାନ୍ୟ। ତେଣୁ ସେ ବିଜେଡିରେ ଯୋଗଦେଲେ କିଛି ଅସୁବିଧା ନାହିଁ। ଝାରସୁଗୁଡ଼ାର ବିକାଶ ପାଇଁ ଦଳ ଏବଂ ଦଳ ସୁପ୍ରିମୋଙ୍କ ନେତୃତ୍ୱରେ ଆମେ କାମ କରିବୁ। ନବଙ୍କ ବିଜେଡି ଯୋଗଦାନ ପରେ କିଶୋରଙ୍କ ପଛ ପରିବର୍ତ୍ତନ ନେଇ ହେଉଥିବା ଚର୍ଚ୍ଚାକୁ ନେଇ କହିଛନ୍ତି, ୧୯୮୦ ମସିହାରୁ ବିଜୁବାବୁଙ୍କ ନେତୃତ୍ୱରେ ଆମେ ନିର୍ବାଚନ ଲଢ଼ିଛୁ । ବିଜେଡି ଗଠନ ହେବା ଦିନଠାରୁ ଦଳରେ ଅଛୁ। ତେଣୁ ଦଳ ପରିବର୍ତ୍ତନର ପ୍ରଶ୍ନ ଉଠୁନାହିଁ।

ପିସିସି ଶୃଙ୍ଖଳା କମିଟିର ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ କହିଛନ୍ତି, ପୂର୍ବରୁ ଲଇକେରା ନିର୍ବାଚନ ମଣ୍ଡଳୀ କଂଗ୍ରେସର ଗଡ଼ ହୋଇ ରହିଛି। ଏଠାରେ କଂଗ୍ରେସ ପ୍ରତି ଲୋକଙ୍କ ଅଭୂତପୂର୍ବ ସମର୍ଥନ ରହିଛି। ୨୦୦୪ରେ ନବ ଦାସ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରୁ ଲଢି ପରାଜିତ ହୋଇଥିଲେ। ୨୦୦୯ରେ ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାରଣ ପରେ ଲଇକେରା ନିର୍ବାଚନମଣ୍ଡଳୀର ଅଧିକାଂଶ ସ୍ଥାନ ଝାରସୁଗୁଡ଼ାରେ ମିଶ୍ରଣ ହୋଇଥିଲା। ଫଳରେ ବିଧାୟକ କଂଗ୍ରେସ ଟିକଟରୁ ଲଗାତର ଦୁଇଥର ବିଜୟୀ ହୋଇଥିଲେ। ବର୍ତ୍ତମାନ ନବ ଦାସ ଦଳ ଛାଡିବା ପରେ କଂଗ୍ରେସ ପ୍ରତି ଲୋକଙ୍କ ସମର୍ଥନ ରହିବ। ଅନ୍ୟପକ୍ଷେ ଯେହେତୁ ସେ କଂଗ୍ରେସରେ ଥିଲେ ଏବଂ ଦଳ ପାଇଁ କାମ କରୁଥିଲେ, ଏହା ଦଳକୁ ନିଶ୍ଚିତ ଅସୁବିଧାରେ ପକାଇବ। କିନ୍ତୁ ଏଭଳି ପରିସ୍ଥିତିରେ ଦଳ ଛାଡିବା ନିଷ୍ପତ୍ତି ଜଣେ ଶୃଙ୍ଖଳିତ ବିଧାୟକଙ୍କ କାମ ନୁହେଁ। ଏ ବାବଦରେ ଶୃଙ୍ଖଳା କମିଟି ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ନେବ ବୋଲି ସେ ସ୍ପଷ୍ଟ କରିଛନ୍ତି ।

## ନବୀନ, ବିଜେଡିକୁ ପ୍ରକାଶଙ୍କ ପ୍ରଶଂସା

କଟକ ଅଫିସ, ୧୪।୧

ସାଲେପୁରର କଂଗ୍ରେସ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ବିଜେଡିରେ ଯୋଗଦେଉଥିବା ନେଇ ଏକ ବର୍ଷ ହେବ ଚର୍ଚ୍ଚା ଲାଗି ରହିଛି। ହେଲେ ଅଦ୍ୟାବଧି ପ୍ରକାଶ ବିଜେଡିରେ ମିଶୁଛନ୍ତି କି ନାହିଁ ତାହା ସ୍ପଷ୍ଟ କରୁନାହାନ୍ତି। ଝାରସୁଗୁଡ଼ା ବିଧାୟକ ନବ ଦାସ ବିଜେଡିରେ ଯୋଗ ଦେଉଥିବା ନେଇ ସ୍ପଷ୍ଟ ମତ ରଖିବା ପରେ ପ୍ରକାଶଙ୍କୁ ଏ ସମ୍ପର୍କରେ ଯୋଗାଯୋଗ କରାଯାଇଥିଲା। ଉତ୍ତରରେ ପ୍ରକାଶ ସିଧା ଜବାବ ନ ଦେଇ ବିଜେଡି ଓ ନବୀନଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ। ସେ କହିଥିଲେ, ୨୦ ବର୍ଷ ଧରି ବିଜେଡି ରାଜ୍ୟରେ ଭଲ କାମ କରୁଛି। ଭଲ ସ୍ଥିତିରେ ମଧ୍ୟ ରହିଛି। ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ମଧ୍ୟ ଅତୁଟ ରହିଛି। ଏପରି କି ସେ କହିଥିଲେ ଯେ, ଆଗାମୀ ନିର୍ବାଚନ ହାଇକମାଣ୍ଡ ଯେଉଁଠୁ ଚାହିଁବେ ସେଠୁ ଲଢ଼ିବେ। ତେବେ ଆପଣଙ୍କ ହାଇକମାଣ୍ଡ କିଏ ବୋଲି ପଚାରିବାରୁ ପ୍ରକାଶ ମୁରୁକି ହସରେ ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ।


## ବିହନ ବିଶୋଧନ ଅଭିଯାନ- ୨୦୧୮-୧୯
(ଜିଲ୍ଲା କୃଷି କାର୍ଯ୍ୟାଳୟ, ଜଗତ୍‌ସିଂହପୁର)

ଫସଲକୁ ବିଭିନ୍ନ ରୋଗ ଦାଉରୁ ରକ୍ଷା କରିବା ପାଇଁ ରାଜ୍ୟ ଯୋଜନା ୨୦୧୮-୧୯ ଜରିଆରେ ବିହନ ବିଶୋଧନ କାର୍ଯ୍ୟକ୍ରମ ଚଳିତବର୍ଷ ଜାନୁୟାରୀ ମାସ ୧୫ ତାରିଖରୁ ୩୦ ତାରିଖ ମଧ୍ୟରେ କୃଷି ବିଭାଗ ମାଧ୍ୟମରେ ଜିଲ୍ଲା କୃଷି ଅଧିକାରୀ, ଜଗତ୍‌ସିଂହପୁରଙ୍କ ତତ୍ତ୍ୱାବଧାନରେ ଜଗତ୍‌ସିଂହପୁର, ବାଲିକୁଦା, ରଘୁନାଥପୁର, ବିରିଡି ଓ ନାଉଗାଁ ବ୍ଲକର ବିଭିନ୍ନ ଗ୍ରାମରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଚାଷୀମାନଙ୍କ ସଞ୍ଚିତ ବିହନ ବିଶୋଧନ ସହିତ ବୈଷୟିକ ଜ୍ଞାନକୌଶଳ ବିଷୟରେ ଅବଗତ କରାଯିବ। ଏହି କାର୍ଯ୍ୟକ୍ରମରେ ଯୋଗଦାନ ପୂର୍ବକ ଏହାର ସଫଳ ରୂପାୟନ ପାଇଁ ଚାଷଭାଇ ଓ ଭଉଣୀମାନଙ୍କୁ ବିଶେଷ ଅନୁରୋଧ।

ସ୍ୱା./- ଶ୍ରୀ ପ୍ରମୋଦ କୁମାର ମଲ୍ଲିକ
ଜିଲ୍ଲା କୃଷି ଅଧିକାରୀ, ଜଗତ୍‌ସିଂହପୁର


# କେନ୍ଦ୍ର ଯୋଜନାକୁ ରାଜ୍ୟ ସରକାର ହଡ଼ପ କରୁଛନ୍ତି : ଧର୍ମେନ୍ଦ୍ର

### ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି ପ୍ରସଙ୍ଗ

ଭୁବନେଶ୍ୱର,୧୪।୧(ବ୍ୟୁରୋ)

ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ପାରିଶ୍ରମିକ ବୃଦ୍ଧିକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଅଙ୍ଗନୱାଡି କର୍ମୀମାନଙ୍କ ପାରିଶ୍ରମିକ କେନ୍ଦ୍ର ସରକାର ୨୦୧୮ ସେପ୍ଟେମ୍ବରରେ ୧୫୦୦ ଟଙ୍କା ବୃଦ୍ଧି ପାଇଁ ନିଷ୍ପତ୍ତି ନେବା ସହ ୨୦୧୮ ଅକ୍ଟୋବରରୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟର ବିଜେଡି ସରକାର କେନ୍ଦ୍ର ସରକାରଙ୍କ ଏହି ଘୋଷଣାକୁ ଦୀର୍ଘଦିନ ଧରି କାର୍ଯ୍ୟକାରୀ ନ କରି ପକାଇ ରଖିଥିଲେ। ଏବେ ନିର୍ବାଚନର ଅବ୍ୟବହିତ ପୂର୍ବରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ବର୍ଦ୍ଧିତ ରାଶିକୁ ନିଜର କହି ରାଜ୍ୟ ମୁଖ୍ୟମନ୍ତ୍ରୀ ବାହାବା ନେବା ପାଇଁ ଅପଚେଷ୍ଟା କରୁଛନ୍ତ ବୋଲି ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି। । ପରଘର ତିଅଣରେ ଅତିଥି ସତ୍କାର କରିବାରେ ଓଡ଼ିଶା ରାଜ୍ୟ ସରକାର ସିଦ୍ଧହସ୍ତ। ଓଡ଼ିଶାର ଅଙ୍ଗନୱାଡି କର୍ମୀଙ୍କୁ ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମରେ ନିୟୋଜିତ କରି ଆସୁଛନ୍ତି । ଅଧିକ କାମ ପାଇଁ ରାଜ୍ୟ ସରକାରଙ୍କଠାରୁ ଅଧିକ ଆର୍ଥିକ ରାଶି ପାଇବା ଅଙ୍ଗନୱାଡି କର୍ମୀଙ୍କ ଅଧିକାର। ବିଭିନ୍ନ ରାଜ୍ୟ ସେମାନଙ୍କ ନିଜସ୍ୱ ବଜେଟରୁ ଅଧିକା କାମ ପାଇଁ ଅଧିକା ଅର୍ଥ ଯୋଗାଇ ଦେଉଛନ୍ତି । ଭାଜପା ଶାସିତ ହରିୟାଣାରେ ଅଙ୍ଗନୱାଡି ଭଉଣୀମାନଙ୍କର ମାସିକ ପାରିଶ୍ରମିକ ୧୩ ହଜାର ଟଙ୍କା ଦିଆଯାଉଛି । ରାଜ୍ୟ ସରକାର ଅଙ୍ଗନୱାଡି କର୍ମୀମାନଙ୍କୁ ପିଠା, କାଳିଆ ଆଦି ଯୋଜନା କାର୍ଯ୍ୟକ୍ରମରେ ଲଗାଉଛନ୍ତି । ୧୩ ହଜାର ଟଙ୍କା ନ ହେଲେ ନାହିଁ । ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଅଧିକ ଅର୍ଥ ଦେଇ ସେମାନଙ୍କ ମାସିକ ପାରିଶ୍ରମିକ ୧୦ ହଜାର ଟଙ୍କାକୁ ବୃଦ୍ଧି କରିବା ଦରକାର ବୋଲି ଧର୍ମେନ୍ଦ୍ର କହିଛନ୍ତି ।

ଗୋଟିଏ ପଟେ ରାଜ୍ୟରେ ଛତୁଆ, ମଧ୍ୟାହ୍ନଭୋଜନ, ଡାଲିରେ ଦୁର୍ନୀତି ଜାରି ରହିଥିବା ବେଳେ ଅନ୍ୟ ପଟେ ବିଜେଡି ନେତା, କର୍ମୀଙ୍କ ପିସି ବାଟ ଖୋଲାଯାଇଛି। ରାଜ୍ୟ ସରକାର ଅଙ୍ଗନୱାଡି କର୍ମୀମାନଙ୍କୁ କେନ୍ଦ୍ର ସରକାରଙ୍କ ଘୋଷଣା ଛଡା ୧ ଟଙ୍କା ବି ଅଧିକ ଦେଇନାହାନ୍ତି। ମହାରାଷ୍ଟ୍ର ଭଳି ଭାଜପା ଶାସିତ ରାଜ୍ୟରେ ଅଙ୍ଗନୱାଡି କର୍ମୀମାନଙ୍କ ପାଇଁ ଅବସରକାଳୀନ ସହାୟତା ୧ ଲକ୍ଷ ଟଙ୍କାରେ ପହଞ୍ଚିଲାଣି । ୨୦୧୮ ସେପ୍ଟେମ୍ବର ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଳଚେର ଓ ଝାରସୁଗୁଡ଼ା ଗସ୍ତରେ ଆସିଥିଲେ । ଏହି ଦୁଇଟି ସ୍ଥାନରେ ଅଙ୍ଗନୱାଡି ଭଉଣୀମାନେ ସେମାନଙ୍କର ପାରିଶ୍ରମିକ କେନ୍ଦ୍ରସରକାର ବଢ଼ାଇଥିବା କାରଣରୁ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇଥିଲେ। ରାଜ୍ୟରେ ଏକ ରାଧୁଆ ମିଛୁଆ ସରକାର ଚାଲିଛି, ଯାହାର ଜବାବ ସାଧାରଣ ଓଡ଼ିଆ ଲୋକେ ମାଗୁଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ଦୁବାଇ, ସିଙ୍ଗାପୁରରେ ଗୋଲ୍‌ଡେନ ବାବାଙ୍କ ସମ୍ପତ୍ତି

ଭୁବନେଶ୍ୱର,୧୪।୧ (ବ୍ୟୁରୋ)

ଗୋଲ୍‌ଡେନ ବାବାଙ୍କ ପାଇଁ ବଢ଼ିବାରେ ଲାଗିଛି ଅଡୁଆ। କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ବାବାଙ୍କ ଠକେଇ ସାମ୍ରାଜ୍ୟର ଖୋଳତାଡ କରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। କେବଳ ରାଜ୍ୟ ବାହାରେ ନୁହେଁ, ସିଙ୍ଗାପୁର, ଦୁବାଇ ଓ ଅନ୍ୟ ଦେଶରେ ଗୋଲ୍‌ଡେନ୍ ବାବାଙ୍କ ଗୁପ୍ତଧନ ରହିଥିବା ଜାଣିବା ପରେ ଇଓଡବ୍ଲ୍ୟୁ ହତଚକିତ ହୋଇପଡିଛି। ବାବାଙ୍କ କଳା ସାମ୍ରାଜ୍ୟ ଠାବ କରିବାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ଚିଠି ଲେଖିବା ପରେ ବଡ଼ଧରଣର ଅଭିଯାନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ତଦନ୍ତ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ବାବାଙ୍କ ସମ୍ପର୍କୀୟଙ୍କୁ ଡାକି ପଚରାଉଚରା କରିପାରେ ଇଡି। ଅନ୍ୟପକ୍ଷରେ ବାବାଙ୍କୁ ପୁଣିଥରେ ରିମାଣ୍ଡରେ ନେବାକୁ ଇଓଡବ୍ଲ୍ୟୁ ପକ୍ଷରୁ କୋର୍ଟରେ ଆବେଦନ କରାଯିବ ବୋଲି ସୂଚନା ମିଳିଛି। ଗୋଲ୍‌ଡେନ୍ ବାବାଙ୍କୁ ଦିନିକିଆ ରିମାଣ୍ଡରେ ଆଣି ପଚରାଉଚରା ପରେ ଇଓଡବ୍ଲ୍ୟୁ ଅଧିକାରୀମାନେ ତାଙ୍କ କଳା ସାମ୍ରାଜ୍ୟ ଓ ସମ୍ପତ୍ତି ବିଷୟରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛନ୍ତି। ବାବା ଜାଲ୍ କାଗଜପତ୍ର କରି ବିଭିନ୍ନ ସଂସ୍ଥାଠାରୁ ବହୁ କୋଟି ଟଙ୍କା ଠକେଇ କରିଛନ୍ତି। ବାବାଙ୍କ କଳାସାମ୍ରାଜ୍ୟ ସହ ରାଜନୈତିକ ଲିଙ୍କ୍ ରହିଥିବାରୁ ଇଓଡବ୍ଲ୍ୟୁ ଅଧିକ ଖୋଳତାଡ଼ ନ କରି ଦୂରେଇ ରହିବାକୁ ଉଦ୍ୟମ କରୁଥିବା କୁହାଯାଉଛି।


## ତହସିଲଦାର ଭଣ୍ଡାରିପୋଖରୀଙ୍କ କାର୍ଯ୍ୟାଳୟ
### ଲଘୁ ଖଣିଜ ଦ୍ରବ୍ୟର ଲିଜ ସକାଶେ ଇସ୍ତାହାର

ତହସିଲ କାର୍ଯ୍ୟାଳୟ ବିଜ୍ଞପ୍ତି ସଂଖ୍ୟା 115 ତାରିଖ 14.01.2019 ରେ ଭଣ୍ଡାରିପୋଖରୀ ତହସିଲ ଅନ୍ତର୍ଗତ ଏକ ଗୋଟି ସୈରାତ ଉତ୍ସକୁ ନେରଡ଼ା-2 କୁ ଦୀର୍ଘ ମିଆଦି ସୂତ୍ରେ ଲିଜ୍ ପାଇଁ ଇସ୍ତାହାର ପ୍ରକାଶିତ ହୋଇଅଛି। ଇସ୍ତାହାର ସମ୍ବନ୍ଧୀୟ ସମସ୍ତ ତଥ୍ୟ ଭଦ୍ରକ ଜିଲ୍ଲା website www.bhadrak.nic.in ରେ ଉପଲବ୍ଧ କରାଯାଇଅଛି। ନିଲାମରେ ଭାଗ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ website ରୁ ସମସ୍ତ ତଥ୍ୟ ହାସଲ କରି ଆବେଦନ କରିପାରିବେ କିମ୍ବା ଭଣ୍ଡାରିପୋଖରୀ ତହସିଲ କାର୍ଯ୍ୟାଳୟକୁ ଯୋଗାଯୋଗ କରି ନିଲାମ ସମ୍ବନ୍ଧୀୟ ତଥ୍ୟ ନେଇପାରିବେ।

| | |
|---|---|
| ମୁଦ ଦରଖାସ୍ତ ଅନ୍ତିମ ତାରିଖ | 16.02.2019 ସମୟ ଅପରାହ୍ନ 5 ଘଟିକା |
| ଦରଖାସ୍ତ ଉନ୍ମୋଚନ ଓ ତନଖିର ତାରିଖ | 18.02.2019 ସମୟ ପୂର୍ବାହ୍ନ 11 ଘଟିକା |

ସ୍ୱା./- ତହସିଲଦାର, ଭଣ୍ଡାରିପୋଖରୀ



## OFFICE OF THE SR. GENERAL MANAGER (ELECTRICAL)
## UPPER INDRAVATI HYDRO ELECTRIC PROJECT, MUKHIGUDA
OHPC ISO : 9001, 14001, 18001 Certified
DIST: KALAHANDI-766026, Ph.No.7328840415, E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

No. UIHEP/SGM (EL.)/TW/ PSDF / 2120 (Part – VI) / 193 / Dated 11.01.2019
NOTICE INVITING TENDER No. 46/2018-19 DATE 10.01.2019

No.CAD-1259:- Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed manufacturers / authorized dealers / channel partners / firms authorized by manufacturer of the following works as mentioned below.

| Description of Materials | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. |
|---|---|---|
| Procurement, Erection, Testing & Commissioning of 245 KV Capacitor Voltage Transformers and 245KV Voltage Transformers. | 11,800/- (inclusive of GST) | 64,440/- |

For details of the tender documents, terms and conditions please visit our website www.ohpcltd.com.
32136/11/0076/1819 Sd./- Unit Head, UIHEP, Mukhiguda



No. XXIX-92
## ଓଡ଼ିଶା ସରକାର
## ଅନୁଗୁଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଘୋଷଣା

File No. 992 Dated : 27.11.2018

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act. 2013) ର ଧାରା ୧୯ର ଅଧିନିୟମ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା ବୁଢାପଙ୍କ, ଥାନା-ବଂରପାଳ, ତହସିଲ-ବଂରପାଳ, ଜିଲ୍ଲା-ଅନୁଗୁଳରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଅନୁଗୁଳ ଡୁବୁରି ସୁକିନ୍ଦା ରୋଡ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।
ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act. 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୫୮୫, ତା. ୧୭.୦୪.୨୦୧୮ରିଖରେ ପ୍ରକାଶିତ ହୋଇଅଛି।
ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା ବୁଢାପଙ୍କ, ଥାନା ବଂରପାଳ, ଜିଲ୍ଲା ଅନୁଗୁଳରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ angul.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନା ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଅନୁଗୁଳ-ଡୁବୁରି ସୁକିନ୍ଦା ରୋଡ ନୂତନ ଓସାରିଆ ରେଳପଥ ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ସୂଚୀ – 'କ' (SCHEDULE–A)
ପ୍ରସ୍ତାବିତ ଅଧିଗ୍ରହଣ ଅଧୀନରେ ଜମି

ଜିଲ୍ଲା : ଅନୁଗୁଳ ତହସିଲ : ବଅଁରପାଳ

| ଗ୍ରାମର ନାମ | ଗ୍ରାମୀଣ / ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବୁଢାପଙ୍କ | ଗ୍ରାମାଞ୍ଚଳ | ୩୧୨ | ୨୯୭୫ | ଶାରଦ ଅଣ ଜଳସେଚିତ ତିନି | ୦.୫୧୦ | ୦.୦୧୫ | ଗମ୍ଭୀର ନାଏକ, ଗୋପୀ ନାଏକ, ଅଧିକାରୀ ନାଏକ, ପି: କୁଞ୍ଜ ନାଏକ, ଜା: ପାଣ, ବା: ନିଜଗାଁ |
| ବୁଢାପଙ୍କ | ଗ୍ରାମାଞ୍ଚଳ | ୫୪୯ | ୨୯୭୯ | ଶାରଦ ଅଣ ଜଳସେଚିତ ତିନି | ୦.୧୨୦ | ୦.୦୩୦ | ଥବିର ନାଏକ, କଛି ନାଏକ. ପୁନିଆ ନାଏକ, ପି: ଚୈତନ୍ୟ ନାଏକ, ଜା: ପାଣ, ବା: ନିଜଗାଁ |
| ବୁଢାପଙ୍କ | ଗ୍ରାମାଞ୍ଚଳ | ୭୦୬ | ୩୧୯୧ | ଶାରଦ ଅଣ ଜଳସେଚିତ ତିନି | ୦.୫୪୦ | ୦.୦୯୫ | ନିରାକାର ସାମଲ, ପି: କାର୍ତ୍ତିକ ସାମଲ, ଜା : କ୍ଷତ୍ରିୟ, ବା: ନିଜଗାଁ |
| ବୁଢାପଙ୍କ | ଗ୍ରାମାଞ୍ଚଳ | ୭୮୬ | ୩୧୯୨ | ଶାରଦ ଅଣ ଜଳସେଚିତ ଦୁଇ | ୦.୪୦୦ | ୦.୦୫୦ | ପ୍ରଫୁଲ୍ଲ ସାମଲ, ପି: ପ୍ରହଲ୍ଲାଦ ସାମଲ, ଜା: କ୍ଷତ୍ରିୟ, ବା: ନିଜଗାଁ |
| | | | | ମୋଟ | ୧.୫୭୦ | ୦.୧୯୦ | |

• ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ........................ ସଂରକ୍ଷିତ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

| ଗ୍ରାମର ନାମ | ଗ୍ରାମୀଣ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ମୋଟ ଅଞ୍ଚଳ | ପୁନର୍ବାସ ନିମନ୍ତେ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ .............।
ରାଜ୍ୟପାଳଙ୍କ ଆଦେଶକ୍ରମେ
24012/14/0060/1819 ସ୍ୱା./– ଅନିଲ କୁମାର ସାମଲ, ଜିଲ୍ଲାପାଳ, ଅନୁଗୁଳ



## COLLECTORATE, NABARANGPUR (TOURISM SECTION)
No. 7/2019 Date : 11.01.2019
### TENDER CALL NOTICE

No. 29-R: Sealed quotations through Regd. Post/ Speed Post only are invited from the intending suppliers / firms / business man / dealer for selection of cafeteria firm / Bidders at Hirli Dongri Eco Tourism Park, Nabarangpur to provide tea, snacks, Fast-food, water etc. to the visitors / tourists. The sealed tender should reach the undersigned by 4.00 PM of 25.01.2019 and will be opened on the same date at 5.00 P.M. The details terms and condtions of the tender are available in the office of the Additional District Magistrate, Nabarangpur (Tourism Section) and also in the Nabarangpur District Website www.nabarangpur.nic.in

Sd./- Additional District Magistrate
Nabarangpur
24165/11/0001/1819



## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା 06 / ଭୁ.ଉ.କ., ଭୁବନେଶ୍ୱର ତା 01.01.2019 ରିଖ
KNL-54/93

### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗ ନଗର ଜମି ପ୍ରକଳ୍ପର ପ୍ଲଟ୍ ନଂ–K4-292 କୁ ଶ୍ରୀମତୀ ଅନିତା ଚକ୍ରବର୍ତ୍ତୀ, ସ୍ୱାମୀ: ମୃଣାଳ ଚାଟାର୍ଜୀ, ଗ୍ରାମ: ଦଉତୋଟା, ପୋ: ପୁରୀ, ଥାନା: ପୁରୀ ସଦର, ଜିଲ୍ଲା: ପୁରୀଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ଅନିତା ଚକ୍ରବର୍ତ୍ତୀ ଉକ୍ତ ପ୍ଲଟକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ମଧୁସ୍ମିତା ଦାସ, ସ୍ୱାମୀ: ପଦ୍ମଚରଣ ଦାସ, ଗ୍ରାମ: ଚଣ୍ଡିତାଲ୍, ପୋଅ/ଥାନା: ବଡ଼ଚଣା, ଜିଲ୍ଲା: ଯାଜପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଠାରେ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହାହେଲେ ଏହି ସୂଚନା ପ୍ରକାଶନର (ପନ୍ଦର) ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍‌ପରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୨, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର



## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା 338/2 / ଭୁ.ଉ.କ., ଭୁବନେଶ୍ୱର ତା 03.12.18 ରିଖ
KNL-885/93

### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗ ନଗର ଜମି ପ୍ରକଳ୍ପର ପ୍ଲଟ୍ ନଂ–K4-267 କୁ ଶ୍ରୀମତୀ ଶୁଭଶ୍ରୀ ଦତ୍ତ, ସ୍ୱାମୀ: ପ୍ରସନ୍ ରଣା, ଗ୍ରାମ/ପୋଅ: ହରିଡାଖଣ୍ଡି, ଥାନା: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ଶୁଭଶ୍ରୀ ଦତ୍ତ ଉକ୍ତ ପ୍ଲଟକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଅକ୍ଷୟ କୁମାର କହଁର, ପିତା: ସ୍ୱର୍ଗତ ରାମ ଶଙ୍କର କଅଁର, ଗ୍ରାମ/ପୋଅ: ବୋଙ୍ଗା, ଭାୟା: ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହାହେଲେ ଏହି ସୂଚନା ପ୍ରକାଶନର (ପନ୍ଦର) ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍‌ପରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୨



## ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ, ପୁରୀ
DIST EMPLOYMENT EXCHANGE OFFICE, PURI

ପୁରୀ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା–୨୦୧୯
ସ୍ଥାନ: GOVT. I.T.I. CAMPUS, PURI, ତା ୧୮।୦୧।୨୦୧୯ରିଖ ଦିବା ୯ ଘଟିକା

No.103-KK:- ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ଓଡ଼ିଶା ସରକାର ତଥା ଜିଲ୍ଲା ପ୍ରଶାସନ ତରଫରୁ ପୁରୀ ଜିଲ୍ଲାର ବେକାର ଯୁବକ ଓ ଯୁବତୀମାନଙ୍କୁ ଭାରତର ବିଭିନ୍ନ ବେସରକାରୀ ସଂସ୍ଥା (Company) ମାନଙ୍କରେ ନିଯୁକ୍ତି ପ୍ରଦାନ ଏବଂ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଦ୍ୱାରା ଚୁକ୍ତି ହୋଇଥିବା ପି.ଆଇ.ଏ.ଙ୍କ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇ ନିଯୁକ୍ତି ପ୍ରଦାନ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଅଛି।
ଏଥିନିମନ୍ତେ ଅଣକୁଶଳୀ, ଅର୍ଦ୍ଧକୁଶଳୀ (୫ମରୁ +୩ ପର୍ଯ୍ୟନ୍ତ) ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କୁ ଜଣାଇ ଦିଆଯାଉଅଛି କି, ସେମାନେ ନିଜର ଶିକ୍ଷାଗତ ପ୍ରମାଣପତ୍ର (ଜେରକ୍ସ ଏବଂ ମୂଳକପି), ଦୁଇଗୋଟି ଫଟୋ ସହିତ GOVT. I.T.I. CAMPUS, PURI ପରିସରରେ ଉପରଲିଖିତ ତାରିଖରେ ଉପସ୍ଥିତ ରହି ବିଭିନ୍ନ କମ୍ପାନୀମାନଙ୍କ ସହିତ ସାକ୍ଷାତ୍କାର ପରୀକ୍ଷାରେ ଭାଗ ନେଇପାରିବେ।
ସବିଶେଷ ସୂଚନା ନିମନ୍ତେ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ (Dist. Employment Exchange Office), ପୁରୀଙ୍କ ସହିତ ଯୋଗାଯୋଗ କରିବାକୁ ଅନୁରୋଧ।
ଦୂରଭାଷ: (୦୬୭୫୨) ୨୨୨୭୫୭

ଜିଲ୍ଲା ନିୟୋଜନ ଅଧିକାରୀ, ପୁରୀ ଜିଲ୍ଲାପାଳ, ପୁରୀ
14052/11/0004/1819



## GOVERNMENT OF ODISHA, "e"-PROCUREMENT NOTICE
### OFFICE OF THE EXECUTIVE ENGINEER, NAYAGARH (R&B) DIVISION, NAYAGARH
### WORKS DEPARTMENT
### TENDER CALL NOTICE
E-mail: pwdoff.ngd@gmail.com

Bid Identification No. EE-Nayagarh (R&B) Division- Online 05/2018-19
No. 1123-B: The Executive Engineer, Nayagarh (R&B) Division, Nayagarh on behalf of Governor of Odisha inviting percentage rate bid in Double cover system in ONLINE MODE from eligible contractors for construction of Building & Road work as detailed in the table below:

| | | |
|---|---|---|
| 1. | Nature of Work | Building & Culvert Work. |
| 2. | No of Work | 2 Nos |
| 3. | Tender Cost | To be remitted online through a process as mentioned in DTCN. |
| 4. | Class of Contractor | As mentioned in DTCN |
| 5. | Available of Bid Document in the Website | From Dt 21.01.2019, 10.00 AM to Dt. 02.02.2019 up to 5.00 PM . |
| 6. | Date of opening of Bid | Dt.04.02.2019 at 11.00 AM |
| 7. | The Bidders have to participate in ONLINE bidding only. Further details can be seen from the Website: https:// tenderodisha.gov.in . Any Addendum / Corrigendum / Cancellation of tender can also be seen in the said website. | |

Executive Engineer,
34138/11/0011/1819 Nayagarh (R&B) Division, Nayagarh



## OFFICE OF THE EXECUTIVE ENGINEER RWS&S DIVISION, KENDRAPARA
At: Ichhapur, Post: Shree Baladevjew, Email: eerwsskendrapara@gmail.com
### INVITATIONS FOR BIDS (IFB) [e-Procurement]
Bid Identification No. RWS/34/2018-2019
Letter No. 04 Dated 02.01.2019

1 The Executive Engineer, RWS&S Division, Kendrapara on behalf of Governor of Odisha invites lump comps its bid in double cover system in ONLINE MODE from eligible contractors for execution of Rural Piped Water Supply Schemes in Kendrapara District.

| | | |
|---|---|---|
| 2 | Name of the work | : Execution of RPWS Schemes in the district of Kendrapara |
| 3 | No. of Work | : 4 (Four Nos.) |
| 4 | Value of the Work | : Rs. 91.17 Lakhs to Rs. 325.41 Lakhs |
| 5 | Concerned tender inviting authority | : Executive Engineer, RWS&S Division, Kendrapara |
| 6 | Security amount (Rs.) (Online) | : Rs. 92000/- and Rs. 326000/- |
| 7 | Cost of Bid documents (Rs.) (Online) | : Rs. 10000.00 |
| 8 | Class of Bidder | : "B" "A" & Special |
| 9 | Period of Completion | : 10 Months to 1 Year |
| 10 | Availability of bid documents in the website | : From date. 21.01.2019 at 10.00 A.M to date. 05.02.2019 5.00 P.M |
| 11 | Last Date & Time of seeking tender clarification | : Up to 31.01.2019 at 1.00 P.M |
| 12 | Date of Opening of Bid | : On date. 07.02.2019 at 10.00 A.M onwards |

The bidders have to participate in ONLINE bidding only. Further details can be seen from the website i.e. http://tendersorissa.gov.in.
Subsequent corrigendum / addendum if required shall only be appeared in above website.

Sd./- Executive Engineer,
25004/11/0011/1819 RWS&S Division, Kendrapara
No.1322-O

# ନାରୀ ହାତରେ ସୁରକ୍ଷା




ଆମ ଦେଶରେ, ଆମ ରାଜ୍ୟରେ ଅନେକ ବୀର ରମଣୀ ସେମାନଙ୍କ ଅଦମ୍ୟ ବୀରତ୍ୱ ଓ ସାହସ ପ୍ରଦର୍ଶନ କରି ଶତ୍ରୁଙ୍କୁ ପରାସ୍ତ କରିବା ସହିତ ଇତିହାସରେ ସେମାନଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଯାଇଛନ୍ତି। ଏମାନଙ୍କ ମଧ୍ୟରେ ଝାନ୍‌ସୀର ରାଣୀ ଲକ୍ଷ୍ମୀ ବାଈ(ମଣିକର୍ଣ୍ଣିକା) ଓ ବାଙ୍କୀର ବୀରାରାଣୀ ଶୁକ ଦେଈଙ୍କ ନାମ ଅନ୍ୟତମ। ମାତ୍ର ଭାରତୀୟ ସେନାରେ ବହୁଦିନ ପର୍ଯ୍ୟନ୍ତ ମହିଳାମାନଙ୍କୁ ନିଯୁକ୍ତି ଦିଆଯାଇ ନ ଥିଲା। 'ଭାରତୀୟ ସେନା ସେବିକା ସେବା'(ଆଇଏମ୍‌ଏନ୍‌ଏସ୍) ୧୮୮୮ ମସିହାରେ ପ୍ରଚଳନ କରାଯାଇ ନର୍ସମାନଙ୍କୁ ସେନାରେ ଚିକିତ୍ସା ଓ ନର୍ସିଂ ସେବା ପ୍ରଦାନ ପାଇଁ ଅନ୍ତର୍ଭୁକ୍ତ କରାଯାଇଥିଲା। ସମ୍ମୁଖ ଯୁଦ୍ଧରେ ମହିଳା ଅଧିକାରୀ ଓ ଯବାନମାନଙ୍କୁ ନିଆଯାଉ ନ ଥିବା ବେଳେ ଏବେ ସେଥିରେ ପରିବର୍ତ୍ତନ ଆସିଛି। ଏବେ (୨୦୧୪) ସ୍ଥଳସେନାରେ ୩%, ନୌସେନାରେ ୨.୮% ଓ ବାୟୁସେନାରେ ୮.୫% ମହିଳା ସେନା ଓ ଅନ୍ୟ କର୍ମଚାରୀ ଥିବାର ଜଣାଯାଏ।

ଦ୍ୱିତୀୟ ବିଶ୍ୱଯୁଦ୍ଧ (୧୯୩୯-୪୫)ରେ ୩୫୦ ପାଖାପାଖି ବ୍ରିଟିଶ୍ ଭାରତୀୟ ସେନାର ନର୍ସ ମୃତ୍ୟୁବରଣ କରିଥିବା କିମ୍ବା ଯୁଦ୍ଧବନ୍ଦୀ ରୂପେ ନିଆ ଯାଇଥିବା ଜଣାଯାଏ ଏବଂ ପରବର୍ତ୍ତୀ ସମୟରେ ଏମାନଙ୍କୁ ଯୁଦ୍ଧ ଦ୍ୱାରା ନିଖୋଜ ବୋଲି ଘୋଷଣା କରାଯାଇଥିଲା। Women's auxiliary lorps(India) ୧୯୪୨ରେ ସ୍ଥାପନ କରାଯାଇଥିଲା। ନୁର୍ ଉନାୟତ୍ ଖାନ୍ (ଜର୍ଜକ୍ରଶ), କଲ୍ୟାଣୀ ସେନ୍, ସେକେଣ୍ଡ ଅଫିସର(ପ୍ରଥମ ଭାରତୀୟ ମହିଳା, ଯେ କି ସଂଯୁକ୍ତ ରାଷ୍ଟ୍ରକୁ ଯାଇଥିଲେ) ଉଭୟ ମହିଳା ରୟାଲ୍ ଭାରତୀୟ ନୌସେନାରେ କାର୍ଯ୍ୟ କରିଥିଲେ।

ମାତ୍ର ମହିଳାମାନଙ୍କୁ ସମ୍ମୁଖ ଯୁଦ୍ଧ ଓ ଇନ୍‌ଫ୍ୟାଣ୍ଟ୍ରିରେ ଅଣମେଡିକାଲ ସେବାରେ କାମ କରିବା ଲାଗି ଅନୁମତି ନ ଥିଲା। ୧୯୯୨ରେ ଭାରତୀୟ ସେନା ପ୍ରଥମ ଥର ପାଇଁ ମହିଳା ଅଫିସରମାନଙ୍କୁ ଅଣମେଡିକାଲ ପଦବୀରେ ନିଯୁକ୍ତି ପ୍ରଦାନ କରିଥିଲା । ସେ ସମୟରେ ୧୦୫ ଭାରତୀୟ ମହିଳା ପୋଲିସ ସଂଯୁକ୍ତ ରାଷ୍ଟ୍ରର ଶାନ୍ତିରକ୍ଷୀ ବାହିନୀରେ ଲାଇବେରିଆରେ ସ୍ଥାପିତ ହୋଇଥିଲେ। ଅଳକା ଖୁରାନା ପ୍ରଥମ ମହିଳା ଅଫିସର ଭାବେ ଭାରତୀୟ ସେନା ତରଫରୁ ୧୯୯୪ରେ ସାଧାରଣତନ୍ତ୍ର ଦିବସର ନେତୃତ୍ୱ ନେଇଥିଲେ। ସେ ୧୯୯୩ ମସିହାରେ ସେନାର କମିଶନ୍ଡ ହୋଇଥିଲେ। ସାପର୍ ଶାନ୍ତିଟିଗା ପ୍ରଥମ ମହିଳା ଯବାନ ଭାବେ ୨୦୧୧ରେ ଯୋଗଦେଇଥିଲେ ଓ ପ୍ରିୟା ସାମେୱାଲ୍ ୨୦୧୪ରେ ତାଙ୍କ ସ୍ୱାମୀ, ଯେ କି ଆର୍ମି ଅଫିସର ଭାବେ ଯୁଦ୍ଧକ୍ଷେତ୍ରରେ ବୀରଗତିପ୍ରାପ୍ତ ହୋଇଥିଲେ, ତାଙ୍କ ପରେ ଆର୍ମିରେ ଅଫିସର ରୂପେ ନିଯୁକ୍ତି ପାଇଥିଲେ। ଏହାବ୍ୟତୀତ ମିତାଲି ମଧୁମିତା ଲ୍ୟୁଟ୍‌ନାଣ୍ଟ କର୍ନେଲ୍ ୨୦୦୦ ମସିହାରେ କମିଶନ୍ଡ ହୋଇଥିଲେ। ସେ ମଧ୍ୟ 'ସେନା ମେଡାଲ' ଲାଭ କରିଥିଲେ ୨୦୧୦ର କାବୁଲସ୍ଥିତ ଭାରତୀୟ ଦୂତାବାସ ଆକ୍ରମଣ ସମୟରେ ପ୍ରଦର୍ଶନ କରିଥିବା ସାହସିକତା ପାଇଁ। ପ୍ରଥମ ବ୍ୟାଚ୍ ମହିଳା ଅଫିସରମାନଙ୍କ ମଧ୍ୟରେ ଅଞ୍ଜନା ଭାଦୁରିଆ ୧୯୯୨ରେ ସ୍ୱର୍ଣ୍ଣପଦକ ବିଜୟିନୀ ହୋଇଥିଲେ। ତାଙ୍କ ସହିତ ପ୍ରିୟା ଝିଙ୍ଗାନ୍ ମଧ୍ୟ ଅସାଧାରଣ କୃତିତ୍ୱ ପ୍ରଦର୍ଶନ କରିଥିଲେ। ୨୦୧୦ରେ କମିଶନ୍ଡ ହୋଇଥିବା ମହିଳା ଅଫିସର ଦିବ୍ୟା ଅଜିତ କୁମାର ବୀରତ୍ୱର ଖଡ୍‌ଗ ଲାଭ କରିଥିଲେ। ସେ ୧୫୪ଜଣ ମହିଳା ଅଫିସରଙ୍କର ୨୦୧୫ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ନେତୃତ୍ୱ ନେଇଥିଲେ। ପାନେଭିଲାଲିଜୀ ସେନା ଇଣ୍ଟେଲିଜେନ୍ସ ବାହିନୀରେ ୨୦୧୧ରେ ଯୋଗଦେଇଥିଲେ ଓ ସେ ପ୍ରଥମ ମହିଳା ଅଫିସର ଭାବେ ସେନା ମୁଖ୍ୟଙ୍କର 'କି ଏଡ୍' ଥିଲେ। କ୍ୟାପଟେନ୍ ସ୍ୱାତୀ ସିଂ ପ୍ରଥମ ମହିଳା ଇଞ୍ଜିନିୟର ଭାବେ ୬୩ ବି ଗ୍ରେଡ୍ ଭାରତୀୟ ସେନାର ଦୁର୍ଗମ 'ନାଥୁଲା' ପାସ୍‌ରେ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଲ୍ୟୁଟ୍‌ନାଣ୍ଟ ସୋଫିଆ କ୍ୟୁରେସୀ ୨୦୧୬ରେ ASEAN ପ୍ଲସ୍ ଅନ୍ତର୍ଜାତୀୟ କ୍ଷେତ୍ର ତାଲିମର ସଫଳ ନେତୃତ୍ୱ ନେଇଥିଲେ। ସେହିପରି ଭାରତୀୟ ବାୟୁସେନାରେ ୧୯୯୪ରେ ଫ୍ଲାଇଟ୍ ଅଫିସର ରୂପେ (୧୯୯୯ ମେ-ଜୁଲାଇ) କାର୍‌ଗିଲ୍ ଯୁଦ୍ଧରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦୀପିକା ମିଶ୍ର ପ୍ରଥମଥର ପାଇଁ 'IAF' ଭାରତୀୟ ବାୟୁସେନାର ପାଇଲଟ୍ ରୂପେ ହେଲିକପ୍ଟର ଏରୋବିକ୍ ଟିମ୍‌କୁ ତାଲିମ ପ୍ରଦାନ କରିଥିଲେ।

ଫ୍ଲାଇଟ୍ ଲ୍ୟୁଟ୍‌ନାଣ୍ଟ ନିବେଦିତା ଚୌଧୁରୀ ପ୍ରଥମଥର ପାଇଁ ଏଭରେଷ୍ଟ ବିଜୟିନୀ ହୋଇଥିଲେ। ୨୦୧୫ରେ ୯୪ ଜଣ ପାଇଲଟ, ୧୪ ନାଭିଗ୍ରେଟରଙ୍କ ସହିତ ୧୫୦୦ରୁ ଉର୍ଦ୍ଧ୍ୱ ମହିଳା ଭାରତୀୟ ବାୟୁସେନାରେ କାର୍ଯ୍ୟରତ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସର୍ବୋଚ୍ଚ ପଦବୀ (ସେନାର ଦ୍ୱିତୀୟ ଉଚ୍ଚତମ)ରେ ଅବସ୍ଥାପିତ ହେବାରେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ପୁନୀତା ଆରୋରା ଥିଲେ ପ୍ରଥମ ମହିଳା। ସେ ଆର୍ମି ମେଡିକାଲ କୋରରେ ୧୯୬୮ ମସିହାରେ କମିଶନ୍ଡ ହୋଇଥିଲେ। ସେ ମଧ୍ୟ ଥିଲେ ନୌବାହିନୀର ପ୍ରଥମ ମହିଳା ଭାଇସ୍ ଆଡ୍‌ମିରାଲ। ସେହିଭଳି ବାୟୁସେନାର ପଦ୍ମାବତୀ ବନ୍ଦୋପାଧ୍ୟାୟ ପ୍ରଥମ ମହିଳା ଏୟାର ମାର୍ଶାଲ୍ ରୂପେ ଅବସ୍ଥାପିତ ହୋଇଥିଲେ। ଡ. ସୀମା ରାଓଙ୍କୁ ଭାରତର 'ୱାଣ୍ଡର ଓମ୍ୟାନ୍' ବା ଆଶ୍ଚର୍ଯ୍ୟ ମହିଳା ବୋଲି କୁହାଯାଇଥାଏ। ସେ ୧୫,୦୦୦ରୁ ଉର୍ଦ୍ଧ୍ୱ କମାଣ୍ଡୋଙ୍କୁ (ଯଥା ଏନ୍‌ଏସ୍‌ଜି ବ୍ଲାକ୍ କ୍ୟାଟ୍‌ସ, ମାର୍କୋସ, ଗାର୍ଡ ଇତ୍ୟାଦି) ନିରବଚ୍ଛିନ୍ନ ଭାବେ ୨୦ ବର୍ଷ ଧରି ତାଲିମ ଓ ଦିଗ୍‌ଦର୍ଶନ ଦେଇଆସିଛନ୍ତି। 'ଭାରତୀୟ ତଟରକ୍ଷକ' (ଇଣ୍ଡିଆନ୍ କୋଷ୍ଟଗାର୍ଡ)ରେ ଜାନୁୟାରୀ ୨୦୧୭ରେ ପ୍ରଥମଥର ପାଇଁ ୪ଜଣ ମହିଳା ଅଧିକାରୀ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଅନୁରାଧା ଶୁକ୍ଳା, ସ୍ନେହା, କଥ୍ୟାଟ୍, ସିରିନ୍ ଚନ୍ଦ୍ରନ୍ ଓ ବସୁନ୍ଧରା ଚକ୍ବି କଣ୍ଟାକ୍ଟ ବୋର୍ଡରେ ନିଯୁକ୍ତି ପାଇଥିଲେ । ୨୦୧୬ ଏପ୍ରିଲରେ ଆସାମ ରାଇଫଲ୍ସରେ ୧୦୦ ମହିଳା ସୈନିକଙ୍କ ପ୍ରଥମ ବ୍ୟାଚ୍‌କୁ ଭର୍ତ୍ତି କରାଯାଇଥିଲା। ୧୯୬୨ରେ ସୃଷ୍ଟି କରାଯାଇଥିବା ସ୍ୱତନ୍ତ୍ର ସୀମାବଳ ୧୯୭୨ରେ ଚାଇନା - ଭାରତ ଯୁଦ୍ଧ ସମୟରେ ୫୦୦ ମହିଳାଙ୍କୁ ମେଡିକାଲ, ସିଗ୍‌ନାଲ୍ ଓ ଅଫିସ୍ କର୍ମରେ ନିଯୁକ୍ତି ପ୍ରଦାନ କରିଥିଲେ। ମାର୍ଚ୍ଚ ୨୦୧୬ରେ କେନ୍ଦ୍ର ସଶସ୍ତ୍ର ପୋଲିସ ବାହିନୀ, କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ, ସୀମା ସୁରକ୍ଷା ବଳ, ଇଣ୍ଡୋ ତିବେତାନ୍ ସୀମା ପୋଲିସ, ଏସ୍‌ଏସ୍‌ବି, ସିଆଇଏସ୍‌ଏଫ୍ ଇତ୍ୟାଦିରେ ସିଧାସଳଖ ମହିଳାମାନଙ୍କୁ ପର୍ଯ୍ୟାୟକ୍ରମେ ଅନ୍ତର୍ଭୁକ୍ତ କରାଗଲା। ୨୦୧୬ ମାର୍ଚ୍ଚରେ ଗୃହମନ୍ତ୍ରୀ ରାଜନାଥ ଆଇପିଏଫ୍ ଓ ସିଆଇଏସ୍‌ଏଫ୍‌ରେ ୩୫% ମହିଳାଙ୍କୁ ନିଯୁକ୍ତି ଦେବାର ଘୋଷଣା କରିଥିଲେ। ଏବେ ଭାରତୀୟ ବାୟୁସେନାରେ ମହିଳା ପାଇଲଟ୍‌ମାନେ ନିଯୁକ୍ତି ପାଉଛନ୍ତି। ସ୍ଥଳ ଓ ନୌସେନାରେ ମଧ୍ୟ ସାହସ ଓ ଧୈର୍ଯ୍ୟର ସହିତ କାର୍ଯ୍ୟରତ ଅଛନ୍ତି। ନିମ୍ନରେ ୧୩ ଜଣ ଉଚ୍ଚ ପଦବୀରେ ଅଧିଷ୍ଠିତ ମହିଳା ସେନା ଅଫିସରଙ୍କ ସମ୍ୟକ୍ ତଥ୍ୟ ଦିଆଯାଇଛି।

**୧. ପୁନୀତା ଆରୋରା:** ପ୍ରଥମ ମହିଳା ଲ୍ୟୁଟ୍‌ନାଣ୍ଟ ଜେନେରାଲ, ପ୍ରଥମ ମହିଳା ଭାଇସ୍ ଆଡ୍‌ମିରାଲ। ୨୦୦୪ରେ ଆର୍ମଡ ସର୍ଭିସେସ୍ ମେଡିକାଲ କଲେଜର କମାଣ୍ଡର ଥିଲେ।

**୨. ପଦ୍ମାବତୀ ବନ୍ଦୋପାଧ୍ୟାୟ:** ବାୟୁସେନାର ପ୍ରଥମ ଏୟାର ମାର୍ଶାଲ୍, ଭାରତୀୟ ବାୟୁସେନାରେ ୧୯୬୮ରେ ଯୋଗଦେଇଥିଲେ। ପ୍ରଥମ ଆଭିଏଶନ୍ ମେଡିସିନ୍ ସ୍ପେସିଆଲିଷ୍ଟ ୧୯୭୧ ଭାରତ - ପାକିସ୍ତାନ ଯୁଦ୍ଧରେ ଯୋଗଦେଇଥିଲେ।

**୩. ମିତାଲି ମଧୁମିତା:** ୨୦୧୧ ଫେବୃୟାରୀରେ ସେନା ପଦକ ପାଇଥିଲେ। ଲ୍ୟୁଟ୍‌ନାଣ୍ଟ କର୍ନେଲ୍ ପଦବୀରେ ଅବସ୍ଥାପିତ ହୋଇଥିଲେ।

**୪. ପ୍ରିୟା ଝିଙ୍ଗାନ୍:** ୨୧ ସେପ୍ଟେମ୍ବର ୧୯୯୨ରେ ପ୍ରଥମ ସେନା ମହିଳା କ୍ୟାଡେଟ୍ ଭାବେ ଯୋଗ ଦେଇଥିଲେ। ସେ ମହିଳାମାନଙ୍କର ମୁଖ୍ୟ ଭୂମିକା ନେଇଥିଲେ।

**୫. ଦିବ୍ୟା ଅଜିତ୍ କୁମାର:** ପ୍ରଥମ ମହିଳା ସେନା ଅଧିକାରୀ। ୨୦୧୫ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ୧୫୪ ମହିଳା ସେନାଙ୍କର ନେତୃତ୍ୱ ନେଇଥିଲେ।

**୬. ନିବେଦିତା ଚୌଧୁରୀ:** ପ୍ରଥମ ବାୟୁସେନା ମହିଳା ଅଧିକାରୀ। ସେ ଏଭରେଷ୍ଟ ଆରୋହଣ କରିଥିଲେ।

**୭. ଅଞ୍ଜନା ଭାଦୁରିଆ:** ସ୍ୱର୍ଣ୍ଣପଦକ ପାଇବାରେ ପ୍ରଥମ ମହିଳା ସେନା ଅଧିକାରୀ।

**୮. ଦୀପିକା ମିଶ୍ର:** ୨୦୦୬ରେ ପ୍ରଥମ ମହିଳା ଭାବେ ବିମାନ ଉଡାଣ ତାଲିମ ନେଇଥିଲେ।

**୯. ସୋଫିଆ କ୍ୟୁରେସୀ:** ଏସିଆନ୍ ପ୍ଲସ ଅନ୍ତର୍ଜାତୀୟ ସ୍ତରର ତାଲିମରେ ମୁଖ୍ୟ ଥିଲେ। ପ୍ରଥମ ସେନା ମହିଳା ଅଧିକାରୀ ଭାବେ ମୁଖ୍ୟ ଦାୟିତ୍ୱ ନେଇଥିଲେ।

**୧୦. ଶାନ୍ତି ଟିଗା:** ସେନାର ପ୍ରଥମ ମହିଳା ଯବାନ, ବିଶିଷ୍ଟ ଗନର ଥିଲେ।

**୧୧. ଗାନେଭି ଲାଲିଜି:** ପ୍ରଥମ କି ଏଡ୍ ଟୁ ଆର୍ମି କମାଣ୍ଡର ଥିଲେ।

**୧୨. ଗୁଞ୍ଜନ୍ ସାକ୍‌ସେନା:** ପ୍ରଥମ ମହିଳା ଫ୍ଲାଇଟ୍ ଅଫିସର। କାର୍‌ଗିଲ ଯୁଦ୍ଧରେ ୧୨ରୁ ଅଧିକ ଥର ବିମାନ ଉଡ଼ାଣ ଭରିଥିଲେ।

**- ଡା. ରାମଚନ୍ଦ୍ର ରାଉତ**
୯୩୩୭୨୦୩୯୪୮

## ଫ୍ୟାଶନ



**ଶୀତଦିନେ ଥଣ୍ଡାରୁ ବର୍ତ୍ତିବା ପାଇଁ ସମସ୍ତେ ଶୀତବସ୍ତ୍ର ଆପଣାଇଥାନ୍ତି। ତେବେ କିପରି ଶୀତ ପୋଷାକ ପିନ୍ଧି ଆପଣ ଲାଗିବେ ଫ୍ୟାଶନେବୁଲ୍ ଜାଣନ୍ତୁ ସେ ସମ୍ପର୍କରେ କିଛି ଟିପ୍ସ...**

- ସ୍ମାର୍ଟ ଲୁକ୍ ପାଇଁ ରାଉଣ୍ଡ୍ ନେକ୍‌ର ସ୍ୱେଟର ସହ ହ୍ୱାଇଟ୍ ଶାର୍ଟ ଲେୟର କରନ୍ତୁ। ଏହା ସହିତ ଟ୍ରେଞ୍ଚ କୋଟ୍ ପିନ୍ଧନ୍ତୁ, ଯାହାକି ସବୁବେଳେ ଫ୍ୟାଶନ୍‌ରେ ରହିଥାଏ। ଏହା ଆପଣଙ୍କୁ ଅଲଗା ଲୁକ୍ ଦେଇଥାଏ।
- ଶୀତଦିନେ ଗ୍ରେ, ଡ୍ୟାକ୍ ବ୍ରାଉନ୍, ଗାଢ଼ ନୀଳ, ବାଇଗଣୀ ଆଦି ଗାଢ଼ ରଙ୍ଗର ସ୍ୱୋର୍ଟ ଆଉଟ୍‌ଫିଟ୍ ପିନ୍ଧନ୍ତୁ, ଯାହାକି ଆପଣଙ୍କୁ ଫ୍ୟାଶନେବୁଲ୍ ଲୁକ୍ ଦେବ।
- କମ୍ପ୍ଲିଟ୍ ଲୁକ୍ ପାଇଁ ମଫଲର, ନେକ୍ ୱାର୍ମର ଏବଂ ଗ୍ଲୋବ୍‌ସ ପିନ୍ଧିପାରିବେ, ଯାହାକି ଫ୍ୟାଶନ୍ ସହ ଆପଣଙ୍କୁ ଶୀତରୁ ମଧ୍ୟ ରକ୍ଷା କରିବ।
- ଶୀତଦିନିଆ କପଡ଼ାର ଲେୟାରିଂ କେବଳ ଆରାମଦାୟକ ନୁହେଁ, ବରଂ ଫ୍ୟାଶନେବୁଲ୍ ଲାଗିଥାଏ। ଏହିଦିନେ ମେରିନୋ ଉଲ୍ ଉତ୍ତମ ଫ୍ୟାବ୍ରିକ୍ ପରି କାମ କରିଥାଏ।

# ବଦଳାନ୍ତୁ ଏଭଳି ଅଭ୍ୟାସ

ବିଳମ୍ବିତ ରାତିରେ ଶୋଇବା ଏବେ ଅନେକଙ୍କର ଅଭ୍ୟାସ ହୋଇଗଲାଣି। କିନ୍ତୁ ରିସର୍ଚ୍ଚ କହେ ରାତିରେ ୭ ରୁ ୮ ଘଣ୍ଟା ଶୋଇବା ସ୍ୱାସ୍ଥ୍ୟ ପାଇଁ ଭଲ। କିଛି ଲୋକଙ୍କୁ ତ ରାତିରେ ଠିକ୍ ଭାବେ ନିଦ ହୁଏନାହିଁ। ଯଦ୍ୱାରା ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦିଏ। ଜାଣନ୍ତୁ କିଛି ଟିପ୍ସ, ଯଦ୍ୱାରା ରାତିରେ ଠିକ୍ ଭାବେ ନିଦ ହେବା ସହ ସୁସ୍ଥ ବି ରହିପାରିବେ।

**ଶୋଇବା ସମୟ ସ୍ଥିର କରନ୍ତୁ-** ଯଦି ଆପଣ ବୟସ୍କ, ତେବେ ପ୍ରତିଦିନ ସାଢ଼େ ୭ଘଣ୍ଟାରୁ ୮ ଘଣ୍ଟା ଶୁଅନ୍ତୁ। କାରଣ ଏହି ବୟସରେ ଅଧିକ ନିଦର ଆବଶ୍ୟକତା ରହିଛି।

**ଶୋଇବା ପୂର୍ବରୁ ନିଶାଦ୍ରବ୍ୟ ସେବନ କରନ୍ତୁ ନାହିଁ-** ଶୋଇବା ପୂର୍ବରୁ ରାତିରେ ଚା, କଫି ଆଦି ସେବନ କରନ୍ତୁ ନାହିଁ। କାରଣ ଏହାର ପ୍ରଭାବ ଅଧିକ ସମୟ ପର୍ଯ୍ୟନ୍ତ ରହିଥାଏ। ଫଳରେ ଆପଣ ଚାହିଁଲେ ବି ଶୀଘ୍ର ଶୋଇପାରିବେ ନାହିଁ।


**ଅଧିକ ଖାଦ୍ୟ ଖାଆନ୍ତୁ ନାହିଁ-** ରାତିରେ ଶୋଇବାର ୨ ଘଣ୍ଟା ପୂର୍ବରୁ ଖାଦ୍ୟ ଖାଆନ୍ତୁ। ଶୋଇବାର ଅଳ୍ପ ସମୟ ପୂର୍ବରୁ ଅଧିକ ଖାଦ୍ୟ ଖାଇ ଶୋଇଲେ ଶରୀରରେ କଷ୍ଟ ଅନୁଭବ କରିବେ ଏବଂ ଏଥିପାଇଁ ବେଳେବେଳେ ଅନିଦ୍ରା ମଧ୍ୟ ରହିବାକୁ ପଡ଼ିଥାଏ।

**ଉତ୍ତମ ବାତାବରଣ-** ରାତିରେ ଶୋଇବା ପୂର୍ବରୁ ବହି ପଢ଼ନ୍ତୁ। ମୁଡ୍ ଠିକ୍ ରଖିବା ପରି ଗୀତ ଶୁଣନ୍ତୁ। ଆପଣ ଚାହିଁଲେ ଭଲ ଭାବେ ଗାଧୋଇ ପାରିବେ। ଏହାଛଡ଼ା ଆପଣଙ୍କ ଶୋଇବା ସ୍ଥାନ ଆରାମଦାୟକ ହେବା ଦରକାର।

**ଥକା ଲାଗିଲେ-** ଆପଣଙ୍କୁ ଥକା ଲାଗିବାମାତ୍ରେ ତୁରନ୍ତ ଶୋଇପଡ଼ନ୍ତୁ। ଜବରଦସ୍ତି ବିଳମ୍ବିତ ରାତିଯାଏ ଚେଇଁ ରୁହନ୍ତୁ ନାହିଁ।

**ଶୀଘ୍ର ଶୋଇବା ପାଇଁ ଖାଆନ୍ତୁ-** ଚେରି, କ୍ଷୀର, ବାଦାମ, କଦଳୀ ଓ ସିଝାଅଣ୍ଡା ଖାଇବା ସହ ହର୍ବାଲ ଚା ପିଅନ୍ତୁ। ଫଳରେ ଆପଣଙ୍କୁ ଶୀଘ୍ର ନିଦ ଆସିଯିବ।

**ରାତିରେ ଶୀଘ୍ର ଶୋଇବାର ଫାଇଦା-** ରାତିରେ ଶୀଘ୍ର ଶୋଇବା ଦ୍ୱାରା ଟେନ୍‌ସନ୍ କମ୍ ହୋଇଥାଏ। ଓଜନ ବି କମ୍ ହୋଇଥାଏ। ସକାଳେ ଉଠିଲେ ଫ୍ରେଶ୍ ଲାଗିଥାଏ। ସ୍ମରଣଶକ୍ତି ବୃଦ୍ଧି ପାଇଥାଏ।



## ଖାଦ୍ୟରୁଚି

# କେଶରୀ ଶ୍ରୀଖଣ୍ଡ



**ଆବଶ୍ୟକ ସାମଗ୍ରୀ :** ଚିମୁଟାଏ କେଶର, ୧ କେଜି ଦହି, ଚିନି ଏକତୃତୀୟାଂଶ, ଉଷୁମ କ୍ଷୀର ୨ ବଡ଼ ଚାମଚ, ଚିମୁଟାଏ ଜାଇଫଳ, ଏକଚତୁର୍ଥାଂଶ ଅଳେଇଚ ପାଉଡ଼ର, ଛୋଟ ଛୋଟ ନଡ଼ିଆ ଖଣ୍ଡ, ୫/୬ଟି ଚୋପା ଛଡ଼ାଯାଇଥିବା ସିଝା ଆଲ୍‌ମଣ୍ଡ ବାଦାମ, ୮/୧୦ଟି ଚୋପା ଛଡ଼ାଯାଇଥିବା ସିଝା ପେସ୍ତା ବାଦାମ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବହଳିଆ ଦହି ପ୍ରସ୍ତୁତ କରନ୍ତୁ। ଏଥିପାଇଁ ଏକ ବଡ଼ ବାଉଲ୍ ଆଣି ତା'ଉପରେ ଛଣା ଜାଲି ରଖି ତା' ଉପରେ କଟନ୍ କପଡ଼ା ରଖନ୍ତୁ। ଏହା ଉପରେ ଦହି ଢାଳନ୍ତୁ। ଦହିରୁ ଭଲଭାବେ ପାଣି ନିଗାଡ଼ିବା ପରେ ରେଫ୍ରିଜରେଟରରେ ୪-୫ ଘଣ୍ଟା କିମ୍ବା ରାତିସାରା ରଖନ୍ତୁ। ପରେ ହେମଦସ୍ତାରେ କେଶରକୁ ଭଲଭାବେ ଗୁଣ୍ଡ କରନ୍ତୁ। ମାଇକ୍ରୋୱେଭରେ କିଛି ସମୟ କ୍ଷୀର ଗରମ କରନ୍ତୁ। ଗୁଣ୍ଡ କରିଥିବା କେଶରକୁ କ୍ଷୀରରେ ମିଶାଇ ଭଲ ଭାବେ ଗୋଳାନ୍ତୁ। ବହଳିଆ ଦହିକୁ ଏକ ବାଉଲ୍‌ରେ ରଖନ୍ତୁ। ଚିନିକୁ ଗ୍ରାଇଣ୍ଡିଂ କରି ପାଉଡ଼ର ପ୍ରସ୍ତୁତ କରି ଏଥିରେ ମିଶାନ୍ତୁ। ଏହା ସହିତ କେଶର କ୍ଷୀର ମିଶାଇ ଭଲ ଭାବେ ଗୋଳାନ୍ତୁ, ଯେପରିକି ଦହି ଗୋଟା ଗୋଟା ନ ରହିବ। କିନ୍ତୁ ଏହାକୁ ଗ୍ରାଇଣ୍ଡିଂ କରନ୍ତୁ ନାହିଁ। କାରଣ ଏହା ବହଳିଆ ହେବା ଆବଶ୍ୟକ। ଏବେ ଏଥିରେ ଅଳେଇଚ ପାଉଡ଼ର, ଜାଇଫଳ ପାଉଡ଼ର, ପେସ୍ତାବାଦାମ ଓ ଆଲ୍‌ମଣ୍ଡ୍ ଏବଂ ନଡ଼ିଆର ଛୋଟ ଛୋଟ ଖଣ୍ଡ ପକାଇ ଭଲ ଭାବେ ମିଶାନ୍ତୁ। ପ୍ରସ୍ତୁତ ହୋଇଗଲା ଶ୍ରୀଖଣ୍ଡ। ଚିଲ୍‌ଡ ରହିବା ପାଇଁ ରେଫ୍ରିଜରେଟରରେ ରଖନ୍ତୁ। ଆଉ ଥଣ୍ଡା ଥଣ୍ଡା ସର୍ଭ କରନ୍ତୁ।



ଧରିତ୍ରୀ DHARITRI
Tuesday, 15 January 2019





“ ପ୍ରଗତିଶୀଳ ଅର୍ଥନୀତିଗୁଡ଼ିକ ସେମାନଙ୍କ ଋଣ ପରିଚାଳନା ଧାରା ଏବଂ ସଂସ୍କାର ପ୍ରକ୍ରିୟା ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରିବା ଆବଶ୍ୟକ।
– କ୍ରିଷ୍ଟାଲିନା ଜିଓର୍ଜିଏଭା, ସିଇଓ, ବିଶ୍ୱ ବ୍ୟାଙ୍କ



“ କୃଷକଙ୍କୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ପ୍ରଦାନ କରିବା ଦିଗରେ କେନ୍ଦ୍ର ସରକାର ବିଭିନ୍ନ ଯୋଜନାକୁ ଗୁରୁତ୍ୱ ଦେଉଛନ୍ତି।
– ହରସିମରତ କୌର ବାଦଲ, କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରୀ

## ସଂକ୍ଷେପରେ

### ୩୦ହଜାର କୋଟି ଟପିବ ସାର ସବ୍‌ସିଡି

ନୂଆଦିଲ୍ଲୀ,୧୪-୧: ଚଳିତ ଆର୍ଥିକ ବର୍ଷରେ ଦେଶର ସାର ବାବଦ ସବ୍‌ସିଡି ୩୦ ହଜାର କୋଟି ଟଙ୍କାରୁ ଅଧିକ ହୋଇପାରେ। କେନ୍ଦ୍ର ସରକାର ଅତିରିକ୍ତ ପାଣ୍ଠି ଯୋଗାଣ ଲାଗି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକଠାରୁ ସହାୟତା ନେଇପାରନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। କେନ୍ଦ୍ର ସରକାର ୨୦୧୮-୧୯ ଆର୍ଥିକ ବର୍ଷ ଲାଗି ସାର ସବ୍‌ସିଡି ବାବଦରେ ୭୦,୦୮୦ କୋଟି ଟଙ୍କା ବ୍ୟୟ କରିବେ ବୋଲି ବଜେଟ୍‌ରେ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ପ୍ରାୟ ଅର୍ଦ୍ଧାଧିକ ଟଙ୍କା ଗତ ଆର୍ଥିକ ବର୍ଷର ବକେୟା ବାବଦରେ ଖର୍ଚ୍ଚ ହୋଇସାରିଲାଣି। ଉକ୍ତ ସୂତ୍ର କହିଛି ଯେ, ବିଦେଶରେ ସାର ଦର ବଢ଼ିବା ଏବଂ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପାଇବା ଯୋଗୁ ସାର ଆମଦାନୀ ମହଙ୍ଗା ହୋଇଛି। ଏହି କାରଣରୁ ଚଳିତ ଆର୍ଥିକ ବର୍ଷ ଲାଗି ସାର ସବ୍‌ସିଡି ୧ ଲକ୍ଷ କୋଟି ଟଙ୍କାକୁ ଟପିଯିବ ବୋଲି ମନେ କରାଯାଉଛି। ଅର୍ଥ ମନ୍ତ୍ରଣାଳୟ ଅତିରିକ୍ତ ବୋଝ ବୋହିବାକୁ ମନା କରିଦେବା ପରେ ସାର ଓ ରସାୟନ ମନ୍ତ୍ରଣାଳୟ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଆପଣାଇବାକୁ ଯାଉଛନ୍ତି।

### ଅର୍ଥ ସଚିବଙ୍କ କାର୍ଯ୍ୟକାଳ ମାସେ ବୃଦ୍ଧି, ଅର୍ଥ କମିଶନ ସଦସ୍ୟ ହେଲେ

ନୂଆଦିଲ୍ଲୀ,୧୪-୧: କେନ୍ଦ୍ର ଅର୍ଥ ସଚିବ ଅଜୟ ନାରାୟଣ ଝାଙ୍କ କାର୍ଯ୍ୟକାଳକୁ ଆହୁରି ଏକ ମାସ ବଢ଼ାଇ ଦିଆଯାଇଛି। ସୋମବାର ପର୍ସୋନେଲ ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ନିର୍ଦ୍ଦେଶ ଜାରି କରାଯାଇଛି। ଝାଙ୍କ କାର୍ଯ୍ୟକାଳ ଚଳିତ ମାସ ୩୧ରେ ଶେଷ ହେଉଥିଲା। ଶକ୍ତିକାନ୍ତ ଦାସ ରିଜର୍ଭ ବ୍ୟାଙ୍କ ଗଭର୍ନର ହେବା ପରେ ଅର୍ଥ କମିଶନର ସଦସ୍ୟ ସ୍ଥାନଟି ଖାଲି ପଡିଥିଲା। ସେହି ସ୍ଥାନରେ ଝାଙ୍କୁ ଅବସ୍ଥାପିତ କରାଯାଇଛି। ଏ ସଂକ୍ରାନ୍ତରେ ନିଯୁକ୍ତି ସଂକ୍ରାନ୍ତୀୟ କମିଟି ନିଷ୍ପତ୍ତି ନେଇଛି ବୋଲି ନିର୍ଦ୍ଦେଶରେ କୁହାଯାଇଛି।

### ମିନ୍ତ୍ରା, ଜବଙ୍ଗରୁ ଅନନ୍ତ ନାରାୟଣନଙ୍କ ଇସ୍ତଫା



ନୂଆଦିଲ୍ଲୀ,୧୪-୧: ଫ୍ୟାଶନ ଇ-ଟେଲର ମିନ୍ତ୍ରା ଓ ଜବଙ୍ଗର ସିଇଓ ପଦରୁ ଅନନ୍ତ ନାରାୟଣନ ଇସ୍ତଫା ଦେଇଛନ୍ତି। ତାଙ୍କ ସ୍ଥାନରେ ଅମର ନଗରମଙ୍କୁ ଉକ୍ତ ଦୁଇଟି କମ୍ପାନୀର ସିଇଓ ପଦରେ ନିଯୁକ୍ତ କରାଯାଇଛି। ସେ ଫ୍ଲିପ୍‌କାର୍ଟ ଗ୍ରୁପ୍ ସିଇଓ କଲ୍ୟାଣ କୃଷ୍ଣମୂର୍ତ୍ତିଙ୍କ ନିକଟରେ ଉତ୍ତରଦାୟୀ ରହିବେ। ଦୀର୍ଘ ୭ ବର୍ଷ ହେଲା ଅମର ଫ୍ଲିପ୍‌କାର୍ଟ ସହ ଜଡିତ ରହିଛନ୍ତି। ମୋବାଇଲ ଜରିଆରେ ଶପିଂକୁ ଲୋକପ୍ରିୟ କରାଇବାରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ବିନ୍ନି ବଂଶଲଙ୍କ ଇସ୍ତଫା ପରେ ଅନନ୍ତ ଖୁବଶୀଘ୍ର ନିଜ ପଦରୁ ଓହରିଯିବେ ବୋଲି ଚର୍ଚ୍ଚା ହେଉଥିଲା। ତାଙ୍କ ନେତୃତ୍ୱରେ ମିନ୍ତ୍ରା ଓ ଜବଙ୍ଗ ଫ୍ୟାଶନ ଇ-କମର୍ସରେ ଶୀର୍ଷ ସ୍ଥାନ ହାସଲ କରିପାରିଛି। ଅନନ୍ତ ତାଙ୍କର ନୂଆ ଇନିଂସ କଣ୍ଟେଣ୍ଟ ଷ୍ଟ୍ରିମିଂ ପ୍ଲାଟଫର୍ମ ହଟ୍‌ଷ୍ଟାରରେ ଆରମ୍ଭ କରିପାରନ୍ତି। ତେବେ ଏ ସଂକ୍ରାନ୍ତରେ ସ୍ଥିତି ସ୍ପଷ୍ଟ ହୋଇନାହିଁ।

## ଚାଷୀଙ୍କ ମୁହଁରେ ହସ ଫୁଟାଇବା ଉଦ୍ୟମ

# ତେଲେଙ୍ଗାନାର ପଦାଙ୍କ ଅନୁସରଣ କରିପାରେ କେନ୍ଦ୍ର

ନୂଆଦିଲ୍ଲୀ,୧୪-୧



ନିକଟରେ ୩ଟି ରାଜ୍ୟର ବିଧାନସଭା ନିର୍ବାଚନରେ ପରାଜୟ ପରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଆଉ ଚାଷୀଙ୍କୁ ଅଣଦେଖା କରିବାକୁ ଚାହୁଁନାହାନ୍ତି। ସେମାନଙ୍କ ମୁହଁରେ ହସ ଫୁଟାଇ ନିଜ ଆଡକୁ ଆକର୍ଷିତ କରିବା ଲାଗି କେନ୍ଦ୍ର ସରକାର ଏକ ଟ୍ରମ୍ପ କାର୍ଡ ଖେଳିପାରନ୍ତି। କେନ୍ଦ୍ର ସରକାର କୃଷକଙ୍କୁ ମାସକୁ ଏକ ନିର୍ଦ୍ଧାରିତ ଅଙ୍କର ପାଣ୍ଠି ଦେଇପାରନ୍ତି। ଏହା କେନ୍ଦ୍ରୀୟ ସ୍ତରରେ ଏକ ନୂଆ ଚାଷୀ ସହାୟକ ଯୋଜନା ହେବାକୁ ଯାଉଥିଲେ ହେଁ ଏହାର ପ୍ରେରଣା ତେଲେଙ୍ଗାନାରୁ ମିଳିଛି ବୋଲି କୁହାଯାଉଛି। ଅସଲରେ ତେଲେଙ୍ଗାନାର କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାର 'ରାୟଥୁ ବନ୍ଧୁ' ନାମରେ ଏକ ଚାଷୀ ସହାୟକ ଯୋଜନା ପ୍ରଣୟନ କରିଛନ୍ତି। ଏହି ଯୋଜନାର ପ୍ରଭାବ ଏତେ ଥିଲା ଯେ, ଗତବର୍ଷ ନଭେମ୍ବରରେ ଦିଲ୍ଲୀରେ ସାରା ଦେଶର ଚାଷୀ ଏକାଠି ହୋଇ କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜି ଥିଲା ବେଳେ ତେଲେଙ୍ଗାନାର ଜଣେ ହେଲେ ଚାଷୀ ସେଥିରେ ସାମିଲ ହୋଇ ନ ଥିଲେ। ଚାଷୀ ବିରୋଧୀ ମନୋଭାବ କାରଣରୁ ଭାଜପା ସରକାର ୩ଟି ରାଜ୍ୟରେ କ୍ଷମତାଚ୍ୟୁତ ହୋଇଥିଲା। କିନ୍ତୁ ରାୟଥୁ ବନ୍ଧୁ ଯୋଜନା ଯୋଗୁ କେସିଆର୍ ପୁନର୍ବାର କ୍ଷମତାକୁ ଫେରିପାରିଛନ୍ତି। ୨୦୧୯ରେ ଚାଷୀଙ୍କୁ ଖୁସି କରି ଦ୍ୱିତୀୟଥର କ୍ଷମତାକୁ ଫେରିବାକୁ ଚାହୁଁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ତେଲେଙ୍ଗାନା ସରକାରଙ୍କ ଉକ୍ତ ଯୋଜନାକୁ କପି କରିବାକୁ ଯାଉଛନ୍ତି। ଏନେଇ ଗଭୀର ଭାବେ ବିଚାର ବିମର୍ଶ ଚାଲିଛି। ଅସଲରେ ତେଲେଙ୍ଗାନା ସରକାର ଉକ୍ତ ଯୋଜନାରେ ପ୍ରତି ଚାଷ ସିଜନରେ ଏକର ପିଛା ୪ ହଜାର ଟଙ୍କା ଲେଖାଏ ବର୍ଷକୁ ଦୁଇଥର ଅର୍ଥାତ୍ ୮ ହଜାର ଟଙ୍କା ଲେଖାଏ ଚାଷୀଙ୍କ ଆକାଉଣ୍ଟରେ ପଠାଇ ଦେଉଛନ୍ତି। ଏହାଦ୍ୱାରା ରାଜ୍ୟ ସରକାରଙ୍କ ଉପରେ ପ୍ରାୟ ୧୦ ହଜାର କୋଟି ଟଙ୍କାର ଅତିରିକ୍ତ ଆର୍ଥିକ ବୋଝ ପଡୁଛି। ତେଲେଙ୍ଗାନା ସରକାରଙ୍କ ଉକ୍ତ ଯୋଜନା ଯୋଗୁ ରାଜ୍ୟର ୫୭ ଲକ୍ଷ ଚାଷୀ ଉପକୃତ ହେଉଛନ୍ତି। ତେଲେଙ୍ଗାନାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଛତିଶଗଡ଼, ଝାଡ଼ଖଣ୍ଡ, ଓଡ଼ିଶା ଓ ପଶ୍ଚିମବଙ୍ଗ ଭଳି କେତେକ ରାଜ୍ୟ ଏଭଳି ଯୋଜନା ଆଣିବାକୁ ଯାଉଛନ୍ତି ଅଥବା ଘୋଷଣା କରିଛନ୍ତି। ବିଧାନସଭା ନିର୍ବାଚନ ପରେ କେନ୍ଦ୍ର କୃଷି ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ଏହି ଯୋଜନା ସମ୍ପର୍କରେ ତଥ୍ୟ ଲୋଡାଯାଇଛି।

## ଜିନି ଆଣ୍ଡ ଜନିର ନୂଆ ଷ୍ଟୋର



ଭୁବନେଶ୍ୱର,୧୪-୧

ଶିଶୁଙ୍କ ପୋଷାକ ବ୍ରାଣ୍ଡ ଜିନି ଆଣ୍ଡ ଜନି ପକ୍ଷରୁ ନୂଆ ଆଉଟଲେଟ ଭୁବନେଶ୍ୱରର ପାତ୍ରପଡ଼ାସ୍ଥିତ ଡିଏନ୍ ରେଗାଲିୟା ମଲରେ ଖୋଲିଛି। ଷ୍ଟୋରକୁ କମ୍ପାନୀର ପୂର୍ବାଞ୍ଚଳ ଜୋନାଲ ମୁଖ୍ୟ ଚନ୍ଦନ ମହାନ୍ତି ଏବଂ ଷ୍ଟୋରର ସ୍ୱତ୍ୱାଧିକାରୀ ଅରୁଣକାନ୍ତି ଦାସ ଶୁଭାରମ୍ଭ କରିଥିଲେ। ଏଠାରେ ଶିଶୁଙ୍କର ବିଭିନ୍ନ ବର୍ଗରେ ପୋଷାକପତ୍ର ଉପଲବ୍ଧ ହେବ। ଷ୍ଟୋରଟି ୯୦୦ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଛି। ଏହା ଭୁବନେଶ୍ୱରରେ କମ୍ପାନୀର ତୃତୀୟ ଷ୍ଟୋର। ଆସନ୍ତା ଆର୍ଥିକ ବର୍ଷ ସୁଦ୍ଧା ରାଜ୍ୟରେ ଆଉ ୧୦ ଷ୍ଟୋର ଖୋଲିବା ନେଇ ଯୋଜନା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏଠାରେ ୨୯୯ଟଙ୍କାଠାରୁ ୨,୯୯୯ ଟଙ୍କା ମଧ୍ୟରେ ଶିଶୁଙ୍କ ପୋଷାକପତ୍ର ଉପଲବ୍ଧ ହେବ।

## ୧୫୩ ଟଙ୍କାରେ ଦେଖିହେବ ୧୦୦ ଚାନେଲ

ନୂଆଦିଲ୍ଲୀ,୧୪-୧

**ଆଉ ମାଗଣା ଚାନେଲ ନାହିଁ**



ଟିଭି ଦର୍ଶକଙ୍କୁ ଫେବୃୟାରୀ ପହିଲାରୁ ୧୦୦ ଚାନେଲ ପାଇଁ ମାସକୁ ଅତିକମ୍‌ରେ ୧୫୩ ଟଙ୍କା ଦେବାକୁ ପଡ଼ିବ। ଏଥିରେ ସମସ୍ତ ଚାନେଲ ଫ୍ରି-ଟୁ ଏୟାର ରହିଛି ବୋଲି ଟେଲିକମ୍ ରେଗୁଲେଟୋରି ଅଥରିଟି ଅଫ୍ ଇଣ୍ଡିଆ(ଟ୍ରାଇ) କହିଛି। ଆଜି ଯାଏ ଦର୍ଶକ ଫ୍ରି-ଟୁ ଏୟାର ଚାନେଲ ପାଇଁ ଟଙ୍କା ଗଣୁ ନ ଥିବା ବେଳେ ଆଗାମୀ ଦିନରେ ଆଉ କିଛି ମାଗଣାରେ ପାଇବେ ନାହିଁ। ନୂଆ ବ୍ୟବସ୍ଥା ଆପଣାଇବା ଲାଗି ଟ୍ରାଇ ନିର୍ଦ୍ଦେଶ ପରେ ମୋବାଇଲରେ ଏସ୍‌ଏମ୍‌ଏସ୍ ଜରିଆରେ ଏ ସମ୍ପର୍କରେ ସୂଚନା ଦେବା ଆରମ୍ଭ ହୋଇଛି। ଏହାଛଡ଼ା ଟ୍ରାଇ ପକ୍ଷରୁ ୨ଟି ଫୋନ୍ ନମ୍ବର ଓ ଇ-ମେଲ୍ ଆଇଡି ଜାରି କରାଯାଇଛି, ଯାହା ମାଧ୍ୟମରେ ଦର୍ଶକ ସହଜରେ ଅଧିକ ସୂଚନା ପାଇପାରିବେ। ଟ୍ରାଇ ପକ୍ଷରୁ ସୂଚନା ଦିଆଯାଇଥିଲା ଯେ, ୧୦୦ ଫ୍ରି ଟୁ ଏୟାର ଚାନେଲ ପରେ ଦର୍ଶକ ଅଧିକ ଚାନେଲ ଦେଖିବାକୁ ଚାହିଁଲେ ଚାନେଲ ଅଥବା ବୁକେ ହିସାବରେ ଧାର୍ଯ୍ୟ ଦର ଦେବାକୁ ହେବ। ଯଦି ଜଣେ ଦର୍ଶକ ୧୦୦ରୁ ଅଧିକ ଚାନେଲ ଦେଖିବାକୁ ଚାହାନ୍ତି(ଏଭଳି ଦର୍ଶକଙ୍କ ସଂଖ୍ୟା ମାତ୍ର ୧୦ରୁ ୧୫%) ତେବେ ପରବର୍ତ୍ତୀ ୨୫ ଚାନେଲ ପାଇଁ ଅତିରିକ୍ତ ୨୦ ଟଙ୍କା ଦେବାକୁ ହେବ। ଟ୍ରାଇର ନିର୍ଦ୍ଦେଶ ଅନୁଯାୟୀ ବେସ୍ ପ୍ୟାକ୍‌ରେ ଏଚ୍‌ଡି ଚାନେଲ ସାମିଲ ହୋଇନାହିଁ। ତେବେ କିଛି ମିଡିଆ ଏଜେନ୍ସି ଏଚ୍‌ଡି ପ୍ୟାକ୍ ଚୟନ କରିବାର ସୁବିଧା ଦେଉଛନ୍ତି। ଗୋଟିଏ ଏଚ୍‌ଡି ଚାନେଲ ଦେୟ ଦୁଇଟି ଏସ୍‌ଡି ଚାନେଲ ସହ ସମାନ। ଗ୍ରାହକ ନିଜର ସେବା ଯୋଗାଣକାରୀଙ୍କଠାରୁ ଏ ସମ୍ପର୍କରେ ସୂଚନା ପାଇପାରିବେ।

## ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ଅର୍ଥ ମନ୍ତ୍ରଣାଳୟର ପରାମର୍ଶ

# ସରକାରଙ୍କ ଅଂଶଧନ ୫୨%କୁ କମାଅ

ନୂଆଦିଲ୍ଲୀ,୧୪-୧

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ସରକାରଙ୍କ ଅଂଶଧନକୁ ଧୀରେ ଧୀରେ ୫୨%କୁ ହ୍ରାସ କରିବା ଲାଗି କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ବ୍ୟାଙ୍କିଙ୍ଗ ସେକ୍ଟରରେ କର୍ପୋରେଟ ଢାଞ୍ଚାର ପ୍ରବର୍ତ୍ତନ ଲାଗି ଏପରି ପଦକ୍ଷେପ ନେବା ଆବଶ୍ୟକ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମନ୍ତ୍ରଣାଳୟର ଆର୍ଥିକ ସେବା ବିଭାଗ ସଚିବ ରାଜୀବ କୁମାର କହିଛନ୍ତି ଯେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ସରକାରଙ୍କ ଅଂଶଧନ ସର୍ବାଧିକ। ଏହି କାରଣରୁ ବ୍ୟାଙ୍କଗୁଡିକ କର୍ପୋରେଟ ଢାଞ୍ଚାରେ ପରିଚାଳନା ହେବା ଆବଶ୍ୟକ। ପ୍ରଥମ ପର୍ଯ୍ୟାୟରେ ସରକାରଙ୍କ ଅଂଶଧନକୁ ୫୨%କୁ ହ୍ରାସ କରାଯିବା ଆବଶ୍ୟକ। ଷ୍ଟକ୍ ମାର୍କେଟର ସ୍ଥିତିକୁ ଦେଖିବା ପରେ ବ୍ୟାଙ୍କ ଏ ଦିଗରେ ପରବର୍ତ୍ତୀ ପଦକ୍ଷେପ ନେଇପାରିବେ। ଏଥିପାଇଁ ସେମାନଙ୍କୁ ପୂର୍ବରୁ ଅନୁମତି ପ୍ରଦାନ କରାଯିବ। ଷ୍ଟକ୍ ମାର୍କେଟ ନିୟନ୍ତ୍ରକ ସେବିର ନିୟମ ଅନୁଯାୟୀ ତାଲିକାଭୁକ୍ତ କମ୍ପାନୀର ଅତିକମ୍‌ରେ ୨୫% ଅଂଶଧନକୁ ବଜାରରେ ବିକ୍ରି କରିବାକୁ ପଡ଼ିବ। କେତେକ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ସରକାରଙ୍କ ଅଂଶଧନ ୭୫% ରହିଛି।

## ଇକ୍‌ଫାଇ ବିଜ୍‌ନେସ ସ୍କୁଲରେ ସ୍ୱତନ୍ତ୍ର ଲେକଚର



ହାଇଦ୍ରାବାଦ,୧୪-୧

ବର୍ତ୍ତମାନ ବିଶ୍ୱ ବାଣିଜ୍ୟ ସ୍ଥିତିରେ ଦ୍ରୁତ ପରିବର୍ତ୍ତନ ଆସିଛି। ଏହି କ୍ଷେତ୍ରରେ ନୂଆ ନେତୃତ୍ୱ ସୃଷ୍ଟି ହେବା ସହ ଭାରତ, ଚାଇନା, ୟୁଏସ୍‌ଏ ଏବେ ପ୍ରମୁଖ ସ୍ଥାନରେ ରହିଛନ୍ତି। ଏହି ସମୟରେ ଭାରତ ଏହାର ଫାଇଦା ନେବା ସହ ବିଶ୍ୱ ସ୍ତରରେ ସ୍ଥିତିକୁ ଆହୁରି ଦୃଢ଼ କରିପାରିବ ବୋଲି ଇରୋମି ୟୁନିଭର୍ସିଟିର ମାର୍କେଟିଂ ପ୍ରଫେସର ଜଗଦିଶ ସେଠ ସୂଚନା ଦେଇଛନ୍ତି। ହାଇଦ୍ରାବାଦ ସ୍ଥିତ ଇକ୍‌ଫାଇ ବିଜ୍‌ନେସ୍ ସ୍କୁଲଠାରେ ଅନୁଷ୍ଠିତ 'ଇଣ୍ଡିଆ ଆଣ୍ଡ ନିୟୁ ୱାର୍ଲଡ ଅର୍ଡର' ଶୀର୍ଷକ ସ୍ୱତନ୍ତ୍ର ଲେକ୍‌ଚର କାର୍ଯ୍ୟକ୍ରମରେ ପ୍ରଫେସର ସେଠ କହିଛନ୍ତି ଯେ, ଏକ ପ୍ରମୁଖ ସ୍ଥାନରେ ରହିବା ଲାଗି ଭାରତ ନିକଟରେ ସମସ୍ତ କ୍ଷମତା ରହିଛି। ସୁଚିନ୍ତିତ ଭାବେ ଏହି ଦିଗରେ ଆଗକୁ ବଢିଲେ ଏକ ଘରୋଇ ଅର୍ଥନୀତି ପରିବର୍ତ୍ତେ ବିଶ୍ୱ ସ୍ତରର ଅର୍ଥନୀତି ହେବାକୁ ଭାରତ ସକ୍ଷମ ହେବ। ସମନ୍ୱିତ ଅର୍ଥନୀତି ସହ କୂଟନୀତି କ୍ଷେତ୍ରରେ ଭାରତ ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି ପ୍ରଫେସର ସେଠ କହିଛନ୍ତି।

## ପାଇକାରୀ ୩.୮%, ଖୁଚୁରା ମୁଦ୍ରାସ୍ଫୀତି ୨.୧୯%କୁ ହ୍ରାସ

ନୂଆଦିଲ୍ଲୀ,୧୪-୧

ଡିସେମ୍ବରରେ ପାଇକାରୀ ମୁଦ୍ରାସ୍ଫୀତିରେ ଆଶ୍ୱସ୍ତି ମିଳିଛି ଏବଂ ୮ ମାସର ସର୍ବନିମ୍ନ ସ୍ତର ୩.୮%ରେ ପହଞ୍ଚିଛି। ନଭେମ୍ବରରେ ଏହା ୪.୬୪ ପ୍ରତିଶତ ଥିବା ବେଳେ ୨୦୧୭ରେ ଏହି ସମୟରେ ୩.୫୮ ପ୍ରତିଶତ ଥିଲା। ସେହିଭଳି ଖୁଚୁରା ମୁଦ୍ରାସ୍ଫୀତି ୧୮ ମାସର ସର୍ବନିମ୍ନ ସ୍ତର ୨.୧୯%କୁ ହ୍ରାସ ପାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସୋମବାର ଜାରି ତଥ୍ୟ ଅନୁଯାୟୀ ଅଶୋଧିତ ତେଲ ଓ ପନିପରିବା ଦର ହ୍ରାସ ପାଇବା କାରଣରୁ ମୁଦ୍ରାସ୍ଫୀତି ହ୍ରାସ ପାଇଛି। ଡିସେମ୍ବରରେ ଖାଦ୍ୟପଦାର୍ଥ ମୁଦ୍ରାସ୍ଫୀତି୦.୦୭ପ୍ରତିଶତ ହ୍ରାସ ପାଇଛି, ଯାହାକି ନଭେମ୍ବରରେ ୩.୩୧ ପ୍ରତିଶତ ଥିଲା। ସେହିଭଳି ପନିପରିବା ମୁଦ୍ରାସ୍ଫୀତି ୧୭.୫୫ ପ୍ରତିଶତକୁ ଖସି ଆସିଛି। ନଭେମ୍ବରରେ ଏହା ୨୬.୯୮ ପ୍ରତିଶତ ଥିଲା। ଡିସେମ୍ବରରେ ଇନ୍ଧନ କ୍ଷେତ୍ରରେ ମୁଦ୍ରାସ୍ଫୀତି ୮.୩୮%କୁ ହ୍ରାସ ପାଇଥିବା ବେଳେ ନଭେମ୍ବରରେ ଏହା ୧୬.୨୮ ପ୍ରତିଶତ ଥିଲା। ଅନୁରୂପ ଭାବେ ଖୁଚୁରା ମୁଦ୍ରାସ୍ଫୀତି ନଭେମ୍ବରରେ ୨.୩୩% ରହିଥିଲା। ଗତବର୍ଷ ଡିସେମ୍ବରରେ ଏହା ୫.୨୧ ପ୍ରତିଶତ ଥିଲା। ଏଥିପୂର୍ବରୁ ୨୦୧୭ ଜୁନ୍‌ରେ ଖୁଚୁରା ମୁଦ୍ରାସ୍ଫୀତି ୧.୪୬ ପ୍ରତିଶତ ରହିଥିଲା। ଖାଦ୍ୟ ମୁଦ୍ରାସ୍ଫୀତି ଡିସେମ୍ବରରେ-୨.୫୧ ପ୍ରତିଶତ ରହିଛି, ଯାହାକି ନଭେମ୍ବରରେ -୨.୬୧ ପ୍ରତିଶତ ଥିଲା।

## ଫେବୃୟାରୀ ୩ରେ ଫିଟ୍‌ଜୀର ଫର୍ଚୁନେଟ ୪୦ ପରୀକ୍ଷା

ଭୁବନେଶ୍ୱର,୧୪-୧

ପ୍ରମୁଖ କୋଚିଂ ପ୍ରତିଷ୍ଠାନ ଫିଟ୍‌ଜୀ ପକ୍ଷରୁ ଫର୍ଚୁନେଟ ୪୦ ପରୀକ୍ଷା ଫେବୃୟାରୀ ୩ରେ ଅନୁଷ୍ଠିତ ହେବ। ଯେଉଁ ଅଭିଭାବକମାନଙ୍କର ମାସିକ ଆୟ ୧୦ ହଜାର ଟଙ୍କାରୁ କମ୍ ଏବଂ ସେମାନଙ୍କ ପିଲା ନବମ ଏବଂ ଏକାଦଶ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବାକୁ ଥିଲେ, ଉକ୍ତ ପଦକ୍ଷେପ ଦ୍ୱାରା ଫିଟ୍‌ଜୀ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବ। ଫିଟ୍‌ଜୀ ପକ୍ଷରୁ ଏଥିରେ ୧୦୦% ସ୍କଲାରଶିପ ଏବଂ ହଷ୍ଟେଲ ଚାର୍ଜ ଉପରେ ୧୦୦% ଛାଡ଼ ସୁବିଧା ଦେବ। ଆର୍ଥିକ ସମସ୍ୟା ଥିବା ପିଲାମାନଙ୍କୁ କୋଚିଂ ପାଇଁ ସାଧାରଣତଃ ଅସୁବିଧା ଉପୁଜିଥାଏ। ଫର୍ଚୁନେଟ ୪୦ ପରୀକ୍ଷା ଛାତ୍ରୀଛାତ୍ରଙ୍କ ପାଇଁ ଉପାଦେୟ ହୋଇପାରିବ ବୋଲି ଫିଟ୍‌ଜୀର ନିର୍ଦ୍ଦେଶକ ଆର୍.ଏଲ୍. ତ୍ରୀଖା ସୂଚନା ଦେଇଛନ୍ତି।

## ଭାରତରେ ଆୟ ଅସମାନତା

# ୧୦% ଉଚ୍ଚବର୍ଗଙ୍କ ନିକଟରେ ୬୦ ପ୍ରତିଶତ ସମ୍ପତ୍ତି

ନୂଆଦିଲ୍ଲୀ,୧୪-୧



ଭାରତରେ ଆୟ ଅସମାନତା ବେଶ୍ ପରିଲକ୍ଷିତ ହୁଏ। ଉଚ୍ଚବର୍ଗ ପରିବାରର ଆୟ ଜାତୀୟ ହାରାହାରି ବାର୍ଷିକ ଆୟଠାରୁ ୪୭% ଅଧିକ। ୨୦୧୨ ସୁଦ୍ଧା ଶୀର୍ଷ ୧୦% ଉଚ୍ଚବର୍ଗର ପରିବାର ନିକଟରେ ୬୦% ସମ୍ପତ୍ତି ରହିଛି। ବିଶ୍ୱ ଅସମାନତା ସଂକ୍ରାନ୍ତ ରିପୋର୍ଟରୁ ମିଳିଥିବା ତଥ୍ୟରୁ ଏହା ଜଣାପଡିଛି।

ରିପୋର୍ଟରେ କୁହାଯାଇଛି ଯେ, ୨୦୧୨ ସୁଦ୍ଧା ଦଶନ୍ଧି ଭିତରେ ଏମାନଙ୍କ ମଧ୍ୟରୁ ୧% ପାଖାପାଖି ୧୬% ପଏଣ୍ଟ ହିସାବରେ ୨୯.୪% ସମ୍ପତ୍ତି ବୃଦ୍ଧି କରିଛନ୍ତି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଆର୍ଥିକ ଦୃଷ୍ଟିରୁ ଗରିବ ଶ୍ରେଣୀଙ୍କ ପାଇଁ ୧୦% ସଂରକ୍ଷଣ ବିଲ୍ ଅନୁମୋଦନ କରିସାରିଥିବା ବେଳେ 'ୱେଲଥ ଇନଇକ୍ୱାଲିଟି, କ୍ଲାସ୍ ଆଣ୍ଡ୍ କାଷ୍ଟ୍ ଇନ୍ ଇଣ୍ଡିଆ, ୧୯୬୧-୨୦୧୨' ଶୀର୍ଷକ ରିପୋର୍ଟରେ ଜାତି ଭିତରେ ଆୟ ଓ ସମ୍ପତ୍ତି ସୃଷ୍ଟିରେ ଅସମାନତା ଉପରେ ଦୃଷ୍ଟିନିବଦ୍ଧ କରାଯାଇଛି। ୨୦୧୬ ସୁଦ୍ଧା ଗତ ୩୬ ବର୍ଷରେ ଉଚ୍ଚବର୍ଗର ଶୀର୍ଷ ୧୦%ଙ୍କ ସମ୍ପତ୍ତି ପରିମାଣରେ ୨୪% ପଏଣ୍ଟ ହିସାବରେ ୫୫% ବୃଦ୍ଧି ଘଟିଛି। ଏହି ଦୃଷ୍ଟିରୁ ଦେଖିଲେ ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି) ଏବଂ ଅନ୍ୟ ପଛୁଆ ବର୍ଗ(ଓବିସି)ଙ୍କ ଆୟ ଜାତୀୟ ପାରିବାରିକ ଆୟଠାରୁ କମ୍। ଏସ୍‌ସି ଓ ଏସ୍‌ଟିଙ୍କ ପରିବାରିକ ଆୟ ଯଥାକ୍ରମେ ୨୧% ଓ ୩୪% ପ୍ରତିଶତ ରହିଛି। ସେହିପରି ଓବିସିଙ୍କ ଆୟ ଏବେସୁଦ୍ଧା ୮% ରହିଛି। ଉଚ୍ଚବର୍ଗ ଭିତରେ ବ୍ରାହ୍ମଣଙ୍କ ଆୟ ଜାତୀୟ ହାରଠାରୁ ୪୮% ଅଧିକ। ଅନୁରୂପ ଭାବେ ଅଣ-ବ୍ରାହ୍ମଣ ଅଗ୍ରଣୀ ଜାତିଙ୍କ ଆୟ ୪୫% ରହିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ୨୦୧୫-୧୬ ଅନୁଯାୟୀ ୪୫.୯% ଏସ୍‌ଟି ବର୍ଗଙ୍କ ସମ୍ପତ୍ତି ପରିମାଣ ୨୬.୬% ଏସ୍‌ସି,ଓବିସିଙ୍କ ୧୮.୩%, ୯.୭% ଅନ୍ୟ ଜାତି ଏବଂ ଅନ୍ୟାନ୍ୟ ଜାତିଙ୍କ ୨୫.୩%ଙ୍କ ଠାରୁ କମ୍ ରହିଛି।

DADLS-245

## ମହାନ୍ ବିପ୍ଳବୀ ଚକରା ବିଷୋୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ

**ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା**

**ତା୧୬।୦୧।୨୦୧୯** — **ସ୍ଥାନ- ଗୀତଗୋବିନ୍ଦ ସଦନ**

**ପ୍ରବନ୍ଧ ପ୍ରତିଯୋଗିତା** — **ସମୟ- ପୂର୍ବାହ୍ନ ଘ.୧୧.୩୦ମି.**
ପ୍ରଥମ ବର୍ଗ (ପଞ୍ଚମ ରୁ ସପ୍ତମ ଶ୍ରେଣୀ)
ଦ୍ୱିତୀୟ ବର୍ଗ (ଅଷ୍ଟମ ରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

**ବକ୍ତୃତା ପ୍ରତିଯୋଗିତା** — **ସମୟ- ଅପରାହ୍ନ ଘ.୧.୩୦ମି.**
ପ୍ରଥମ ବର୍ଗ (ପଞ୍ଚମ ରୁ ସପ୍ତମ ଶ୍ରେଣୀ)
ଦ୍ୱିତୀୟ ବର୍ଗ (ଅଷ୍ଟମ ରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ଏକ ଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ଏକ ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ବିଷୟବସ୍ତୁ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତର ଖାତା ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର / ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ / ଅଧ୍ୟକ୍ଷ / ଅଧ୍ୟକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ।
- ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା୧୬।୦୧।୨୦୧୯ରିଖ ସନ୍ଧ୍ୟା ଘ.୫.୩୦ ମିନିଟ୍ ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ପ୍ରଦାନ କରାଯିବ।

ନିର୍ଦ୍ଦେଶକ
ସୂଚନା ଲୋକସମ୍ପର୍କ ବିଭାଗ
15001/13/0544/1819

MCL **Mahanadi Coalfields Limited**
(A Subsidiary of Coal India Limited)
Jagruti Vihar, Burla - 768020, Dist. - Sambalpur, Odisha
Ph. (EPABX) : 0663-2542461 to 469 Website : www.mahanadicoal.in

**GENERAL TENDER NOTICE FOR e-PROCUREMENT**

Mahanadi Coalfields Limited (MCL) is inviting its Tenders having estimated value of ₹2.00 Lakhs and above related to WORKS (Civil works, Electrical & Mechanical works etc.), SERVICES (Coal transportation, coal loading, extraction of coal by Surface Miner, Overburden removal etc.) and GOODS (Procurement of equipments, spares, consumables, medicines etc. and Hiring of Vehicles) through e-Procurement mode. However all the Limited Tenders pertaining to procurement of Goods irrespective of value will be published in the e-Procurement portal. Tender Notices can be viewed on the e-Procurement portal of CIL (https://coalindiatenders.nic.in) as well as on the Central Public Procurement portal of Govt. of India (http://eprocure.gov.in). Bids are to be submitted ONLINE on the above e- Procurement portal of CIL by enrolled Bidders. EMD can also be submitted online. Enrollment of Bidders on the eProcurement portal of CIL is free of cost and can be done online by the bidders themselves, having valid Digital Signature Certificate (DSC). Bidders are requested to regularly visit above e-Procurement portal of CIL for enrollment and participation in Tenders. [Contact details: Tel.- 0663- 2542264/2542695 (available during office hours only); email- hlp-eproc.mcl@nic.in] R-4877

Give a missed call on toll free number 1800 200 3004 to get our Apps.

**NOTICE**

No. 477 — Date: 11.01.19

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BARGARH**

In pursuance to advt. No. 11810, dt-28.12.2018, Zilla Swasthya Samiti, Bargarh invites objections, if any from the candidates for the Post of Addl. ANM through walk-in interview held on dtd. 10.01.2019. Candidates are requested to log in the official website of Bargarh District www.bargarh.nic.in to view the database. The candidates are requested to send their objections if any, to the O/o, Chief District Medical & Public Health Officer, Bargarh, Pin-768028 with superscription on the envelope "Objection for the Post of ____________" through Regd. Post/Speed Post only by 21.01.2019 up to 12.00 Noon. No personal contacts and after due date no applications will be entertained.

Sd./-
Chief District Medical & Public Health Officer-Cum
District Mission Director, NHM, Bargarh



“ ଏସିଆ କପ୍ ଟାଇଟଲ ଫେଭରାଇଟ୍ ଦଳ ଇରାନ ଓ ଦକ୍ଷିଣ କୋରିଆକୁ ସାମ୍‌ନା କରିବା ଲାଗି ଅତିରିକ୍ତ ପ୍ରଚେଷ୍ଟା ଆବଶ୍ୟକ ।
–ମାୟା ୟେଶିଦା, ଜାପାନ ଫୁଟ୍‌ବଲ ଟିମ୍ ଅଧିନାୟକ



“ ମହିଳାଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇ ଅଡୁଆରେ ପଡ଼ିଥିବା ହାର୍ଦ୍ଦିକ ପାଣ୍ଡ୍ୟା ଓ ଲୋକେଶ ରାହୁଲଙ୍କୁ ପ୍ରଥମ ଥର କ୍ଷମା ଦେଇଦେବା ଉଚିତ୍ ।
–ସାଇମନ ଟଫେଲ, ବିଶିଷ୍ଟ ଅମ୍ପାୟର

## ସଂକ୍ଷେପରେ

### ଅମ୍ପାୟରଙ୍କ ତ୍ରୁଟି: ଓଭରର ୭ମ ବଲ୍‌ରେ ବ୍ୟାଟ୍ସମ୍ୟାନ ଆଉଟ୍

**ପର୍ଥ, ୧୪।୧(ଏଏଫ୍‌ପି):** ଏଠାରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ଟି୨୦ ଟୁର୍ନାମେଣ୍ଟ ବିଗ୍ ବାସ୍ ଲିଗ୍ (ବିବିଏଲ୍)ରେ ଅମ୍ପାୟରଙ୍କ ତ୍ରୁଟି ଯୋଗୁ ମାଇକେଲ କ୍ଲିଙ୍ଗରଙ୍କୁ ଉଇକେଟ୍ ହରାଇବାକୁ ପଡ଼ିଛି। ରବିବାର ରାତିରେ ଏଠାରେ ଘରୋଇ ପର୍ଥ ସ୍କଚର୍ସ ଓ ସିଡ୍‌ନୀ ସିକ୍ସର୍ସ ମଧରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ରେ ଅମ୍ପାୟର ଗୋଟିଏ ଓଭରରେ ଠିକ୍ ଭାବେ ବଲ୍ ଗଣିପାରି ନ ଥିଲେ। ଫଳରେ ବୋଲର ସେହି ଓଭରରେ ୭ଟି ବଲ୍ ପକାଇଥିଲେ। ଦୁର୍ଭାଗ୍ୟବଶତଃ ସ୍କଚର୍ସର ଭେଟେରାନ ବ୍ୟାଟ୍ସମ୍ୟାନ କ୍ଲିଙ୍ଗର ସେହି ୭ମ ବଲରେ ହିଁ ଆଉଟ୍ ହୋଇଥିଲେ। ତଥାପି ଅମ୍ପାୟର ନିଜ ଭୁଲ ବୁଝିପାରି ନ ଥିଲେ। ମ୍ୟାଚ୍‌ରେ ସିଡ୍‌ନୀ ପ୍ରଥମେ ବ୍ୟାଟିଂ କରି ୧୭୭ ରନ୍ କରିଥିଲା। ଜବାବରେ ସ୍କଚର୍ସ ଇନିଂସ୍‌ର ୨ୟ ଓଭରରେ ହିଁ ଏହି ତ୍ରୁଟିପୂର୍ଣ୍ଣ ଘଟଣା ଦେଖିବାକୁ ମିଳିଥିଲା। ସିଡ୍‌ନୀର ବେନ୍ ଡ୍ୱାରସୁଇସ୍ ଏହି ଓଭରଟି ବୋଲିଂ କରୁଥିଲେ। ବେନ୍ ଗୋଟିଏ ଓଭରରେ ୭ଟି ବଲ୍ ପକାଇଥିବାବେଳେ ଅମ୍ପାୟର ମଧ ଏହା ଜାଣିପାରି ନ ଥିଲେ। ଓଭରର ଅତିରିକ୍ତ ତଥା ୭ମ ବଲ୍‌ରେ କ୍ଲିଙ୍ଗର ଷ୍ଟିଭ୍ ଓ’କିଫ୍‌ଙ୍କୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ। ତେବେ ଓପନର କାମେରୁନ୍ ବ୍ୟାନ୍‌କ୍ରଫ୍ଟ (୮୭*) ଓ ଅଧିନାୟକ ଆଷ୍ଟନ ଟର୍ନର (୬୦ ରନ, ୩୦ ବଲ)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ସ୍କଚର୍ସ ୩ ଉଇକେଟ୍ ହରାଇ ମ୍ୟାଚ୍ ଜିତିନେଇଥିଲା। ‘ଏହା ଏକ ଭୁଲ ଗଣତି ଥିଲା। ଫଳରେ ଅମ୍ପାୟର ବୋଲରଙ୍କୁ ୭ମ ବଲ୍ ପକାଇବାକୁ ଅନୁମତି ଦେଇଥିଲେ’ ବୋଲି କ୍ରିକେଟ ଅଷ୍ଟ୍ରେଲିଆର ଜଣେ ଅଧିକାରୀ କହିଛନ୍ତି।

### ମାଲେସିଆ ମାଷ୍ଟର୍ସରୁ ସାଇନା, ଶ୍ରୀକାନ୍ତଙ୍କ ସିଜନ ଆରମ୍ଭ

**କୁଆଲାଲମ୍ପୁର, ୧୪।୧(ପି.ଟି.):** ଦୁଇ ଭାରତୀୟ ସଟ୍‌ଲର କିଦାମ୍ବୀ ଶ୍ରୀକାନ୍ତ ଓ ସାଇନା ନେହ୍ୱାଲ ମଙ୍ଗଳବାରଠାରୁ ଅନୁଷ୍ଠିତ ହେବାକୁ ଥିବା ମାଲେସିଆ ଓପନ୍ ୱାର୍ଲ୍ଡ ଟୁର୍ ସୁପର୍ ୫୦୦ ଟୁର୍ନାମେଣ୍ଟରୁ ସେମାନଙ୍କ ସିଜନ ଆରମ୍ଭ କରିବେ। ବିଶ୍ୱ ମାନ୍ୟତାର ୮ମ ସ୍ଥାନରେ ରହିଥିବା ଶ୍ରୀକାନ୍ତ ୨୦୧୭ରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। କିନ୍ତୁ ଗତ ସିଜନରେ ସେ କେବଳ ରାଜ୍ୟଗୋଷ୍ଠୀ ରୌପ୍ୟ ପଦକ ଜିତିବା ସହ ଶୀର୍ଷ ସ୍ଥାନ ହାସଲ କରିଥିଲେ ମଧ ଗୋଟିଏ ବି ଟାଇଟଲ ଜିତିପାରି ନ ଥିଲେ। ୨୫ ବର୍ଷୀୟ ଶ୍ରୀକାନ୍ତ ହଂକଂର ଏନ୍ କା ଲଙ୍ଗଙ୍କ ବିପକ୍ଷରୁ ଖେଳି ବୁଧବାର ପ୍ରତିଯୋଗିତାରେ ତାଙ୍କ ଅଭିଯାନ ଆରମ୍ଭ କରିବେ। ଅପରପକ୍ଷରେ ସାଇନାଙ୍କ ପାଇଁ ୨୦୧୮ ସିଜନ ସଫଳମୟ ବର୍ଷ ରହିଥିଲା। ସାଇନା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୨ୟ ସ୍ୱର୍ଣ୍ଣପଦକ ଜିତିବା ସହ ଏସିଆନ୍ ଗେମ୍ସ ଓ ଏସିଆନ୍ ଚାମ୍ପିୟନଶିପ୍‌ରେ ୩ୟ ସ୍ଥାନ ହାସଲ କରି ବ୍ରୋଞ୍ଜରେ ସନ୍ତୁଷ୍ଟ ରହିଥିଲେ। ସେହିଭଳି ଇଣ୍ଡୋନେସିଆ ମାଷ୍ଟର୍ସ, ଡେନ୍‌ମାର୍କ ଓପନ୍ ଓ ସୟଦ ମୋଦି ଇଣ୍ଟରନ୍ୟାଶନାଲର ଫାଇନାଲକୁ ମଧ ପ୍ରବେଶ କରିଥିଲେ। ନିକଟରେ ସାଥୀ ଖେଳାଳି ପି. କାଶ୍ୟପଙ୍କୁ ବିବାହ କରିଥିବା ସାଇନା ମାଲେସିଆ ମାଷ୍ଟର୍ସ ମହିଳା ସିଙ୍ଗଲ୍ସର ପ୍ରଥମ ରାଉଣ୍ଡରେ ହଂକଂର ଡେଙ୍ଗ୍ ଜୟ୍ ଜୁଆନଙ୍କୁ ଭେଟିବେ। ତେବେ ବି. ସାଇ ପ୍ରଣୀଥ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ନାହିଁ ବୋଲି ଜଣାପଡ଼ିଛି। ପୁରୁଷ ଡବଲ୍ସରେ ସାତ୍ୱିକ ସାଇରାଜ ରାନ୍‌କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ଏବଂ ମହିଳା ଡବଲ୍ସରେ ଅଶ୍ୱିନୀ ପୋନାପ୍ପା ଓ ଏନ୍. ସିକ୍କି ରେଡ୍ଡୀ ଯୋଡ଼ି ମଧ ମାଲେସିଆ ମାଷ୍ଟର୍ସରୁ ସିଜନ ଭଲ ଆରମ୍ଭ କରିବା ଲକ୍ଷ୍ୟରେ ରହିଛନ୍ତି।

### ନୂଆସାହି ପ୍ରିମିୟର ଲିଗ୍ ଉଦ୍‌ଯାପିତ

**ଫୁଲନଖରା, ୧୪।୧:** କଟକ ଥାନା ଅଧିନସ୍ଥ ଗୋପାଳପୁର ତାରିଣୀ ପୀଠ ଖେଳ ପଡିଆରେ ଦୁଇ ଦିନଧରି ଚାଲିଥିବା ନୂଆସାହି ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସୋମବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌କୁ କର୍ପୋରେଟର ଲଳିତ ଶେଖର ନାୟକ ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଜାଗୁଆର ଓ ବଣ୍ଡଷ୍ଟ୍ରାଇକର ଦଳ ପରସ୍ପରକୁ ଭେଟିଥିଲେ। ଏଥିରେ ବଣ୍ଡ ଷ୍ଟ୍ରାଇକର ଟିମ୍ ୧୨ ରନରେ ବଜୟୀ ହୋଇଥିଲା। ଅଖିଳେଶ୍ୱର ଯୁବ ପରିଷଦ ପକ୍ଷରୁ ଆୟୋଜିତ ଏହି ମ୍ୟାଚ୍‌ରେ କଟକ ସଦର ନେତା ଦିଲିପ କୁମାର ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ।





ଅଷ୍ଟ୍ରେଲିଆନ୍ ଓପନ ଟେନିସ ପ୍ରଥମ ରାଉଣ୍ଡ ମ୍ୟାଚ୍ ଜିତିବା ପରେ ସ୍ପେନ୍‌ର ରାଫାଲ ନାଡାଲ ଓ ଡାନିଏଲ କଲିନ୍ସ

# ପ୍ରଥମ ରାଉଣ୍ଡରୁ ମୁରେଙ୍କ ବିଦାୟ

## ଅଷ୍ଟ୍ରେଲିଆନ ଓପନ ଟେନିସ



ଆଣ୍ଡି ମୁରେ

**ମେଲବୋର୍ଣ୍ଣ, ୧୪।୧(ଏଏଫପି)**

ବ୍ରିଟେନର ଆଣ୍ଡି ମୁରେ ସୋମବାର ଆରମ୍ଭ ହୋଇଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ ଓପନ ଟେନିସର ପ୍ରଥମ ବାଧା ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ମେଲବୋର୍ନ ପାର୍କରେ ପୂର୍ବରୁ ୫ ଥର ଫାଇନାଲରେ ପ୍ରବେଶ କରିଥିବା ମୁରେ ଏଥର ସଂଘର୍ଷପୂର୍ଣ୍ଣ ପ୍ରଥମ ରାଉଣ୍ଡ ମ୍ୟାଚରେ ସ୍ପେନର ୨୨ତମ ସିଡ୍ ରବର୍ଟୋ ବାଟିଷ୍ଟା ଅଗଟ୍‌ଙ୍କଠାରୁ ୪–୬, ୪–୬, ୭–୬(୭–୫), ୭–୬(୭–୪), ୨–୬ ସେଟ୍‌ରେ ହାରି ବିଦାୟ ନେଇଛନ୍ତି। ୩୧ ବର୍ଷୀୟ ମୁରେ ଚଳିତ ବର୍ଷର ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ପରେ ଅବସର ନେବେ ବୋଲି ସୂଚନା ଦେଇ ସାରିଛନ୍ତି। ଏପରିକି ଅଷ୍ଟ୍ରେଲିଆନ ଓପନ ମଧ ତାଙ୍କର ଶେଷ ଇଭେଣ୍ଟ ହୋଇପାରେ ବୋଲି ମତବ୍ୟକ୍ତ କରିଛନ୍ତି। ଆସନ୍ତା ସପ୍ତାହରେ ସେ ନିଜ କ୍ୟାରିୟର ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ରୋଜର ଫେଡରର, ରାଫାଲ ନାଡାଲ ପ୍ରମୁଖ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ରେକର୍ଡ ୭ମ ଅଷ୍ଟ୍ରେଲିଆନ ଓପନ ଟାଇଟଲ ଜିତିବା ଲକ୍ଷ୍ୟରେ ଥିବା ସୁଇଜରଲାଣ୍ଡର ଫେଡରର ୬–୩, ୬–୪, ୬–୪ ସେଟ୍‌ରେ ଉଜବେକିସ୍ତାନର ଡେନିସ ଇସ୍ତୋମିନଙ୍କୁ ହରାଇ ପ୍ରଥମ ରାଉଣ୍ଡ ଅତିକ୍ରମ କରିଛନ୍ତି। ପାଦରେ ଅସ୍ତ୍ରୋପଚାର ଯୋଗୁ ୨୦୧୮ ସିଜନରେ କମ୍ ମ୍ୟାଚ ଖେଳିଥିବା ନାଡାଲ ଏଠାରେ ୱାଇଲ୍ଡକାର୍ଡ ଧାରୀ ଜେମ୍ସ ଡକ୍‌ୱର୍ଥଙ୍କୁ ୬–୪, ୬–୩, ୭–୫ ସେଟ୍‌ରେ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଦୀର୍ଘଦିନ ଖେଳରୁ ଦୂରେଇ ରହିବାପରେ ପ୍ରତ୍ୟାବର୍ତ୍ତନ ସହଜ ନୁହେଁ। ତେବେ ମୁଁ ଏବେ ପାଦରେ ଯନ୍ତ୍ରଣା ଅନୁଭବ କରୁନାହିଁ ବୋଲି ୧୭ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ନାଡାଲ ପ୍ରକାଶ କରିଛନ୍ତି। ଓପନ ଯୁଗର ପ୍ରଥମ ଖେଳାଳି ଏବଂ ରୟ ଏମରସନ ଓ ରଡ୍ ଲାଭରଙ୍କ ପରେ ଟେନିସ ଇତିହାସର ତୃତୀୟ ଖେଳାଳିଭାବେ ନାଡାଲ ପ୍ରତି ଗ୍ରାଣ୍ଡସ୍ଲାମକୁ ୨ କିମ୍ବା ତଦୂର୍ଦ୍ଧଥର ଜିତିବାର ଦାବିଦାର ହୋଇଛନ୍ତି। ସେ କେବଳ ଅଷ୍ଟ୍ରେଲିଆନ ଓପନକୁ ଥରେ ୨୦୦୯ରେ ଜିତିଥିବାବେଳେ ଅନ୍ୟ ୩ଟି ଯାକ ଗ୍ରାଣ୍ଡସ୍ଲାମକୁ ଏକାଧିକଥର ଜିତି ସାରିଛନ୍ତି। ୫ମ ସିଡ୍ ଦକ୍ଷିଣ ଆଫ୍ରିକାର କେଭିନ ଆଣ୍ଡରସନ ବିଜୟ ହାସଲ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିବାବେଳେ ପ୍ରଥମ ସିଡେଡ୍ ଖେଳାଳିଭାବେ ଆମେରିକାର ଜନ୍ ଇସନେର(୯ମ ସିଡ୍) ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ସେ ନିଜ ଦେଶର ରିଲି ଓପେକାଙ୍କଠାରୁ ୬–୭(୪–୭), ୬–୭(୬–୮), ୭–୬(୭–୪), ୬–୭(୫–୭) ସେଟ୍‌ରେ ପରାସ୍ତ ହୋଇଛନ୍ତି।

ମହିଳା ସିଙ୍ଗଲ୍ସରେ କାରୋଲିନ ଓଜନିଆକି ୬–୩, ୬–୪ ସେଟ୍‌ରେ ଆଲିସନ ଭାନ୍ ଉଟ୍‌ଭାନ୍‌କଙ୍କୁ, ଦ୍ୱିତୀୟ ସିଡ୍ ୨୦୧୬ ଚାମ୍ପିୟନ ଆଞ୍ଜେଲିକ୍ କର୍ବର ୬–୨, ୬–୨ ସେଟ୍‌ରେ ପୋଲୋନା ହର୍କଗଙ୍କୁ, ୨୦୦୮ ଚାମ୍ପିୟନ ମାରିଆ ଶାରାପୋଭା ୬–୦, ୬–୦ ସେଟ୍‌ରେ ହାରେଟ୍ ଡାର୍ଟଙ୍କୁ, ଡାନିଏଲ କଲିନ୍ସ ୨–୬, ୭–୬(୭–୫), ୬–୪ ସେଟ୍‌ରେ ଜୁଲିଆ ଜର୍ଜେସଙ୍କୁ, ପେଟ୍ରା କ୍ୱିଟୋଭା ୬–୩, ୬–୨ ସେଟ୍‌ରେ ମାଗ୍‌ଡାଲେନା ରିବାରିକୋଭାଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

### ପ୍ରଜନେଶଙ୍କ ବିଦାୟ

ଭାରତର ପ୍ରଜନେଶ ଗୁଣେଶ୍ୱରମ ନିଜର ପ୍ରଥମ ଗ୍ରାଣ୍ଡସ୍ଲାମରେ ଆରମ୍ଭରୁ ଝୁଣ୍ଟିଛନ୍ତି। ସୋମବାରଠାରୁ ଏଠାରେ ଆରମ୍ଭ ହୋଇଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍ ପୁରୁଷ ସିଙ୍ଗଲ୍ସର ପ୍ରଥମ ରାଉଣ୍ଡରେ ଆମେରିକାର ଫ୍ରାନ୍‌ସେସ୍ ଟିଆଫୋଏ ୭–୬ (୯–୭), ୬–୩, ୬–୩ ସିଧାସଳଖ ସେଟ୍‌ରେ ପ୍ରଜନେଶଙ୍କୁ ପରାସ୍ତ କରିଛନ୍ତି। ବିଶ୍ୱ ମାନ୍ୟତାର ୩୯ତମ ସ୍ଥାନରେ ରହିଥିବା ଫ୍ରାନ୍‌ସେସଙ୍କୁ ଏହି ମ୍ୟାଚ୍ ଜିତିବାକୁ ମାତ୍ର ୫୨ ମିନିଟ୍ ସମୟ ଲାଗିଥିଲା। ପୂର୍ବରୁ ମହିଳା ସିଙ୍ଗଲ୍ସରେ ଅଙ୍କିତା ରାଇନା ଓ କର୍ମନ କୌର ଥାଣ୍ଡି ଯଥାକ୍ରମେ ଯୋଗ୍ୟତା ପର୍ଯ୍ୟାୟର ୨ୟ ଓ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ।

# ପାଣ୍ଡ୍ୟା, ରାହୁଲଙ୍କ ନିଃସର୍ତ୍ତ କ୍ଷମା ପ୍ରାର୍ଥନା

**ନୂଆଦିଲ୍ଲୀ, ୧୪।୧ (ପି.ଟି.)**

ଏକ ଟିଭି ଚ୍ୟାଟ୍ ଶୋ’ ବେଳେ ସ୍ତ୍ରୀ ଜାତି ବିରୋଧରେ ଟିପ୍ପଣୀ ପାଇଁ ସସ୍‌ପେଣ୍ଡ ହୋଇଥିବା ଦୁଇ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ଓ କେ.ଏଲ. ରାହୁଲ ସୋମବାର ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ଏଣେ ପ୍ରଶାସକ କମିଟି (ସିଓଏ) ମୁଖ୍ୟ ବିନୋଦ ରାୟ କହିଛନ୍ତି, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହି ଖେଳାଳି ଦ୍ୱୟଙ୍କ କ୍ୟାରିୟର ଶେଷ କରା ନ ଯାଉ। ସେମାନଙ୍କୁ ସଂଶୋଧନ ହେବା ଲାଗି ସୁଯୋଗ ଦିଆଯାଉ। ଦୁଇ କ୍ରିକେଟରଙ୍କ କ୍ଷମା ପ୍ରାର୍ଥନା ସତ୍ତ୍ୱେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ୧୦ଟି ୟୁନିଟ୍ ସ୍ୱତନ୍ତ୍ର ସାଧାରଣ ବୈଠକ ଡକାଇବା ଲାଗି ଦାବି କରିଛନ୍ତି। ଘଟଣାର ତଦନ୍ତ ପାଇଁ ଜଣେ ଅମ୍ବୁଡ୍‌ସମ୍ୟାନଙ୍କୁ ନିଯୁକ୍ତି ଦେବା ଲାଗି ସେମାନେ ପ୍ରସ୍ତାବ ଦେଇଛନ୍ତି। ଅନ୍ୟପକ୍ଷରେ ପ୍ରଶାସକ କମିଟି ସଦସ୍ୟା ଡାଏନା ଇଡୁଲ୍‌ଜୀ ପ୍ରଶାସକ କମିଟି ଓ ବିସିସିଆଇ କର୍ମକର୍ତ୍ତାଙ୍କ ଦ୍ୱାରା ତଦନ୍ତ କରାଯିବା ଲାଗି ଅଡ଼ି ବସିଛନ୍ତି। ପାଣ୍ଡ୍ୟା ଓ ରାହୁଲ ଯେଉଁ ମନ୍ତବ୍ୟ ଦେଇଛନ୍ତି ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ମଧ ତାହାର ସମାଲୋଚନା କରିଛନ୍ତି। ତରବରିଆ ତଦନ୍ତ ଦ୍ୱାରା ଘଟଣାକୁ ଘଣ୍ଟ ଘୋଡାଇ ଦିଆଯାଇ ପାରେ ଇଡୁଲ୍‌ଜୀ ଆଶଙ୍କା ପ୍ରକାଶ କରିଛନ୍ତି। ଏଣେ ବିସିସିଆଇର ନୂଆ ସମ୍ବିଧାନର ଧାରା ୪୧ (ସି) ଅନୁସାରେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଇଓ)ଙ୍କ ଦ୍ୱାରା ଘଟଣାର ତଦନ୍ତ ପାଇଁ ସିଓଏ ମୁଖ୍ୟ ନିର୍ଦ୍ଦେଶ ଦେଇ ସାରିଥିବା ବିସିସିଆଇର ଜଣେ ବରିଷ୍ଠ ଅଫିସିଆଲ ସୂଚନା ଦେଇଛନ୍ତି। ପାଣ୍ଡ୍ୟା ଓ ରାହୁଲଙ୍କୁ ତୁରନ୍ତ ଅଷ୍ଟ୍ରେଲିଆ ଟୁର୍‌ରୁ ଫେରାଇ ଆଣିବା ଦ୍ୱାରା ଆଉ ୪ ମାସରୁ କମ୍ ସମୟ ଥିବା ବିଶ୍ୱକପ୍‌ରେ ସେମାନେ ଖେଳିବେ କି ନା ତାହା ଖୁଲା ଅବସ୍ଥାରେ ରହିଛି। ରାୟ ଇତିମଧରେ ଇଡୁଲ୍‌ଜୀଙ୍କ ନିକଟକୁ ଏକ ଇ–ମେଲ୍ କରିଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି, କୌଣସି ଯୁବ ଖେଳାଳିଙ୍କ କ୍ୟାରିୟରର ଅନ୍ତ ଘଟାଇବା ବିସିସିଆଇର କାର୍ଯ୍ୟ ନୁହେଁ। ପଡ଼ିଆ ବାହାରେ ଖେଳାଳିଙ୍କ ଏଭଳି ଆଚରଣ ଆଦୌ ଶୋଭନୀୟ ନୁହେଁ। ସେମାନଙ୍କୁ ଠିକଣା ରାସ୍ତାକୁ ଆଣିବା ହେଉଛି ଆମର କାର୍ଯ୍ୟ। ଅଷ୍ଟ୍ରେଲିଆ ଟୁର୍‌ରୁ ଖେଳାଳି ଦ୍ୱୟଙ୍କୁ ଫେରାଇ ଆଣିବା ଏବଂ ସେମାନଙ୍କୁ ସସ୍‌ପେଣ୍ଡ କରିବା ଦ୍ୱାରା ସେମାନେ ଲଜ୍ଜିତ ହୋଇଛନ୍ତି। ଆମେ ସେମାନଙ୍କ କ୍ୟାରିୟର ନଷ୍ଟ ନ କରି ସୁଧାରିବା ପାଇଁ ସୁଯୋଗ ଦେବା ଉଚିତ୍।

# ରାମେଶ୍ୱର ସ୍ପୋର୍ଟିଂ ସେମିରେ

**ଅଦ୍ୱୈତ୍ୟ ନାୟକ ମେମୋରିଆଲ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି**

**ଭଣ୍ଡାରିପୋଖରୀ, ୧୪।୧(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ମାଳଦା ପଞ୍ଚାୟତର ରଘୁନାଥପୁର ଖେଳପଡିଆ ଠାରେ ଦ୍ୱାଦଶତମ ଆନ୍ତଜିଲା ଅଦ୍ୱୈତ୍ୟ ନାୟକ ମେମୋରିଆଲ ଗୋପିନାଥ ଚ୍ୟାଲେଞ୍ଜ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ସହିତ ଶ୍ରାବଣୀ କ୍ରିକେଟ କ୍ଲବ ଯାଜପୁର ସିଂହପୁର ମଧରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ରାମେଶ୍ୱର ସ୍ପୋର୍ଟିଂ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୨୭ ରନ କରିଥିଲା। ଜବାବରେ ଶ୍ରାବଣୀ କ୍ରିକେଟ କ୍ଲବ ୧୦୦ ରନ କରି ୧୯ ଓଭର ୧ ବଲରେ ଅଲଆଉଟ ହୋଇଯାଇଥିଲା। ଶରତ ଚନ୍ଦ୍ର ଜେନା ଓ ଲଲାଟ କେଶରୀ ନନ୍ଦ ଅମ୍ପାୟର ଥିବା ବେଳେ ଚିନ୍ମୟ ରାଉତରାୟ, ବୀରନାରାୟଣ ମାଝୀ, ସୁବ୍ରତ ସ୍ୱାଇଁ ସ୍କୋରର ଥିଲେ। ବିଷ୍ଣୁଚରଣ ବୋଇତାଇ ଓ ପ୍ରଦୀପ୍ତ ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ଗୋପିନାଥ ନାୟକ, ସଭାପତି ବିଶ୍ୱନାଥ ମାଝୀ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ମଙ୍ଗଳବାର ମ୍ୟାଚ କଟକର ବିଶ୍ୱଭାରତୀ କ୍ରିକେଟ ଟିମ୍ ସହିତ ଭୁବନେଶ୍ୱରର କ୍ରାଉନକ୍ଲବ ମଧରେ ଅନୁଷ୍ଠିତ ହେବ।

# ଲା ଲିଗାରେ ମେସିଙ୍କ ୪୦୦ ଗୋଲ୍

**ବାର୍ସିଲୋନା, ୧୪।୧(ଏଏଫ୍‌ପି)**

ଆର୍ଜେଣ୍ଟିନା ଷ୍ଟାର୍ ଫୁଟ୍‌ବଲର ଲିଓନେଲ ମେସି ସ୍ପାନିଶ୍ ଫୁଟ୍‌ବଲ ଲିଗ୍ ଲା ଲିଗା’ରେ ୪୦୦ତମ ଗୋଲ ସ୍କୋର କରିଛନ୍ତି। ରବିବାର ରାତିରେ ବାର୍ସିଲୋନା ଓ ଇବାର ମଧରେ ଖେଳାଯାଇଥିବା ମ୍ୟାଚ୍ ଅବସରରେ ମେସି ଏହି କୃତିତ୍ୱ ହାସଲ କରିଛନ୍ତି। ଏହି ମ୍ୟାଚ୍‌ରେ ବାର୍ସିଲୋନା ୩–୦ ଗୋଲରେ ବିଜୟ ହାସଲ କରିଥିଲା। ଦ୍ୱିତୀୟାର୍ଦ୍ଧ ତଥା ମ୍ୟାଚ୍‌ର ୫୩ତମ ମିନିଟ୍‌ରେ ମେସି ଏହି ଗୋଲଟି ଦେଇଥିଲେ। ଲା ଲିଗା’ରେ ନିଜର ୪୩୫ତମ ମ୍ୟାଚ୍ ଖେଳିବା ଅବସରରେ ମେସି ଏହି ମାଇଲଷ୍ଟୋନ ଛୁଇଁଥିଲେ। ୪୦୦ ଗୋଲ ମଧ୍ୟରୁ ମେସି ବାମପାଦରେ ସର୍ବାଧିକ ୩୨୬, ଡାହାଣ ପାଦରେ ୫୯, ମୁଣ୍ଡରେ ୧୪ ଓ ଅନ୍ୟ ସ୍ଥାନରେ ଗୋଟିଏ ଗୋଲ କରିଛନ୍ତି। ଏଥିସହ ୟୁରୋପ୍‌ର ଟପ୍–୫ ଲିଗ୍‌ର କୌଣସି ଗୋଟିଏ ଟୁର୍ନାମେଣ୍ଟରେ ୪୦୦ ଗୋଲ ସ୍କୋର କରିବାରେ ୩୧ ବର୍ଷୀୟ ମେସି ପ୍ରଥମ ଖେଳାଳି ହୋଇଛନ୍ତି। ଅପରପକ୍ଷରେ ୟୁରୋପ୍‌ର ଟପ୍–୫ ଲିଗ୍‌ରେ ୪୦୦ ଗୋଲ କରିବାରେ କ୍ରିଷ୍ଟିଆନୋ ରୋନାଲ୍ଡୋ (୫୦୭ ମ୍ୟାଚ୍‌ରୁ ୪୦୯ ଗୋଲ)ଙ୍କ ପରେ ମେସି ୨ୟ ଖେଳାଳି ହୋଇଛନ୍ତି। ରୋନାଲ୍ଡୋ ଇଂଲଣ୍ଡ, ସ୍ପେନ୍ ଓ ଇଟାଲୀରେ ୟୁରୋପୀୟ ଲିଗ୍‌ରେ ଅଂଶଗ୍ରହଣ କରି ଏହି ସଫଳତା ପାଇଛନ୍ତି। ଲା ଲିଗାରେ ୨୯ଟି ଟିମ୍ ଯେତିକି ସଂଖ୍ୟକ ଗୋଲ କରିନାହାନ୍ତି ମେସି ଏକାକୀ ସେମାନଙ୍କଠାରୁ ଅଧିକ ସ୍କୋର କରିଛନ୍ତି। ସେହିଭଳି ଲା ଲିଗା’ରେ ସେଭିଲା କ୍ଲବ ବିପକ୍ଷରେ ମେସି ସର୍ବାଧିକ ୨୫ ଗୋଲ କରିଛନ୍ତି।



ଲିଓନେଲ ମେସି

# ବାଲିଅନ୍ତା ଚାମ୍ପିୟନ

**ଫୁଲନଖରା, ୧୪।୧ (ଡି.ଏନ.ଏ.):** ଅନନ୍ତପୁର କ୍ରିକେଟ ପଡ଼ିଆରେ ଗତ ୩ ତାରିଖରୁ ଆରମ୍ଭ ହୋଇଥିବା ପ୍ରଥମ ନୀଳକଣ୍ଠେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲରେ ଫୁଲନଖରାକୁ ପରାସ୍ତ କରି ବାଲିଅନ୍ତା ଚାମ୍ପିୟନ ହୋଇଛି। ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ବାଲିଅନ୍ତା ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୮୯ ରନ କରିଥିଲା। ଜବାବରେ ଫୁଲନଖରା ୧୭.୫ ଓଭରରେ ୧୩୮ ରନକରି ଅଲଆଉଟ ହୋଇ ଯାଇଥିଲା। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫,୦୦୦ ଏବଂ ରନର୍ସଅପ୍ ଦଳକୁ ୧୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ସମିତି ସଭ୍ୟ ମହେଶ୍ୱର ଦାସ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧରେ ଜିତେନ୍ଦ୍ର ସାସମଲ, ନିରଞ୍ଜନ ସାସମଲ, ବିନୋଦ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।






ଉତ୍କଳ କରାଟେ ସ୍କୁଲ କଟକ ଶାଖାର ବେଲ୍ଟ ଟେଷ୍ଟରେ କୃତିତ୍ୱ ଅର୍ଜନ କରିଥିବା କରାଟେକାମାନେ କର୍ମକର୍ତ୍ତାଙ୍କ ସହ।

# ବୋଧପୁର ଫୁଟବଲ ଟୁର୍ନାମେଣ୍ଟ: ଏନ୍‌ଆର୍‌ଆର୍‌ଆଇ ବିଜୟୀ

**କଟକ ସଦର, ୧୪।୧(ଡି.ଏନ.ଏ):** କଟକ ସଦର ବ୍ଲକ ଅନ୍ତର୍ଗତ ବୋଧପୁର ସ୍ଥିତ ସ୍ୱସ୍ତିକ ଫୁଟବଲ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଯୁଧିଷ୍ଠିର ସାହୁ ଫୁଟବଲ ଟୁର୍ନାମେଣ୍ଟରେ ଏନ୍‌ଆରଆରଆଇ (ଜାତୀୟ ଧାନ ଗବେଷଣା ସଂସ୍ଥା) ଟାଇଟଲ ହାସଲ କରିଛି। ରବବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଏନ୍‌ଆରଆରଆଇ ଓ ଏରଞ୍ଚ ଦଳ ପରସ୍ପରକୁ ଭେଟିଥିଲେ। ମ୍ୟାଚ୍ ଗୋଲଶୂନ୍ୟ ଭାବେ ଶେଷ ହେବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଟାଇବ୍ରେକରରେ ଏନ୍‌ଆରଆରଆଇ ୫–୪ ଗୋଲରେ ବିଜୟୀ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ସରପଞ୍ଚ ସନ୍ଧ୍ୟାରାଣୀ ବେହେରା ମୁଖ୍ୟ ଅତିଥି ଓ ଶକ୍ତିପ୍ରସାଦ ସ୍ୱାଇଁ ସମ୍ମାନୀତ ଅତିଥିଭାବେ ଯୋଗ ଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ।

# ୧୨୧ ବର୍ଷ ତଳେ ଜୋଏ ମାରିଥିଲେ ପ୍ରଥମ ଟେଷ୍ଟ ଛକା



**ଦୁବାଇ, ୧୪।୧:** କ୍ରିକେଟ୍‌ର ସବୁଠୁ ଲମ୍ବା ଫର୍ମାଟ୍ ଟେଷ୍ଟ ୧୮୭୭ ମାର୍ଚ୍ଚ ୧୯ରେ ଆରମ୍ଭ ହୋଇଥିଲା। ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧରେ କ୍ରିକେଟ ଇତିହାସର ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯାଇଥିଲା। ତେବେ ଏହାର ୨୧ ବର୍ଷ ପରେ ତଥା ଆଜକୁ ଦୀର୍ଘ ୧୨୧ ବର୍ଷ ତଳେ ଟେଷ୍ଟ କ୍ରିକେଟର ପ୍ରଥମ ଛକା ଦେଖିବାକୁ ମିଳିଥିଲା। ୧୮୯୮ ଜାନୁୟାରୀ ୧୪ରେ ଅଷ୍ଟ୍ରେଲିଆର ଓପନିଂ ବ୍ୟାଟ୍ସମ୍ୟାନ ଜୋଏ ଡାର୍ଲିଂ ଟେଷ୍ଟର ସର୍ବପ୍ରଥମ ଛକା ମାରିଥିଲେ। ଆଡିଲେଡ୍ ଓଭାଲ ଗ୍ରାଉଣ୍ଡରେ ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ବାମହାତୀ ଜୋଏ ଏହି କୃତିତ୍ୱ ହାସଲ କରିଥିଲେ। ଫଳରେ ଟେଷ୍ଟ ଇତିହାସର ପ୍ରଥମ ଛକା ମାରିଥିବା ବ୍ୟାଟ୍ସମ୍ୟାନଭାବେ ଜୋଏଙ୍କ ନାମ ରେକର୍ଡ ବୁକ୍‌ରେ ରହିଗଲା। ସେତେବେଳେ ଯେଉଁ ବ୍ୟାଟ୍ସମ୍ୟାନ ବାଉଣ୍ଡରି କ୍ଲିୟର କରୁଥିଲେ ୫ ରନ୍ ମିଳୁଥିଲା। ଜୋଏ ୧୮୯୪ରୁ ୧୯୦୫ ମଧରେ ଅଷ୍ଟ୍ରେଲିଆ ପକ୍ଷରୁ ୩୪ ଟେଷ୍ଟ ଖେଳି ୩ଟି ଶତକ ସହାୟତାରେ ୧୬୫୭ ରନ କରିଥିଲେ। ଟେଷ୍ଟ ଇତିହାସରେ କୌଣସି ସିରିଜରେ ୫୦୦ ରନ୍ ସଂଗ୍ରହ କରିବାରେ ଜୋଏ ପ୍ରଥମ ବ୍ୟାଟ୍ସମ୍ୟାନ ଥିଲେ।



“ଜଣେ ବୋଲର ନିୟମିତ ଭାବେ ଅନ୍ତର୍ଜାତୀୟ ମ୍ୟାଚ ନ ଖେଳିଲେ ବୋଲିଂର ରିଦିମ ଉପରେ ପ୍ରଭାବ ପଡ଼ିବାର ସମ୍ଭାବନା ଥାଏ ।

–ଭୁବନେଶ୍ୱର କୁମାର, ଭାରତୀୟ ବୋଲର



“ଅଧିନାୟକ ଆରୋନ ଫିଞ୍ଚ୍ ଖୁବ୍ ଶୀଘ୍ର ତାଙ୍କ ଫର୍ମ ଫେରିପାଇବେ ଏବଂ ଦଳ ପାଇଁ ମ୍ୟାଚ ବିଜୟୀ ଇନିଂସ ଖେଳିବେ ବୋଲି ମୋର ଆଶା ।

–ଆଲେକ୍ସ କ୍ୟାରେ, ଅଷ୍ଟ୍ରେଲିଆ ଉପଅଧିନାୟକ

## ସଂକ୍ଷେପରେ

### ଦକ୍ଷିଣ ଆଫ୍ରିକାର ସିରିଜ ସୁଇପ୍

**ଜୋହାନ୍ସବର୍ଗ, ୧୪।୧:** ପାକିସ୍ତାନ ବିପକ୍ଷରେ ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଟେଷ୍ଟ ମ୍ୟାଚ୍‌କୁ ଘରୋଇ ଦକ୍ଷିଣ ଆଫ୍ରିକା ଦଳ ୧୦୭ ରନ୍‌ରେ ଜିତିନେଇଛି। ଦକ୍ଷିଣ ଆଫ୍ରିକା ପକ୍ଷରୁ ଧାର୍ଯ୍ୟ ୩୮୧ ରନ୍‌ର ଚ୍ୟାଲେଞ୍ଜିଂପୂର୍ଣ୍ଣ ଲକ୍ଷ୍ୟକୁ ପିଛା କରି ପାକିସ୍ତାନ ମ୍ୟାଚ୍‌ର ୪ର୍ଥ ଦିବସ ସୋମବାର ୨ୟ ଇନିଂସରେ ୨୭୩ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଛି। ତୃତୀୟ ଦିବସ ସୁଦ୍ଧା ପାକିସ୍ତାନ ୨ୟ ଇନିଂସରେ ୩ ଉଇକେଟ୍ ହରାଇ ୧୫୩ ରନ୍ କରିଥିଲା। ତେବେ ୪ର୍ଥ ଦିବସରେ ପାକିସ୍ତାନ ଅସମାପ୍ତ ୨ୟ ଇନିଂସ ସ୍କୋରରେ ଆଉ ୧୨୦ ରନ୍ ଯୋଗକରି ବଳକା ୭ଟି ଉଇକେଟ୍ ହରାଇଥିଲା। ପାକିସ୍ତାନ ପକ୍ଷରୁ ଆସଦ୍ ସଫିକ୍ (୬୫), ଶାଦବ ଖାଁ (୪୭*), ବାବର ଆଜମ (୨୧), ଇମାନ୍ ଉଲ୍-ହକ (୩୫) ଓ ଶାନ୍ ମାସୁଦ୍ (୩୭) ଉପଯୋଗୀ ବ୍ୟାଟିଂ କରିଥିଲେ ମଧ ବଡ଼ ଇନିଂସ ଖେଳିବାରେ ବିଫଳ ହୋଇଥିଲେ। ବିଜୟୀ ଦକ୍ଷିଣ ଆଫ୍ରିକା ପକ୍ଷରୁ ଡୁଏନ୍ ଓଲିଭର ଓ କାଗିସୋ ରାବାଡା ୩ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ପୂର୍ବରୁ ଦକ୍ଷିଣ ଆଫ୍ରିକା ପ୍ରଥମ ଓ ୨ୟ ଇନିଂସରେ ଯଥାକ୍ରମେ ୨୬୨ ଓ ୩୦୩ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ପାକିସ୍ତାନ ଏହାର ପ୍ରଥମ ଇନିଂସ୍‌ରେ ୧୮୫ ରନ୍ କରି ସୀମିତ ରହିଥିଲା। ଦ୍ୱିତୀୟ ଇନିଂସ୍‌ରେ ୧୨୯ ରନ୍‌ର ଶତକୀୟ ଇନିଂସ ଖେଳିଥିବା କ୍ୱିଣ୍ଟନ ଡି’କକ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଡିନ୍ ଏଲଗାରଙ୍କ ନେତୃତ୍ୱାଧୀନ ଦକ୍ଷିଣ ଆଫ୍ରିକା ଦଳ ପ୍ରଥମ ଓ ୨ୟ ଟେଷ୍ଟକୁ ଯଥାକ୍ରମେ ୬ ଓ ୯ ଉଇକେଟ୍‌ରେ ଜିତିଥିଲା। ଦୁଇ ଦଳ ମଧରେ ୫ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଜାନୁୟାରୀ ୧୯ରୁ ପୋର୍ଟ ଏଲିଜାବେଥ୍‌ରେ ଆରମ୍ଭ ହେବ।

■ ରାଜ୍ୟସ୍ତରୀୟ କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଓଡ଼ିଶା ପୋଲିସ ଚାମ୍ପିୟନ

**ପାରଳାଖେମୁଣ୍ଡି, ୧୪।୧(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡି ସହରର ରାମନଗରସ୍ଥ ହାଇଟେକ୍ ପ୍ଲାଜା ଖେଳ ପଡିଆରେ ଗତ ତିନିଦିନ ଧରି ଚାଲିଥିବା ୬୬ତମ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଉଭୟ ମହିଳା ଓ ପୁରୁଷ ବିଭାଗରେ ଓଡ଼ିଶା ପୋଲିସ ଦଳ ଚାମ୍ପିୟନ ଟାଇଟଲ ହାସଲ କରିଛି। ମହିଳା ବିଭାଗରେ କେନ୍ଦ୍ରାପଡା ଦଳ ରନର୍ସ ଅପ ଏବଂ ପୁରୁଷ ବିଭାଗରେ ଢେଙ୍କାନାଳ ଦଳ ରନର୍ସ ଅପ୍ ହୋଇଛନ୍ତି। ସେହିଭଳି ତୃତୀୟ ସ୍ଥାନରେ ମହିଳା ବିଭାଗରେ ଯୁଗ୍ମ ଭାବେ କଟକ ଓ କିଟ୍ ଦଳ ଏବଂ ପୁରୁଷ ବିଭାଗରେ କଟକ ଏବଂ ଏନ୍‌ଆର୍‌ଆର୍‌ଆଇ ଦଳ ରହିଛନ୍ତି। ପୁରୁଷ ବିଭାଗରେ ମ୍ୟାନ ଅଫ ଦ ଫାଇନାଲ ଭାବେ ଓଡିଶା ପୋଲିସର ଅନିଲ ପ୍ରଧାନଙ୍କୁ ବିବେଚିତ କରାଯାଇଛି। ବେଷ୍ଟ ରେଡର୍ କଟକ ଦଳର ଅରବିନ୍ଦ ଖୁଣ୍ଟିଆ, ବେଷ୍ଟ ଡିଫେଣ୍ଡର ଭାବେ ଢେଙ୍କାନାଳ ଦଳର ପ୍ରିୟବ୍ରତ ସାମଲ, ବେଷ୍ଟ ପ୍ଲେୟାର ଭାବେ ଓଡିଶା ପୋଲିସର ମନିନ୍ଦର ସାହୁ ବିବେଚିତ ହୋଇଛନ୍ତି । ମହିଳା ଦଳରେ ଓମ୍ୟାନ ଅଫ ଦ ଫାଇନାଲ ଭାବେ ରଶ୍ମିତା ସାହୁ, ବେଷ୍ଟ ରେଡେର୍ ଭାବେ ଝୁନୁବାଲା ବିନ୍ଧାଣି, ବେଷ୍ଟ ଡିଫେଣ୍ଡର ଭାବେ ଶ୍ରଦ୍ଧାଞ୍ଜଳି ପଣ୍ଡା ଏବଂ ବେଷ୍ଟ ଓମେନ ଭାବେ କଟକ ଦଳର ନୀତୁ ବିବେଚିତ ହୋଇଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାରଳା ସ୍ୱାଭିମାନ ମଞ୍ଚର ମୁଖ୍ୟ ତିରୁପତି ପାଣିଗ୍ରାହୀ ଯୋଗଦେଇ ପାରଳା ମାଟି, କଳା ସଂସ୍କୃତି ଏବଂ କ୍ରୀଡା ପାଇଁ ପରିଚିତ ବୋଲି କହିଥିଲେ । ଆଗାମୀ ଦିନରେ ଏହି ମାଟିରୁ ରାଜ୍ୟ ଓ ଜାତୀୟସ୍ତରରେ କବାଡି ପାଇଁ ପରିଚୟ ସୃଷ୍ଟି କରିବାକୁ ପ୍ରଚେଷ୍ଟା ଜାରି ରହିବ ବୋଲି ସେ ପ୍ରକାଶ କରିଥିଲେ। ଓଡିଶା କବାଡି ସଂଘ ସମ୍ପାଦକ ଅଜୟ କୁମାର ବେହେରା ଯୋଗଦେଇ କବାଡି ଖେଳର ପ୍ରସାର ଓ ପ୍ରଚାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାବିତ୍ରୀ ପାଣିଗ୍ରାହୀ, ଅଙ୍କିତା ପାଣିଗ୍ରାହୀ, ଅଶୋକ ପାଣିଗ୍ରାହୀ, ସୁରେଶ ପାଣିଗ୍ରାହୀଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।





ଚାମ୍ପିୟନ ଓଡ଼ିଶା ପୋଲିସ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

## ବୋର୍ଡ ଏକାଦଶ ଦଳରେ ପପୁ

**କଟକ ଅଫିସ,୧୪।୧**

ଓଡ଼ିଶାର ବାମହାତୀ ଅର୍ଥୋଡକ୍ସ ବୋଲର ପପୁ ରାୟ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ବୋର୍ଡ ସଭାପତି ଏକାଦଶ ଦଳରେ ସ୍ଥାନ ପାଇଛନ୍ତି। ଥିରୁଭାନନ୍ତପୁରମ୍ ଠାରେ ଆସନ୍ତା ୧୮ ଓ ୨୦ ତାରିଖରେ ଇଂଲଣ୍ଡ ଲାୟନ୍ସ ଦଳ ବିପକ୍ଷରେ ଖେଳାଯିବାକୁ ଥିବା ୨ଟି ୱାର୍ମଅପ ମ୍ୟାଚ୍ ନିମନ୍ତେ ପପୁଙ୍କୁ ଚୂଡ଼ାନ୍ତ ୧୫ଜଣିଆ ଦଳରେ ସାମିଲ କରାଯାଇଛି। ଈଶାନ କିଷନ ବୋର୍ଡ ଏକାଦଶ ଦଳର ଅଧିନାୟକ ରହିଛନ୍ତି।

ଚଳିତ ରଣଜୀ ସିଜନରେ ଓଡ଼ିଶା ପକ୍ଷରୁ ପପୁଙ୍କୁ ଖେଳିବାର ଯଥେଷ୍ଟ ସୁଯୋଗ ମିଳି ନ ଥିଲା। ହରିୟାଣା ଓ ଉତ୍ତରପ୍ରଦେଶ ବିପକ୍ଷରେ ପପୁ ୨ଟି ମ୍ୟାଚ୍ ଖେଳିଥିବା ବେଳେ କେବଳ ହରିୟାଣା ବିପକ୍ଷ ମ୍ୟାଚ୍‌ରେ ଗୋଟିଏ ଉଇକେଟ ହାସଲ କରିଥିଲେ। ମାତ୍ର ଗତ ବିଜୟ ହଜାରେ ଟ୍ରଫି ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ନିଜ ପ୍ରତିଭାର ଚମକ ଦେଖାଇ ପପୁ ଜାତୀୟ ସ୍ତରର ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରି ପାରିଛନ୍ତି। ବିଜୟ ହଜାରେ ଟ୍ରଫିରେ ଏହି ବାମହାତୀ ସ୍ପିନର ଜଣଙ୍କ ଓଡ଼ିଶାର ସର୍ବାଧିକ ଉଇକେଟ ଦଖଲକାରୀ ଥିଲେ। ୮ଟି ମ୍ୟାଚ୍‌ରୁ ୧୮.୪୨ ଆଭରେଜରେ ପପୁ ୧୪ଟି ଉଇକେଟ ଅକ୍ତିଆର କରିଥିଲେ । ଏହାଛଡ଼ା ବିଜୟ ହଜାର ଟ୍ରଫି ପରେ ଅକ୍ଟୋବରରେ ଖେଳାଯାଇଥିବା ଦେଓଧର ଟ୍ରଫିରେ ଓଡ଼ିଶାର ଏକମାତ୍ର ଖେଳାଳି ଭାବେ ପପୁ ଅଂଶ ଗ୍ରହଣ କରିଥିଲେ । ଅଜିଙ୍କ୍ୟ ରାହାନେଙ୍କ ନେତୃତ୍ୱାଧୀନ ଇଣ୍ଡିଆ–ସି ଦଳରୁ ପପୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲେ । ଦେଓଧର ଟ୍ରଫିରେ ୨ଟି ମ୍ୟାଚ ଖେଳିଥିବା ପପୁଙ୍କୁ ୬ଟି ଉଇକେଟ ମିଳିଥିଲା । ଇଣ୍ଡିଆ–ସି ଦଳ ଚାମ୍ପିୟନ ହୋଇଥିବା ବେଳେ ରାହାନେ ପପୁଙ୍କୁ ବୋଲିଂକୁ ନେଇ ପ୍ରଶଂସା କରିଥିଲେ। ଲିଷ୍ଟ–ଏ କ୍ରିକେଟରେ ପପୁଙ୍କ ରେକର୍ଡ ଭଲ ରହିଛି। ୧୦ଟି ଲିଷ୍ଟ–ଏ ମ୍ୟାଚ ଖେଳି ପପୁ ୨୦ଟି ଉଇକେଟ ନେଇଛନ୍ତି। ସୂଚନା ଥାଉକି, ଯାଜପୁରରେ ରହୁଥିବା ପପୁ ଓଡ଼ିଶାର ଜଣେ ପ୍ରତିଭାବାନ ସ୍ପିନ ବୋଲର। ପିଲାଟି ବେଳୁ ପପୁ ମା’, ବାପାଙ୍କୁ ହରାଇଥିବାବେଳେ ମାଉସୀଙ୍କ ଘରେ ରହି ସେ କ୍ରିକେଟରେ ନିଜକୁ ଜଡ଼ିତ ରଖିଛନ୍ତି । ମ୍ୟାଚ୍ ଖେଳିବାର ସୁଯୋଗ ମିଳିଲେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବି ବୋଲି ପପୁ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଆସନ୍ତା ୧୬ ତାରିଖରେ ସେ ଥିରୁଭାନନ୍ତପୁରମ ଯାତ୍ରା କରିବେ। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) କାର୍ଯ୍ୟକାରୀ କମିଟି ଅଧକ୍ଷ ଧୀରେନ ପଲାଇ ପପୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।



ପପୁ ରାୟ

**ବୋର୍ଡ ସଭାପତି ଏକାଦଶ**

ଈଶାନ କିଷନ(ଅଧିନାୟକ), ଋତୁରାଜ ଗାଏକ୍ୱାଡ୍, ଅନମୋଲପ୍ରୀତ ସିଂ, ଦୀପକ ହୁଡା, ରଜତ ପଟ୍ଟିଦାର, ରିଙ୍କି ଭୁଇ, ହିମତ ସିଂ, ମୟଙ୍କ ମର୍କଣ୍ଡ, ଜୟନ୍ତ ଯାଦବ, ପପୁ ରାୟ, ପଙ୍କଜ ଜୟସ୍ୱାଲ, ତୁଷାର ଦେଶପାଣ୍ଡେ, ନଭଦୀପ ସଇନି।

## କର ବା ମର ସ୍ଥିତିରେ ଭାରତ

**ଆଡିଲେଡ,୧୪।୧(ପି.ଟି.)**

୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ମୁକାବିଲାରେ ପରାସ୍ତ ହେବା ପରେ ଭାରତ ଏବେ କର ବା ମର ପରିସ୍ଥିତିର ସମ୍ମୁଖୀନ ହୋଇଛି। ସିରିଜରେ ୧–୦ରେ ପଛରେ ପଡିଥିବା ଭାରତ ମଙ୍ଗଳବାର ଆଡିଲେଡରେ ଖେଳାଯିବାକୁ ଥିବା ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଜିତିବା ଅପରହାର୍ଯ୍ୟ ହୋଇ ପଡିଛି। ହାର୍ଦ୍ଦିକ ପାଣ୍ଡ୍ୟା ବାସନ୍ଦ ହେବା ଫଳରେ ଭାରତୀୟ ବ୍ୟାଟିଂ ପ୍ରଭାବିତ ହୋଇଛି। ଫଳରେ ଉପ–ଅଧିନାୟକ ରୋହିତ ଶର୍ମାଙ୍କ ୨୨ତମ ଦିନିକିଆ ଶତକ ସତ୍ତ୍ୱେ ଭାରତ ବିଜୟୀ ହୋଇପାରି ନାହିଁ।

ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କ ଖରାପ ଫର୍ମ, ଷ୍ଟ୍ରାଇକ ରେଟ୍ ଓ ଷ୍ଟ୍ରାଇକ୍ ରୋଟେଟ କରିବାର ବିଫଳତାକୁ ନେଇ ଅଧିନାୟକ ବିରାଟ କୋହଲି ଓ କୋଚ୍ ରବି ଶାସ୍ତ୍ରୀ ଚିନ୍ତିତ ଅଛନ୍ତି। ଧୋନୀଙ୍କ ବ୍ୟାଟିଂ ଅର୍ଡର (୪ ନମ୍ବରରେ ଆସିବା)କୁ ନେଇ ଭିନ୍ନ ମତ ପ୍ରକାଶ ପାଇଥିଲେ ମଧ ଟିମ୍ ମ୍ୟାନେଜମେଣ୍ଟ ଏଥିରେ ପରିବର୍ତ୍ତନ କରିବ ନାହିଁ ବୋଲି ସ୍ପଷ୍ଟ କରିଛି। ଅମ୍ବାତି ରାୟୁଡୁ ଗତ ଏସିଆ କପ୍, ୱେଷ୍ଟଇଣ୍ଡିଜ ବିପକ୍ଷ ଘରୋଇ ସିରିଜରେ ଭଲ ଖେଳିଥିଲେ ମଧ ଏହି ଶୃଙ୍ଖଳାରେ ବିଫଳ ହୋଇଛନ୍ତି।

**ଦ୍ୱିତୀୟ ଦିନିକିଆ ଆଜି**
**ସମୟ: ସକାଳ ୮.୫୦।**
**ସ୍ଥାନ: ଆଡିଲେଡ ଓଭାଲ ଗ୍ରାଉଣ୍ଡ**
**ପ୍ରସାରଣ: ସୋନୀ ନେଟୱର୍କ**

ଅଲରାଉଣ୍ଡର ବିଜୟ ଶଙ୍କର ସୋମବାର ଅପରାହ୍ନରେ ଆଡିଲେଡରେ ପହଞ୍ଚିଥିବା ବେଳେ ସେ ଦ୍ୱିତୀୟ ମ୍ୟାଚ ନ ଖେଳିପାରନ୍ତି। ଅଲରାଉଣ୍ଡର ପାଣ୍ଡ୍ୟାଙ୍କ ଅନୁପସ୍ଥିତି ଦଳରେ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି। ପୁଣି ସନ୍ଦେହଜନକ ଆକ୍ସନ ସତ୍ତ୍ୱେ ରାୟୁଡୁ ବୋଲିଂ କରିପାରିବେ।ତେବେ ଟିମ୍ ମ୍ୟାନେଜମେଣ୍ଟ ତାଙ୍କୁ ଏହି ସୁଯୋଗ ଦେବେ କି ନା ତାହା ଦେଖିବାକୁ ବାକି ରହିଲା। ଦୀନେଶ କାର୍ତ୍ତିକଙ୍କ ବଦଳରେ କେଦାର ଯାଦବ ଦଳରେ ସାମିଲ ହେବା ଆଶା କରାଯାଉଛି। ଭାରତୀୟ ବୋଲିଂ ବିଭାଗରେ ପରିବର୍ତ୍ତନ ହେବ ନାହିଁ ବୋଲି ଆଶା କରାଯାଉଛି। ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ଉପରେ ଭାରତ ଭରସା କରିବ। କାରଣ ସ୍ପିନର ଯୁଜବେନ୍ଦ୍ର ଚହଲ ଏବେ ଦଳକୁ ସଙ୍ଗେସଙ୍ଗେ ଫେରିବା ଆଶା କରାଯାଉ ନାହିଁ।

ଆଡିଲେଡରେ କୋହଲିଙ୍କ ପାଇଁ ଲକି ଗ୍ରାଉଣ୍ଡ ସାବ୍ୟସ୍ତ ହୋଇଛି। ସେ ପୁଣି ଏଠାରେ ଦମ୍ ଦେଖାଇବା ଆଶା କରାଯାଉଛି। ଓପନର ଶିଖର ଧାୱନଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିଛି।

ଅପରପକ୍ଷରେ ଅଷ୍ଟ୍ରେଲିଆ ଦଳରେ ପରିବର୍ତ୍ତନ କରିବ ନାହିଁ ବୋଲି ଆଶା କରାଯାଉଛି। ତେବେ ଗ୍ଲେନ ମ୍ୟାକ୍ସୱେଲ ତାଙ୍କ ଫେଭରାଇଟ୍ ପୋଜିଶନ ୭ ନମ୍ବରରେ ବ୍ୟାଟିଂ କରିବେ କି ନା, ତାହା ମଙ୍ଗଳବାର ଜଣାପଡିବ।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଅମ୍ବାତି ରାୟୁଡୁ, ଦୀନେଶ କାର୍ତ୍ତିକ, କେଦାର ଯାଦବ, ମହେନ୍ଦ୍ର ସିଂ ଧୋନୀ, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ରବୀନ୍ଦ୍ର ଜାଡେଜା, ଭୁବନେଶ୍ୱର କୁମାର, ଖଲିଲ ଅହମ୍ମଦ, ମହମ୍ମଦ ସାମି, ମହମ୍ମଦ ସାଇରାଜ ଓ ବିଜୟ ଶଙ୍କର।

**ଅଷ୍ଟ୍ରେଲିଆ ଦଳ:** ଆରୋନ ଫିଞ୍ଚ୍ (ଅଧିନାୟକ),ଜାସନବେହରେନଡୋର୍ଫ,ଆଲେକ୍ସ କେରୀ (ଉଇକେଟ କିପର), ପିଟର ହ୍ୟାଣ୍ଡ୍ସକମ୍ବ, ଉସ୍‌ମାନ ଖ୍ୱାଜା, ନାଥନ ଲିୟନ, ମିଚେଲ ମାର୍ଶ, ଶନ୍ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ, ଜାୟ ରିଚାର୍ଡସନ, ପିଟର ସିଡଲ, ବିଲି ଷ୍ଟାନଲେକ, ମାର୍କସ ଷ୍ଟୋଇନିସ୍, ଆଷ୍ଟନ ଟର୍ନର ଓ ଆଡାମ ଜାମ୍ପା।

## ଭାରତ ସିରିଜ ଜିତିବା ଅସମ୍ଭବ ନୁହଁ

**ଡିନ୍ ଜୋନ୍ସ**

ପ୍ରଥମ ଦିନିକିଆରେ ଆମେ କେମିତି ଜିତିଲୁ ? ଏ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଅଷ୍ଟ୍ରେଲିଆର ଯୁବ ଦ୍ରୁତ ବୋଲରମାନେ କମାଲ କରିଛନ୍ତି। ଖାସ୍ କରି ଜାସନ ବେହେରେନଡୋର୍ଫ ଓ ଜାୟ ରିଚାର୍ଡସନ ଶନିବାର ମିଳିଥିବା ସୁଯୋଗର ସଦ୍ ବ୍ୟବହାର କରିଥିଲେ। ମାତ୍ର ୪ ରନରେ ୩ ଉଇକେଟ ଅକ୍ତିଆର କରି ମ୍ୟାଚ୍‌କୁ ବୋଲରମାନେ ଏକ ପ୍ରକାର ହାତେଇ ନେଇଥିଲେ କହିଲେ ଭୁଲ ହେବ ନାହିଁ। ତେବେ ମ୍ୟାଚ ହାରିବା ପରେ ମହେନ୍ଦ୍ର ସିଂ ଧୋନୀ କେତେ ପରିମାଣରେ ସମାଲୋଚିତ ହେଉଥିବେ ତାହା ମୁଁ ବିଶ୍ୱାସ କରିପାରୁନାହିଁ। ବିଶ୍ୱର ବିଭିନ୍ନ ଗଣମାଧ୍ୟମ ଓ କ୍ରିକେଟ ପଣ୍ଡିତମାନେ କିଭଳି ଧୋନୀଙ୍କ ପଛରେ ପଡିଛନ୍ତି ତାହାକୁ ମଧ ମୁଁ ହଜମ କରିପାରୁନାହିଁ।

ଯେତେବେଳେ ଗୋଟିଏ ଦଳ ୪ ରନରେ ୩ ଉଇକେଟ ହରାଏ ସେତେବେଳେ ଲୋକ କ’ଣ ପ୍ରକୃତ ସ୍ଥିତିକୁ ବୁଝିବାରେ ସକ୍ଷମ ହୁଅନ୍ତି ନାହିଁ? ଭାରତ ପରାଜୟ ପାଇଁ ଏକାଧିକ କାରଣ ରହିଛି। କେତୋଟି ଏଲ୍‌ବିଡବ୍ଲ୍ୟୁ ନିଷ୍ପତ୍ତି ଏଥିମଧ୍ୟରୁ ଅନ୍ୟତମ। ମ୍ୟାଚ୍ ୬ ଓଭର ବାକିଥିବା ବେଳେ ଧୋନୀ ଓ ରୋହିତ ଶର୍ମାଙ୍କ ପ୍ରୟାସକୁ ନେଇ ଅଷ୍ଟ୍ରେଲୀୟମାନେ ବେଶ୍ ଚିନ୍ତିତ ଥିଲେ। ପୁଣି ରୋହିତ ଫିଟ୍ ନୁହନ୍ତି ବୋଲି କୁହାଯାଉଛି। ତେଣୁ ଭାରତୀୟ ପ୍ରଶଂସକମାନେ ନିଶ୍ଚିତ ଭାବେ ନିଷ୍ଠୁର ଓ ଅତ୍ୟଧିକ ସମ୍ବେଦନଶୀଳ ବୋଲି ଏଥିରୁ ସ୍ପଷ୍ଟ ହୁଏ।

ବିଜୟର ଶ୍ରେୟ ଅଷ୍ଟ୍ରେଲିଆକୁ ମିଳିବା ଉଚିତ। ପୁଣି ବିଜୟ ପାଇଁ ଅଷ୍ଟ୍ରେଲିଆ ହକ୍‌ଦାର। ରିଚାର୍ଡସନ ଦ୍ରୁତ ଗତିରେ ବୋଲିଂ କରିବା ସହ ରିଭର୍ସ ସୁଇଙ୍ଗ୍ କରିବାରେ ସଫଳ ହୋଇଥିଲେ। ତାଙ୍କ ବୋଲିଂରେ ଦମ୍ ଥିଲା ଓ ସେ ଭବିଷ୍ୟତରେ ମିଚେଲ ଷ୍ଟାର୍କଙ୍କ ବିକଳ୍ପ ରୂପେ ଉଭା ହେବେ ବୋଲି କୁହାଯାଇପାରେ। ବ୍ୟାଟିଂରେ ମଧ ଅଷ୍ଟ୍ରେଲିଆ କମାଲ କରିଥିଲା। ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନମାନେ ଅତି ସୁନ୍ଦର ଭାବେ ସେମାନଙ୍କ ଦାୟିତ୍ୱ ତୁଲାଇଥିଲେ। ପିଟର ହ୍ୟାଣ୍ଡ୍ସକମ୍ବଙ୍କ ବ୍ୟାଟିଂରେ ମୁଁ ବେଶ୍ ପ୍ରଭାବିତ। ଦିନିକିଆରେ ତାଙ୍କ ଫୁଟୱାର୍କ ଦେଖିବାକୁ ମୁଁ ବେଶ୍ ବ୍ୟଗ୍ର। ଆଗକୁ ପୁଣି ସୁଯୋଗ ମିଳିଲେ ଟେଷ୍ଟ ଫର୍ମାଟରେ ମଧ ସେ ଏହି ଭଳି ଖେଳ ପ୍ରଦର୍ଶନ କରିବେ ବୋଲି ମୁଁ ଆଶା କରୁଛି। ଉଭୟ ଦିନିକିଆ ଓ ଟେଷ୍ଟରେ ଫୁଟୱାର୍କରେ ସେତେଟା ଫରକ ନାହିଁ ବୋଲି ହ୍ୟାଣ୍ଡ୍ସକମ୍ବ ଏବେ ହୃଦୟଙ୍ଗମ କରିଥିଲେ। ଟେଷ୍ଟ ମ୍ୟାଚ୍‌ରେ ମଧ ଆମେ ତାଙ୍କଠାରୁ ଏହି ଭଳି କଭର ଡ୍ରାଇଭ ଓ ଅନ୍ୟ ଶଟ୍ ଖେଳିବେ ଓ ଏଥିରୁ ଶିକ୍ଷା କରିବେ ବୋଲି ମୁଁ ଆଶା କରୁଛି।

ପ୍ରତ୍ୟାବର୍ତ୍ତନ କରିବାକୁ ହେଲେ କୋହଲିଙ୍କୁ ଅଷ୍ଟ୍ରେଲିଆ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନଙ୍କୁ ରୋକିବାକୁ ହେବ। ସ୍ପିନ୍ କିପରି ଖେଳିବାକୁ ହୁଏ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନେ ଜାଣି ସାରିଲେଣି। ଖାସ୍ କରି ହ୍ୟାଣ୍ଡ୍ସକମ୍ବ ସ୍ପିନ୍ ଖେଳିବାରେ ଦକ୍ଷ ହେଲେଣି। ପ୍ରଥମ ମ୍ୟାଚ୍‌ର ପ୍ରଦର୍ଶନରୁ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ ପ୍ରେରଣା ପାଇବେ। ଲୋକେ ଭାବିବା ଅନୁସାରେ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନମାନେ ସେତେଟା ଖରାପ୍ ନୁହନ୍ତି। ୩ ପ୍ରମୁଖ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ, ଜୋଶ ହାଜେଲଉଡ ଓ ପ୍ୟାଟ୍ କୁମିନ୍ସଙ୍କ ଅନୁପସ୍ଥିତି ସତ୍ତ୍ୱେ ଅଷ୍ଟ୍ରେଲିଆ ପ୍ରଦର୍ଶନ ପ୍ରଶଂସନୀୟ। ତଥାପି ଭାରତ ସିରିଜ ଜିତିବ ବୋଲି ମୁଁ ଆଶା କରୁଛି। ପ୍ରଥମ ମ୍ୟାଚ୍ ପରାଜୟ ପରେ ଭାରତୀୟ ଅଧିନାୟକ ବିରାଟ କୋହଲି ଓ କୋଚ୍ ରବୀ ଶାସ୍ତ୍ରୀ ନିଶ୍ଚିତ ଭାବେ ଚାପରେ ଥିବେ। ତେଣୁ ମଙ୍ଗଳବାର ଖେଳାଯିବାକୁ ଥିବା ଦ୍ୱିତୀୟ ଦିନିକିଆରେ ଭାରତ ଦମ୍‌ଦାର ପ୍ରଦର୍ଶନ କରି ପ୍ରତ୍ୟାର୍ତ୍ତନ କରିବା ଲକ୍ଷ୍ୟରେ ରହିବ। ପୁଣି ଥରେ ଅଷ୍ଟ୍ରେଲିଆ ଲଢୁଆ ପ୍ରଦର୍ଶନ କରିବ ବୋଲି ମୁଁ ଆଶା କରୁଛି। ଅଷ୍ଟ୍ରେଲିଆ ସର୍ବାଧିକ ୫ ଥର ବିଶ୍ୱକପ୍ ଟାଇଟଲ ଜିତିଛି। ତେଣୁ ଅଷ୍ଟ୍ରେଲିଆ ଦଳକୁ ହେୟ ମନେ କରାଯାଇ ପାରିବ ନାହିଁ ବୋଲି ମୁଁ ଭାବୁଛି।

(ଗେମ୍ ପ୍ଲାନ୍)

THE ULTIMATE INVERTER BATTERY
EXIDE INVATUBULAR

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର

ODISHA ONE

ଗୋପାଳବଲ୍ଲଭ ରୋଡ୍, ପୁରୀ ସ୍ଥିତ
ନେତାଜୀ ସଂଗ୍ରହାଳୟର ଲୋକାର୍ପଣ
ତା୧୫.୦୧.୨୦୧୯
ଦିବା ୧୦ଘଟିକା
ଏବଂ
ପୁରୀ ଜିଲ୍ଲା ସଂସ୍କୃତି ଭବନ ପରିସରରେ
ପଦ୍ମଶ୍ରୀ ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ
ତା୧୫.୦୧.୨୦୧୯ ଦିବା ୧୦.୧୫ ଘଟିକା





ଏହି ଉତ୍ସବ ଦ୍ୱୟରେ ଯୋଗଦାନ କରିବେ:
ଶ୍ରୀଯୁକ୍ତ ମହେଶ୍ୱର ମହାନ୍ତି
ମାନ୍ୟବର ମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା
ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଶ୍ରୀଯୁକ୍ତ ପିନାକୀ ମିଶ୍ର
ମାନ୍ୟବର ସାଂସଦ, ପୁରୀ
ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ
ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଶ୍ରୀଯୁକ୍ତ ବିଜୟ କୁମାର ନାୟକ
ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଶ୍ରୀଯୁକ୍ତ ଜ୍ୟୋତି ପ୍ରକାଶ ଦାସ
ଜିଲ୍ଲାପାଳ, ପୁରୀ
ଏହି ଉତ୍ସବରେ ଯୋଗଦେବା ପାଇଁ ସାଦର ନିମନ୍ତ୍ରଣ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର

03001/13/0053/1819 DSPL-348

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ମଙ୍ଗଳବାର, ଜାନୁୟାରୀ ୧୫/୨୦୧୯ Balasore, Tuesday, January 15/ 2019

## ସଂକ୍ଷେପରେ

### ଭାଉଜଙ୍କୁ ହାଣିଲା ଦିଅର

ବାରିପଦା ଅଫିସ,୧୪।୧- ଘରୋଇ କଳହକୁ କେନ୍ଦ୍ର କରି ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ପାକଟିଆ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଜଗନ୍ନାଥ ନାୟକ ନାମକ ଯୁବକ ନିଜ ଭାଉଜଙ୍କୁ କୁରାଢ଼ିରେ ହାଣି ହତ୍ୟା କରିଛନ୍ତି। ସୋମବାର ଜଗନ୍ନାଥ ଝାରପୋଖରିଆ ଥାନାରେ ଆତ୍ମସମର୍ପଣ କରି ନିଜ ଦୋଷ ସ୍ୱୀକାର କରିଛନ୍ତି। ଘରୋଇ କଳହକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ସୂଚନା ମୁତାବକ ଜଗନ୍ନାଥ ରବିବାର ରାତିରେ କୁକୁଡା କାଟୁଥିଲେ। ଏହି ସମୟରେ ଭାଉଜ ସୁକଦେବୀ ତାଙ୍କୁ ଧାନ ବିକ୍ରି ବାବଦକୁ ଟଙ୍କା ମାଗିଥିଲେ। ଏଥିରେ ଜଗନ୍ନାଥ ରାଗିଯାଇ ସୁକଦେବୀଙ୍କୁ କୁରାଢ଼ିରେ ହାଣିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ସେ ଟଳି ପଡିଥିଲେ। ଧାନ ବିକ୍ରି ଟଙ୍କା ଭାଗବଣ୍ଟା ନେଇ ଉଭୟଙ୍କ ମଧରେ ପୂର୍ବରୁ ଝଗଡା ଲାଗି ରହିଥିଲା ବୋଲି ପୋଲିସ କହିଛି।

### ଭାଲୁ ଆକ୍ରମଣରେ ନାବାଳକ ଗୁରୁତର

ଖୁଣ୍ଟା/କୁଆମରା,୧୪ ।୧ (ଡି.ଏନ.ଏ.) ମକର ପଲା ଜାଳିବାକୁ ଯାଇ ଖୁଣ୍ଟା ଥାନା ଅଧୀନ କଁଟିସାହି ଗ୍ରାମର ଜନୈକ ନାବାଳକ ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଗୁରୁତରଜଣକ ହେଲେ କଣ୍ଟିସାହି ଗ୍ରାମର ଦୀନବନ୍ଧୁ ବିନ୍ଧାଣିଙ୍କ ପୁଅ ଶୁଭଙ୍କର( ୧୧)। ସେ ସୋମବାର ଭୋରୁ ସାଙ୍ଗ ସାଥୀଙ୍କ ସହିତ ମକର ପଲା (କୁମା) ଜାଳିବାକୁ ଗ୍ରାମ ନିକଟ ସୋନ ନଦୀକୂଳକୁ ଯାଇଥିଲେ । ତେବେ ଫେରିବା ସମୟରେ ଏକ ଭାଲୁ ଅତର୍କିତ ଭାବେ ଶୁଭଙ୍କରଙ୍କୁ ଆକ୍ରମଣ କରିଥିଲା । ସାଙ୍ଗସାଥି ଚିତ୍କାର କରିବାରୁ ଭାଲୁଟି ପଳାଇଥିଲା । ଏହାପରେ ଗୁରୁତର ଅବସ୍ଥାରେ ଶୁଭଙ୍କରଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏଥିନେଇ ପରିବାର ପକ୍ଷରୁ ବନ ବିଭାଗକୁ ଖବର ଦେବା ସହିତ ଖୁଣ୍ଟା ଥାନାକୁ ସୂଚନା ଦେଇଛନ୍ତି ।

■ ବ୍ୟାସକବି ଫକୀର ମୋହନ ଓଡ଼ିଆ ଭାଷା ସମ୍ମାନ ପ୍ରଦାନ

# ଫକୀର ମୋହନ ସାହିତ୍ୟ ପରିଷଦ ପାଇଲା ପ୍ରଥମ ପୁରସ୍କାର

**ସାହିତ୍ୟରେ ପାଗଳାମି ଫକୀର ମୋହନଙ୍କୁ ବଡ଼ ସାହିତ୍ୟିକ କରିଥିଲା**



ଫକୀରମୋହନ ସାହିତ୍ୟ ପରିଷଦ କର୍ମକର୍ତ୍ତାଙ୍କୁ 'ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ' ପ୍ରଦାନ କରାଯାଉଛି।

ଭୁବନେଶ୍ୱର,୧୪।୧(ବ୍ୟୁରୋ)

କଥାସମ୍ରାଟ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ସ୍ମୃତିରେ ରାଜ୍ୟ ସରକାର ୨୦୧୮ ବର୍ଷ ନିମନ୍ତେ ପ୍ରଥମ ଥର ପାଇଁ 'ବ୍ୟାସକବି ଫକୀର ମୋହନ ଓଡ଼ିଆ ଭାଷା ସମ୍ମାନ' ପ୍ରଦାନ କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟର ପ୍ରଚାର ପ୍ରସାର କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବାଲେଶ୍ୱରର ଅଗ୍ରଣୀ ସାହିତ୍ୟ ସଙ୍ଗଠନ 'ଫକୀର ମୋହନ ସାହିତ୍ୟ ପରିଷଦ'କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସୋମବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଫକୀର ମୋହନ ସେନାପତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଏବଂ ବ୍ୟାସକବି ଫକୀର ମୋହନ ଓଡ଼ିଆ ଭାଷା ସମ୍ମାନ ପ୍ରଦାନ ଉତ୍ସବରେ ପରିଷଦକୁ ପୁରସ୍କାର ବାବଦରେ ୧ ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ପ୍ରଦାନ କରାଯାଇଛି।

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଏବଂ ସମ୍ମାନିତ ଅତିଥି ଭାବେ ଉଚ୍ଚଶିକ୍ଷା ଓ ଶିଳ୍ପ ମନ୍ତ୍ରୀ ଅନନ୍ତ ଦାସ ଯୋଗଦେଇ ସଙ୍ଗଠନକୁ ପୁରସ୍କୃତ କରିଥିଲେ। ଏହି ଅବସରରେ ମନ୍ତ୍ରୀ ସାମଲ କହିଥିଲେ, ମାଟି ଓ ଭାଷାକୁ ଫକୀର ମୋହନ ଅତ୍ୟନ୍ତ ଭଲ ପାଉଥିଲେ। ସେ ନବ ଉତ୍କଳର ଅନ୍ୟତମ ନିର୍ମାତା ଥିଲେ। ଧର୍ମ ନିରପେକ୍ଷତା ଓ ସମାଜ ସଂସ୍କାରର ସେ ଅନୁପମ ପ୍ରବକ୍ତା ଥିଲେ। ହେଲେ ତାଙ୍କ ଜୀବନୀର ଆଲୋଚନା ଏଯାବତ୍ ଅସମ୍ପୂର୍ଣ୍ଣ ରହିଛି। ତାଙ୍କ ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି। ସେହିପରି ମନ୍ତ୍ରୀ ଅନନ୍ତ ଦାସ ଫକୀର ମୋହନଙ୍କୁ ଜଣେ ସଂସ୍କାରକ ଓ ଜାତି ନିର୍ମାତା ଭାବରେ ଅଭିହିତ କରିଥିଲେ। କେବଳ ସାହିତ୍ୟିକ ନୁହେଁ, ଜଣେ ଜାତୀୟବାଦୀ ଭବିଷ୍ୟଦ୍ରଷ୍ଟା ଭାବରେ ବ୍ୟାସକବିଙ୍କ ସ୍ଥାନ ସମଗ୍ର ଭାରତରେ ଅତୁଳନୀୟ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଡ. ଦେବେନ୍ଦ୍ର କୁମାର ଦାସ ବ୍ୟାସକବିଙ୍କ ଜୀବନର ଅନାଲୋଚିତ ଦିଗ ଉପରେ ଆଲୋକପାତ କରିବା ସହ ତାଙ୍କୁ ନାରୀ ସଶକ୍ତୀକରଣ ଓ ସାହିତ୍ୟର ପ୍ରମୁଖ ବିନ୍ଧାଣୀ ଭାବରେ ବର୍ଣ୍ଣନା କରିଥିଲେ। ସାହିତ୍ୟରେ ତାଙ୍କର ଅସାଧାରଣ ପାଗଳାମି ତାଙ୍କୁ ବଡ଼ କରି ଗଢ଼ି ତୋଳିଥିଲା ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ବିଜୟ କୁମାର ନାୟକ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଲକ୍ଷ୍ମୀଧର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଫକୀର ମୋହନ ସାହିତ୍ୟ ପରିଷଦର ବର୍ତ୍ତମାନ ଓ ପୂର୍ବତନ ୪ ଜଣ କର୍ମକର୍ତ୍ତା ଉପସ୍ଥିତ ରହି ଅତିଥିମାନଙ୍କଠାରୁ ସମ୍ମାନ ଗ୍ରହଣ କରିଥିଲେ। ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଏହି ଅବସରରେ ବାଲେଶ୍ୱରର 'ସ୍ରଷ୍ଟା' ଅନୁଷ୍ଠାନ ପକ୍ଷରୁ ନାଟକ 'ମୁଁ ହାଟ ବାହୁଡ଼ା' ମଞ୍ଚସ୍ଥ ହୋଇଥିଲା। ପୂର୍ବାହ୍ନରେ ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ପ୍ରବେଶ ପଥରେ ସ୍ଥାପିତ ଫକୀର ମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ଫିଂ' ମାଗିବାରୁ ଡାକ୍ତରଙ୍କୁ ମାଡ଼, ୩ ଗିରଫ

ଠାକୁରମୁଣ୍ଡା,୧୪।୧(ଡି.ଏନ.ଏ) ଚିକିତ୍ସିତ ହେବା ପରେ ଫିସ୍ ଦେବାକୁ କେନ୍ଦ୍ର କରି ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଡାକ୍ତରଙ୍କୁ ରୋଗୀ ଓ ସମ୍ପର୍କୀୟମାନେ ଡାକ୍ତରଖାନା ପରିସରରେ ମାଡ ମାରିଥିବା ଅଭିଯୋଗ ହୋଇଛି। ସେମାନେ ସମ୍ପୃକ୍ତ ଡାକ୍ତରଙ୍କ ପ୍ୟାଣ୍ଟ ଓ ସାର୍ଟ ଚିରି ଦେବା ସହ ଧକ୍କା ମାରି ସେମାନଙ୍କୁ ଥାନାକୁ ନେଇଥିଲେ। ପରେ ଏହି ଘଟଣାର ତଦନ୍ତ କରି ଠାକୁରମୁଣ୍ଡା ଥାନା ପୋଲିସ ୨ ଶିକ୍ଷକଙ୍କ ସମେତ ୩ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରଛି । ସେମାନେ ହେଲେ ଶିକ୍ଷକ ସବୀର ସିଂ,ରଘୁନାଥ ଗୁଇଁଆ ଓ ତାଙ୍କ ପିତା ଗଙ୍ଗାଧର ଗୁଇଁଆ। ଏନେଇ ଠାକୁରମୁଣ୍ଡା ଥାନାରେ ମାମଲା (ନଂ ୩/୧୯) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଠାକୁରମୁଣ୍ଡା ଥାନ ଅନ୍ତର୍ଗତ ଖସାକୁଦର ଗ୍ରାମର ସବୀର ଓ ରଘୁନାଥ ଭଦ୍ରକ ଜିଲାରେ ପ୍ରାଥମିକ ଶିକ୍ଷକ ଭାବେ କାର୍ଯ୍ୟ କରନ୍ତି । ମକର ସଂକ୍ରାନ୍ତି ନିମନ୍ତେ ଉଭୟ ନିଜ ପରିବାର ସହ ରବିବାର ଘରକୁ ଯାଉଥିଲେ। ହେଲେ ସାମାନ୍ୟ ଅସୁସ୍ଥତା ହେତୁ ସେମାନେ ବାଟରେ ପଡୁଥିବା ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ । ରବିବାର ସ୍ୱାସ୍ଥ୍ୟ କେନ୍ଦ୍ରର ଆଉଟଡୋର ବନ୍ଦ ଥିବା ଦେଖି ଡାକ୍ତରଖାନା ପରିସରରେ ଥିବା ଆୟୁଷ ଡାକ୍ତର ଲୋକନାଥ ମହାନ୍ତଙ୍କ କ୍ୱାଟର୍ସକୁ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ଲେଖାଇଥିଲେ । ଏହା ପରେ ଡାକ୍ତର ମହାନ୍ତ ସେମାନଙ୍କୁ ୫୦ଟଙ୍କା ଫିସ୍ ମାଗିବାରୁ ଔଷଧ କିଣିସାରି ଦେବେ ବୋଲି କହିଥିଲେ। କିଛି ସମୟରେ ପରେ ଏକ ଦୁର୍ଘଟଣାଜନୀତ ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ସାରି ଡାକ୍ତର ବାହାରୁ ଥିବା ବେଳେ ଉକ୍ତ ଶିକ୍ଷକଦ୍ୱୟ ପହଞ୍ଚିଥିଲେ। ସେଠାରେ ଫିସ ଦେବାକୁ ନେଇ ସେମାନେ ଡାକ୍ତରଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ମାରପିଟ କରିଥିଲେ।

## ଉତ୍ୟକ୍ତ ଗ୍ରାମବାସୀଙ୍କ ଆକ୍ରୋଶର ଶିକାର ହେଲେ ଡାକ୍ତର

ଜଳେଶ୍ୱର, ୧୪।୧(ଡି.ଏନ.ଏ.)

**ଦୁର୍ଘଟଣାରେ ଯୁବକ ମୃତ**

ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଚମାର ଗାଁ ପଞ୍ଚାୟତ ଚାଫଲା ଗ୍ରାମର ହେମନ୍ତ ଦାସଙ୍କ ଏକ ଅଜଣା ବାଇକ୍ ଧକ୍କାରେ ମୃତ୍ୟୁ ଘଟିଛି। ହେମନ୍ତ ରବିବାର ସନ୍ଧ୍ୟାରେ ତେଘରୀ ରାସ୍ତାରେ ଯାଉଥିବା ବେଳେ ତାଙ୍କୁ ପଛପଟୁ ବାଇକ୍ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଚାଳକ ବାଇକ୍ ଛାଡ଼ି ଫେରାର୍ ହୋଇଯାଇଥିଲେ। ହେମନ୍ତଙ୍କୁ ଚାଫଲା ଓ ତେଘରୀ ଗ୍ରାମବାସୀ ହାତୀଗଡ଼ସ୍ଥିତ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଅଜୟ କୁମାର ସାହୁ ହେମନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମବାସୀ ଉତ୍ୟକ୍ତ ହୋଇ ଡାକ୍ତରଙ୍କୁ ଠେଲାପେଲା କରିବା ସହ ଦୁର୍ବ୍ୟବହାର କରିଥିଲେ। ସୋମବାର ମୃତ ହେମନ୍ତଙ୍କ ଭାଇ ବସନ୍ତଙ୍କ ଅଭିଯୋଗକ୍ରମେ ରାଇବଣିଆ ଥାନାରେ ଏକ ଦୁର୍ଘଟଣା ଜନିତ ମାମଲା (ନଂ.୨/୧୯) ପୋଲିସ ରୁଜୁ କରି ବାଇକକୁ ଜବତ କରିଛି। ମୃତଦେହକୁ ବ୍ୟବଚ୍ଛେଦ କରାଇ ପୋଲିସ ତାଙ୍କ ପରିବାରକୁ ହସ୍ତାନ୍ତର କରିଛି । ଅପରପକ୍ଷେ ଡାକ୍ତର ସାହୁଙ୍କ ଅଭିଯୋଗକ୍ରମେ ଥାନାରେ ଅଜଣା ଗ୍ରାମବାସୀଙ୍କ ବିରୋଧରେ ଅନ୍ୟ ଏକ ମାମଲା(ନଂ.୩/୧୯) ପୋଲିସ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଡ୍ୟୁଟିରେ ଥିବା ଡାକ୍ତର ଅଜୟ କୁମାର ସାହୁ ଠିକ୍ ସମୟରେ ହେମନ୍ତଙ୍କ ଚିକିତ୍ସା କରିଥିଲେ ସେ ବଞ୍ଚିଯାଇଥାନ୍ତେ ବୋଲି ତାଙ୍କ ପରିବାରବର୍ଗ ଅଭିଯୋଗ ଆଣିଛନ୍ତି। ଡାକ୍ତର ସାହୁ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ହେମନ୍ତଙ୍କ ମୃତ୍ୟୁ ହୋଇଯାଇଥିଲା।

# ମା' ନାଗପାଟ ହାଲପୋଡ଼ି ଦଳ ଚାମ୍ପିୟନ



ଚାମ୍ପିୟନ ହୋଇଥିବା ଦଳର ଖେଳାଳି ।

ତେଲକୋଇ, ୧୪।୧(ଡି.ଏନ.ଏ.)

ତେଲକୋଇ ବ୍ଲକ ଅନ୍ତର୍ଗତ କାଳିଆହତା ପଞ୍ଚାୟତ ମୁଖ୍ୟାଳୟରେ ରବିବାର ଏକ ଦିବସୀୟ ଦିନରାତି ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। କାଳିଆହତା ବିଜୁ ଯୁବ ବାହିନୀ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟରେ ଢେଙ୍କାନାଳ ସମେତ ତେଲକୋଇ ବ୍ଲକରୁ ୧୨ ଦଳ ଯୋଗ ଦେଇଥିଲେ। ଫାଇନାଲରେ ମା' ନାଗପାଟ ହାଲପୋଡ଼ି ଓ କାଳିଆହତା ଭଲିବଲ ଦଳ ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ ମା' ନାଗପାଟ ହାଲପୋଡ଼ି ଦଳ ଚାମ୍ପିୟନ ହୋଇଛି। ବିଜେତା ଦଳକୁ ପୁରସ୍କୃତ କରାଯାଇଛି। ଟୁର୍ନାମେଣ୍ଟରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ କମଳିନୀ ଦଣ୍ଡପାଟ, ଅତିଥି ଭାବେ ସରପଞ୍ଚ ବାବୁଲାଲ ପୂର୍ତ୍ତି ଓ ବିଜେଡି ନେତା ମହେନ୍ଦ୍ର ନାଏକ ଯୋଗ ଦେଇଥିଲେ। ରେଫରୀ ଦାୟିତ୍ୱରେ ପରିକ୍ଷିତ ପାତ୍ର, ଅଶୋକ ଦେଓ ରହିଥିଲେ।

■ ଟୋଲଗେଟ୍‌ରେ ଅବକାରୀ ବିଭାଗର ଚଢ଼ାଉ

# ଟ୍ରକ ସହ ୧୦ଲକ୍ଷ ଟଙ୍କାର ମଦ ଜବତ, ଜଣେ ଗିରଫ



ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ଜବତ ହୋଇଥିବା ମଦ ବୋଝେଇ ଟ୍ରକ୍।

ବାଲେଶ୍ୱର ଅଫିସ,୧୪।୧

ବାଲେଶ୍ୱର ଜିଲା ୧୬ ନମ୍ବର ଜାତୀୟ ରାଜପଥର ଶେରଗଡ ଟୋଲଗେଟ୍ ନିକଟରେ ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ମଦ ବୋଝେଇ ହୋଇଥିବା ଏକ ଟ୍ରକ ଜବତ କରାଯାଇଛି। କଲିକତାରୁ ଭଦ୍ରକ ଅଭିମୁଖେ ଯାଉଥିବା ଏହି ଟ୍ରକରେ ଶହ ଶହ ପେଟି ମଦ ରହିଥିଲା। ଯାହାର ମୂଲ୍ୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ହେବ। ଚଢାଉ ବେଳେ ଟ୍ରକ ଡ୍ରାଇଭର ଫୁଲଚାନ୍ଦ ଦେଶୱାଲା (୫୫) ଙ୍କୁ ଗିରଫ କରାଯାଇଥିବା ଅବକାରୀ ନିରୀକ୍ଷକ ଉଦୟଲାଲ ନାୟକ ସୂଚନା ଦେଇଛନ୍ତି। ଡ୍ରାଇଭର ଫୁଲଚାନ୍ଦଙ୍କ ଘର ଉତ୍ତରପ୍ରଦେଶ ରାଜ୍ୟ ଆଜମାଗଡ ଜିଲା କଲାଫତପୁର ଗ୍ରାମରେ। କଲିକତାରୁ ମଦ ବୋଝେଇ ଟ୍ରକ ଆସୁଥିବା ଅବକାରୀ ବିଭାଗ ପୂର୍ବରୁ ସୂଚନା ପାଇଥିଲା। ଯୋଜନା ଅନୁସାରେ ଅଧିକାରୀମାନେ ଟୋଲଗେଟ୍ ନିକଟରେ ଛକି ରହିଥିବା ବେଳେ ୬ ଚକିଆ ଟ୍ରକ(ନଂ.ଓଆର୦୯ଇ-୮୭୭୧) ପହଞ୍ଚିଥିଲା। ଅଧିକାରୀମାନେ ଟ୍ରକକୁ ଅଟକାଇ କରି ଯାଞ୍ଚ କରିବା ପରେ ମଦ ପେଟି ମିଳିଥିଲା। ଏନେଇ ବାଲେଶ୍ୱର ଜିଲା ଭ୍ରାମ୍ୟମାଣ ଅବକାରୀ ବିଭାଗରେ କେସ୍ ନଂ. ୧୩୫/୨୦୧୮-୧୯ ରୁଜୁ କରାଯାଇଛି। ଚଢାଉରେ ଏଏସ୍ଆଇ ଚନ୍ଦ୍ରମୋହନ ସେଠୀ, କନଷ୍ଟେବଳ ସେକ୍ କଲିମ୍, ପ୍ରହ୍ଲାଦ ବିଶ୍ୱାଳ, ଅଞ୍ଜନ କୁମାର ଜେନା, ସନ୍ତୋଷ କୁମାର ବେହେରା ପ୍ରମୁଖ ସାମିଲ ଥିଲେ।





3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ